# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜାନୁୟାରୀ ୧୩/୨୦୨୩ (୨୦ ପୃଷ୍ଠା) | Bhubaneswar, Friday, January 13/2023 | Page 20 | ₹ 7.00

୪୯ଶ ଭାଗ ୫୧ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 51 | ମୂଲ୍ୟ ₹୭/-





# ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କରେ ଯୋଗ ଦେଲେ ୨୪୦ ସହକାରୀ ମ୍ୟାନେଜର

## କୃଷକଙ୍କ ସାମାଜିକ- ଅର୍ଥନୈତିକ ବିକାଶ ପାଇଁ ସମବାୟ କ୍ଷେତ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୨।୧(ବ୍ୟୁରୋ)

ଜିଲା ସ୍ତରରେ ଥିବା କେନ୍ଦ୍ର ସମବାୟ ବ୍ୟାଙ୍କରେ ୨୪୦ ଜଣ ସହକାରୀ ମ୍ୟାନେଜର ଓ ୨୬ ଜଣ ସିଷ୍ଟମ୍ ମ୍ୟାନେଜର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଗୁରୁବାର ଲୋକସେବା କନ୍‌ଭେନ୍‌ଶନ ସେଣ୍ଟରରେ ଆୟୋଜିତ କର୍ମଶାଳାରେ ଭର୍ଚୁଆଲ ମୋଡ୍‌ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବନିଯୁକ୍ତ ଅଧିକାରୀଙ୍କୁ ଦିଗ୍‌ଦର୍ଶନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ନିଯୁକ୍ତି ବ୍ୟାଙ୍କଗୁଡ଼ିକରେ ମାନବ ସମ୍ବଳ ଅଭାବ ପୂରଣ କରିବ ଓ ଚାଷୀଙ୍କୁ ବ୍ୟାଙ୍କରୁ ଉତ୍ତମ ସେବା ମିଳିବ। ଏଥିସହ ଚାଷୀଙ୍କ ସମସ୍ୟାର ତୁରନ୍ତ ସମାଧାନ ହେବ। ରାଜ୍ୟରେ ଜନସଂଖ୍ୟାର ୯୦ ପ୍ରତିଶତ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଅଛନ୍ତି। ଚାଷୀଙ୍କ ସାମାଜିକ ଓ ଆର୍ଥିକ ବିକାଶ କ୍ଷେତ୍ରରେ ସମବାୟ ବ୍ୟାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛି। ଆର୍ଥିକ ସ୍ଥିତି କିଭଳି ସୁଦୃଢ଼ ହୋଇପାରିବ, ସେଥିପାଇଁ ସମବାୟ ବ୍ୟାଙ୍କ କାର୍ଯ୍ୟ କରିଆସୁଛି। ସମବାୟ ବ୍ୟାଙ୍କ ଓ ସମବାୟ ସମିତି ରାଜ୍ୟର ୬୦ ପ୍ରତିଶତ ଶସ୍ୟ ଋଣ ପ୍ରଦାନ କରୁଛନ୍ତି। ରାଜ୍ୟରେ ଧାନ ସଂଗ୍ରହ ମଧ୍ୟ ସମିତି ଦ୍ୱାରା କରାଯାଉଛି। ସରକାର ସମବାୟ ବ୍ୟାଙ୍କ ଓ ସମବାୟ ସମିତିର ମାନବ ସମ୍ବଳ ଉପରେ ସର୍ବଦା ଗୁରୁତ୍ୱ ଦେଇ ଆସୁଛନ୍ତି। ରାଜ୍ୟ ସରକାର ଚାଷୀମାନଙ୍କୁ କମ୍ ସୁଧରେ ଋଣ ଯୋଗାଇ ଦେଉଛନ୍ତି। ଏପରି କି କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ସରକାର ବିନା ସୁଧରେ ଫସଲ ଋଣ ଯୋଗାଇ ଦେଉଛନ୍ତି। ରାଜ୍ୟରେ ଥିବା ୨୧୫୮ ପ୍ୟାକ୍ସକୁ ଅନ୍‌ଲାଇନ କୋର୍ ବ୍ୟାଙ୍କିଂ ସୁବିଧା ପ୍ରଦାନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି ଯେ ପ୍ରତ୍ୟେକ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ନିକଟରେ ବିନା ସୁଧରେ ଶସ୍ୟ ଋଣ ପହଞ୍ଚିବା ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟ। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା କହିଛନ୍ତି ଯେ ସରକାରଙ୍କ ୫-ଟି ନିୟମାବଳୀ ଯୋଗୁ ଲୋକମାନଙ୍କ ନିକଟରେ ସରକାରୀ ସେବା ଶୀଘ୍ର ପହଞ୍ଚି ପାରୁଛି। ଏହି କାର୍ଯ୍ୟକ୍ରମକୁ ୫-ଟି ସଚିବ ଭି.କେ. ପାଣ୍ଡିଆନ ପରିଚାଳନା କରିଥିଲେ। ବିଭାଗୀୟ ସଚିବ ସଞ୍ଜୀବ ଚଢ଼ା ସ୍ୱାଗତ ଭାଷଣ ଦେଇଥିବା ବେଳେ କାଜୁ ନିଗମ ଏମ୍‌ଡି ଧନ୍ୟବାଦ ଦେଇଥିଲେ।

# ୧ମରୁ ୮ମ ଶ୍ରେଣୀ ଯାଏଁ ହେବ ସମ୍ମେଟିଭ ଆସେସ୍‌ମେଣ୍ଟ-୨ ପରୀକ୍ଷା

## ମାର୍ଚ୍ଚ ୨୧ରୁ ୨୫ ମଧ୍ୟରେ ପରୀକ୍ଷା ଶେଷ କରିବାକୁ ପରାମର୍ଶ

ଭୁବନେଶ୍ୱର,୧୨।୧(ବ୍ୟୁରୋ)

ନବମ ଓ ଦଶମ ଶ୍ରେଣୀରେ ସମ୍ମେଟିଭ-୧ ଏବଂ ସମ୍ମେଟିଭ-୨ ପରୀକ୍ଷା କରାଯାଉଥିବା ବେଳେ ଚଳିତବର୍ଷ ପ୍ରଥମକରି ରାଜ୍ୟରେ ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଏହି ଆସେସ୍‌ମେଣ୍ଟ ପରୀକ୍ଷା କରାଯିବ। ତେବେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ କେବଳ ସମ୍ମେଟିଭ-୨ ପରୀକ୍ଷା କରାଯିବ ବୋଲି ଓସେପା ପ୍ରକଳ୍ପ ନିର୍ଦ୍ଦେଶକ ରାଜ୍ୟର ସବୁ ଜିଲା ଶିକ୍ଷା ଅଧିକାରୀଙ୍କୁ ଗୁରୁବାର ଚିଠି ଲେଖିଥିବା ଜଣାପଡ଼ିଛି।

ସୂଚନା ମୁତାବକ, ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମ୍ମେଟିଭ ଆସେସ୍‌ମେଣ୍ଟ ପରୀକ୍ଷା ଲାଗୁ କରିବାରେ ଓଡ଼ିଶା ପ୍ରଥମ ରାଜ୍ୟ ହେବ। ଗତ ୨ ବର୍ଷ ହେବ ରାଜ୍ୟରେ କୋଭିଡ୍ କଟକଣା ଲାଗି ଶିକ୍ଷାଦାନ ବ୍ୟବସ୍ଥା ବନ୍ଦ ରହିଥିଲା। ଫଳରେ ଦଶମ ଶ୍ରେଣୀ ପରୀକ୍ଷା ହୋଇ ନ ଥିବାରୁ ଛାତ୍ରୀଛାତ୍ରଙ୍କୁ ନବମ ଶ୍ରେଣୀ ମାର୍କ ଅନୁସାରେ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଏପରି ସମସ୍ୟାର ସମାଧାନ ଲାଗି ଦଶମ ଶ୍ରେଣୀରେ ଉଭୟ ସମ୍ମେଟିଭ ଆସେସ୍‌ମେଣ୍ଟ-୧ ଏବଂ ୨ ପରୀକ୍ଷାର ଆୟୋଜନ କରାଯାଉଛି। ଯଦି କରୋନା ପରି ସମସ୍ୟା ଉପୁଜେ ତେବେ ଛାତ୍ରୀଛାତ୍ରଙ୍କୁ ସମ୍ମେଟିଭ ଆସେସ୍‌ମେଣ୍ଟ ରେଜଲ୍ଟକୁ ଭିତ୍ତିକରି ସାର୍ଟିଫିକେଟ୍ ପ୍ରଦାନ କରାଯିବ। ତେବେ ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ପାସ୍ ଏବଂ ଫେଲ୍ ବ୍ୟବସ୍ଥା ଉଚ୍ଛେଦ ହୋଇଥିବା ବେଳେ ସମ୍ମେଟିଭ ଲାଗୁ କରିବାକୁ ନେଇ ଚର୍ଚ୍ଚା ହେଉଛି। ମାର୍ଚ୍ଚ ୨୧ରୁ ୨୫ ମଧ୍ୟରେ ରାଜ୍ୟର ସମସ୍ତ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମ୍ମେଟିଭ ଆସେସ୍‌ମେଣ୍ଟ ଶେଷ କରିବାକୁ କୁହାଯାଇଛି। ଏଥିଲାଗି ପ୍ରଶ୍ନ-ଉତ୍ତର ସିଟ୍, ଆନ୍‌ସର କି' ଏବଂ ଓରାଲ ପ୍ରଶ୍ନପତ୍ର 'ଟିଇ ଆଣ୍ଡ ଏସ୍‌ସିଇଆର୍‌ଟି' ଦ୍ୱାରା ପ୍ରସ୍ତୁତ କରାଯିବ। ପ୍ରସ୍ତୁତ ହେବା ପରେ ପ୍ରଶ୍ନପତ୍ରର ସଫ୍ଟ କପି ଯଥାଶୀଘ୍ର ସବୁ ଜିଲାର ଡିପିଓଙ୍କୁ ପଠାଯିବ।

# ୭ ମେଡିକାଲ କଲେଜର ୭ ବରିଷ୍ଠ ଡାକ୍ତରଙ୍କ ବଦଳି

ଭୁବନେଶ୍ୱର,୧୨।୧(ବ୍ୟୁରୋ)

ରାଜ୍ୟ ସରକାରଙ୍କ ଅଧୀନ ୭ଟି ମେଡିକାଲ କଲେଜର ୭ଜଣ ପ୍ରଫେସର ଏବଂ ସହକାରୀ ପ୍ରଫେସରଙ୍କର ଗୁରୁବାର ବଦଳି କରାଯାଇଛି। ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲ କଲେଜର ଆନାସ୍ଥେସିଆଲୋଜି ବିଭାଗ ପ୍ରଫେସର ଡ. ଲକ୍ଷ୍ମୀଧର ଦାଶଙ୍କୁ ଏସ୍‌ସିବି ମେଡିକାଲ କଲେଜକୁ ବଦଳି କରାଯାଇଛି। ସେହିପରି ବାଲେଶ୍ୱରସ୍ଥିତ ଫକୀର ମୋହନ ମେଡିକାଲ କଲେଜ ଏବଂ ହସ୍ପିଟାଲର ଆନାସ୍ଥେସିଆଲୋଜି ବିଭାଗର ପ୍ରଫେସର ଡ. ତରଙ୍ଗିଣୀ ଦାସଙ୍କୁ କଟକ ଏସ୍‌ସିବି ମେଡିକାଲ କଲେଜ, କେନ୍ଦୁଝର ସରକାରୀ ମେଡିକାଲ କଲେଜର ଅପଥାଲ୍‌ମୋଲୋଜି ବିଭାଗ ପ୍ରଫେସର ଶୁଭବ୍ରତ ପରିଡାଙ୍କୁ କୋରାପୁଟର ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ, ଏଫ୍‌ଏମ୍‌ଟି ବିଭାଗ ସହକାରୀ ପ୍ରଫେସର ଡ. ମନୋଜ କୁମାର ହାଂସଦାଙ୍କୁ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ କୋରାପୁଟକୁ ବଦଳି କରାଯାଇଛି। ଫକୀର ମୋହନ ମେଡିକାଲ କଲେଜର ପାଥୋଲୋଜି ବିଭାଗ ସହକାରୀ ପ୍ରଫେସର ଡ. ଚନ୍ଦ୍ରଶେଖର ମହାପାତ୍ରଙ୍କୁ କଟକ ଏସ୍‌ସିବି, ବାରିପଦାର କମ୍ୟୁନିଟି ମେଡିସିନ୍ ପ୍ରଫେସର ଡ. କ୍ରିଷ୍ଣା କରଙ୍କୁ କଟକ ଏସ୍‌ସିବି ମେଡିକାଲ କଲେଜ, ଏସ୍‌ସିବି ମେଡିକାଲର ଡର୍ମାଟୋଲୋଜି ବିଭାଗ ସହକାରୀ ପ୍ରଫେସର ଡ. ସ୍ୱପ୍ନା ଜେନାଙ୍କୁ କଳାହାଣ୍ଡି ସରକାରୀ ଭେଷଜ ମହାବିଦ୍ୟାଳୟ ଓ ଡାକ୍ତରଖାନାକୁ ବଦଳି କରାଯାଇଛି।

FIH ODISHA HOCKEY MEN'S WORLD CUP 2023
BHUBANESWAR - ROURKELA
13 - 29 JANUARY 2023

## ପାର୍କିଂ ବ୍ୟବସ୍ଥା ସମ୍ପର୍କିତ ସୂଚନା

DSPL-420




| ପାର୍କିଂ ସ୍ଥଳ | ଯାନର ପ୍ରକାର | ଷ୍ଟାଡ଼ିୟମ୍‌କୁ ପ୍ରବେଶ |
|---|---|---|
| ନିକୋ ପାର୍କ ପାର୍କିଂ | ୨,୪ ଚକିଆ ଯାନ | ଗେଟ୍ ୩, ୪ |
| ନିଉ ଏଜି ପାର୍କିଂ | ୨,୪ ଚକିଆ ଯାନ | ଗେଟ୍ ୩, ୪ |
| ବେହେରା ସାହି ଖେଳପଡ଼ିଆ | ୨ ଚକିଆ ଯାନ | ଗେଟ୍ ୩, ୪ |
| କମିଶନରେଟ ରିଜର୍ଭ ପୋଲିସ ପଡ଼ିଆ ପାର୍କିଂ | ୨,୪ ଚକିଆ ଯାନ | ଗେଟ୍ ୩, ୪ |

ମ୍ୟାଚ୍ ଦିନ ଟିକଟଧାରକଙ୍କ ପାଇଁ ମାଗଣା ମୋ ବସ ସେବା

OIPR-29001/13/0065/2223



# ଧରିତ୍ରୀ
DHARITRI

ଶୁକ୍ରବାର, ଜାନୁୟାରୀ ୧୩/୨୦୨୩ (୨୦ ପୃଷ୍ଠା) | Friday, January 13/2023 | Page 20 | ପୃଷ୍ଠା-୧




## କୁଲ୍‌ଦୀପ ପ୍ଲେୟର ଅଫ୍ ଦି ମ୍ୟାଚ

ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଭାରତର କୁଲ୍‌ଦୀପ ଯାଦବ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି।

୧୨

୧୦

## ରାହୁଲଙ୍କୁ ବାହା ହେବେ ଆଥିଆ

ବଲିଉଡ୍ ଅଭିନେତା ସୁନୀଲ ଶେଟ୍ଟୀଙ୍କ ଝିଅ ଆଥିଆ ଶେଟ୍ଟୀ ଓ କ୍ରିକେଟର କେ.ଏଲ୍. ରାହୁଲଙ୍କ ସହ ନୂଆ ଜୀବନ ଆରମ୍ଭ କରିବାକୁ ଯାଉଛନ୍ତି।





ବିଶ୍ୱକପ୍ ହକି ଟ୍ରଫିକୁ ସ୍ୱାଗତ କରିବା ପାଇଁ ଗୁରୁବାର ରାଉରକେଲା ବ୍ରାହ୍ମଣୀ ବ୍ରିଜ୍ ଉପରେ କଳାକାରମାନଙ୍କ ଓଡ଼ିଶୀ ନୃତ୍ୟ ପରିବେଷଣ।

# ଏନ୍‌ଏଫ୍‌ଏସ୍‌ଏ ହିତାଧିକାରୀଙ୍କୁ ରସିଦ ଦିଅ

## ରାଜ୍ୟକୁ କେନ୍ଦ୍ରର ନିର୍ଦ୍ଦେଶ

- ମାଗଣା ଚାଉଳକୁ ନେଇ ଟଣାଓଟରା
- ନିର୍ଦ୍ଦେଶନାମାକୁ ନେଇ ବିଜେଡି-ଭାଜପା ମୁହାଁମୁହିଁ

**ଭୁବନେଶ୍ୱର,୧୨।୧(ବ୍ୟୁରୋ)**

ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ) ଅଧୀନରେ ଆସୁଥିବା ହିତାଧିକାରୀମାନେ ମାଗଣା ଚାଉଳ ନେବାବେଳେ ସେମାନଙ୍କୁ ସ୍ୱତନ୍ତ୍ର ରସିଦ ମିଳିବ। ଏସମ୍ପର୍କରେ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଚିଠି ଲେଖି ଜଣାଇ ଦିଆଯାଇଛି। ଯଦି ରାଜ୍ୟ ସରକାର ନିଜସ୍ୱ ଯୋଜନାରେ ହିତାଧିକାରୀଙ୍କୁ କୌଣସି ଅତିରିକ୍ତ ଚାଉଳ ଦେଉଛନ୍ତି ତେବେ ଏହାର ଏକ ଅଲଗା ରସିଦ ପ୍ରସ୍ତୁତ କରିବା ପାଇଁ ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି।

ସେହିପରି ଯଦି କେନ୍ଦ୍ର ପକ୍ଷରୁ ଚାଉଳ ଦିଆଯାଉଛି, ତାହାହେଲେ ହିତାଧିକାରୀଙ୍କୁ ଦିଆଯିବାକୁ ଥିବା ରସିଦ୍‌ରେ ଏହା କେନ୍ଦ୍ର ସରକାରଙ୍କ ମାଗଣା ଯୋଜନା ବୋଲି ସ୍ପଷ୍ଟ ଭାବେ ଉଲ୍ଲେଖ ରହିବ। ଏଥିସହ କେନ୍ଦ୍ର ସରକାରଙ୍କ ଦ୍ୱାରା ଦିଆଯାଉଥିବା ରିହାତି(ସବ୍‌ସିଡି) ସମ୍ପର୍କରେ ମଧ୍ୟ ସ୍ପଷ୍ଟ ଭାବେ ଲେଖିବା ପାଇଁ କୁହାଯାଇଛି। ଖୁବ୍‌ଶୀଘ୍ର ରସିଦ୍ ବଣ୍ଟନର ଗୋଟିଏ ଫର୍ମାଟ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟଗୁଡ଼ିକୁ ପ୍ରଦାନ କରାଯିବ। ଏହାଛଡ଼ା ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ହିତାଧିକାରୀଙ୍କୁ ଦିଆଯାଉଥିବା ଚାଉଳ ପାଇଁ ସ୍ୱତନ୍ତ୍ର ବାୟୋମେଟ୍ରିକ ବ୍ୟବସ୍ଥା କରିବାକୁ କୁହାଯାଇଛି। ଏହାଦ୍ୱାରା ଚାଉଳ ବଣ୍ଟନ ନେଇ ପ୍ରମାଣ ରହିପାରିବ। ତୁରନ୍ତ ଆଇଟି ବ୍ୟବସ୍ଥା ଓ ଇ-ପିଓଏସ୍ ଆପ୍ଲିକେଶନରେ ପରିବର୍ତ୍ତନ କରିବାକୁ କୁହାଯାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ମାଗଣା ଚାଉଳ ଦିଆଯାଉଥିବା କଥା ହିତାଧିକାରୀଙ୍କ ପାଖରେ ପହଞ୍ଚାଇବା ପାଇଁ ସମସ୍ତ ଡିଲର ଓ କ୍ଷେତ୍ରସ୍ତରୀୟ ଅଫିସରମାନଙ୍କୁ କୁହାଯାଇଛି।



ଏହାଦ୍ୱାରା ହିତାଧିକାରୀମାନେ ସରକାରଙ୍କ ମାଗଣା ଖାଦ୍ୟ ସାମଗ୍ରୀ ବଣ୍ଟନ ବିଷୟରେ ଅଧିକ ସଚେତନ ହୋଇପାରିବେ ଓ ଏହାର ଲାଭ ଉଠାଇ ପାରିବେ ବୋଲି ପରାମର୍ଶ ଦିଆଯାଇଛି।

ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ଚାଉଳକୁ ନେଇ ରାଜନୀତି ଜୋର ଧରିଛି। ଭୋଟରଙ୍କୁ ନିଜ ସପକ୍ଷରେ ଯୋଡ଼ିବା ପାଇଁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଯୋଗାଇ ଦିଆଯାଉଥିବା ମାଗଣା ଚାଉଳ ବଣ୍ଟନକୁ ନେଇ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଟଣାଓଟରା ଆରମ୍ଭ ହୋଇଛି। ଏହି ମାଗଣା ଚାଉଳ ଓ ରସିଦକୁ ନେଇ ଭାଜପା ଓ ବିଜେଡି ମୁହାଁମୁହିଁ ହୋଇଛନ୍ତି। ଭାଜପା ଏମ୍‌ପି ଅପରାଜିତା ଷଡ଼ଙ୍ଗୀ କହିଛନ୍ତି, ଦୁଃଖର କଥା କେନ୍ଦ୍ର ସରକାର ଚାଉଳ କେଜି ପିଛା ୨୯ ଟଙ୍କା ୧୫ ପଇସା ଦେଉଥିବା ବେଳେ ରାଜ୍ୟ ସରକାର ୨ ଟଙ୍କା ୭୬ ପଇସା ଓ ହିତାଧିକାରୀ ୧ ଟଙ୍କା ଦେଉଛନ୍ତି। ମାତ୍ର ରାଜ୍ୟ ସରକାର ସବୁବେଳେ କହୁଥିଲେ ଆମେ ସବୁ ଦେଉଛୁ। ଲୋକମାନଙ୍କୁ ଭୁଆଁ ବୁଲାଯାଉଥିଲା। ଏହାକୁ ଏକ ଷଡ଼ଯନ୍ତ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୩କୋଟି ୨୬ ଲକ୍ଷ ଲୋକଙ୍କୁ ରସିଦ୍ ଦିଆଯିବ। ରାଜ୍ୟ ସରକାର ତାଙ୍କ ଯୋଜନାରେ ୯ ଲକ୍ଷ ☞ପୃଷ୍ଠା-୨

# ଆଜିଠୁ ଖେଳ ଆରମ୍ଭ

- ସ୍ପେନ୍ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ ଭାରତ
- କଳିଙ୍ଗରେ ଆର୍ଜେଣ୍ଟିନା-ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ-ଫ୍ରାନ୍ସ ଏବଂ ବିର୍ସା ମୁଣ୍ଡାରେ ଇଂଲଣ୍ଡ-ୱେଲ୍ସ ମୁକାବିଲା

**ହକି ବିଶ୍ୱକପ୍**

**ଭୁବନେଶ୍ୱର, ୧୨।୧(କ୍ରୀଡ଼ା ପ୍ରତିନିଧି):** ଭୁବନେଶ୍ୱରର କଳିଙ୍ଗ ଏବଂ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମ ପ୍ରସ୍ତୁତ। ଉଦ୍‌ଘାଟନୀ ସମାରୋହର ଗୋଟିଏ ଦିନ ପରେ ଆରମ୍ଭ ହେବାକୁ ଯାଉଛି ହକିର ଅସଲ ରୋମାଞ୍ଚ। ଶୁକ୍ରବାରଠାରୁ ପଡ଼ିଆକୁ ଓହ୍ଲାଇବେ ବିଶ୍ୱର ତାରକା ଖେଳାଳି। ପ୍ରଥମ ଦିବସରେ ଅନୁଷ୍ଠିତ ହେବ ୪ଟି ମ୍ୟାଚ। କଳିଙ୍ଗ ଷ୍ଟାଡିୟମରେ ଆର୍ଜେଣ୍ଟିନା ପ୍ରଥମ ମ୍ୟାଚରେ ଦକ୍ଷିଣ ଆଫ୍ରିକାକୁ ଭେଟିବାକୁ ଥିବାବେଳେ ଦ୍ୱିତୀୟ ମ୍ୟାଚରେ ଫ୍ରାନ୍ସକୁ ଭେଟିବ ଅଷ୍ଟ୍ରେଲିଆ। ଓଡ଼ିଶା କ୍ରୀଡ଼ା ଇତିହାସରେ ନୂଆ ଅଧ୍ୟାୟ ଯୋଡ଼ିଥିବା ବିର୍ସା ମୁଣ୍ଡା ଷ୍ଟାଡିୟମରେ ପ୍ରଥମେ ଇଂଲଣ୍ଡକୁ ଭେଟିବ ୱେଲ୍ସ। ଏହାପରେ ଭାରତ ଏହାର ପ୍ରଥମ ମ୍ୟାଚରେ ସ୍ପେନ୍ ସହ ମୁକାବିଲା କରି ଅଭିଯାନ ଆରମ୍ଭ କରିବ। ବିଶ୍ୱକପ୍‌ର ପ୍ରଥମ ମ୍ୟାଚ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

## ଗଣତନ୍ତ୍ର ବିଦ୍ରୋହୀ

# ଜାମିନରେ ଆସି ପ୍ରସବ ପରେ ମୃତ୍ୟୁ

- ଉତ୍କଳ ଆଲୁମିନାକୁ ବିରୋଧ କରି ଜେଲ ଯାଇଥିଲେ
- ତୀବ୍ର ଉତ୍ତେଜନା, ଜୟପୁର-ରାୟଗଡ଼ା ରାସ୍ତା ଅବରୋଧ
- କମ୍ପାନୀ ପକ୍ଷରୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ, ଚାକିରି ପ୍ରତିଶ୍ରୁତି

**ରାୟଗଡ଼ା/ଟିକିରି,୧୨।୧(ସ୍ୱ.ପ୍ର./ଡି.ଏନ୍.ଏ.)**

କାରଖାନା ପାଇଁ ହରାଇଥିଲେ ଭିଟାମାଟି। ବିସ୍ଥାପିତ ପରିବାର ହିସାବରେ ଅଧିକାର ଦାବିରେ ବସିଥିଲେ ଧାରଣାରେ। ହେଲେ ନ୍ୟାୟ ବଦଳରେ ତାଙ୍କୁ ଜୋରଜବରଦସ୍ତ ଉଠାଇ ନେଲା ପୋଲିସ। ଗର୍ଭବତୀ ଥିବା ସତ୍ତ୍ୱେ ମିଳିଲା ଜେଲଦଣ୍ଡ। ପ୍ରସବ ପାଇଁ ଜାମିନରେ ଆସିଥିବାବେଳେ ଏକ ଶିଶୁପୁତ୍ରକୁ ଜନ୍ମଦେଇ ଆଖି ବୁଜିଛନ୍ତି ସମ୍ପୃକ୍ତ ମହିଳା ଜଣକ। ନବଜାତକର ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ଗୁରୁତର ଥିବାରୁ ଆଇସିୟୁରେ ରଖି ଚିକିତ୍ସା କରାଯାଉଛି। ରାୟଗଡ଼ା ଜିଲା କାଶୀପୁର ବ୍ଲକ ଅଣ୍ଡିରାକଞ୍ଚ ଅଞ୍ଚଳରେ ଘଟିଛି ଏଭଳି ଏକ ହୃଦୟ ବିଦାରକ ଘଟଣା। ମୃତା ହେଲେ ସୁଲବତୀ ନାଏକ (୩୬)। ଉତ୍କଳ ଆଲୁମିନା କମ୍ପାନୀ କର୍ତ୍ତୃପକ୍ଷଙ୍କ ଅପରିଣାମଦର୍ଶୀ କାର୍ଯ୍ୟ ପାଇଁ ସମ୍ପୃକ୍ତା ମହିଳାଙ୍କ ଜୀବନ ଯାଇଥିବା ଅଭିଯୋଗ କରିଛନ୍ତି ପରିବାର ସଦସ୍ୟ ଏବଂ ଗ୍ରାମବାସୀ। ଏହାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଡି. କରଳ ଛକଠାରେ ସେମାନେ ମୃତଦେହ ରଖି ୧ ଘଣ୍ଟା ଧରି ଜୟପୁର-ରାୟଗଡ଼ା ମୁଖ୍ୟରାସ୍ତା ଅବରୋଧ କରିଥିଲେ। କମ୍ପାନୀ ପକ୍ଷରୁ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ, ସ୍ୱାମୀଙ୍କୁ କମ୍ପାନୀରେ ନିଯୁକ୍ତି ସହ ଶିଶୁପୁତ୍ରର ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତାରୋକୋ ହଟିଥିଲା।

ସୂଚନା ଅନୁଯାୟୀ, ୨୦୨୨ ନଭେମ୍ବର ୧୪ରେ କାଶୀପୁର ବ୍ଲକ ଅଣ୍ଡିରାକଞ୍ଚ ଥାନା ଅଧୀନ ବାଫଲିମାଳି ଖଣି ଅଞ୍ଚଳରେ ସୁଲବତୀଙ୍କ ସମେତ ଅଞ୍ଚଳର ଅନେକ ବିସ୍ଥାପିତ ପରିବାର ଉତ୍କଳ ଆଲୁମିନା କମ୍ପାନୀ ବିରୋଧରେ ଧାରଣାରେ ବସିଥିଲେ। ପୋଲିସ ସୁଲବତୀଙ୍କ ସମେତ ଅନ୍ୟ କେତେଜଣ ଆନ୍ଦୋଳନକାରୀଙ୍କୁ ଉଠାଇ ନେଇଥିଲା। ଡିସେମ୍ବର ୨୬ରେ ସୁଲବତୀଙ୍କୁ ଜେଲ ପଠାଇ ଦିଆଯାଇଥିଲା। ପ୍ରସବ ସମୟ ହେବାରୁ ୨୦୨୩ ଜାନୁୟାରୀ ୧୦ରେ ତାଙ୍କୁ କୋର୍ଟରୁ ଜାମିନ ମିଳିଥିଲା। ଏହି ସମୟରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବାରୁ ପରିବାର ଲୋକେ ତାଙ୍କୁ ପ୍ରସବ ପାଇଁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏଠାରେ ବୁଧବାର ☞ପୃଷ୍ଠା-୨







**ଆଜିର ମନ୍ତବ୍ୟ**

"କୋଭିଡ୍ ମହାମାରୀ ଭାରତର ସ୍ୱାସ୍ଥ୍ୟ ଭିତ୍ତିଭୂମି ଓ ଚିକିତ୍ସା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସୁଯୋଗ ଦେଇଛି।
– ମନସୁଖ ମାଣ୍ଡବ୍ୟ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଗେ ବୁଣ୍ ପଛେ ବୁଣ୍**
**ଗର୍ଭଣାକୁ ଟୁଣ୍ ଟାଣ୍ ।**

ଆଗେ ବୁଣ କି ପଛେ ବୁଣ ଗର୍ଭଣା ସଂକ୍ରାନ୍ତି ବେଳକୁ ଧାନ ଗଛରେ ଥୋର ବାହାରିବା ଥୟ। ଧାନ ଚାଷ ସମ୍ପର୍କରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆମ୍ବ ଗଛର ଶିଅ**
**ବୁଢା ଆଗେ ବୁଢ଼ୀ ସକେଇ କାନ୍ଦେ**
**ଖଡୁ ବଦଳେଇ ଦିଅ।**

ସ୍ତ୍ରୀର ହାନିଲାଭ ସ୍ୱାମୀ ବୁଝିଥାଏ। ତାର ସବୁ ଆବଶ୍ୟକତା ଦେଖିଚାହିଁ ପୂରଣ କରିଥାଏ। ଗହଣାଗାଣ୍ଠି ପ୍ରତି ନାରୀଙ୍କ ମନରେ ଦୁର୍ବଳତା ରହିବା ସ୍ୱାଭାବିକ। ବୁଢ଼ାବୁଢ଼ୀ ହେଲେ ବି ସୁଆଗ ତ ରହିଛି। ଏପରିସ୍ଥଳେ ନୂଆ ଖଡୁ ହଲେ କିଣି ଦେବାକୁ ନେଇ ସ୍ୱାମୀ ପାଖେ ସ୍ତ୍ରୀ ଅଳି କରିବସିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ଚାନ୍ଦା ନ ଦେବାରୁ ଡ୍ରାଇଭରଙ୍କୁ ଛୁରାମାଡ଼

**ଯୋଡ଼ା, ୧୨।୧ (ଡି.ଏନ.ଏ)**

କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ ବୈଦ୍ୟନାଥ ହୋଟେଲ ପଛ ପାଖରେ ଚାନ୍ଦା ଆଦାୟକୁ ନେଇ ଦୁର୍ବୃତ୍ତଙ୍କ ଛୁରାମାଡ଼ରେ ଜଣେ ଡ୍ରାଇଭର ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରିଛନ୍ତି। ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ହାଇଦ୍ରାବାଦରୁ ଯୋଡ଼ା ଟାଟା ଷ୍ଟିଲ କମ୍ପାନୀକୁ ମାଲ ନେଇ ଆସିଥିବା ଏକ ଟ୍ରେଲର ବୈଦ୍ୟନାଥ ହୋଟେଲ ପଛ ପାର୍ଶ୍ୱରେ ଛିଡ଼ା ହୋଇଥିଲା। ବୁଧବାର ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଟ୍ରେଲର ଡ୍ରାଇଭର ହୃଦୟାନନ୍ଦ ଯାଦବଙ୍କୁ ଚାନ୍ଦା ମାଗିଥିଲେ। ଚାନ୍ଦା ନ ଦେବାରୁ ଦୁର୍ବୃତ୍ତମାନେ ଗାଡ଼ି କାଚ ଭାଙ୍ଗି ଡ୍ରାଇଭରଙ୍କୁ ଛୁରା ମାଡ଼ କରିଥିଲେ। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି। ଆହତ ଡ୍ରାଇଭରଙ୍କ ଘର ଝାଡ଼ଖଣ୍ଡ ରାଜ୍ୟ ଜାମସେଦପୁରର ଦିମିନା ଗାଁରେ ବୋଲି ଜଣାପଡ଼ିଛି। ଏନେଇ ସେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।


ଆହତ ଡ୍ରାଇଭର ହୃଦୟାନନ୍ଦ ଯାଦବ।

# ୨ ଭାଇଙ୍କୁ ଆଜୀବନ ଜେଲ

**ବାରିପଦା ଅଫିସ, ୧୨।୧**

ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରା ଜଜ୍(୧) କୋର୍ଟରେ ଗୁରୁବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସୁରେଶ ଚନ୍ଦ୍ର ପ୍ରଧାନ ଏହାର ବିଚାର କରି ଅଭିଯୁକ୍ତ ୨ ଭାଇଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହିତ ୫ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୬ମାସ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଦ୍ୱୟ ହେଲେ ବୈଶିଙ୍ଗା ଥାନା ଖୁଣ୍ଟାପୁର ଅଞ୍ଚଳର ରାଜୁ ସିଂ(୩୮) ଓ ତାଙ୍କ ଭାଇ ଲବ ସିଂ(୪୬)।

ମାମଲାର ବିବରଣୀ ଅନୁଯାୟୀ, ୨୦୨୦ ଡିସେମ୍ବର ୭ ତାରିଖ ଅପରାହ୍ନରେ ନାତିର ପ୍ରଥମାଷ୍ଟମୀ ସାରିବାକୁ ବଡ଼ଖିରପଦା ଗ୍ରାମର ରମେଶ ସିଂ(୫୦) ଜ୍ୱାଇଁଙ୍କ ଘରକୁ ଆସିଥିଲେ। ସେଠାରେ ପହଞ୍ଚିବା ପରେ ପୂର୍ବ ପାରିବାରିକ କଳହକୁ ନେଇ ଶ୍ୱଶୁର ଓ ଜ୍ୱାଇଁଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଜ୍ୱାଇଁ ରାଜୁ ଓ ତାଙ୍କ ବଡ଼ଭାଇ ଲବ ମିଶି ଶ୍ୱଶୁରଙ୍କ ଦୁଇ ହାତକୁ ଏକ ଗାମୁଛାରେ ବାନ୍ଧି ଦେଇଥିଲେ। ପରେ ଏକ ଦାଆରେ ତାଙ୍କ ବେକକୁ କାଟି ହତ୍ୟା କରିଥିଲେ। ଖବରପାଇ ବଡ଼ଝିଅ ସଂଯୁକ୍ତା ସିଂ ପହଞ୍ଚି ଘଟଣା ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୨୯୧/୨୦) ରୁଜୁ କରି ଅଭିଯୁକ୍ତ ୨ ଭାଇଙ୍କୁ କୋର୍ଟ ଚାଲାଣ କରିଥିଲା। ଅତିରିକ୍ତ ସରକାରୀ ଆଇନଜୀବୀ କୃଷ୍ଣଚନ୍ଦ୍ର ଦାସ ମାମଲା ପରିଚାଳନା କରୁଥିଲେ।

## ଏନ୍ଏଫ୍ଏସ୍ଏ ହିତାଧିକାରୀଙ୍କୁ...

ପ୍ରଥମ ପୃଷ୍ଠାରୁ...

ଲୋକଙ୍କୁ ରସିଦ୍ ଦେବେ। ଲୋକମାନେ ଜାଣିପାରିବେ କିଏ ଚାଉଳ ଦେଉଛନ୍ତି ବୋଲି ଷଡ଼ଙ୍ଗୀ କହିଛନ୍ତି। ଏହାର ଜବାବରେ ବିଜେଡି ବିଧାୟକ ଅମର ଶତପଥୀ କହିଛନ୍ତି, ଚାଉଳ ହେଉଛି ଗରିବ ଲୋକଙ୍କ ପ୍ରସଙ୍ଗ। ଅନ୍ତ୍ୟୋଦୟକୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ନାଁ ଦିଆଯାଉଛି। ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସମୟରେ ଅନ୍ତ୍ୟୋଦୟ ଯୋଜନା ହୋଇଥିଲା। ପଲିଟିକାଲ ମାଇଲେଜ ପାଇଁ ଏହା କରାଯାଉଛି। ରସିଦ କାହାକୁ ଦେବେ? କ'ଣ ଧାର ନେଇଥିଲେ ଯେ ରସିଦ ଦେବେ। କେନ୍ଦ୍ର ସରକାର ଯେକୌଣସି ନିଷ୍ପତ୍ତି ନେଉଛନ୍ତି ସେଥିରେ ରାଜ୍ୟର ଭୂମିକା ରହିବା ଦରକାର। କେନ୍ଦ୍ର ସରକାରଙ୍କ ଏପରି ନିଷ୍ପତ୍ତି ଯୋଗୁ ଅଭାବନୀୟ ପରିସ୍ଥିତି ସୃଷ୍ଟି ହେବ। ମାଗଣା ଚାଉଳ ବଣ୍ଟନ କ୍ଷେତ୍ରରେ ଅସୁବିଧା ହେବ। ଅତି ହୀନ ଉଦ୍ଦେଶ୍ୟ ରଖି ଏପରି କରାଯାଉଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ କାର୍ଡଧାରୀଙ୍କୁ କିଲୋ ପିଛା ୧ ଟଙ୍କାରେ ଖାଦ୍ୟଶସ୍ୟ ଯୋଗାଇ ଦିଆଯାଉଛି। କେନ୍ଦ୍ର ସରକାର ୨୦୨୩ ଜାନୁୟାରୀରୁ ବର୍ଷକ ପାଇଁ ମାଗଣା ଚାଉଳ ଯୋଗାଇ ଦେବାକୁ ଘୋଷଣା କରିଛନ୍ତି।

## ଆଜିଠୁ ଖେଳ ଆରମ୍ଭ...

ହୋଇଥିବାରୁ ଉଭୟ ଭାରତ ଓ ସ୍ପେନ୍ ଦଳର ଖେଳାଳିମାନେ ଏହାକୁ ଗୁରୁତ୍ୱର ସହ ନେଉଛନ୍ତି। ବିର୍ସା ମୁଣ୍ଡା ଷ୍ଟାଡିୟମରେ ଗୁରୁବାର କଡ଼ା ଅଭ୍ୟାସ ସହ ପ୍ରସ୍ତୁତିକୁ ଅନ୍ତିମ ରୂପ ଦେଇଛନ୍ତି। ସ୍ପେନ୍ ଦଳରେ ସ୍ଥାନ ପାଇଥିବା ଅଧିକାଂଶ ଖେଳାଳି ୧୦୦ରୁ କମ୍ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି। ଭାରତୀୟ ଦଳ କିନ୍ତୁ ବେଶ୍ ସନ୍ତୁଳିତ। ୧୦୦ରୁ ଅଧିକ ମ୍ୟାଚ ଅର୍ଦ୍ଧାଧିକ ଖେଳାଳି ଖେଳି ସାରିଛନ୍ତି। ଭାରତୀୟ କୋଚ୍ ଗ୍ରାହାମ ରିଡ୍ କିନ୍ତୁ ଏଥିରେ ବିଶ୍ୱାସ କରନ୍ତି ନାହିଁ। ଅଭିଜ୍ଞ ଖେଳାଳିମାନେ ଯେ ସବୁବେଳେ ଚମତ୍କାରିତା ଦେଖାଇପାରିବେ ତା'ର କିଛି ମାନେ ନାହିଁ । ନିର୍ଦ୍ଦିଷ୍ଟ ଦିବସରେ ଶ୍ରେଷ୍ଠ ହକି ଖେଳିବାଠାରୁ ଆଉ ବଡ଼ କିଛି ନାହିଁ ବୋଲି ସେ କହିଛନ୍ତି। "ଆମେ ଘରୋଇ ପରିବେଶରେ ବିଶ୍ୱକପ୍ ଖେଳିବାକୁ ଯାଉଛୁ। ତେଣୁ ଶ୍ରେଷ୍ଠ ପ୍ରଦର୍ଶନ ନିହାତି ଆବଶ୍ୟକ। ଟୁର୍ନାମେଣ୍ଟ ଜିତିବାକୁ ହେଲେ ଏହା ହିଁ କରିବାକୁ ହେବ, ଯାହାକି ସମ୍ଭବ। ଅଭିଜ୍ଞତା ଅନେକ ସମୟରେ ଏଭଳି ବଡ଼ ଟୁର୍ନାମେଣ୍ଟରେ ଫାଇଦା ଦେଇଥାଏ। ଭାରତ ଏହାର ଫାଇଦା ଉଠାଇବ" ବୋଲି ରିଡ୍ ପ୍ରକାଶ କରିଛନ୍ତି। ରିଡ୍ ଆହୁରି କହିଛନ୍ତି, ଭୁଲିଯିବା ଉଚିତ ନୁହେଁ ଯେ ସ୍ପେନ୍ ଏକ ବିପଜ୍ଜନକ ଦଳ। ଯେତେ ଆକଳନ ଲଗାଇଲେ ମଧ୍ୟ ଏହି ଦଳ ତା'ଠାରୁ ଭଲ ପ୍ରଦର୍ଶନ କରିଥାଏ। ଆମକୁ ସବୁ ପରିସ୍ଥିତିରେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପଡ଼ିବ। ଅଧିନାୟକ ହରମନ୍ପ୍ରୀତ ସିଂ ମଧ୍ୟ କୋଚ୍ଙ୍କ ସହ ଏକମତ ହୋଇଛନ୍ତି। "ଘରୋଇ ପରିବେଶରେ ବିଶ୍ୱକପ୍ ଜିତିବା ପାଇଁ ବଡ଼ ସୁଯୋଗ ଆସିଛି। ଦର୍ଶକଙ୍କ ସମର୍ଥନ ଆମ ସପକ୍ଷରେ ରହିବ। ୪ ବର୍ଷରେ ଥରେ ବିଶ୍ୱକପ୍ ଆସୁଥିବାରୁ ଏଥିରେ ଭଲ ପ୍ରଦର୍ଶନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପରବର୍ତ୍ତୀ ବିଶ୍ୱକପ୍ ବେଳକୁ ଦଳରେ କେଉଁ ଖେଳାଳି ଥିବେ ବା ନ ଥିବେ କହିହେବନି। ତେଣୁ ଏବେ ମିଳିଥିବା ସୁଯୋଗର ଭରପୂର ସଦୁପଯୋଗ ସମସ୍ତେ କରିବା ଆବଶ୍ୟକ। ପ୍ରଥମ ମ୍ୟାଚ ସବୁବେଳେ ଗୁରୁତ୍ୱ ବହନ କରିଥାଏ। ଏଥିରେ ବିଜୟ ସହ ଅଭିଯାନ ଆରମ୍ଭ କରିବାକୁ ଆମେ ଯୋଜନା ପ୍ରସ୍ତୁତ କରିଛୁ। ସମସ୍ତ ଖେଳାଳି ପ୍ରଥମ ମ୍ୟାଚ ଖେଳିବାକୁ ବ୍ୟଗ୍ର" ବୋଲି ହରମନ୍ପ୍ରୀତ ପ୍ରକାଶ କରିଛନ୍ତି। ସ୍ପେନ୍ ବିପକ୍ଷରେ ମ୍ୟାଚ ଖେଳିବା ପରେ ଭାରତ ଏହାର ଦ୍ୱିତୀୟ ମ୍ୟାଚ ସେହି ରାଉରକେଲାରେ ୧୫ ତାରିଖରେ ଇଂଲଣ୍ଡ ବିପକ୍ଷରେ ଖେଳିବ। ଏହାପରେ ଭୁବନେଶ୍ୱର ଆସି ୧୯ ତାରିଖରେ ୱେଲ୍ସକୁ ଭେଟିବ।

# ଜିଲା ପରିଷଦ ବୈଠକରେ ବିଧାୟକ-ଜିଲାପାଳ ମୁହାଁମୁହିଁ

**ବଲାଙ୍ଗୀର ଅଫିସ, ୧୨।୧**


ଜିଲା ପରିଷଦ ବୈଠକରେ ବିଧାୟକ ସନ୍ତୋଷ ସିଂ ସାଲୁଜା ଓ ଜିଲାପାଳ ଚଞ୍ଚଳ ରାଣାଙ୍କ ମଧ୍ୟରେ ବଚସା ହେଉଛି।

- ମନମୁଖି କାର୍ଯ୍ୟ, ଗାଇଡ୍ଲାଇନ୍ ଉଲ୍ଲଂଘନ ଅଭିଯୋଗ ଆଣିଲେ
- ଅନୁଦାନ ଡାଇଭର୍ଟ ନେଇ ଜିଲାପାଳଙ୍କୁ ଦାୟୀ କଲେ

ବଲାଙ୍ଗୀର ଡିଆର୍ଡିଏ ସମ୍ମିଳନୀ କକ୍ଷରେ ଜିଲା ପରିଷଦ ବୈଠକ ଚାଲିଥିବାବେଳେ ଗୁରୁବାର କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ଓ ଜିଲାପାଳ ଚଞ୍ଚଳ ରାଣା ମୁହାଁମୁହିଁ ହୋଇଥିଲେ। ଜିଲାପାଳଙ୍କ ସିଟ୍ ପାଖକୁ ଯାଇ ବିଧାୟକ ସାଲୁଜା ଅନୁଦାନ କାଟିବା ଏବଂ ଡାଇଭର୍ଟ କରିବାକୁ ତୁମେ କିଏ ବୋଲି ପ୍ରଶ୍ନ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ସମୟରେ ଜିଲାପାଳଙ୍କ ପିଏସ୍ଓ ଏବଂ ବିଧାୟକଙ୍କ ପିଏସ୍ଓ ସେଠାକୁ ଚାଲିଆସିବାରୁ ସେମାନଙ୍କ ଉପରେ ବିଧାୟକ ସାଲୁଜା ବିରକ୍ତ ପ୍ରକାଶ କରିଥିଲେ। ଏତିକିବେଳେ ବୈଠକରେ ଅଧ୍ୟକ୍ଷତା କରୁଥିବା ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ଜଳସମ୍ପଦ ବିଭାଗ ମନ୍ତ୍ରୀ ଟୁକୁନୀ ସାହୁ ବିଧାୟକ ସାଲୁଜାଙ୍କୁ ବୁଝାଶୁଝା କରୁଥିବା ଦେଖାଯାଇଥିଲା। ନିୟମିତ ଜିଲା ପରିଷଦ ବୈଠକ ବସୁ ନ ଥିବା ଏବଂ ଜିଲାପାଳ ରାଣା ଏଠାରେ ମନମାନି ଚଳାଇଥିବା ବିଧାୟକ ସାଲୁଜା ଅଭିଯୋଗ ଆଣିଥିଲେ। ବିଶେଷକରି ବିଜୁ କେବିକେ ଯୋଜନା କାର୍ଯ୍ୟାନ୍ୱୟନରେ ଜିଲାପାଳ ରାଣା ଗାଇଡ୍ଲାଇନ୍ ଉଲ୍ଲଂଘନ କରୁଛନ୍ତି ବୋଲି କହିଥିଲେ। ଏହି ଯୋଜନାରେ ରାଜ୍ୟ ଅନୁଦାନ ଯାହା ପ୍ରତି ବ୍ଲକ୍କୁ ୧ କୋଟି ଏବଂ ଜିଲା ଅନୁଦାନ ୪୦ କୋଟି ୨୦୨୦-୨୧ ଏବଂ ୨୦୨୧-୨୨ ବର୍ଷ ଆସିବା କଥା। ତାହାର ଆବଣ୍ଟନରେ ଜିଲାପାଳ ମନମୁଖି କାର୍ଯ୍ୟ କରୁଛନ୍ତି। କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ତୁରେକେଲା, ବଙ୍ଗୋମୁଣ୍ଡା ଏବଂ ମୁରିବାହାଲ ବ୍ଲକ୍କୁ କେଉଁଠି ୬୦ ଲକ୍ଷ ତ ଅନ୍ୟ କେଉଁଠି ୭୦ ଲକ୍ଷ ଦେଇଛନ୍ତି ବୋଲି କହିଥିଲେ। ଗାଇଡ୍ଲାଇନ୍ ଅନୁସାରେ ବିଜୁ କେବିକେ ଯୋଜନାରେ ୫ ଲକ୍ଷ ତଳକୁ କୌଣସି ଯୋଜନା ହେବାକଥା ନୁହେଁ। ମାତ୍ର ଜିଲାପାଳ ତାଙ୍କ ହିସାବରେ ୩୦ ହଜାର, ୫୦ ହଜାର ପ୍ରକଳ୍ପ ଅନୁଦାନ ଦେଇଦେଉଛନ୍ତି। ବ୍ଲକ୍ ଅନୁଦାନ ବାବଦ ଯାହା ୧ କୋଟି ହେବା କଥା ସେଥିରେ କମ୍ ଦେଇ ଅନ୍ୟ ବ୍ଲକ୍କୁ ଟଙ୍କା ଡାଇଭର୍ଟ କରିଦେଉଛନ୍ତି। ଏ ଅଧିକାର ଜିଲାପାଳଙ୍କୁ ଦେଲା କିଏ, ଆଇନକୁ ଉଲ୍ଲଂଘନ କଲେ କେମିତି ବୋଲି ସାଲୁଜା ଜିଲାପାଳଙ୍କୁ ପ୍ରଶ୍ନ କରିଥିଲେ। ଶାସକ ଦଳକୁ ସୁହାଇଲା ଭଳି କାମ କରାଯାଉଥିବା ସେ ଅଭିଯୋଗ କରିଥିଲେ।

ଏନେଇ ଜିଲାପାଳ ରାଣାଙ୍କୁ ପଚାରିବାରୁ ବୈଠକରେ ଚର୍ଚ୍ଚା ହେଲେ ସବୁ କଥା ମୁହାଁମୁହିଁ ହୋଇ କଥା ହେବାକୁ ପଡ଼େ। ପ୍ରତ୍ୟେକ ସଦସ୍ୟଙ୍କ ନିଜସ୍ୱ ତରିକା ରହିଛି। ଜନପ୍ରତିନିଧି ଭାବେ ସେମାନେ ନିଜ କଥା କହିପାରିବେ। ପାଖରୁ କିମ୍ବା ଦୂରରୁ କହିପାରିବେ ସେଥିରେ କିଛି ନାହିଁ କହି କଥାକୁ ହାଲୁକା କରିବାକୁ ଚେଷ୍ଟା କରିଥିଲେ। ଜିଲା ପରିଷଦ ବୈଠକ ସମ୍ପର୍କରେ ଜିଲା ପରିଷଦ ସଭାପତି ନିଷ୍ପତ୍ତି ନିଅନ୍ତି, ସେଥିରେ ଜିଲାପାଳଙ୍କ କିଛି ଭୂମିକା ନାହିଁ। ଫଣ୍ଡ ଡାଇଭର୍ଟ କଥା ଯାହା କୁହାଯାଉଛି ତାହା ଠିକ୍ ନୁହେଁ। କେବଳ ବିଧାୟକ ନୁହନ୍ତି, ଜଣେ ୱାର୍ଡସଭ୍ୟ ବି ଜନପ୍ରତିନିଧି। ଜିଲାର ଉନ୍ନତି ପାଇଁ ଜଣେ ୱାର୍ଡସଭ୍ୟ ଯଦି ଭଲ ପ୍ରକଳ୍ପ ଦେବେ, ବିଜୁ କେବିକେ ଯୋଜନା ଯାହା କୁହାଯାଉଛି ସେଥିରେ ଡିପିସି ଏବଂ ରାଜ୍ୟ ସରକାର ଆପ୍ରୁଭ କରୁଛନ୍ତି। ପ୍ରତ୍ୟେକ ଜନପ୍ରତିନିଧିଙ୍କୁ ଉଚିତ୍ ସମ୍ମାନ ଦେବା ଜିଲା ପ୍ରଶାସନର କର୍ତ୍ତବ୍ୟ ବୋଲି ଜିଲାପାଳ ରାଣା ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଥିଲେ।

# ୪ରୁ ବିଶ୍ୱ ପ୍ରସିଦ୍ଧ ଯୋରନ୍ଦା ମେଳା

**ଢେଙ୍କାନାଳ ଅଫିସ, ୧୨।୧**

- ପ୍ରସ୍ତୁତି ବୈଠକ ବର୍ଜନ କଲେ କୌପୀନଧାରୀ ସାଧୁସନ୍ଥ
- ସହମତି ଭିତ୍ତିରେ ମେଳା ଆୟୋଜନ ପାଇଁ ପରାମର୍ଶ

ବିଶ୍ୱବିଖ୍ୟାତ ମହିମା ଧର୍ମପୀଠ ଯୋରନ୍ଦା ମହିମାଗାଦିରେ ଆସନ୍ତା ଫେବୃୟାରୀ ୪ରେ ପ୍ରସିଦ୍ଧ ମାଘମେଳା ଅନୁଷ୍ଠିତ ହେବ। ମହିମା ଧର୍ମାବଲମ୍ବୀଙ୍କ ମୁଖ୍ୟ ମହୋତ୍ସବକୁ ଶାନ୍ତିଶୃଙ୍ଖଳାର ସହ ଆୟୋଜନ କରିବା ଲାଗି ଏକ ପ୍ରସ୍ତୁତି ବୈଠକ ଗୁରୁବାର ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍ଭାବନା ଗୃହରେ ଆୟୋଜିତ ହୋଇଯାଇଛି। ତେବେ ଉପାସନାସ୍ଥଳୀ ଉଚ୍ଛେଦକୁ ନେଇ ସୃଷ୍ଟି ହୋଇଥିବା ବିବାଦର ସମାଧାନ ହୋଇ ନ ଥିବାରୁ କୌପୀନଧାରୀ ମହିମା ସମାଜର ସାଧୁସନ୍ଥମାନେ ବୈଠକ ବର୍ଜନ କରିଥିବା ବେଳେ କେବଳ ବଳ୍କଳଧାରୀ ଗୋଷ୍ଠୀର ସାଧୁସନ୍ନ୍ୟାସୀ ଉପସ୍ଥିତ ଥିଲେ। ଉଭୟ ଗୋଷ୍ଠୀ ଆପୋସ ବୁଝାମଣା ମାଧ୍ୟମରେ ମେଳା ଆୟୋଜନ କରିବା ଏବଂ ମହିମା ଧର୍ମର ଗରିମା ବୃଦ୍ଧି କରିବା ପାଇଁ ଜିଲାପାଳ ସରୋଜ କୁମାର ସେଠୀ ପରାମର୍ଶ ଦେଇଛନ୍ତି।

କୌପୀନଧାରୀ ମହିମା ସମାଜ ପକ୍ଷରୁ ଜିଲାପାଳଙ୍କ ନିକଟରେ ହୋଇଥିବା ଅଭିଯୋଗରୁ ଜଣାପଡ଼ିଛି, ବାରମ୍ବାର ନିବେଦନ ସତ୍ତ୍ୱେ ଜିଲା ପ୍ରଶାସନ କୌପୀନଧାରୀ ଗୋଷ୍ଠୀକୁ ଅଣଦେଖା କରିଚାଲିଛି। ନ୍ୟାୟାଳୟଙ୍କ ଆଦେଶକୁ ଅଣଦେଖା କରି ନ୍ୟାଯ୍ୟ ଦାବିରୁ ବଞ୍ଚିତ କରାଯାଉଛି। ମହିମା ସ୍ୱାମୀଙ୍କ ସମ୍ପତ୍ତି, ନୀତିକାନ୍ତି ପାଳନରେ ସମାନ ଅଧିକାର ଦେବାରେ ପକ୍ଷପାତିତା କରାଯାଉଛି। ଏଭଳି ସ୍ଥିତିରେ ମାଘମେଳା ବୈଠକରେ ଯୋଗଦାନ ମୂଲ୍ୟହୀନ ବୋଲି କୌପୀନଧାରୀ ମହିମା ସମାଜ ସଭାପତି ଶ୍ରୀମଦ୍ ବାବା ରଘୁନାଥ ଦାସ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ଆଲୋଚନାରେ ଭାଗ ନେଇ ଏସ୍ପି ଜ୍ଞାନରଞ୍ଜନ ମହାପାତ୍ର କହିଲେ, ମେଳା ଆୟୋଜନରେ ପୋଲିସ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ କରାଯିବ। ବିଶୃଙ୍ଖଳା ଏଡ଼ାଇବାକୁ ଆବଶ୍ୟକସ୍ଥଳେ କଟକଣା ଜାରି କରାଯିବ। ଶାନ୍ତିଶୃଙ୍ଖଳା ରକ୍ଷା, ଯାନବାହନ ନିୟନ୍ତ୍ରଣ, ପାର୍କିଂ, ମାଦକଦ୍ରବ୍ୟ ବ୍ୟବସାୟ ନିୟନ୍ତ୍ରଣ ଲାଗି ବିହିତ ବ୍ୟବସ୍ଥା କରାଯିବ। ଦୁଇ ଗୋଷ୍ଠୀର ସାଧୁସନ୍ଥମାନେ ସହଯୋଗ ମନୋଭାବ ନେଇ ମେଳା ଆୟୋଜନ କରିବାକୁ ସେ ନିବେଦନ କରିଛନ୍ତି। ଖୁବ୍ଶୀଘ୍ର ଉଭୟ ଗୋଷ୍ଠୀକୁ ନେଇ ଏକ ବୈଠକ ହେବ। ମେଳାର ଆନୁଷଙ୍ଗିକ ବ୍ୟବସ୍ଥା ତଦାରଖ କରିବା ପାଇଁ ପରିଚାଳନା କମିଟି ଗଠନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ପାର୍କିଂ ଫି' ଧାର୍ଯ୍ୟ, ଆଲୋକୀକରଣ, ନିରାପତ୍ତା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ମାଦକଦ୍ରବ୍ୟ ନିଷେଧ, ଜଳଉତ୍ସ ବିଶୋଧନ, ସିସିଟିଭି କ୍ୟାମେରା ବ୍ୟବସ୍ଥା, ପାନୀୟ ଜଳଯୋଗାଣ, ଜାଳେଣି କାଠ ଯୋଗାଣ, ନିୟନ୍ତ୍ରଣ କକ୍ଷ ସ୍ଥାପନ, ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା, ଖାଦ୍ୟପଦାର୍ଥ ଯାଞ୍ଚ ସମ୍ପର୍କରେ ଆଲୋଚନା ହୋଇଥିଲା। ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶ ଚନ୍ଦ୍ର ସେଠୀ, ଗଁଦିଆ ବିଡିଓ ଆଶିଷ ରଞ୍ଜନ ସାହୁ, ଥାନାଧିକାରୀ ସତ୍ୟବ୍ରତ ଭୂତିଆ ପ୍ରମୁଖ ଉପସ୍ଥିତ ଥିଲେ।

# ମୁକୁଳା ଡ୍ରେନ୍ରେ ପଡ଼ିଲେ ବିଦେଶୀ ଫଟୋ ସାମ୍ବାଦିକ

## ପିଡବ୍ଲ୍ୟୁଡିକୁ ଦୋଷ ଦେଲା ବିଏମ୍ସି

**ଭୁବନେଶ୍ୱର, ୧୨।୧ (ବ୍ୟୁରୋ)**

ହକି ବିଶ୍ୱକପ ପାଇଁ ରାଜଧାନୀର ରାସ୍ତାଘାଟ ମରାମତି ଠାରୁ ଆରମ୍ଭ କରି ସହରର ସୌନ୍ଦର୍ଯ୍ୟକରଣରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। କେଉଁଠି ପ୍ରାଚୀର ଚିତ୍ରରେ ଓଡ଼ିଶା କଳା, ସଂସ୍କୃତି, ଐତିହ୍ୟ, କାରୁକାର୍ଯ୍ୟ ଝଟକୁଛି ତ ଆଉ କେଉଁଠି ଗଛ ଲଗାଯାଇଛି। ମାତ୍ର ଘରେ ନ ପଶୁଣୁ ଚାଳ ବାଜିବା ଭଳି ବିଶ୍ୱକପ୍ ଆରମ୍ଭ ନ ହେଉଣୁ ମୁକୁଳା ଡ୍ରେନ୍ରେ ପଡ଼ି ଜଣେ ବିଦେଶୀ ଫଟୋ ସାମ୍ବାଦିକ ଆହତ ହୋଇଛନ୍ତି।

ସୂଚନା ଅନୁଯାୟୀ, ହକି ବିଶ୍ୱକପର ଫଟୋ ଖବର ସଂଗ୍ରହ ପାଇଁ ଦକ୍ଷିଣ କୋରିଆରୁ ଭୁବନେଶ୍ୱର ଆସିଥିବା ଫଟୋ ସାମ୍ବାଦିକ ପାର୍କ ସାଙ୍ଗ୍ ମିଓନ୍ ବୁଧବାର ସନ୍ଧ୍ୟାରେ ଝୁମୁଝୁମା ଅଞ୍ଚଳର ଏକ ଦୋକାନକୁ ଚା' ପିଇବାକୁ ଯାଇଥିଲେ। ଏହି ସମୟରେ ସମ୍ପୃକ୍ତ ମହିଳା ଚା' ଦୋକାନୀଙ୍କ ଫଟୋ ଉଠାଇବାକୁ ଯାଇ ସେ ମୁକୁଳା ଡ୍ରେନ୍ରେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ମାତ୍ର



ପ୍ରାୟ ଦେଢ ଘଣ୍ଟା ପର୍ଯ୍ୟନ୍ତ ଆମ୍ବୁଲାନ୍ସ ନ ଆସିବାରୁ ଏକ କାର୍ରେ ଜନୈକ ବ୍ୟକ୍ତି ତାଙ୍କୁ ଆହତ ଅବସ୍ଥାରେ ନେଇ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ମିଓନଙ୍କ ଗୋଡ଼ ଭାଙ୍ଗିବା ସହ ହାତ ଏବଂ ପିଠିରେ କ୍ଷତ ହୋଇଛି। ତେବେ ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣା ପଡିଛି। ଘଟଣା ସମ୍ପର୍କରେ ମେୟର ସୁଲୋଚନା ଦାସ ସଫେଇ ଦେଇ କହିଛନ୍ତି ଯେ, ଏହି ଡ୍ରେନ ବିଏମ୍ସିର ନୁହେଁ। ସମ୍ପୃକ୍ତ ଡ୍ରେନ୍ର ରକ୍ଷଣାବେକ୍ଷଣ ପିଡବ୍ଲ୍ୟୁଡି ଦ୍ୱାରା କରାଯାଉଛି। ସହରର ବିକାଶ ପାଇଁ କାର୍ଯ୍ୟ କରାଯାଉଛି। ଆଗକୁ ସମସ୍ତଙ୍କ ମିଳିତ ଉଦ୍ୟମରେ ଏହି ସମସ୍ୟାର ସମାଧାନ କରାଯିବ ବୋଲି ମେୟର କହିଛନ୍ତି।

ସୂଚନାଯୋଗ୍ୟ, ଗତବର୍ଷ ସାଇକେଲରେ ଟିଉଶନ ଯାଉଥିବା ବେଳେ ମୁକୁଳା ଡ୍ରେନରେ ଭାସିଯାଇ ଖଣ୍ଡଗିରି ଅଞ୍ଚଳର ଜଣେ ସ୍କୁଲ ଛାତ୍ରଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ଏନ୍ଏଚ୍ଆର୍ସି କ୍ଷତିପୂରଣ ହେବାକୁ ନିର୍ଦ୍ଦେଶ ଦେବା ସହ ତୁରନ୍ତ ମୁକୁଳା ଡ୍ରେନରେ ସ୍ଲାବ ଘୋଡାଇବା କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଘଟଣାକୁ ଏକ ବର୍ଷ ବିତିଯାଇଥିଲେ ମଧ୍ୟ ହକି ବିଶ୍ୱକପ୍ ସମୟରେ ବିଦେଶୀ ଫଟୋ ସାମ୍ବାଦିକ ଡ୍ରେନରେ ଗଳି ପଡ଼ିବା ଘଟଣାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି। କୋଟି କୋଟି ଟଙ୍କା ଖର୍ଚ୍ଚ କରି ସହରର ସୌନ୍ଦର୍ଯ୍ୟକରଣ କରାଯାଉଥିବା ବେଳେ ମୁକୁଳା ଡ୍ରେନରେ ବିଦେଶୀ ପର୍ଯ୍ୟଟକଙ୍କ ଗୋଡ଼ ଭାଙ୍ଗିବା ଘଟଣା ବିଶ୍ୱ ଦରବାରରେ ସ୍ମାର୍ଟ ସିଟି ଭୁବନେଶ୍ୱରର ଛବିକୁ ଏକପ୍ରକାର ମଳିନ କରିଛି।

## ଜାମିନରେ ଆସି...


ମୃତଦେହ ଥିବା ଆମ୍ବୁଲାନ୍ସ ରଖି ପରିବାର ଲୋକ ଏବଂ ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି।

ସୁଲବତୀ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ଉଭୟ ମା' ଏବଂ ନବଜାତକଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହୋଇପଡ଼ିଥିଲା। ପ୍ରସୂତିଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ଘଟିବାରୁ ଗୁରୁବାର କୋରାପୁଟ ସ୍ଥାନାନ୍ତର କରାଯାଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। କମ୍ପାନୀ କର୍ତ୍ତୃପକ୍ଷଙ୍କ ଅମାନବୀୟ କାର୍ଯ୍ୟ ପାଇଁ ଗର୍ଭବତୀ ଅବସ୍ଥାରେ ସୁଲବତୀଙ୍କୁ ଜେଲ ଯିବାକୁ ପଡ଼ିଲା। ତେଣୁ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ସେପଟେ ପୋଲିସ ଜଣେ ଗର୍ଭବତୀଙ୍କୁ କିପରି ଉଠାଇନେଇ କୋର୍ଟ ଚାଲାଣ କଲା ତାହାକୁ ନେଇ ପ୍ରଶ୍ନ ଉଠିଛି। ଦାୟିତ୍ୱ ନାମରେ ଜଣେ ଗର୍ଭବତୀଙ୍କ ପ୍ରତି ଥିବା କର୍ତ୍ତବ୍ୟକୁ ପୋଲିସ ଭୁଲିଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଘଟଣାର ନ୍ୟାୟିକ ତଦନ୍ତ ନିମନ୍ତେ ସେମାନେ ଦାବି କରିଛନ୍ତି। ଏହି ଘଟଣାକୁ କୋରାପୁଟ ଏମ୍ପି ସପ୍ତଗିରି ଉଲାକା ମଧ୍ୟ ତୀବ୍ର ନିନ୍ଦା କରିଛନ୍ତି। ଗର୍ଭବତୀଙ୍କୁ ଜେଲ କାହିଁକି ପଠାଗଲା ଏବଂ ସେତେବେଳେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା କି ନାହିଁ ତାହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ବୋଲି ସେ ଦାବି କରିଛନ୍ତି। ଆଉ କେତେଜଣ ବିସ୍ଥାପିତ ଆନ୍ଦୋଳନକାରୀଙ୍କୁ ଗିରଫ କରାଯାଇଛି ତାହାର ମଧ୍ୟ ତଦନ୍ତ ଜରୁରୀ ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଶୁଭଚନ୍ଦ୍ର ପ୍ରଭାବରେ ଯାତ୍ରା ସଫଳ ହେବ ଏବଂ ମୂଲ୍ୟବାନ୍ ଜିନିଷ କ୍ରୟ କରିବାକୁ ଚାହିଁବେ। ପାରିବାରିକ କ୍ଷେତ୍ରରେ ବନ୍ଧୁମାନଙ୍କ ସହଯୋଗ କାମକୁ ତ୍ୱରାନ୍ୱିତ କରିବ। କଠିନଶ୍ରମ ଓ ଭ୍ରମଣଜନିତ ସ୍ୱାସ୍ଥ୍ୟରେ ବ୍ୟତିକ୍ରମ ଦେଖା ଦେଇପାରେ। ସଙ୍ଗୀତ, ଚଳଚ୍ଚିତ୍ର, ପ୍ରଶାସନ, ସଭାସମିତିର ଆଲୋଚନା କ୍ଷେତ୍ରରେ ଉପକୃତ ହେବେ।

**ବୃଷ**
ମଙ୍ଗଳଗ୍ରହ ମାଙ୍ଗଳିକ କାର୍ଯ୍ୟର ପ୍ରସ୍ତୁତି ପାଇଁ ଅନୁପ୍ରେରିତ କରିପାରନ୍ତି। ଗୃହସୀମା, ଗାଡି ମୋଟର, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ମାନସିକ ଉତ୍ତେଜନା ଓ ଉଦ୍ବେଗ ବଢ଼ିପାରେ। ଅପରାହ୍ନରେ ବନ୍ଧୁଙ୍କଠାରୁ ସାହାଯ୍ୟର ପ୍ରତିଶ୍ରୁତି ପାଇ ଟେନ୍ସନ୍ ଦୂର ହେବ। କଳା ସାହିତ୍ୟକ୍ଷେତ୍ରରୁ ସୁଫଳ ଓ ଆନନ୍ଦ ମିଳିବ।

**ମିଥୁନ**
ସାଧାରଣ ଘଟଣାକୁ କେନ୍ଦ୍ରକରି ପରିବାରରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ଶିକ୍ଷା, ପରୀକ୍ଷା, ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ କ୍ଷେତ୍ରରେ ଆଶା ଅନୁଯାୟୀ ଫଳ ପାଇବେ। ବନ୍ଧୁଙ୍କ ନିକଟରେ ମନକଥା କହିବା ପରେ ମନସ୍ତାପ କରିବେ। ଶନିଙ୍କ ଭାଗ୍ୟସ୍ଥିତି ସାଙ୍ଗଠନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପ୍ରେରଣା ଯୋଗାଇବ।

**କର୍କଟ**
ଚତୁର୍ଥକେନ୍ଦ୍ରସ୍ଥ କେତୁ ପ୍ରଭାବରୁ ଆପଣଙ୍କ ମନୋଭାବକୁ ଅନ୍ୟମାନେ ସହଜରେ ବୁଝିପାରିବେ ନାହିଁ। ଦୀର୍ଘଦିନ ହେଲା ଯାହା ପାଇବା ପାଇଁ ଚିନ୍ତା କରୁଥିଲେ ଆଜି ତାହା ନିଶ୍ଚିତ ଭାବେ ପାଇବେ। ଅଟକି ରହିଥିବା କାମଗୁଡିକ ସୁରୁଖୁରୁରେ ସମ୍ପନ୍ନ ହେବାରୁ ଖୁସି ହେବେ। ବାଣିଜ୍ୟ ଓ ବ୍ୟବସାୟରେ ସଫଳତା ହାସଲ କରିବେ।

**ସିଂହ**
ରାହୁଙ୍କ କୁଦୃଷ୍ଟିରୁ ସମ୍ପର୍କୀୟମାନେ ଈର୍ଷାପରାୟଣ ହୋଇ ବିଭିନ୍ନ ସମସ୍ୟା ସୃଷ୍ଟି କରିପାରନ୍ତି। ଅଫିସରେ ସହାନୁଭୂତିର ସହ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ସହକର୍ମୀ କିମ୍ବା ପଡ଼ୋଶୀ ସାହାଯ୍ୟ କରିବାକୁ ପଛେଇବେ, ଫଳରେ କେତେକ ସୁଯୋଗ ହାତଛଡା ହୋଇପାରେ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଲେ ପସ୍ତାଇବେ।

**କନ୍ୟା**
ସହକର୍ମୀ କିମ୍ବା ମିତ୍ର ପରାମର୍ଶ ନ ଦେଇ କିଛି ସମସ୍ୟାମୂଳକ କାମ ପ୍ରତି ପ୍ରଲୋଭିତ କରାଇବେ। ସମ୍ପର୍କୀୟମାନେ ସାଧାରଣ କଥାକୁ ଜଟିଳ ଭାବେ ଗ୍ରହଣ କରି ଦ୍ୱନ୍ଦ୍ୱରେ ପକାଇ ପାରନ୍ତି। ଭ୍ରାତୃକାରକ ଗ୍ରହ ମଙ୍ଗଳ ତୃତୀୟକୁ ଦେଖୁଥିବାରୁ ସ୍ୱାସ୍ଥ୍ୟସମସ୍ୟା କ୍ରମଶଃ କମି କମି ଯିବ। ବ୍ୟବସାୟିକ ସ୍ଥିତି ସନ୍ତୋଷଜନକ ହେବ।

**ତୁଳା**
ସ୍ୱସ୍ଥାନପାଳ ଶନିଶ୍ଚରଜନିତ ପାରିବାରିକ ଅବସ୍ଥାରେ ଉନ୍ନତି ହେବ। ରାହୁଙ୍କ ସ୍ଥିତିରୁ ବ୍ୟବସାୟରେ ବିଭିନ୍ନ ପ୍ରକାରର ସମସ୍ୟା ଦେଖା ଦେଇପାରେ। ଆଜି ବିଭିନ୍ନ ସ୍ୱାସ୍ଥ୍ୟ, ପରିବାର, କର୍ମକ୍ଷେତ୍ର, ଅର୍ଥ ସମ୍ପର୍କିତ ଆଲୋଚନା ପାଇଁ ସମୟ ପ୍ରାୟତଃ ଅନୁକୂଳ ରହିବ। ପାରିବାରିକ କ୍ଷେତ୍ର ସରସ ସୁନ୍ଦର ରହିବା ହେତୁ ଖୁସି ହେବେ।

**ବିଛା**
ମୁଖଭାବରେ ରବି ଓ ବୁଧଜନିତ କାରଣରୁ ଆଜି ପ୍ରଶଂସିତ ହେବେ। ବନ୍ଧୁମାନଙ୍କ ଆନୁଷଙ୍ଗିକ ସାହାଯ୍ୟ ଲାଭକରି ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂରେଇବେ। ସାହିତ୍ୟ, ସାମ୍ବାଦିକତା, ସଭାସମିତି କ୍ଷେତ୍ରରେ ସଫଳତା ହାସଲ କରିବେ। ତଥାପି କୌଣସି ଜଣାଶୁଣା ବ୍ୟକ୍ତିଙ୍କ ପ୍ରତିରୋଧ ଆଶାକୁ ପ୍ରତିହତ କରିପାରେ।

**ଧନୁ**
ଚନ୍ଦ୍ରଙ୍କ ସ୍ଥିତିର କୁପ୍ରଭାବଜନିତ କର୍ମକ୍ଷେତ୍ରରେ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ବିଳାସ ଉପକରଣ କ୍ରୟ କରିବା ସକାଶେ ଘରୁ ବରାଦ ପାଇବେ। ପରୋକ୍ଷ ଶତ୍ରୁତା ପ୍ରତ୍ୟୁଷ ଯାତ୍ରାକୁ ବିଳମ୍ବିତ କରିବ। ସାଂସ୍କୃତିକ କାମରେ ଯୋଗଦେବା ସକାଶେ ନିମନ୍ତ୍ରିତ ହୋଇପାରନ୍ତି।

**ମକର**
କୌଣସି ଅସୁବିଧା ନ ଥିଲେ ମଧ୍ୟ ରାହୁ ପ୍ରଭାବରୁ ପାରିବାରିକ କ୍ଷେତ୍ର ଶାନ୍ତି ପ୍ରଦାୟକ ନ ହୋଇପାରେ। ପଡ଼ୋଶୀଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ସାଧାରଣ ଘଟଣାରେ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ ଅବଶ୍ୟ ବନ୍ଧୁମାନଙ୍କ ସାହାଯ୍ୟ ନେବାକୁ ପଡିବ।

**କୁମ୍ଭ**
ଆଜିର ଯାତ୍ରା ସମୟରେ ଅଜଣା ବ୍ୟକ୍ତିଙ୍କ ସମ୍ପର୍କ ବୃଦ୍ଧିରୁ ମନୋବଳ ବଢ଼ିବ। ଏକାଦଶ ରବି ଓ ବୁଧ ହେତୁ ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣରେ ଉନ୍ନତି ପରିଲକ୍ଷିତ ହେବ। ବନ୍ଧୁଙ୍କ ଅସହଯୋଗ ସମସ୍ୟା ସୃଷ୍ଟି କରିବ। ସଭାସମିତି ଓ ମାଙ୍ଗଳିକ କାମ ସକଶେ ଅନ୍ୟର ସାହାଯ୍ୟ ଲୋଡିବାକୁ ବାଧ ହେବେ।

**ମୀନ**
ଗ୍ରହ ପ୍ରଭାବରୁ କର୍ମକ୍ଷେତ୍ରର କେତେକ ଫାଇଲ୍ କାମ ସକାଶେ ସମସ୍ୟାରେ ପଡ଼ିପାରନ୍ତି। ଆନୁଷ୍ଠାନିକ କାମରେ ଖଟଣି ବଢିଯିବ କିନ୍ତୁ ଆଶାନୁରୂପ ସଫଳତା ପାଇବେ ନାହିଁ। ବ୍ୟବସାୟ, ପରିବହନ ଓ ଯାତ୍ରା, ଆଲୋଚନା, ବନ୍ଧୁମିଳନରୁ ସୁଫଳ ପାଇବେ। କୌଣସି ବନ୍ଧୁଙ୍କୁ ଅପେକ୍ଷା କରି ମଧ୍ୟ ଦେଖା ପାଇବେ ନାହିଁ।

ଆଜି ମାଘ କୃଷ୍ଣ ଷଷ୍ଠୀ ଶୁକ୍ରବାର, ଜାନୁୟାରୀ ୧୩ ତାରିଖ, ମାସାନ୍ତ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ନବାଙ୍କ ବେଶ ଓ ଫୁଲ ମେଲାଣ, ରାଶିନକ୍ଷତ୍ର-ଉତ୍ତରାଫାଲଗୁନୀ/କନ୍ୟା, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୨୮ମି. ଗତେ ଘ.୦୭।୧୧ମି. ମଧ୍ୟେ, ଘ.୦୭।୫୫ମି. ଗତେ ଘ.୦୯।୧୧ମି. ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୧୦।୩୩ମି. ଗତେ ଘ.୧୧।୫୫ମି. ମଧ୍ୟେ ରାହୁକାଳ ।

# ଜାତୀୟ ପତାକାକୁ ଅସମ୍ମାନ କରି ପିଇଓ ଗିରଫ

■ ନିଲମ୍ବିତ ଲାଗି ବିଡିଓଙ୍କ ସୁପାରିସ
■ ଗଣମାଧ୍ୟମରେ ଭୁଲ ସ୍ୱୀକାର କଲେ

ଗୋପ/କୋଣାର୍କ,୧୨।୧(ଡି.ଏନ୍.ଏ.)



ଭାରତର ଜାତୀୟ ପତାକାକୁ ଅସମ୍ମାନ କରିଥିବା ଅଭିଯୋଗରେ କୋଣାର୍କ ଥାନା ପୋଲିସ ଜଣେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ)ଙ୍କୁ ଗୁରୁବାର ଗିରଫ କରିଛି। ସେ ହେଲେ ଉକ୍ତ ଥାନା ତଥା ଗୋପ ବ୍ଲକ ଅନ୍ତର୍ଗତ ଶିମିଳି ପଞ୍ଚାୟତର ପ୍ରଶାନ୍ତ କୁମାର ସ୍ୱାଇଁ। ଏପରିକି ଜଣେ କାର୍ଯ୍ୟରତ ଅଧିକାରୀଙ୍କ ଏଭଳି ଅବହେଳାକୁ ନେଇ ଗୋପ ବିଡିଓ ଦୀପ୍ତିରାଣୀ ଦାସ ସମ୍ପୃକ୍ତ ଅଧିକାରୀଙ୍କୁ ନିଲମ୍ବିତ କରିବା ଲାଗି ବ୍ଲକ ଚିଠି ନମ୍ବର ୧୩୫, ତା ୧୨।୧।୨୦୨୩ ମାଧ୍ୟମରେ ଜିଲାପାଳଙ୍କୁ ସୁପାରିସ କରିଛନ୍ତି। ସୂଚନା ଅନୁଯାୟୀ, କିଛିଦିନ ହେବ ପ୍ରଶାନ୍ତ ଶିମିଳି ପଞ୍ଚାୟତରେ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଦାୟିତ୍ୱ ନେଇଥିଲେ। ମାତ୍ର ଅଧିକାଂଶ ସମୟ ସେ କାର୍ଯ୍ୟାଳୟ ଟେବୁଲରେ ଥିବା ଏକ ଜାତୀୟ ପତାକାକୁ ସାଧାରଣ କପଡ଼ା ଭାବେ ଟେବୁଲ ପୋଛାପୋଛି କରି ଆସୁଥିଲେ। କେତେକ ବୈଠକରେ ଜାତୀୟ ପତାକାକୁ ତାଙ୍କର ଏପରି ଅବମାନନା କରୁଥିବା ଦେଖି ସରପଞ୍ଚ, ସଭ୍ୟାସଭ୍ୟ ଅସନ୍ତୋଷ ପ୍ରକାଶ କରିବା ସହ ବାରମ୍ବାର କହିଥିଲେ ମଧ୍ୟ ସେ ଶୁଣି ନ ଥିଲେ। କିଛିଦିନ ତଳେ ସମ୍ପୃକ୍ତ ଅଧିକାରୀ ଜାତୀୟ ପତାକାକୁ ନେଇ ମୋବାଇଲ ଫୋନ, ଟେବୁଲ ପୋଛାପୋଛି କରିବା ବେଳେ ଜଣେ ବ୍ୟକ୍ତି ଭିଡିଓ ଉତ୍ତୋଳନ କରିବା ପରେ ଏହି ଭିଡିଓକୁ ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ଗୁରୁବାର ଏହି ପ୍ରସଙ୍ଗରେ ଭାଜପା ସମେତ ବିଭିନ୍ନ ସଂଗଠନ ପକ୍ଷରୁ ଗୋପ ଓ କୋଣାର୍କ ଥାନାରେ ଏତଲା ଦିଆଯାଇଥିଲା। କୋଣାର୍କ ପୋଲିସ ଥାନା ପୋଲିସ ଏକ ମାମଲା (ନଂ. ୧୩/୨୩) ରୁଜୁ କରି ଅପରାହ୍ନରେ ଶିମିଳି ପଞ୍ଚାୟତ ଅଫିସରୁ ଅଧିକାରୀ ପ୍ରଶାନ୍ତଙ୍କୁ ଗିରଫ କରିଛି। ଅନ୍ୟପଟେ ଗୋପ ବିଡିଓ ସଂଗଠନ ପକ୍ଷରୁ କରାଯାଇଥିବା ଅଭିଯୋଗକୁ ନେଇ ସମ୍ପୃକ୍ତ ପିଇଓଙ୍କ ବିରୋଧରେ ତୁରନ୍ତ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଚିଠି ଲେଖିଛନ୍ତି। ଏ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମାଙ୍କୁ ପଚାରିବାରେ ସମ୍ପୃକ୍ତ ଅଧିକାରୀଙ୍କୁ ନିଲମ୍ବିତ କରାଯିବ ବୋଲି କହିଛନ୍ତି। ଶେଷରେ ଗଣମାଧ୍ୟମ ଆଗରେ ପିଇଓ ସ୍ୱାଇଁ ଏପରି ଭୁଲ୍ ପାଇଁ ଦୁଃଖ ପ୍ରକାଶ କରିବା ସହ ଭବିଷ୍ୟତରେ ଏଭଳି ନ କରିବା ପାଇଁ କ୍ଷମାପ୍ରାର୍ଥନା ମାଗିଥିଲେ।

# ଆଜି ମହାପ୍ରଭୁଙ୍କ ନବାଙ୍କ ବେଶ

ପୁରୀ ଅଫିସ,୧୨।୧

ଶ୍ରୀମନ୍ଦିରରେ ଶୁକ୍ରବାର ମହାପ୍ରଭୁଙ୍କ ନବାଙ୍କ ବେଶ ଅନୁଷ୍ଠିତ ହେବ। ପରମ୍ପରା ଅନୁଯାୟୀ ମକର ସଂକ୍ରାନ୍ତି ପୂର୍ବଦିନ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନବାଙ୍କ ବେଶ ସହ ଚାଉଳ ମେଳାଣ ଓ ଫୁଲ ମେଳାଣ ଉତ୍ସବ ଅନୁଷ୍ଠିତ ହୋଇଥାଏ। ଏହିଦିନ ସନ୍ଧ୍ୟା ଆଳତି ବେଶରେ ମାଳଚୂଳମାନ ଖୁଣ୍ଟିଆ ଓ ପୁଷ୍ପାଳକ ସେବକଙ୍କ ସହାୟତାରେ ଠାକୁରମାନଙ୍କୁ ଲାଗି କରାଯାଇଥାଏ। ଉକ୍ତ ଦିନ ବଡ଼ସିଂହାର ବେଶରେ ସୋଲ ଓ ଜରି, କଇଁଥ ଅଠାରେ ପ୍ରସ୍ତୁତ ଶଙ୍ଖ, ଚକ୍ର, ହଳ, ମୁଷଳ, କୁଣ୍ଡଳ ଇତ୍ୟାଦି ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ମା' ସୁଭଦ୍ରାଙ୍କୁ ଲାଗି କରାଯାଇଥାଏ। ଏହି ବେଶରେ ଶ୍ରୀଜଗନ୍ନାଥ ଓ ପ୍ରଭୁ ବଳଭଦ୍ର ଯଥାକ୍ରମେ ସୋଲ ନିର୍ମିତ ମକର କୁଣ୍ଡଳ ଓ ଶଙ୍ଖ, ଚକ୍ର, ହଳ, ମୁଷଳ ଇତ୍ୟାଦି ଧାରଣ କରିଥାନ୍ତି। ଏହି ବେଶ ନବାଙ୍କ ବେଶ ରୂପେ ପରିଚିତ। ଏହି ବେଶର ପ୍ରବର୍ତ୍ତକ ହେଉଛନ୍ତି ଚୈତନ୍ୟ ଦେବ। ଏହି ଦିନ ବଡ଼ସିଂହାର ଭୋଗ ପରେ ମଦନମୋହନ ଦକ୍ଷିଣ ଘରୁ ବିଜେ କରି ରତ୍ନସିଂହାସନକୁ ଆସନ୍ତି। ସେଠାରୁ ଆଜ୍ଞାମାଳ ପାଇ ରତ୍ନ ସିଂହାସନକୁ ସାଢ଼େ ଚାରିଥର ପ୍ରଦକ୍ଷଣ କରି ବଟମୂଳେ ଥିବା ପାଲିଙ୍କିରେ ବିଜେ କରି ଶ୍ରୀମନ୍ଦିର ଭିତର ଚାରିପାଖକୁ ସାଢ଼େ ୪ଥର ପ୍ରଦକ୍ଷିଣ କରନ୍ତି। ସେହିପରି ଅଠରନଳାସ୍ଥିତ ମା' ଆଲାମଚଣ୍ଡୀ ଠାକୁରାଣୀଙ୍କ ନିକଟରୁ ମକର ତାଡ଼ ଶ୍ରୀମନ୍ଦିରକୁ ବିଜେ କରିବ।










ଜୀବନ କ୍ଷେତ୍ରରୁ ପଳାୟନ ନୁହେଁ ବରଂ ଦିବ୍ୟ ପୂର୍ଣ୍ଣତାରେ ଜୀବନକୁ ପୂର୍ଣ୍ଣାଙ୍ଗ କରି ଗଢ଼ିତୋଳିବା ହେଉଛି ପ୍ରକୃତ ଆଧ୍ୟାତ୍ମିକତା। ... ଭଗବାନଙ୍କ ସାହାଯ୍ୟ ସର୍ବଦା ତୁମ ସହିତ ରହିଛି। -ଶ୍ରୀମା

# ଗଣତନ୍ତ୍ର ବିଦ୍ରୋହୀ



ସୁସାନ ଷ୍ଟୋକ୍ସ

୬ ଜାନୁୟାରୀ ୨୦୨୧ରେ ଆମେରିକାର ପରାଜିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥକମାନେ କାପିଟୋଲ ହିଲ୍‌କୁ ପ୍ରବେଶ କରି ବ୍ୟାପକ ଭଙ୍ଗାରୁଜା କରିଥିଲେ। ଏହାର ଦୁଇ ବର୍ଷ ଓ ଦୁଇ ଦିନ ପରେ ବ୍ରାଜିଲରେ ସମାନ ପ୍ରକାର ଘଟଣା ଦେଖିବାକୁ ମିଳିଛି। ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତି ଜୈର ବୋଲସୋନାରୋଙ୍କ ସମର୍ଥକମାନେ ନ୍ୟାଶନାଲ କଂଗ୍ରେସ, ସୁପ୍ରିମ କୋର୍ଟ ଏବଂ ବ୍ରାସେଲିଆରେ ରାଷ୍ଟ୍ରପତି ଭବନ ଉପରେ ଆକ୍ରମଣ କରିଛନ୍ତି। ଟ୍ରମ୍ପ ଯେଭଳି ଏକଚ୍ଛତ୍ରବାଦ ପରିଚୟ ଦେଇଥିଲେ ଠିକ୍ ସେହିଭଳି ବୋଲସୋନାରୋଙ୍କ ସମର୍ଥକମାନେ ତାଙ୍କୁ ପ୍ରତିପାଦନ କରିଛନ୍ତି। ବ୍ରାଜିଲର ବିଫଳ ବିଦ୍ରୋହ ଏବଂ ଆମେରିକାର କାପିଟୋଲ ହିଲ୍ ଆକ୍ରମଣ ମଧ୍ୟରେ ଥିବା ସାଦୃଶ୍ୟ ଭଳି ବୋଲସୋନାରୋ ଓ ଟ୍ରମ୍ପଙ୍କ ମଧ୍ୟରେ ଅନେକ ସମାଞ୍ଜସ୍ୟ ଦେଖାଯାଏ। ଉଭୟ ନେତା ଅତି ଦକ୍ଷିଣପନ୍ଥୀ। ଥରେ ମାତ୍ର ରାଷ୍ଟ୍ରପତି ହୋଇଥିବା ଏହି ଗଣତନ୍ତ୍ର ବିରୋଧୀ ନେତା ଦ୍ୱୟଙ୍କ କୋଭିଡ୍ ମହାମାରୀ ସମ୍ପର୍କିତ ଭୁଲ୍ ତଥ୍ୟ ଏବଂ ଅହଂକାର ଯୋଗୁ ଅନେକ ହଜାର ଲୋକଙ୍କ ଜୀବନ ଚାଲିଗଲା। ଉଭୟ ଗଣମାଧ୍ୟମକୁ ଉଗ୍ର ଓ ଅସୌଜନ୍ୟ ବ୍ୟବହାର ପ୍ରଦର୍ଶନ କରିବା ସହ ସେମାନଙ୍କ ନ୍ୟାୟିକ ବ୍ୟବସ୍ଥାର ସ୍ୱାଧୀନତା ପ୍ରତି ଆହ୍ୱାନ ସୃଷ୍ଟି କରିଥିଲେ। ଉଭୟ ଦାବି କରିଥିଲେ ଯେ, ଭୋଟିଂ ମେଶିନରେ କରାଯାଇଥିବା ବ୍ୟାପକ ହେର୍‌ଫେର ସେମାନଙ୍କୁ ଦ୍ୱିତୀୟ ଥର ରାଷ୍ଟ୍ରପତି ନିର୍ବାଚିତ ହେବାରୁ ବଞ୍ଚିତ କଲା। ଫଳରେ ଏହି ଦୁଇ ନେତାଙ୍କର ସମର୍ଥକମାନେ ସେମାନଙ୍କ ଦେଶର ନିର୍ବାଚନର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଛନ୍ତି। ହଜାର ସଂଖ୍ୟାରେ ରାଜଧାନୀକୁ କବ୍ଜା କରି ଗଣତନ୍ତ୍ରକୁ ବଳ ପୂର୍ବକ ଦବାଇ ଦେବାକୁ ପ୍ରୟାସ କରିଛନ୍ତି। କିନ୍ତୁ ଟ୍ରମ୍ପ ଓ ବୋଲସୋନାରୋଙ୍କ ରାଷ୍ଟ୍ରପତିତ୍ୱ ପରେ ଏହି ଗଣତନ୍ତ୍ର ବିରୋଧୀ ନେତାମାନଙ୍କ ବିରୋଧରେ ଔପଚାରିକ ଭାବେ ନ୍ୟାୟିକ କାର୍ଯ୍ୟାନୁଷ୍ଠାନ ନେବା ଉପରେ କମ୍ ଗୁରୁତ୍ୱ ଦିଆଯାଇଛି। ବହୁ ଆମେରିକୀୟ ଭୟ କରନ୍ତି ଯେ, ବିଦ୍ରୋହକୁ ଉସୁକାଇବା ପାଇଁ ଟ୍ରମ୍ପଙ୍କ ବିରୋଧରେ ଅଭିଯୋଗ ଆଣିବା ଏକ 'ଯେସାକୁ ତେସା' ସ୍ଥିତିକୁ ଗତିଶୀଳ କରିବ। କିନ୍ତୁ ୧୯୮୯ରେ ବ୍ରାଜିଲରେ ଗଣତନ୍ତ୍ର ପୁନଃ ପ୍ରତିଷ୍ଠା ହେବା ପରଠାରୁ ସ୍ଥିତି କିଛି ଭିନ୍ନ ରହିଥିବା ଜଣାପଡେ।

୧୯୯୨ରେ ବ୍ରାଜିଲର ମିଲିଟାରି ଶାସନ ଶେଷ ହେବା ପରେ ଗଣତାନ୍ତ୍ରିକ ପଦ୍ଧତିରେ ପ୍ରଥମେ ଫର୍ନାଡୋ କୋଲୋର ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ। ରାଜନୈତିକ ପଦର ଦୁରୁପଯୋଗ ଅଭିଯୋଗରେ ସେ ୧୯୯୨ରେ ଇସ୍ତଫା ଦେଇଥିଲେ। ସେ ନ୍ୟାୟାଳୟ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇ ରାଷ୍ଟ୍ରପତି ପଦରେ ରହିବାକୁ ଅଯୋଗ୍ୟ ହୋଇଥିଲେ। ପରେ କୋଲୋର ଅଭିଯୋଗରୁ ମୁକ୍ତ ହୋଇ ପୁଣି ରାଜନୈତିକ ଅଧିକାର ପାଇଥିଲେ। କେବଳ କୋଲୋର ନୁହନ୍ତି, ତାଙ୍କ ପରେ ବ୍ରାଜିଲର ରାଷ୍ଟ୍ରପତିମାନଙ୍କ ବିରୋଧରେ ଔପଚାରିକ ଭାବେ ଅଭିଯୋଗ ଆସିଛି ଏବଂ ସେମାନଙ୍କ ମଧ୍ୟରୁ କେତେଜଣ ନ୍ୟାୟିକ ବିଚାରକୁ ସାମ୍ନା କରିଛନ୍ତି। ଏବକାର ରାଷ୍ଟ୍ରପତି ଲୁଇଜ ଇନାସିଓ ଲୁଲା ଡା ସିଲଭା( ଲୁଲା ) ଦୁର୍ନୀତି ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିଲେ ଓ ୧୨ ବର୍ଷ ଜେଲରେ ରହିଥିଲେ। ୨୦୧୯ରେ ଜେଲରୁ ମୁକ୍ତ ହୋଇଥିଲେ। ଶେଷରେ ସେ ତାଙ୍କ ରାଜନୈତିକ ଅଧିକାର ଫେରିପାଇ ରାଷ୍ଟ୍ରପତି ନିର୍ବାଚନ ଲଢ଼ି ବୋଲସୋନାରୋଙ୍କୁ ପରାସ୍ତ କରିଥିଲେ।



ସାଧାରଣ ମତକୁ ବିଭ୍ରାନ୍ତ କରିବା ଏବଂ ଇଲେକ୍ଟ୍ରୋନିକ ଭୋଟିଂ ସମ୍ପର୍କରେ ଭୁଲ୍ ତଥ୍ୟ ପ୍ରସାରରେ ବୋଲସୋନାରୋଙ୍କ ସମ୍ପର୍କ ଥିବାରୁ ସେ ଅଭିଯୋଗକୁ ସାମ୍ନା କରିପାରନ୍ତି। ବୋଲସୋନାରୋଙ୍କ ପାର୍ଟି ଅନେକ ଲକ୍ଷ ଭୋଟ ନାକଚ କରିବା ପାଇଁ ଇଲେକଟ୍ରୋରାଲ କୋର୍ଟକୁ ଅନୁରୋଧ କରିବା ପରେ କୋର୍ଟ ଦେଶର ଇଲେକ୍ଟ୍ରୋନିକ ଭୋଟିଂ ବ୍ୟବସ୍ଥାକୁ ଅଣଦେଖା କରାଯାଉଥିବା ହୃଦ୍‌ବୋଧ କରିଥିଲେ। ଏହାସହ ପାର୍ଟି ଉପେର ଜରିମାନା ଲାଗୁ କରି ତା' ସମ୍ପତ୍ତି ଜବତ କରିଥିଲେ। ସରକାରୀ କ୍ଷମା ପାଇବା ଲାଗି ଗଣତନ୍ତ୍ର ଉପରେ ଆକ୍ରମଣ ବନ୍ଦ କରି ବୋଲସୋନାରୋ ନିଜେ ଏବଂ ତାଙ୍କ ପରିବାର ସଦସ୍ୟ କିଭଳି ଜେଲ ନ ଯିବେ ସେଥିଲାଗି ଆପ୍ରାଣ ଉଦ୍ୟମ କରୁଥିବା ବ୍ରାଜିଲର ମିଡିଆ ପ୍ରକାଶ କରିଛି। ଏବେ ଅସ୍ଥାୟୀ ଭାବେ ଫ୍ଲୋରିଡାରେ ରହି ଦେଶରେ ଗମ୍ଭୀର ଅଭିଯୋଗରୁ ବର୍ତ୍ତିବା ପାଇଁ ଏହା ଏକ ଉଦ୍ୟମ ବୋଲି କେତେକେ ଅନୁମାନ କରିଛନ୍ତି। ତେବେ କିଛି ବର୍ଷ ତାଙ୍କ ଆଦର୍ଶ ଟ୍ରମ୍ପଙ୍କ ପଦାଙ୍କ ଅନୁସରଣ କରିଆସୁଥିଲେ। ତେବେ ସେ ହଠାତ୍ କାହିଁକି ଟ୍ରମ୍ପଙ୍କ ରଣନୀତିରୁ ବିଚ୍ୟୁତ୍ ହେବା ମୂଳରେ ସମ୍ଭାବ୍ୟ ଔପଚାରିକ ଅଭିଯୋଗର ଭୟ ରହିଥିବା ବୁଝାପଡୁଛି। ରାଷ୍ଟ୍ରପତି ନିର୍ବାଚନକୁ ଗ୍ରହଣ କରିବାକୁ ବୋଲସୋନାରୋ ମନା କରିଥିବାବେଳେ ଶାନ୍ତିପୂର୍ଣ୍ଣ ଭାବେ ଦାୟିତ୍ୱ ହସ୍ତାନ୍ତର ହେବ ବୋଲି ନଭେମ୍ବର ପ୍ରାରମ୍ଭରେ ତାଙ୍କ ଚିଫ୍ ଅଫ୍ ଷ୍ଟଫ୍ ସ୍ୱୀକାର କରିଥିଲେ। ଏବେ ସୁଦ୍ଧା ଟ୍ରମ୍ପ ବ୍ୟାପକ ନିର୍ବାଚନୀ ହେର୍‌ଫେରର ଶିକାର ହୋଇଥିବା ଦାବି କରୁଥିବାବେଳେ ବୋଲସୋନାରେ କିନ୍ତୁ ନୀରବ ହୋଇଯାଇଛନ୍ତି। ବୋଲସୋନାରୋ ଫ୍ଲୋରିଡାର ଡିସ୍‌ନେ ୱାର୍ଲ୍ଡ ନିକଟରେ ଚଳିତ ସପ୍ତାହର ବ୍ରାସେଲିଆ ହିଂସାକୁ ସାଧାରଣରେ ତୀବ୍ର ନିନ୍ଦା କରିଛନ୍ତି।

ବିଦ୍ରୋହୀଙ୍କୁ ଛାଡ଼ିଦେବାରେ ବି ବିପଦ ଅଛି ;ଯାହା ବ୍ରାଜିଲର ପଡୋଶୀ ଦେଶ ଭେନେଜୁଏଲା ଅନୁଭବରୁ ସ୍ପଷ୍ଟ ହୁଏ। ଆକାଂକ୍ଷୀ ଏକଚ୍ଛତ୍ରବାଦୀଙ୍କ ପୁନଃ ପ୍ରକାଶ ହେଲେ ସେମାନଙ୍କ ଆତ୍ମବିଶ୍ୱାସ ଓ ଶକ୍ତି ବହୁଗୁଣ ବଢ଼ିଯାଏ। ୧୯୯୨ରେ ଲ୍ୟୁଟନାଣ୍ଟ କର୍ନେଲ ହ୍ୟୁଗୋ ଚାଭେଜ ନିର୍ବାଚିତ ଭେନେଜୁଏଲା ସରକାରକୁ ହଟାଇ କ୍ଷମତା ଦଖଲ କରିବାର ଦୁଇଟି ଉଦ୍ୟମ କରିଥିଲେ ଓ ତାହା ବିଫଳ ହୋଇଥିଲା। ସେତେବେଳର ରାଷ୍ଟ୍ରପତି ରାଫେଲ କାଲ୍‌ଡେରା ତାଙ୍କୁ ଜେଲରୁ ମୁକ୍ତ କରିବା ପରେ ସେ ୧୯୯୮ରେ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇ ଭେନେଜୁଏଲା ଗଣତନ୍ତ୍ରର କ୍ଷତି କରିଥିଲେ। ତାଙ୍କ ସମୟରେ ଅର୍ଥ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଥିଲା। ଇକ୍ୱେଡର ମଧ୍ୟ କହେ ଆଉ ଏକ ସତର୍କ କାହାଣୀ। ୨୦୦୦ରେ ଦେଶର ଗମ୍ଭୀର ଆର୍ଥିକ ସଙ୍କଟକୁ ନେଇ ନିର୍ବାଚିତ ରାଷ୍ଟ୍ରପତି ଜାମିଲ ମାହୁଆଦଙ୍କ ବିରୋଧରେ ଗଣ ଆନ୍ଦୋଳନ ଦେଖାଯାଇଥିଲା। ସେହି ସ୍ଥିତିରେ ସେନାର ଜଣେ କର୍ନେଲ ଲୁସିଓ ଗୁଟେରେଜ ଆନ୍ଦୋଳନ କାରୀମାନଙ୍କୁ ନିକଟରୁ ନିରୀକ୍ଷଣ କରୁଥିଲେ। ପରେ ଆନ୍ଦୋଳନକାରୀମାନେ ଗୁଟେରେଜଙ୍କ କ୍ଷମତା ଦଖଲ କରିବା ଉଦ୍ୟମରେ ସାମିଲ ହୋଇଗଲେ । ବଳପୂର୍ବକ କ୍ଷମତା ଦଖଲ କରିବା ଅଭିଯୋଗରେ ଗୁଟେରେଜ କେବେ ବି ମିଲିଟାରି କିମ୍ବା ସିଭିଲ କୋର୍ଟରେ ଆପରାଧିକ ମାମଲାର ସାମ୍ନା କରି ନ ଥିଲେ। ପରେ ୨୦୦୨ରେ ଗୁଟେରେଜ ନିର୍ବାଚନ ଲଢ଼ିଲେ ଓ ଜିତିଲେ। ଦେଖିବାକୁ ଗଲେ ପୂର୍ବରୁ ଗଣତନ୍ତ୍ର ପ୍ରତି ଥିବା ଅବଜ୍ଞା ଭାବ ତାଙ୍କ ରାଷ୍ଟ୍ରପତିତ୍ୱରେ ପ୍ରକାଶ ପାଇଥିଲା। ସେ ସୁପ୍ରିମକୋର୍ଟକୁ ଅଚଳ କରି ଦେଶରେ ଜରୁରିକାଳୀନ ସ୍ଥିତି ଘୋଷଣା କରିଥିଲେ। ରାଜନୈତିକ କାରଣରୁ ବ୍ରାଜିଲ ତାଙ୍କୁ ଅନ୍ୟ ଦେଶରେ ଶରଣ ନେବା ଲାଗି ଅନୁମତି ଦେବା ପରେ ସେ ଇକ୍ୱେଡର ଚାଲିଯାଇଥିଲେ।

ଏବେ ସୁଦ୍ଧା ବୋଲସୋନାରୋଙ୍କ କାହାଣୀର ଶେଷ ଅଧ୍ୟାୟ ଲେଖାଯିବାକୁ ବାକି ରହିଛି। କିନ୍ତୁ ଗମ୍ଭୀର ଆପରାଧିକ ଅଭିଯୋଗର ଭୟ ତାଙ୍କୁ ଘରିଛି ବୋଲି ସୂଚନା ମିଳିସାରିଲାଣି। ଆମେରିକୀୟମାନେ ଏଥିରୁ ଶିକ୍ଷା କରିବା ଉଚିତ। ପୂର୍ବତନ ରାଷ୍ଟ୍ରପତିମାନଙ୍କ ବିରୋଧରେ ଔପଚାରିକ ଅଭିଯୋଗ ଆଣିବାରେ ବିପଦ ରହିଥିଲେ ମଧ୍ୟ ଯଦି ଗଣତନ୍ତ୍ର ବିଦ୍ରୋହୀଙ୍କୁ ଓ ଉତ୍ତରଦାୟିତ୍ୱରୁ ବଞ୍ଚିତ ଏକଚ୍ଛତ୍ରବାଦୀମାନଙ୍କୁ ଛାଡ଼ି ଦିଆଯାଏ ତେବେ ଅତ୍ୟଧିକ ମୂଲ୍ୟ ଦେବାକୁ ପଡ଼ିପାରେ।

**ପ୍ରାଧ୍ୟାପକ, ରାଜନୀତି ବିଜ୍ଞାନ, ଶିକାଗୋ ବିଶ୍ୱବିଦ୍ୟାଳୟ**

## ଏଇ ଭାରତରେ

ଅଦରକାରୀ ପାର୍ଟଗୁଡ଼ିକରେ ନିର୍ମିତ ଏକ ବିଦ୍ୟୁତ୍ ଚାଳିତ ବାଇକ୍‌ରେ ୬ ଜଣ ବସି ଆରାମରେ ଯାଇପାରୁଛନ୍ତି। ଶୁଣି ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏହା ସତ। ଉତ୍ତରପ୍ରଦେଶ ଆଜମଗଡ଼ ନିବାସୀ ଅସଦ ଅବଦୁଲ୍ଲା ଏହାର ନିର୍ମାତା। ଅସଦ ଏବେ ଆଇଆଇଟି ଛାତ୍ର। କୃଷକ ପରିବାରର ପିଲା ହୋଇଥିବାରୁ ତାଙ୍କୁ ବହୁ କାର୍ଯ୍ୟ ବାଇକ୍‌ରେ କରିବାକୁ ପଡ଼େ। ହେଲେ ବର୍ଦ୍ଧିତ ପେଟ୍ରୋଲ ଦର ଓ ପରିବେଶ ଉପରେ ଉକ୍ତ ଇନ୍ଧନର ପ୍ରଭାବ ଅସଦଙ୍କୁ ଇଲେକ୍ଟ୍ରିକ୍ ମୋଟର ସାଇକେଲ ନିର୍ମାଣ କରିବାକୁ ପ୍ରେରିତ କରିଥିଲା। ସବୁଠୁ ବଡ଼ କଥା ହେଉଛି ସେ ବାଇକ୍‌ର ସବୁ ପାର୍ଟ କବାଡିଆ ଦୋକାନରୁ ଯୋଗାଡ଼ କରି ଗୋଟିଏ ମାସରେ ଏହାକୁ ନିର୍ମାଣ କରିଛନ୍ତି। ମୋଟରେ ଏହି ବାଇକ୍ ନିର୍ମାଣରେ ୧୨ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ଥରେ ଚାର୍ଜ ହେଲେ ଏହା ୧୫୦ କି.ମି. ଯାଉଛି ଓ ଗ୍ରାମାଞ୍ଚଳ ରାସ୍ତା ଲାଗି ପୂରା ଉପଯୋଗୀ ବୋଲି କହନ୍ତି ଅସଦ। ଅସଦଙ୍କୁ ୮ ବର୍ଷ ହୋଇଥିବାବେଳେ ଏକ ରିମୋଟ୍ ଚାଳିତ ଖେଳନା କରିଥିଲେ। ସେବେଠାରୁ କିଛି ନୂଆ ଚିନ୍ତା କରିଆସୁଥିଲେ। ଏବେ ଏହି ବିଦ୍ୟୁତ୍‌ଚାଳିତ ବାଇକ୍ ନିର୍ମାଣ କରିବା ପରେ ସେ ସୋଲାରଚାଳିତ ଯାନ ନିର୍ମାଣ କରିବାକୁ ଯୋଜନା ରଖିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୩ ଜାନୁୟାରୀ ୧୯୯୮

- କାଏରୋରେ ଦୁର୍ବୃତ୍ତମାନେ ଏକ ପ୍ରେକ୍ଷାଳୟରୁ ସିନେମା ଦେଖି ଫେରୁଥିବା ଦର୍ଶକମାନଙ୍କ ଉପରକୁ ଗୁଳିଚାଳନା କରିବା ଫଳରେ ୧୦୩ ମୃତ।
- ମଧ୍ୟପ୍ରଦେଶର ବେତୁଲ ଜିଲ୍ଲାସ୍ଥିତ ମୁଲତାଇ ତହସିଲ ସଦର କାର୍ଯ୍ୟାଳୟଠାରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା କୃଷକମାନଙ୍କ ଉପରକୁ ପୋଲିସ ଗୁଳିଚାଳନା କରିବା ଫଳରେ ୧୫ କୃଷକଙ୍କ ମୃତ୍ୟୁ।
- ବିଶିଷ୍ଟ ସମାଜସେବୀ ସୁନ୍ଦରଲାଲ ବହୁଗୁଣା ଓ ସଙ୍ଗୀତଜ୍ଞ ପଣ୍ଡିତ ହୃଦୟନାଥ ମଙ୍ଗେସ୍‌କର 'ସରସ୍ୱତୀ' ପୁରସ୍କାର ପାଇଁ ମନୋନୀତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | | | 5 | | 3 | | |
| | | 5 | | | | | 1 | 7 |
| 8 | | | | 1 | | 2 | | 5 |
| | | | 9 | | 8 | | | |
| | | | 4 | 3 | | | | |
| 6 | | | | | 7 | 8 | | |
| 5 | | | 6 | | | | 4 | |
| | 3 | | | | | 6 | 9 | |
| | | 9 | | | | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 6 | 8 | 1 | 5 | 4 | 2 | 7 | 9 |
| 1 | 5 | 9 | 8 | 7 | 2 | 6 | 4 | 3 |
| 7 | 4 | 2 | 9 | 6 | 3 | 1 | 5 | 8 |
| 2 | 8 | 3 | 4 | 9 | 7 | 5 | 6 | 1 |
| 6 | 7 | 5 | 2 | 3 | 1 | 9 | 8 | 4 |
| 4 | 9 | 1 | 6 | 8 | 5 | 3 | 2 | 7 |
| 8 | 1 | 7 | 3 | 2 | 6 | 4 | 9 | 5 |
| 9 | 3 | 6 | 5 | 4 | 8 | 7 | 1 | 2 |
| 5 | 2 | 4 | 7 | 1 | 9 | 8 | 3 | 6 |

ଗତକାଲିର ଉତ୍ତର

# ଜୋଶୀମଠର ଆହ୍ୱାନ



ସୌଭାଗ୍ୟ ସୁନ୍ଦରରାୟ

ହିମାଳୟ ପର୍ବତମାଳା ସମ୍ପ୍ରତି କ୍ଷତାକ୍ତ। ଅତ୍ୟାଧୁନିକ ଯନ୍ତ୍ରପାତିରେ ସଜ୍ଜିତ ଇଞ୍ଜିନିୟରମାନେ ପାହାଡ଼ ଖୋଳି, ଗଛ କାଟି ପ୍ରକୃତି ଉପରେ ନିଜର ପରାକାଷ୍ଠା ଜାହିର କରିଚାଲିଛନ୍ତି। ବିଜ୍ଞାନ ଓ ପ୍ରଯୁକ୍ତିର ଜୟଯାତ୍ରାର ଖୁସି ମନାଉଛନ୍ତି ଆଧୁନିକ ଭିତ୍ତିଭୂମି ନିର୍ମାଣକାରୀଗଣ। ଅପରପକ୍ଷରେ ଉତ୍ତରାଖଣ୍ଡ ରାଜ୍ୟର ଚମୋଲି ଜିଲା ଅନ୍ତର୍ଗତ କ୍ଷୁଦ୍ର ସହର ଜୋଶୀମଠ ଅଞ୍ଚଳଟି ଦବିଯାଇ ଚାଷଜମି, ଭୂସ୍ତର, ଘରଦ୍ୱାର ଫାଟି ଯାଉଥିବା ଖବର ମିଳିଛି। ଏହି ମ୍ୟୁନିସିପାଲିଟି ସହରର ଭବିଷ୍ୟତ ସ୍ଥିତି ନେଇ ଆଶଙ୍କା ଉପୁଜିଲାଣି। ଜନସାଧାରଣ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଆରମ୍ଭ କଲେଣି। ପ୍ରଶାସନ ମଧ୍ୟ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ବର୍ତ୍ତମାନ ପାଇଁ ଏଠାରେ ବନ୍ଦ ରଖିଛି।

ବିଭିନ୍ନ ଦୃଷ୍ଟିକୋଣରୁ ଜୋଶୀମଠ ଦେଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ। ସନାତନ ଧର୍ମର ସୁରକ୍ଷା ଓ ଅଦ୍ୱୈତ ବେଦାନ୍ତ ପ୍ରସାର ପାଇଁ ଆଦି ଶଙ୍କରାଚାର୍ଯ୍ୟ ଦେଶ ଭ୍ରମଣ ସମୟରେ ୪ ଦିଗରେ ଯେଉଁ ୪ଟି ମଠ ପ୍ରତିଷ୍ଠା କରିଥିଲେ ସେଥିମଧ୍ୟରୁ ଜ୍ୟୋତିର୍ପୀଠ ଅନ୍ୟତମ। ଏହା ଦେଶର ଉତ୍ତର ଭାଗରେ ଅବସ୍ଥିତ। ବଦ୍ରିନାଥ ଯାତ୍ରା ପାଇଁ ମଧ୍ୟ ଏହା ଦ୍ୱାରଦେଶ। ଏହିଠାରୁ ବଦ୍ରିନାରାୟଣ ଦର୍ଶନ ଯାତ୍ରା ଆରମ୍ଭ ହୋଇଥାଏ। ସାମରିକ ଦୃଷ୍ଟିକୋଣରୁ ସ୍ଥାନଟି ମଧ୍ୟ ଗୁରୁତ୍ୱପୂର୍ଣ୍ଣ। କାରଣ ଭାରତ-ଚାଇନା ସୀମା ଏଠାରେ ରହିଛି। ଏଣୁ ସ୍ଥଳସେନା ଘରୱାଲ ରାଇଫଲର ଘରୱାଲ ସ୍କାଉଟ୍ସ ସ୍ଥାୟୀ କେନ୍ଦ୍ର ଏଠାରେ ରହିଛି। ୨୦୧୩ରେ ବାଦଲଫଟା ବର୍ଷା ଯୋଗୁ କେଦାରନାଥରେ ଘଟିଲା ଜଳପ୍ରଳୟ। ବହୁ ଧନଜୀବନ ନଷ୍ଟ ହେଲା। ସାହାଯ୍ୟ ଓ ଉଦ୍ଧାର କାର୍ଯ୍ୟ ପାଇଁ ଯେଉଁ ସ୍ଥାନକୁ ଚୟନ କରାଗଲା ତାହା ଥିଲା ଜୋଶୀମଠ। କାରଣ ଏହି ସ୍ଥାନରୁ ସମସ୍ତ କାର୍ଯ୍ୟର କାର୍ଯ୍ୟକାରିତା ସୁଗମ ହୋଇପାରିଥିଲା। ଧାର୍ମିକ, ସାମରିକ ଓ ଜୈବ ବିବିଧତା ଆଦିରେ ଏ ଅଞ୍ଚଳର ଗୁରୁତ୍ୱ ରହିଥିବାବେଳେ ଏସବୁଥିରୁ ଦୃଷ୍ଟି ହଟାଇ ଅର୍ଥନୈତିକ ବିକାଶ କୈନ୍ଦ୍ରିକ ମାନସିକତା ଯୋଗୁ ଜୋଶୀମଠ ଅଞ୍ଚଳଟି ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଗଙ୍ଗୋତ୍ରୀ, ଯମୁନେତ୍ରୀ, କେଦାରନାଥ ଓ ବଦ୍ରିନାଥ ଆଦି ୪ ଧାମକୁ ସବୁଦିନିଆ ରାସ୍ତା ଦ୍ୱାରା ସଂଯୋଗ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରଣାଳୟ ୨୦୧୬ ରେ କାର୍ଯ୍ୟ ଆରମ୍ଭ କଲେ। ଏହି ପ୍ରକଳ୍ପରେ ରାସ୍ତା ଚଉଡ଼ା କରାଯିବାର ବ୍ୟବସ୍ଥା ରହିଲା। ଏହାକୁ ପରିବେଶବିତ୍ ବିରୋଧ କଲେ। ମାମଲା ସୁପ୍ରିମକୋର୍ଟକୁ ଗଲା। ହିମାଳୟ ପାର୍ବତ୍ୟାଞ୍ଚଳର ଜୈବ ବିବିଧତା ସମ୍ବେଦନଶୀଳ ହୋଇଥିବାରୁ ରାସ୍ତା ଓସାର ୫.୫ ମିଟରରେ ସୀମିତ ରଖିବା ପାଇଁ ପରିବେଶବିତ୍ ଦାବି କଲେ। କିନ୍ତୁ ସାମରିକ ଦୃଷ୍ଟିକୋଣରୁ ଏହି ରାସ୍ତା ଓସାର ୧୦ମିଟର କରିବା ପାଇଁ ସରକାର ଚାହିଁଲେ। କାରଣ ଏହାଦ୍ୱାରା ପ୍ରତିରକ୍ଷା ବିଭାଗର ବଡ଼ ଗାଡ଼ିଗୁଡ଼ିକ ସହଜରେ ଯାଇପାରିବ ବୋଲି କେନ୍ଦ୍ର ସରକାର ଯୁକ୍ତି ଦର୍ଶାଇଲେ। ଏହି ଦ୍ୱନ୍ଦ୍ୱ ମଧ୍ୟରେ ସୁପ୍ରିମକୋର୍ଟ ୨୬ ସଦସ୍ୟବିଶିଷ୍ଟ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି ଗଠନ କଲେ। ଏହାର ଅଧ୍ୟକ୍ଷ ରହିଲେ ପରିବେଶବିତ୍ ରବି ଚୋପ୍ରା। କମିଟିର ସଂଖ୍ୟାଗରିଷ୍ଠ ସଦସ୍ୟ ରାଷ୍ଟ୍ରୀୟ ସୁରକ୍ଷା ପାଇଁ ରାସ୍ତା ଓସାର ୧୦ ମିଟର କରାଯିବାକୁ ମତ ଦେଇଥିଲେ। କିନ୍ତୁ ଚୋପ୍ରାଙ୍କ ସମେତ ଆଉ ୪ ଜଣ ସଦସ୍ୟ ଏହା ବିରୋଧରେ ମତ ଦେଇଥିଲେ। ତେବେ ସଂଖ୍ୟାଗରିଷ୍ଠ ମତକୁ ଗ୍ରହଣ କରି ଅଦାଲତ ୨୦୨୧ ଡିସେମ୍ବରରେ ରାସ୍ତା ନିର୍ମାଣ ପାଇଁ ଅନୁମତି ପ୍ରଦାନ କରିଥିଲେ। ଫଳରେ ୯୦୦ କିଲୋମିଟର ବ୍ୟାପୀ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିଲା। ଏହି ପ୍ରକଳ୍ପ ପାଇଁ ପ୍ରାୟ ୧୨୦୦୦ କୋଟି ଟଙ୍କା ବ୍ୟୟ କରାଯାଉଛି। ଇତିମଧ୍ୟରେ ୬୦୦ କିଲୋମିଟର ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ଜଣାଯାଇଛି। ପରବର୍ତ୍ତୀ ସମୟରେ ଚୋପ୍ରା ଉଚ୍ଚସ୍ତରୀୟ କମିଟିରୁ ଇସ୍ତଫା ଦେଇଥିଲେ।



ପରିବେଶ ଦୃଷ୍ଟିରୁ ଦେଖିବାକୁ ଗଲେ ହିମାଳୟର ଜୈବ ବିବିଧତା ଅତି ସମ୍ବେଦନଶୀଳ। ସେହିପରି ହିମାଳୟକୁ ବୟସ ମଧ୍ୟ ବେଶି ନୁହେଁ। ହିମାଳୟ ଏକ କନିଷ୍ଠ ପର୍ବତମାଳା ଭାବେ ବିବେଚିତ ହୋଇଥାଏ। ଭାରତ ଓ ୟୁରେସିଆର ଦୁଇଟି ବଡ଼ ଭୂଖଣ୍ଡର ଚଳନ ଓ ଧକ୍କା ଦ୍ୱାରା ପ୍ରାୟ ୫୦ ନିୟୁତ ବର୍ଷ ପୂର୍ବେ ହିମାଳୟ ପର୍ବତମାଳାର ସୃଷ୍ଟି ବୋଲି ଭୂତତ୍ତ୍ୱବିତ୍ ମତପ୍ରକାଶ କରିଥା'ନ୍ତି। କନିଷ୍ଠ ଯୋଗୁ ଏହାର ଭୂସ୍ତର ସେତେଟା ଟାଣ ହୋଇନାହିଁ। ଏହା ନମନୀୟ ଓ ଭଙ୍ଗୁର ଅବସ୍ଥାରେ ରହିଛି। ଏହି ପରିସ୍ଥିତିରେ ହିମାଳୟରେ ମନୁଷ୍ୟକୃତ କାର୍ଯ୍ୟକଳାପ ଏ ଅଞ୍ଚଳ ପାଇଁ ଅଧିକ ବିପର୍ଯ୍ୟୟ ସୃଷ୍ଟି କରିଛି। ଜୋଶୀମଠ ଅଞ୍ଚଳଟି ଯେ ଏବେ ଦବୁଛି ତାହା ନୁହେଁ। ଏ ପରିସ୍ଥିତି ଅନେକ ଦିନ ତଳୁ ଲକ୍ଷ୍ୟ କରାଗଲାଣି। ଦବିବାର କାରଣ ସମ୍ପର୍କରେ ଅନୁଧ୍ୟାନ ପାଇଁ ୧୯୭୪ରେ ତତ୍କାଳୀନ ଗଡୱାଲ ଜିଲାପାଳ ଏମ.ସି. ମିଶ୍ରଙ୍କୁ ସରକାର ନିଯୁକ୍ତ କରିଥିଲେ। ଜିଲାପାଳଙ୍କ ଦ୍ୱାରା ଗଠିତ ୧୮ ଜଣିଆ ସଦସ୍ୟବିଶିଷ୍ଟ କମିଟି ଯେଉଁ ରିପୋର୍ଟ ପ୍ରଦାନ କରିଥିଲା ସେଥିରେ ଉଲ୍ଲେଖ ଥିଲା ଯେ, ଜୋଶୀମଠ ସହର ଏକ ପୁରାତନ ଭୂସ୍ଖଳନ ଅଞ୍ଚଳରେ ଅବସ୍ଥିତ। ତେଣୁ ଏ ଅଞ୍ଚଳର ଆଖପାଖରେ ବ୍ୟାପକ ବିକାଶମୂଳକ କାର୍ଯ୍ୟ ଉପରେ ଅଙ୍କୁଶ ଲଗାଯିବା ଆବଶ୍ୟକ। ଏହା ମଧ୍ୟରେ ଜଳବାୟୁ ପରିବର୍ତ୍ତନରେ ସମଗ୍ର ବିଶ୍ୱ ପ୍ରଭାବିତ। ହିମାଳୟ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ଜଳବାୟୁ ପରିବର୍ତ୍ତନର ପ୍ରଭାବ ସହ ମନୁଷ୍ୟକୃତ ହସ୍ତକ୍ଷେପ କେବଳ ଜୋଶୀମଠ ନୁହେଁ ସମଗ୍ର ହିମାଳୟକୁ ଆକ୍ରାନ୍ତ କରିବାର ଆଶଙ୍କା ସୃଷ୍ଟି ହୋଇଛି। ଜୋଶୀମଠ ଓ ତପୋବନ ଅଞ୍ଚଳରେ ଏକାଧିକ ଜଳବିଦ୍ୟୁତ୍ ପ୍ରକଳ୍ପକୁ ଅନୁମୋଦନ ଦିଆଗଲା। ଏହି ପ୍ରକଳ୍ପକୁ କିପରି ମଞ୍ଜୁରୀ ପ୍ରଦାନ କରାଗଲା ବୋଲି ସ୍ଥାନୀୟ ବାସିନ୍ଦା ଓ ପରିବେଶବିତ୍ ପ୍ରଶ୍ନ ଉଠାଇଥିଲେ ମଧ୍ୟ ଏଥିପ୍ରତି କର୍ଣ୍ଣପାତ କରାଗଲା ନାହିଁ। ଜଳବିଦ୍ୟୁତ୍ ପ୍ରକଳ୍ପ ପାଇଁ ଟନେଲ ନିର୍ମାଣ ଅପରିହାର୍ଯ୍ୟ। ବିସ୍ଫୋରଣ ଦ୍ୱାରା ପାହାଡ଼ ଫଟାଯାଇ ଏହି ଟନେଲ ନିର୍ମାଣ କରାଯାଉଛି। ଟନେଲର ସଂଯୋଗୀକରଣ କରାଯାଉଛି। ଏହାଦ୍ୱାରା ସ୍ଥାନୀୟ ଭୂସ୍ତରରେ କମ୍ପନ ସୃଷ୍ଟି ହେବା ସହ ଚାପ ବୃଦ୍ଧି ପାଉଛି। ଟନେଲ ନିର୍ମାଣ ପ୍ରକ୍ରିୟାରେ ଜଳଧାରଣ କରୁଥିବା ଭୂସ୍ତରରେ ରନ୍ଧ୍ର ସୃଷ୍ଟି ହେଉଛି। ଫଳରେ ବିଭିନ୍ନ ସମୟରେ ଚାପ ଯୋଗୁ ନିମ୍ନ ଜଳ ପଦାକୁ ଫୁଟି ବାହାରି ବନ୍ୟା ପରି ସମସା ସୃଷ୍ଟି କରିବାର ସମ୍ଭାବନା ରହିଛି।

ପରିବେଶ ପରିବର୍ତ୍ତନ ସଂକ୍ରାନ୍ତ ଆନ୍ତଃ ସରକାର ପ୍ୟାନେଲ (ଆଇପିସିସି) ବାରମ୍ବାର ହିମାଳୟ ଜୈବ ବିବଧତା ସମ୍ପର୍କରେ ନିଜ ରିପୋର୍ଟ ଉଲ୍ଲେଖ କରି ସତର୍କ କରାଇ ଆସୁଛି। ବିଶ୍ୱର ଏକ କନିଷ୍ଠ ପର୍ବତମାଳା ଭାବେ ହିମାଳୟ ନମନୀୟ ଓ ଅସ୍ଥିର ଅବସ୍ଥାରେ ରହିଛି। ଜଳବାୟୁରେ ସାମାନ୍ୟ ପରିବର୍ତ୍ତନ ପାର୍ବତ୍ୟାଞ୍ଚଳକୁ ବ୍ୟାପକ ଭାବେ ଆକ୍ରାନ୍ତ କରିବ ବୋଲି ଚେତାଇ ଦେଇଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ଉତ୍ତରାଖଣ୍ଡରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେଉଥିବା ଲକ୍ଷ୍ୟ କରାଗଲାଣି। ୨୦୨୧ ଫେବୃୟାରୀରେ ବରଫ ସ୍ଖଳନ ଘଟି ଗଙ୍ଗାର ୨ଟି ଉପନଦୀ ଋଷିଗଙ୍ଗା ଓ ଧଉଳଗଙ୍ଗାରେ ପ୍ରବଳ ବନ୍ୟା ଆସି ବ୍ୟାପକ ଧନଜୀବନ ହାନି ଘଟିଥିଲା।

ଏଣୁ ଜୋଶୀମଠ ଅଞ୍ଚଳର ସାମ୍ପ୍ରତିକ ଅବସ୍ଥାକୁ ଦେଖିଲେ ପ୍ରଗତିର ଚକ୍ର ମଧ୍ୟରେ ଗତି କରି ଆମେ ଏକ ବିନାଶର ବିନ୍ଦୁ ନିକଟରେ ପହଞ୍ଚି ଯାଇଛେ ବୋଲି ଧରିନେବାକୁପଡ଼ିବ। ବିନ୍ଦୁସ୍ପର୍ଶ କରିବା ପୂର୍ବରୁ ବିନାଶର ପ୍ରତିକାର ପାଇଁ ପଦକ୍ଷେପ ନିଆଯିବା ଜରୁରୀ।

**ମୋ: ୯୪୩୭୨୨୯୨୩୩**

# ପ୍ରାଣୀ ପ୍ରତି ପ୍ରେମ



ନୀଳିମା ନିବେଦିତା

ଉପନିଷଦ କୁହେ : ଅନ୍ନଂ ବ୍ରହ୍ମ। ଅର୍ଥାତ୍ ଅନ୍ନ ହିଁ ବ୍ରହ୍ମ। ଯଦିଚ ପ୍ରୋଟିନ ଓ ଦେହ ପାଇଁ ହିତକର କହି ଅଧିକାଂଶ ଲୋକ ଆମିଷକୁ ଉଦରସ୍ଥ କରି ଖୁସି ହେଉଛନ୍ତି, ହେଲେ ନିଜକୁ ମଣିଷ ବୋଲାଉଥିବା ସର୍ବଶ୍ରେଷ୍ଠ ପ୍ରାଣୀର ଆଖ୍ୟା ପାଇଥିବା, ବିଶେଷକରି ଜୀବେ ଦୟାରେ ବିଶ୍ୱାସ ରଖୁଥିବା କେତେକ ନିର୍ଦ୍ଦିଷ୍ଟ ଲୋକଙ୍କର ପଶୁଙ୍କ ପ୍ରତି ଅନାବିଳ ପ୍ରେମ କେମିତିକା ସେକଥା ଆଜି ଯାଏ ମୋ ମଗଜରେ ପଶିଲାନି। କାରଣ, ମାଛକୁ ଭଲ ପାଉଥିବା ଲୋକ ଘରେ ଆକ୍ୱାରିୟମ ରଖେ, କୁନି କୁନି ରଙ୍ଗବେରଙ୍ଗର ମାଛଙ୍କୁ ସେଥିରେ ଛାଡ଼ି ସ୍ନେହରେ ସେମାନଙ୍କ ନାଁ ବିଦିଏ। ମାତ୍ର ରବିବାର, ବୁଧବାର କି ଶୁକ୍ରବାର ଦିନ, 'ଆଜି ବାରି ଅଛି' କହି ମାଛ ଖାଇବାରୁ ନିଜକୁ ବାରଣ କରେନା। ଆଉ ଯଦି ଜିଅନ୍ତା ମାଛ ତୁଉଣ, ତେବେ ତ ଆନନ୍ଦ ତା'ର ନ କହିଲେ ଭଲ। ନିଜକୁ ପ୍ରାଣୀପ୍ରେମୀ କହି ସେହିପରି କୁକୁର, ବିଲେଇ, ମୂଷା, ଠେକୁଆ, ଚଢ଼େଇ ନାନା ଜନ୍ତୁଙ୍କୁ ଘରେ ଆଣି ରଖେ ମଣିଷ। ହେଲେ ବାର ଅଛି କହି ପୁଣି ବ୍ୟଞ୍ଜନରେ ଭକ୍ଷଣ କରେ ନିରୀହ କୁକୁଡ଼ା, ଛେଳି କିମ୍ବା ସେହିପରି କିଛି ଜୀବନମାନଙ୍କୁ, ମସଲା ଦେଇ ରନ୍ଧା ହୋଇଥିବା ମାଉଁସକୁ।

ଡାରଉଇନଙ୍କ ମତରେ survival of the fittest। ଏହାକୁ ଆଦର୍ଶ ଭାବୁଥିବା ଲୋକ ନିଜେ ବଞ୍ଚିବା ପାଇଁ ଅନ୍ୟକୁ ମାରି ଖାଇବାରେ ତୃପ୍ତି ଲାଭ କରେ। ମାତ୍ର ମହାତ୍ମା ଗାନ୍ଧୀ କହିଛନ୍ତି, ଏକାସାଙ୍ଗରେ ଜଣେ ପ୍ରକୃତିର ସମ୍ମାନ ଏବଂ ମାଂସହାରକୁ ସମ୍ମତି ଦେଇପାରିବ ନାହିଁ। 'ହିଂସା' ପଶୁପଣିଆ, ଯେତେବେଳେ କି 'ଅହିଂସା' ମାନବିକତା। ଖାଦ୍ୟ କଦାପି ଅନ୍ୟର ଶୋଷଣ, ହତ୍ୟା, କଷଣ ଦେଇ ନ ଆସିବା ଉଚିତ। 'ଯେମିତି ଅନ୍ନ ସେମିତି ମନ' ବୋଲି ବ୍ରହ୍ମାକୁମାରୀ ଭଉଣୀ ଶିବାନୀଙ୍କ ଉକ୍ତି। ଆମ ଶରୀର ଖାଦ୍ୟ ଓ ପାନୀୟର ଏକ ସମ୍ମିଶ୍ରଣ କହିଲେ ଭୁଲ୍ ହେବନି। ଦେହରେ ସାମାନ୍ୟ ଖଣ୍ଡିଆ ହେଲେ, କୌଣସି ଅଙ୍ଗରେ କେଉଁଠି ଟିକେ କଟିଗଲେ: ଓଃ କି ଅସହ୍ୟ ଯନ୍ତ୍ରଣା ହୁଏ ମନରେ! ସେମାନେ ବି ତ ଜୀବନ! ତାଙ୍କ ଅସହାୟତାର ସୁଯୋଗ ନେଇ ଆମେ ତାଙ୍କୁ ମାରି ରାନ୍ଧି ଖାଇବା ଓ ତାକୁ ଉତ୍ତମ ଖାଦ୍ୟ କହିବା କେତେଦୂର ଯୁକ୍ତିଯୁକ୍ତ ?

ଆଜିର ଯୁବପିଢ଼ିଙ୍କୁ ଉପନିଷଦ ପଢ଼ାଇବାକୁ ପଣ କରିଥିବା ଆଚାର୍ଯ୍ୟ ପ୍ରଶାନ୍ତ କୁହନ୍ତି, 'ସତ କହିବାକୁ ଗଲେ ଜୀବନରେ କେବଳ ଦୁଇଟି କଥା ହିଁ ସତ୍ୟ : ପ୍ରେମ ଆଉ ହୋସ। ପ୍ରେମ ପୂର୍ବକ ହୋଇ ହୋସ ସମ୍ଭାଳି ଯଦି ଆମିଷ ଖାଇପାରିଲ ତେବେ କେଉଁଠି ବି କିଛି ଅସୁବିଧା ନାହିଁ। ଏଠାରେ ପ୍ରସଙ୍ଗ ପଶୁପକ୍ଷୀଙ୍କ ହତ୍ୟାର ନୁହେଁ, ଏଠାରେ ପ୍ରଶ୍ନ ଆମମାନଙ୍କର। ଆମେ ଯେଉଁ ବି କାର୍ଯ୍ୟ କରୁ ତାହା କେଉଁ ପରିସ୍ଥିତିରେ କରୁ? ଶାକାହାର କିମ୍ବା ଅହିଂସାର ସମ୍ପର୍କ ଅନ୍ୟପ୍ରତି ଦୟା ସହିତ ନାହିଁ ବରଂ ଆମ ନିଜର ଅନ୍ତଃ ସ୍ଥିତି ସହିତ ଜଡ଼ିତ ଏହା ବୁଝିବା ବିଧେୟ। ଥରେ ବୋଧ ଜାଗ୍ରତ ହେଲେ ଆମେ ଆମ ସୀମାକୁ ଭଲ ରୂପେ ଏବଂ ସ୍ପଷ୍ଟ ଭାବେ ଦେଖିପାରିବା। ସ୍ୱଳ୍ପରେ ବୁଝାଇ କହିଲେ, ଯେଉଁ ଜୀବନକୁ ନ ଖାଇ ବି ଆମେ ବଞ୍ଚି ଯାଇପାରିବା, ତାକୁ କାହିଁକି ବା ଅଯଥାରେ ମାରିବା ?'

ମଣିଷମାନଙ୍କୁ ପ୍ରକୃତି ପ୍ରଥମରୁ ସାଥିଟିଏ କରି ହିଁ ଜନ୍ମ କରିଥାଏ। ଆମେ ଯେତେ ଖରାପରୁ ଖରାପ ଜୀବନ ବିତାଉନା କାହିଁକି, ପ୍ରକୃତି କେବେ ବି ଅନ୍ତରପାନ୍ତର କରେନା। କାହିଁକି ? କାରଣ ପ୍ରକୃତିରେ ପାପ ପୁଣ୍ୟ ବୋଲି କିଛି ନ ଥାଏ। ନା ସୂର୍ଯ୍ୟକିରଣ ଦେବାକୁ ମନା କରେ, ନା ଗଛ ଅମ୍ଳଜାନ, ନା ନଦୀ ପାଣି ଦେବାକୁ ବାରଣ କରେ ନା ମାଟି ଆମ ବୋଝ ବୋହିବାକୁ ! ପ୍ରକୃତି ଚାହେଁ ମଣିଷ ବଞ୍ଚି ରହୁ। ଶ୍ରେଷ୍ଠପ୍ରାଣୀ ମଣିଷମାନଙ୍କ ପାଖରେ କିନ୍ତୁ ବିବେକଟିଏ ଥାଏ, ହେତୁଟେ ଥାଏ, ନୁହେଁ କି ?

କୌଣସି ପ୍ରକାର ବାହ୍ୟ ଚାପ କିମ୍ବା କାହା ଦ୍ୱାରା ପ୍ରଭାବିତ ହୋଇ ଆମିଷ ନ ଖାଇବା, ଆପଣଙ୍କୁ ନିରାମିଷାଶୀ କରେ ନାହିଁ। ମନ ଭିତରେ ଆମିଷ ବ୍ୟଞ୍ଜନ ପ୍ରତି ଥିବା ଲୋଭ ଏବଂ ଆକର୍ଷଣ ହିଁ ଅର୍ଦ୍ଧଭୋଜନ ସଦୃଶ। ତେଣୁ ଯେପର୍ଯ୍ୟନ୍ତ ମନର ମୌଳିକ ବ୍ୟବସ୍ଥା ବଦଳିନି ସେତେବେଳ ଯାଏଁ ଆମିଷ ପରିତ୍ୟାଗ ବି ଅର୍ଥହୀନ। ପ୍ରଭାବିତ ହୋଇ କିମ୍ବା ବାଧ୍ୟବାଧକତାରେ ଆମିଷ ଖାଇବା ଛାଡ଼ି କେବଳ ଅଭ୍ୟାସଟାକୁ କେଇଟା ଦିନ ବିରତି ଦେଇପାରେ, ମାତ୍ର ମୂଳ ଆଧାର ଯାହା ଥିଲା ସେଇଆ ରହିଲା। ମୂଳ ବଦଳିଲେ ସିନା ବଦଳିବ ମନ ! ମନ ବଦଳିଲେ ଆମେ ଅନ୍ୟ କାହାର ଜୀବନ ନେଇ ନିଜ ଜିଭ ଲାଳସାକୁ ସନ୍ତୋଷ ଦେବା ଅସମ୍ଭବ ହେବ । ଜାଣତରେ ଗୋଟେ ନିରୀହ ପଶୁ କିମ୍ବା ପକ୍ଷୀ ପ୍ରତି ଅନ୍ୟାୟ ହେବାକୁ ଦେବା କସ୍ମିନ କାଳେ ସମ୍ଭବ ହେବ ନାହିଁ ।

**କ୍ୟାରିକାଚରିଷ୍ଟ, କଳିଙ୍ଗ ବିହାର, ଭୁବନେଶ୍ୱର**
**ମୋ:୯୬୬୮୯୯୬୩୮୯**

## ଚିରନ୍ତନୀ

ଧୀରେ ଧରା ଲଭଇ ଚେତନା
ବହେ କାହୁଁ ମନ୍ଦ ମଳୟ
ଜୀବନର ଗଉରବ ଗୀତ
ହରିଥିଲା କାଲି ଜଡ଼ ଶୀତ
କଆଜି ଆଣେ ପରାଣେ ପ୍ରଳୟ
ପଉଷର ମନ୍ଦ ମଳୟ !
-(ପୌଷ-ମଳୟ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ନିଶା କବଳରୁ ମୁକ୍ତି କେବେ

ମହାଶୟ,

ନିଶାଗ୍ରସ୍ତ ମଣିଷ ସମାଜର କଳଙ୍କ ବୋଲି ବିବେଚନା କରାଯାଉଥିଲେ ବି କେହି ସେଥିରୁ ମୁକୁଳିବାକୁ କିମ୍ବା ସେମାନଙ୍କୁ ନିଶା କବଳରୁ ମୁକୁଳାଇବାକୁ ପ୍ରୟାସ ନ କରିବା ଏକ ବିଡ଼ମ୍ବନା ନିଶ୍ଚୟ । ନିଶା ଇଞ୍ଜେକସନ ନେବା ଏକ ପ୍ରକାର ବାହ୍ୟ ଆଡ଼ମ୍ବରପୂର୍ଣ୍ଣ ଜୀବନଶୈଳୀରେ ପରିଣତ ହୋଇ ଅନେକଙ୍କୁ ଏହା କବଳିତ କଲାଣି। ଏଥିପାଇଁ ଅନେକ ପରିବାର ଉଜୁଡ଼ିଯାଉଛି । ନିଶା କାରବାର ଯୋଗୁ ଅପରାଧ, ସଡ଼କ ଦୁର୍ଘଟଣା, ଦୁଷ୍କର୍ମ, ହତ୍ୟାର ସୂତ୍ରପାତ ହୋଇ ଜନଜୀବନ ଦୁର୍ବିଷହ ହେବାରେ ଲାଗିଛି । ଏପରିକି ଛୋଟ ପିଲାମାନେ ବି ନିଶା କବଳିତ ହେଉଛନ୍ତି । ଧାର୍ମିକ ଅନୁଷ୍ଠାନ ହେଉ କି, କେଉଁଠି ବିବାହ, ବ୍ରତ ଆଦି ସାମାଜିକ କର୍ମରେ ହେଉ ସବୁଠି ନିଶାର କାୟା ବିସ୍ତାରହେବାରେ ଲାଗିଛି । ନିଶାଗ୍ରସ୍ତ ଲୋକଙ୍କ ପ୍ରାଦୁର୍ଭାବରେ ସାଧାରଣ ଜନତା ଅତିଷ୍ଠ ହୋଇଗଲେଣି ସତ, କିନ୍ତୁ ପ୍ରତିବାଦର ସ୍ୱର ଅତୀବ କ୍ଷୀଣ ଓ ନଗଣ୍ୟ । ତେବେ ଆମ ସମାଜକୁ ନିଶା କବଳରୁ କେବେ ମିଳିବ ମୁକ୍ତି ?

**-ଅବନୀ ଚନ୍ଦ୍ର ଦାସ, ସାଇ ସଦନ, ପ୍ରଶାନ୍ତି ବିହାର, ଭୁବନେଶର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏନ୍‌ଏସ୍‌ଏସ୍ ଶିବିର ଉଦ୍‌ଯାପିତ

ଖଡ଼ିଆଳ,(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଳ ବ୍ଲକ ତୁକୁଲା କ୍ଷମା ମେହେର ଡିଗ୍ରୀ ମହାବିଦ୍ୟାଳୟର ରିଷିଗାଁ ପଞ୍ଚାୟତ ସରଗାଦି ଗ୍ରାମଠାରେ ଏନ୍‌ଏସ୍‌ଏସ ଶିବିର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ରବୀନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଅତିଥି ଭାବେ ଜିଲା ପରିଷଦ ମାଲ୍ୟବନ୍ତ ସୁନା, ପ୍ରୋଗ୍ରାମ ଅଫିସର ଦୁଧେଶ୍ୱର ସାହୁ, କ୍ରୀଡା ଶିକ୍ଷକ ଗୋପାଳ ଦୁବେ ଯୋଗଦେଇଥିଲେ। ଶିବିରରେ ଶରତ ମନହାରା, ଆନନ୍ଦିନୀ ବାଗ, ରଶ୍ମିତା ସାହୁଙ୍କ ସମେତ ୫୦ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଏଥିରେ ଅଧକ୍ଷ ମିଶ୍ର, ଅଧ୍ୟାପକ ଉମାକାନ୍ତ ପ୍ରଧାନ, ଡୋଲେଶ୍ୱରୀ ରଣାଙ୍କ ସମେତ ମହାବିଦ୍ୟାଳୟ ସମସ୍ତ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

# ସର୍ବଭାରତୀୟ ମଠଖାଇ ମହୋତ୍ସବ ଉଦ୍‌ଯାପିତ

ବଲାଙ୍ଗୀର ଅଫିସ, ୧୨।୧


ଅତିଥିମାନେ ଡା. ରୁଦ୍ର ନାରାୟଣ ପଟେଲଙ୍କୁ ମଠଖାଇ ସମ୍ମାନ ପ୍ରଦାନ କରୁଛନ୍ତି।

- ମଠଖାଇ ଜିଲା ବିକାଶର ମଞ୍ଚ: ନରସିଂହ
- ନାଟକ ଜୀବନକୁ ମୂଲ୍ୟଯୁକ୍ତ କରିଦେଉଛି: ମୁକେଶ ମହାଲିଙ୍ଗ
- ଡା. ରୁଦ୍ରନାରାୟଣ ପଟେଲଙ୍କୁ ମଠଖାଇ ସମ୍ମାନ

ସର୍ବଭାରତୀୟ ବହୁଭାଷୀ ନାଟକ ସମାରୋହ ମଠଖାଇ ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଛି। ମହୋତ୍ସବ କମିଟି ଅଧ୍ୟକ୍ଷ ବିଧାୟକ ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସାନ୍ଧ୍ୟ ସଭାରେ ମୁଖ୍ୟଅତିଥିଭାବେ ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ ଯୋଗଦେଇ ନାଟକ ଜୀବନକୁ ବହୁ ମାତ୍ରାରେ ପ୍ରଭାବିତ କରେ, ଜୀବନକୁ ମୂଲ୍ୟଯୁକ୍ତ କରିଦିଏ। ନାଟକ ସାମାଜିକ ଏବଂ ସାଂସ୍କୃତିକ ସଚେତନତାର ଏକ ବଳିଷ୍ଠ ମାଧ୍ୟମ। ମଠଖାଇ ମହୋତ୍ସବ କମିଟି ସର୍ବଭାରତୀୟ ନାଟକ ମହୋତ୍ସବ ପରିକଳ୍ପନା କରି ବଲାଙ୍ଗୀରର ସାଂସ୍କୃତିକ ଏବଂ ସାମାଜିକ ଜୀବନକୁ ମୂଲ୍ୟଯୁକ୍ତ କରୁଛନ୍ତି ବୋଲି କହି ଆୟୋଜକଙ୍କୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥିଭାବେ ନାଟ୍ୟକାର ଗଦାଧର ବାରିକ ମଠଖାଇ ମହୋତ୍ସବ ଆଗାମୀ ଦିନରେ ଯୁବପିଢ଼ି ଭିତରେ ନାଟ୍ୟଚେତନା ଭରିବା ସହ ସଫଳ ନାଟ୍ୟକାର, ନାଟ୍ୟକର୍ମୀ ଏବଂ ନାଟ୍ୟପ୍ରେମୀ ସୃଷ୍ଟି କରିବାରେ ସଫଳ ହେଉ ବୋଲି ଆଶାବ୍ୟକ୍ତ କରୁ ବୋଲି କହିଥିଲେ। ଏହି ଅବସରରେ ରାମଲୀଳାରେ ରାବଣ ଭୂମିକାରେ ଅଭିନୟ କରି ଚର୍ଚ୍ଚାକୁ ଆସିଥିବା ବରିଷ୍ଠ ପ୍ରସୂତି ବିଶେଷଜ୍ଞ ଡାକ୍ତର ରୁଦ୍ର ନାରାୟଣ ପଟେଲଙ୍କୁ ମାନପତ୍ର, ଉପଢ୍ୌକନ ଏବଂ ଟ୍ରଫି ଦେଇ ମଠଖାଇ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଭାକୁ ଚିତ୍ତରଞ୍ଜନ ଦାଶ ପରିଚାଳନା କରିଥିଲେ। ବରିଷ୍ଠ ସଦସ୍ୟ ଅଶୋକ ଦାଶ ମଞ୍ଚାସୀନ ଥିଲେ। ସଭା ପୂର୍ବରୁ ଦୁଲଦୁଲି କଳା ପରିଷଦ ପକ୍ଷରୁ ଘୁଡକା ନୃତ୍ୟ ପରିବେଷଣ କରାଯାଇଥିଲା। ଉଦ୍‌ଯାପନୀ ସାନ୍ଧ୍ୟମଞ୍ଚକୁ ଦିବଂଗତ ନାଟ୍ୟକାର ପଞ୍ଚାନନ ମିଶ୍ରଙ୍କୁ ସମର୍ପିତ କରାଯାଇଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ବବୁଲ


@ ନବ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମଞ୍ଚସ୍ଥ ହେଲା ଛତିଶଗଡ଼ୀ ନାଟକ ଶକୁବାଈ


ଛତିଶଗଡ଼ୀ ନାଟକ ଶକୁବାଇର ଏକ ଦୃଶ୍ୟ।

ବଲାଙ୍ଗୀର ଅଫିସ, ୧୨।୧: ମଠଖାଇ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଚର୍ଚ୍ଚିତ ଛତିଶଗଡି ନାଟକ ଶକୁବାଇ ମଞ୍ଚସ୍ଥ ହୋଇଥିଲା। ଛତିଶଗଡ ରାୟପୁର ସ୍ଥିତ ଅଭିନିତ୍ ଫିଲ୍ମସ ନାଟ୍ୟ ପ୍ରତିଷ୍ଠାନ ପକ୍ଷରୁ ନନ୍ଦିରା ବବ୍‌ରଙ୍କ ରଚିତ ଏବଂ ଯୋଗ ମିଶ୍ରଙ୍କ ନିର୍ଦ୍ଦେଶିତ ଏହି ନାଟକ ଦର୍ଶକଙ୍କ ଭିତରେ ମାନବିକତାର ଭାବାବେଗ ଭରିଥିଲା। ଲୋକଙ୍କ ଘରେ କାମ କରୁଥିବା ଶକୁବାଇ ଜଣେ କର୍ମଜୀବୀ ମହିଳାଙ୍କ ଜୀବନ ଆଧାରିତ ନାଟକ। ଏହି ନାଟକରେ ଶକୁବାଇ କେତେକ ଲୋକଙ୍କ ଘରେ କାମ କରେ। କିଭଳି ସେ ଯେଉଁ ଲୋକଙ୍କ ଘରେ କାମ କରେ ତାଙ୍କ ଘରର ବହୁ ଗୋପନୀୟ କଥା ଜାଣିଯାଇ ଘର ସଦସ୍ୟ ହୋଇଯାଇଥାଏ। ତେବେ ଯେଉଁମାନେ ଏଭଳି କର୍ମଜୀବୀ ମହିଳାଙ୍କୁ କାମ କରାନ୍ତି ସେମାନଙ୍କ ଦୃଷ୍ଟିଭଙ୍ଗୀ ଏଭଳି କର୍ମଜୀବୀ ମହିଳାଙ୍କ ପ୍ରତି କିଭଳି ଥାଏ ତାହା ଏହି ନାଟକରେ ସ୍ୱତନ୍ତ୍ର ଭାବେ ଉପସ୍ଥାପିତ ହୋଇଛି। କାମ କରୁଥିବା ମହିଳାମାନେ ଘର ବାସନକୁସନ ସଫା କରିବା, ଝାଡୁ କରିବା, ଘର ଆସବାବପତ୍ର ସଜାଡିବା, ରନ୍ଧା କାମ କରିବା ଭିତରେ କେତେ କ'ଣ ସହଯୋଗ କରୁଥାନ୍ତି। ତେବେ ଏଭଳି ସହଯୋଗ ସତ୍ତ୍ୱେ ସହଯୋଗ ପାଉଥିବା ଧନୀ ଲୋକମାନେ କର୍ମଜୀବୀ ଶକୁବାଇଙ୍କ ଭଳି ମହିଳାଙ୍କ ପ୍ରତି କିଭଳି ଅମାନବୀୟ ବ୍ୟବହାର ପ୍ରଦର୍ଶନ କରନ୍ତି ତାହା ନାଟକରେ ପ୍ରଦର୍ଶିତ ହୋଇଛି। ଏହି ନାଟକ ଦର୍ଶକଙ୍କୁ ମାନବିକତାର ବାର୍ତ୍ତା ଦେଇଥିଲା। ନାଟକକୁ ଦର୍ଶକମାନେ ମନଭରି ଉପଭୋଗ କରିଥିଲେ।

# ଜିଲାସ୍ତରୀୟ ୮ କି.ମି. ମିନି ମାରାଥନ ପ୍ରତିଯୋଗିତା

ନୂଆପଡା ଅଫିସ/କୋମନା, ୧୨।୧(ଡି.ଏନ.ଏ.)

ସ୍ୱାମୀ ବିବେକାନନ୍ଦ ଜନ୍ମ ଜୟନ୍ତୀ ଉପଲକ୍ଷେ ଗୁରୁବାର ନୂଆପଡା ଯୁବ କଂଗ୍ରେସ ପକ୍ଷରୁ ଜିଲାସ୍ତରୀୟ ମିନି ମାରାଥନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଧାନସଭା ଯୁବ କଂଗ୍ରେସ ସଭାପତି ଶାହରୁଖ ଖାନଙ୍କ ନେତୃତ୍ୱରେ ଆୟୋଜିତ ମାରାଥନରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଜିଲା କଂଗ୍ରେସ କମିଟି ସଭାପତି ଘାସିରାମ ମାଝି ମୁଖ୍ୟଅତିଥି ଭାବରେ ଯୋଗଦେଇ ମିନି ମାରାଥନ ଉଦ୍‌ଘାଟନ କରିଥିଲେ। ଜିଲା ପରିଷଦ ସଦସ୍ୟ ଭରତଲାଲ ରାଉତ, ଜିଲା କଂଗ୍ରେସ ଉପସଭାପତି ଭକ୍ତ ଶବର, ବରିଷ୍ଠ ନେତା ଆଲୋକ ଗୁରୁ, କୋମନା ବ୍ଲକ ସଭାପତି କୈଳାଶ ଚନ୍ଦ୍ର ବାଗ, ଜିଲା ଯୁବ କଂଗ୍ରେସ ସଭାପତି କପିଳେନ୍ଦ୍ର ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ମିନି ମାରାଥନ ପ୍ରତିଯୋଗିତା ଉଦ୍ୟାନବନ୍ଧ ଆମ୍ବେଦକର ଛକଠାରୁ ଆରମ୍ଭ ହୋଇ କୋମନା ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲା। ଦୀର୍ଘ ୮ କି.ମି. ଦୌଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ରଶ୍ମି ରଞ୍ଜନ ପ୍ରଥମ ହୋଇଥିବା ବେଳେ ଜିତେନ୍ଦ୍ର କୁମାର ଦ୍ୱିତୀୟ, ପଙ୍କଜ ରଣା ତୃତୀୟ, ହର୍ଷଲାଲ ମଣ୍ଡବି ଚତୁର୍ଥ, ଆକାଶ ମିର୍ଦ୍ଧା ପଞ୍ଚମ, ନିରନ୍ଦ୍ରୀ ଗହିର ଷଷ୍ଠ, ନେତ୍ର ଶବର ସପ୍ତମ ଓ ସୁଧାଂଶୁ ନାୟକ ଅଷ୍ଟମ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗମାନଙ୍କୁ ଅତିଥିମାନେ ନଗଦ ରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ଅକ୍ଷୟ ନନ୍ଦ, ଅମିତ ଅହିର, ପିଣ୍ଟୁ ତାଣ୍ଡି, ନରେନ୍ଦ୍ର ନାଗ, କ୍ଷେତ୍ର ମୋହନ ମାଝି, ବିରାଟ ତାଣ୍ଡି, ରାହୁଲ ଜାଲ, ସୋନୁ ପଟେଲ ପ୍ରମୁଖ ସହଯୋଗ କରିଥିଲେ।

# ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜ ମହାସଭା

ସଇଁତଳା,୧୨।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଜଲିଆଦର୍ହ ଖେଳ ପଡ଼ିଆରେ ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜର ପଞ୍ଚାୟତସ୍ତରୀୟ ମହାସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଶିବ ପ୍ରସାଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କନ୍ଧକେଲଗାଁ ସରପଞ୍ଚ ଅହଲ୍ୟା ସାହୁ ଯୋଗଦେଇଥିଲେ। ବରୁଣ ସାହୁ ମୁଖ୍ୟବକ୍ତା, ସମିତି ସଭ୍ୟା ବନୀତା ସାହୁ, ଛବିଲାଲ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷା ବଳରେ ସମାଜ ଆଗକୁ ବଢ଼ି ପାରିବ ବୋଲି ଅତିଥିମାନେ କହିଥିଲେ। ପଞ୍ଚାୟତସ୍ତରୀୟ ସଭାପତିଭାବେ ଟିପେଶ୍ୱର ସାହୁ, ସମ୍ପାଦକ ରୁକ୍ମଣ ସାହୁ ସର୍ବସମ୍ମତକ୍ରମେ ମନୋନୀତ ହୋଇଥିଲେ। ମିଡ଼ିଆସେଲ ସଂଯୋଜକ ଅଜିତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ନାରାୟଣ ସାହୁ ମଞ୍ଚ ପରିଚାଳନା, ଆବାହକ କୃଷ୍ଣଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.SBP/ELECT-2022-T-152 ର

**ଶୁଦ୍ଧିପତ୍ର**

https://www.ireps.gov.in ୱେବସାଇଟ୍‌ରେ ଅପଲୋଡ୍ କରାଯାଇଥିବା "ଟେଣ୍ଡର ପୁସ୍ତିକା" ଏବଂ ବିଭିନ୍ନ ଖବରକାଗଜରେ ପ୍ରକାଶିତ ଉପରୋକ୍ତ ଟେଣ୍ଡରରେ ଆବଶ୍ୟକ ପରିବର୍ତ୍ତନ କରାଯାଇଅଛି।
ଟେଣ୍ଡର ବିଜ୍ଞପ୍ତି ସଂ. ପ୍ରକାଶିତ ଅନୁଯାୟୀ SBP/ELECT-2023-T-152
ପଢାଯିବା ଆବଶ୍ୟକ: SBP/ELECT-2022-T-152।
ଶୁଦ୍ଧିପତ୍ର ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ ଦୟାକରି https://www.ireps.gov.in ଅବଲୋକନ କରନ୍ତୁ। ଟେଣ୍ଡର ବନ୍ଦ ହେବା ତାରିଖ ସହିତ ଅନ୍ୟ ସମସ୍ତ ନିୟମ ଏବଂ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(ଜେନେରାଲ)/ ସମ୍ବଲପୁର
PR-902/N/22-23

**OFFICE OF THE HEAD MASTER, KASTURBA GANDHI BALIKA VIDYALAYA, LANJI, BLOCK - KHARIAR**
**SAMAGRA SHIKSHA, NUAPADA**
**SHORT TENDER CALL NOTICE**

No. 47 Date: 12.01.2023

Sealed tenders are invited from the intending Registered and Reputed Firms/Suppliers having valid GST registration for supply of Grocery items to KGBV Hostel of Lanji of Khariar Block, Nuapada District. The tender notice along with detailed terms and conditions and the list of items/ materials to be supplied can be downloaded from the official website of Nuapada district **www.nuapada.nic.in** and OSEPA website **www.osepa.odisha.gov.in** from Dt.12.01.2023 to 19.01.2023. The sealed tender papers completed in all respects along with requisite Earnest Money and tender paper cost in shape of Bank Draft/Bankers Cheque drawn in favour of KASTURBA GANDHI BALIKA VIDYALAYA, LANJI payable at Khariar must be submitted to KGBV, Lanji on or before 19.01.2023 by 5 P.M. through Regd./Speed Post only. The details regarding submission of EMD, tender paper cost and address for submission of tender paper are available in enclosed tender documents. The tender will be opened on Dt.20.01.2023 at 3 P.M. in the Office of the H.M., KGBV, Lanji.
The undersigned reserve the right to reject any tender in whole or in part without assigning any reason thereof. Any dispute in the process to subject to the court jurisdiction of Nuapada district.

Sd./- Head Master (I/c), KGBV, Lanji

**OFFICE OF THE HEAD MASTER KASTURBA GANDHI BALIKA VIDYALAYA, BOIRGAON OF BODEN BLOCK SAMAGRA SHIKSHA, NUAPADA**
**SHORT TENDER CALL NOTICE**

No.06 Dt.12.01.2023

Sealed tenders are invited from the intending Registered and reputed Firms / Suppliers having valid GST registration for supply of Grocery items to KGBV Hostel of Boirgaon, Boden Block, Nuapada District. The tender notice along with detailed terms and conditions and the list of items / materials to be supplied can be downloaded from the official website of Nuapada district www.nuapada.nic.in and OSEPA website www.osepa.odisha.gov.in from dt.12.01.2023 to 19.01.2023. The sealed tender papers completed in all respects along with requisite earnest money and tender paper cost in shape of Bank Draft / Bankers Cheque drawn in favour of KASTURBA GANDHI BALIKA VIDYALAYA, BOIRGAON payable at Boden must be submitted to KGBV, Boirgaon of Boden Block on or before 19.01.2023 by 5 P.M. through Regd./ Speed Post only. The details regarding submission of EMD, tender paper cost and address for submission of tender paper are available in enclosed tender documents. The tender will be opened on Dt.20.01.23 at 11 A.M. in the Office of the H.M., KGBV, Boirgaon of Boden Block.
The undersigned reserve the right to reject any tender in whole or in part without assigning any reason thereof. Any dispute in the process be subject to the court jurisdiction of Nuapada District.

Sd./- Head Master (I/c)
KGBV, Boirgaon

# ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ବେଲପଡା,୧୨।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ବେଲପଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବାର୍ଷିକ ଉତ୍ସବ ଗୁରବାର ପାଳିତ ହୋଇଯାଇଛି। ପରଚାଳନା କମିଟି ସଭାପତି ଲକ୍ଷଣ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପାଟଣାଗଡ ବିଧାୟକ ସରୋଜ କୁମାର ମେହେର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କମିଟି ସମ୍ପାଦକ ମନୋଜ ମହାଖୁଡ଼ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଜଗଦୀଶ ପୁଟେଲ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତାଭାବେ ଖଡିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଅଧ୍ୟାପିକା ସୁଶ୍ରୀ ସାଗରିକା ପଣ୍ଡା ଯୋଗଦେଇ ଭାରତୀୟ ସଂସ୍କୃତିର ମହନୀୟତା ଉପରେ କହିଥିଲେ। ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରିଚାଳନା କମିଟିର ସଦସ୍ୟା ନମିତା ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜାତୀୟ ଯୁବ ଦିବସ ପାଳିତ

ବୋଡେନ,୧୨।୧(ଡି.ଏନ.ଏ.)

ନୂଆପଡ଼ା ଜିଲା ବୋଡେନ ବିଜୁ ପଟ୍ଟନାୟକ ଡିଗ୍ରୀ କଲେଜ ଜାତୀୟ ସେବା ସଂସ୍ଥା ପକ୍ଷରୁ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଜାତୀୟ ସେବା ସଂସ୍ଥା କାର୍ଯ୍ୟକ୍ରମ ଅଧିକାରୀ ଡା କିଶୋର କୁମାର କର୍ଣ୍ଣଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ନୂଆପଡା ଜିଲା ସମ୍ପାଦକ ଅଧ୍ୟାପକ ରବି ରଞ୍ଜନ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଡିଗ୍ରୀ କଲେଜ ଅଧ୍ୟକ୍ଷ ଅବନୀ କୁମାର ଖମାରୀ ଓ ମୁଖ୍ୟବକ୍ତା ଭାବେ ଖଡିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପ୍ରାଧ୍ୟାପକ ଡା. ଚନ୍ଦ୍ରଶେଖର ଚନ୍ଦ୍ରକାର ଯୋଗଦାନ କରିଥିଲେ। ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ନୂଆପଡା ଜିଲା ଯୁବ ସଂଯୋଜକ ଡାକ୍ତର ବିଦ୍ୟାଭୂଷଣ ବାରିକ ମଞ୍ଚ ପରିଚାଳନା କରିଥିଲେ। କଲେଜ ଛାତ୍ରୀ ସୁଶ୍ରୀ ବେବୀ ପାଣ୍ଡେ ଓ ସୁଶ୍ରୀ ମାଧୁରୀ ମାଝି ବେଦମନ୍ତ୍ର, ସ୍ୱଦେଶ ମନ୍ତ୍ର ଓ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଏହି ଅବସରରେ ରାଜ୍ୟ ଚିତ୍ରାଙ୍କନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଓଡିଆ ଭାଷା ଓ ସାହିତ୍ୟ ବିଭାଗ ଛାତ୍ରୀ ମାଧୁରୀ ମାଝି ଧନ୍ୟବାଦ ଦେଇଥିଲେ।

# ଶୁଣିଲାନି ପ୍ରଶାସନ, ରାସ୍ତା ନିର୍ମାଣ କଲେ ଯୁବଗୋଷ୍ଠୀ

**ଲାଞ୍ଜିଗଡ଼,୧୨।୧(ଡି.ଏନ.ଏ.):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରୁ ବିଜେପୁରକୁ ସଂଯୋଗ ମୁଖ୍ୟ ରାସ୍ତା ହାତିଶାଳ ଘାଟି ଦୁଇ ପାର୍ଶ୍ୱରେ ଖାଲଖମାରେ ଭର୍ତ୍ତି ହୋଇଥିବା ବେଳେ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଥିଲା। ଏହାକୁ ନେଇ ଦୁର୍ଗମ ଆଦିବାସୀ ଅଧୁଷିତ ଘାଟି ଅଞ୍ଚଳର କାନକୁଟୁରୁ, ଲାଖବାହିଲି, ବେଡାଗାଁ, ବନ୍ଧପାରି, କୁମଖାଲ, ଲାଞ୍ଜି, ପାହାଡ଼ ପଦର, ମାଲିଯୁବାଙ୍ଗ, ବିଜେପୁର ପଞ୍ଚାୟତ ହଜାର ହଜାର ଲୋକଙ୍କ ମୁଖ୍ୟ ରାସ୍ତା ହୋଇଥିବା ବେଳେ ଏ ନେଇ ଲୋକେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ପ୍ରଶାସନ ଶୁଣିଲାନାହିଁ। ବୁଧବାର ବନ୍ଧପାରି ଓ ଲାଞ୍ଜି ପଞ୍ଚାୟତ ଯୁବଗୋଷ୍ଠୀ ମରାମତି କରିଛନ୍ତି। ଏଥିରେ କୃଷ୍ଣ ଚନ୍ଦ୍ର ଦଳପତି, ଶଙ୍କର, ଜୟରାମ, ଜଗତ, ବନମାଳୀ, ବିଭିଶନ, ରାମ ସମେତ ଅନ୍ୟମାନେ ଆସି ହାତିଶାଳ ଘାଟିରେ ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ଖାଲଖମାକୁ ମାଟି, ପଥର, ମୁରୁମ ପକାଇ ମରାମତି କରିଥିଲେ। ଯୁବଗୋଷ୍ଠୀଙ୍କ ଏହି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରିଛନ୍ତି।

# ଯୋଜନା ରୂପାୟନ ଉପରେ ଗୁରୁତ୍ୱ

ବଲାଙ୍ଗୀର ଅଫିସ, ୧୨।୧

## ବଲାଙ୍ଗୀର ଜିଲା ପରିଷଦ ବୈଠକ

ସ୍ଥାନୀୟ ଡିଆରଡିଏ ସମ୍ମିଳନୀ କକ୍ଷରେ ଗୁରୁବାର ବଲାଙ୍ଗୀର ଜିଲା ପରିଷଦ ବୈଠକ ଜିଲା ପରିଷଦ ସଭାପତି ଦେବକୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜଳ ସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶି, କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ଜିଲାପାଳ ଚଞ୍ଚଳ ରାଣା, ଜିଲା ପରିଷଦ ଉପାଧ୍ୟକ୍ଷା ମିଥିଳା ମାଝି, ବଲାଙ୍ଗୀର ଏମ୍‌ପିଙ୍କ ପ୍ରତିନିଧି ମାଧବ କୁମାର ସାଏ, ବଲାଙ୍ଗୀର ବିଧାୟକଙ୍କ ପ୍ରତିନିଧି ସରୋଜ କୁମାର ରଥ, ଲୋଇସିଂହା ବିଧାୟକଙ୍କ ପ୍ରତିନିଧି ଦେବୀଲାଲ ମିଶ୍ର, ଡିଏଫଓ ନିତିଶ କୁମାର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସିଂଙ୍କ ସମେତ ଜିଲା ପରିଷଦ ସଭ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ, ଅଧ୍ୟକ୍ଷା, ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ସଂସ୍ଥା ଅଧିକାରୀ ଉପସ୍ଥିତ ଥିଲେ। ବୈଠକ ପ୍ରାରମ୍ଭରୁ କଣ୍ଟାବାଞ୍ଜି ବିଧାୟକ ସାଲୁଜା ଜିଲାପାଳ ରାଣାଙ୍କ ବିରୁଦ୍ଧରେ ଗୁରୁତର ଅଭିଯୋଗ ଆଣି ମୁହାଁମୁହିଁ ହୋଇଥିଲେ। ବୈଠକରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଜନ ଦ୍ୱାରା କାର୍ଯକାରୀ ହେଉଥିବା ପାଇପ ଜଳଯୋଗାଣ ପ୍ରକଳ୍ପ ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା। କୃଷି ବିଭାଗ ସମ୍ପର୍କରେ ଆଲୋଚନା କରାଯାଇ ଚଳିତ ବର୍ଷ ଚାଷୀଙ୍କୁ ଯୋଗାଇ ଦିଆଯାଇଥିବା ସାର, ମିନି କିଟ, ବ୍ଲକ ଗୁଡିକରେ ଶୀତଳ ଭଣ୍ଡାର ସ୍ଥାପନ, ଇନପୁଟ ସବସିଡି ଉପରେ ଆଲୋଚନା କରାଯାଇଥିଲା। ପ୍ରାଥମିକ ଶିକ୍ଷା ଓ ଗଣ ଶିକ୍ଷା ବିଭାଗ ସମ୍ପର୍କରେ ଆଲୋଚନା କରାଯାଇ ବିଭିନ୍ନ ବ୍ଲକ ରେ ଖାଲି ଥିବା ଗୋଷ୍ଠୀ ଶିକ୍ଷା ଅଧିକାରୀ ପଦବୀ ପୂରଣ ନିମନ୍ତେ ସରକାରଙ୍କୁ ପ୍ରସ୍ତାବ ଦେବା, ବିଦ୍ୟାଳୟଗୁଡିକର ଭିତ୍ତିଭୂମି, ଶିକ୍ଷକ ସ୍ଥିତି, ଛାତ୍ରୀମାନଙ୍କ ନିମନ୍ତେ ବିଦ୍ୟାଳୟରେ ନିର୍ମିତ ଶୌଚାଳୟ ଗୁଡିକର ସୁପରିଚାଳନା ସମ୍ପର୍କରେ ଆଲୋଚନା ହୋଇଥିଲା। ଅଙ୍ଗନବାଡି ଗୃହ ନିର୍ମାଣ ସମ୍ପର୍କରେ ଆଲୋଚନା କରାଯାଇ ସମ୍ପୂର୍ଣ୍ଣ ହୋଇଥିବା ଗୃହ ଗୁଡିକୁ ଶୀଘ୍ର କାର୍ଯକ୍ଷମ କରିବା ସହ ଅସମ୍ପୂର୍ଣ୍ଣ ଅଙ୍ଗନବାଡି ଗୃହ ଗୁଡିକର ନିର୍ମାଣ କାର୍ଯ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ମଧୁପାଟଣା, କଟକ
ଫୋନ୍: ୦୬୭୧-୨୩୪୪୩୦୮/୨୩୪୪୩୦୨, ଇ-ମେଲ: sbi.10027@sbi.co.in

**ଇ-ନିଲାମ/ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସ୍‌ନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିର ବିକ୍ରୟ

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଦର୍ଶିତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ ୨୦୦୨ ଅନ୍ତର୍ଗତ) ନିମ୍ନଦର୍ଶିତ ସମ୍ପତ୍ତିକୁ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି।

**ସମ୍ପତ୍ତିଗୁଡିକର ତନଖି କରିବାର ତାରିଖ ଓ ସମୟ: ୨୭.୦୧.୨୦୨୩ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ**

ଇ-ନିଲାମ ତାରିଖ ଏବଂ ସମୟ: ତା.୩୦.୦୧.୨୦୨୩ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୨.୦୦ଘଟିକା ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ

| କ୍ର. ନଂ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ | ସମ୍ପତ୍ତିଗୁଡ଼ିକର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା/ ବିଡ୍ ବୃଦ୍ଧି ପରିମାଣ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ/ ଡିମାଣ୍ଡ ନୋଟିସ୍ ତାରିଖ |
|---|---|---|---|---|
| ୧. | **ଋଣଗ୍ରହୀତା: ମେସର୍ସ ବାବୁ କନ୍‌ଷ୍ଟ୍ରକ୍‌ସନ୍, ସ୍ୱତ୍ୱାଧିକାରୀ: ଶ୍ରୀ ମନୋଜ କୁମାର ସାହୁ,** ସା: ଫ୍ଲାଟ୍ ନଂ.: ୩୦୪, ବସେରା ହାର୍ମୋନୀ, ଡମଣା ସ୍କୋୟାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା - ୭୫୧୦୧୬/ **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଅନୁରାଧା ସାହୁ,** ସା: ଫ୍ଲାଟ୍ ନଂ.: ୩୦୪, ବସେରା ହାର୍ମୋନୀ, ଡମଣା ସ୍କୋୟାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା - ୭୫୧୦୧୬/ **ଆକାଉଣ୍ଟ ନଂ: ୧୦୬୫୬୭୯୯୨୮୧୧** | ଅନୁରାଧା ସାହୁଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଅଶନ ବଣି, ତହସିଲ: ଓଡ଼ାପଡ଼ା, ପୋ./ଥାନା: ମୋଟଙ୍ଗା, ଜିଲ୍ଲା: ଢେଙ୍କାନାଳ, ଖାତା ନଂ.: ୬୫/୨୪, ପ୍ଲଟ୍ ନଂ.: ୧/୩୧୩, ୨/୩୧୪, ୩/୩୧୫, କ୍ଷେତ୍ର: ଏକର୦.୯୪୦ ଡିସିମିଲି, କିସମ: ଘରବାରୀ | ଟ.୫୨,୭୦,୦୦୦/- / ଟ.୫,୨୭,୦୦୦/- / ଟ.୫୦,୦୦୦/- | ୧୦.୦୬.୨୦୨୧ ସୁଦ୍ଧା ଟ.୯୫,୦୯,୨୭୬/- ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଦେୟ, ଖର୍ଚ୍ଚ ଇତ୍ୟାଦି / ୧୧.୦୬.୨୦୨୧ |
| ୨. | **ଋଣଗ୍ରହୀତା: ମେସର୍ସ ଶ୍ରୀ ମାରୁତୀ ଆସୋସିଏଟ୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ସୁବାଷ କୁମାର ଗୁପ୍ତା,** ସା.: ୮୪/୨, ଜେଲ୍ ରୋଡ଼, ଝାରପଡ଼ା, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା - ୭୫୧୦୦୬/**ଗ୍ୟାରେଣ୍ଟିଦାତା: ଶ୍ରୀମତୀ କୁସୁମ ଗୁପ୍ତା,** ୮୪/୨, ଜେଲ୍ ରୋଡ଼, ଝାରପଡ଼ା, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା - ୭୫୧୦୦୬ / **ଆକାଉଣ୍ଟ ନଂ: ୩୭୪୪୬୧୦୨୬୪୯** | **ଶ୍ରୀ ସୁବାଷ କୁମାର ଗୁପ୍ତା**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହା ମହାବୀର ଆପାର୍ଟମେଣ୍ଟର ପ୍ରଥମ ମହଲାରେ ଫ୍ଲାଟ୍ ନଂ.: ଏଫ୍, ବିଲ୍ଟ ଅପ୍ ଏରିଆ: ୧୨୫୬ବର୍ଗଫୁଟ, ଯାହାର ମୌଜା: ବାଦାମବାଡି, **୧)** ହାଲ ବନ୍ଦୋବସ୍ତ ଖାତା ନଂ.: ୯୧, ପ୍ଲଟ୍ ନଂ.: ୪୬୩/୯୩୫, କ୍ଷେତ୍ର: ଏକର୦.୧୩୪ଡିସିମିଲି, ପ୍ଲଟ୍ ନଂ.: ୪୬୪, କ୍ଷେତ୍ର: ଏକର୦.୦୫୯ ଡିସିମିଲି, **୨)** ମ୍ୟୁଟେସନ୍ ଖାତା ନଂ.: ୫୩୫/୭୩, ଅନୁରୂପ ହାଲ ବନ୍ଦୋବସ୍ତ ଖାତା ନଂ.: ୨୭୧, ପ୍ଲଟ୍ ନଂ.: ୪୬୫, କ୍ଷେତ୍ର: ଏକର୦.୦୫୦ଡିସିମିଲି ଏବଂ ପ୍ଲଟ୍ ନଂ.: ୪୬୨, କ୍ଷେତ୍ର: ଏକର୦.୦୫୩ଡିସିମିଲି, **ସମୁଦାୟ କ୍ଷେତ୍ର:** ଏକର୦.୨୯୬ଡିସିମିଲି, କିସମ: ଘରବାରୀ | ଟ.୬୩,୮୯,୦୦୦/- / ଟ.୬,୩୮,୯୦୦/- / ଟ.୫୦,୦୦୦/- | ୦୧.୦୭.୨୦୧୯ ସୁଦ୍ଧା ଟ.୩,୬୨,୨୪,୯୦୦/- ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଦେୟ, ଖର୍ଚ୍ଚ ଇତ୍ୟାଦି / ୦୧.୦୭.୨୦୧୯ |
| ୩. | **ଋଣଗ୍ରହୀତାମାନେ: ୧) ରୋଜ ମହମ୍ମଦ, ୨) ସେହେନାଜ ବାନୋ,** ସ୍ୱାମୀ: ରୋଜ ମହମ୍ମଦ, ଉଭୟଙ୍କ ଠିକଣା ସା.: ଜରୋଳି, ପୋ.: ଯଜାଙ୍ଗ, ଥାନା: ଜୋଡା, ଜିଲ୍ଲା: କେନ୍ଦୁଝର / **ଆକାଉଣ୍ଟ ନଂ: ୩୦୯୬୧୮୩୩୮୬୬** | ରୋଜ ମହମ୍ମଦ୍ ଏବଂ ସେହେନାଜ ବାନୋଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଜରୋଳି, ପୋ.: ଯଜାଙ୍ଗ, ଥାନା: ଯୋଡ଼ା, ଖାତା ନଂ.: ୮୬/୨୨୭, ପ୍ଲଟ୍ ନଂ.: ୩୭୨/୭୪୩, କ୍ଷେତ୍ର: ଏକର୦.୧୯୦ ଡିସିମିଲି | ଟ.୫୯,୮୫,୦୦୦/-/ ଟ.୫,୯୮,୫୦୦/- / ଟ.୫୦,୦୦୦/- | ୨୯.୦୭.୨୦୨୧ ସୁଦ୍ଧା ଟ.୧,୦୧,୪୫,୦୦୦/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ / ୦୨.୦୫.୨୦୧୬ |

ଇଚ୍ଛୁକ ବିଡରମାନେ ଇ-ନିଲାମ ଶେଷ ହେବା ପୂର୍ବରୁ MSTC ରେ ପ୍ରାକ୍ ବିଡ୍ ଅମାନତ ରାଶି ଜମା କରିପାରିବେ। ପ୍ରାକ୍ ବିଡ୍ ଅମାନତ ରାଶିର କ୍ରେଡିଟ୍ ବିଡ଼ରଙ୍କୁ କେବଳ MSTC ର ବ୍ୟାଙ୍କ ଆକାଉଣ୍ଟରେ ଦେୟ ରସିଦ୍ ଏବଂ ଇ-ନିଲାମ ୱେବସାଇଟ୍‌ରେ ସୂଚନା ଅପଡେଟ୍ କରିବା ପରେ ପ୍ରଦାନ କରାଯିବ। ବ୍ୟାଙ୍କିଙ୍ଗ୍ ପ୍ରକ୍ରିୟା ଅନୁଯାୟୀ ଏହା କିଛି ସମୟ ନେଇପାରେ, ତେଣୁ ବିଡ଼ରମାନେ ଶେଷ ମୁହୂର୍ତ୍ତରେ ହେବାକୁ ଥିବା ଅସୁବିଧାକୁ ଏଡ଼ାଇବା ପାଇଁ ନିଜ ଇଚ୍ଛା ଅନୁସାରେ ପ୍ରାକ ବିଡ୍ ଅମାନତ ରାଶି ଯଥେଷ୍ଟ ପୂର୍ବରୁ ଦାଖଲ କରିବାକୁ ଅନୁରୋଧ କରାଯାଉଛି।

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଅନୁସାରେ ରୁଲ ୮(୬) ଏବଂ ୯(୧)ଅନୁଯାୟୀ ପରବର୍ତ୍ତୀ ବିକ୍ରୟ ପାଇଁ ଋଣଗ୍ରହୀତାମାନଙ୍କ ନିମନ୍ତେ ଏହା ଏକ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ୍ ଦେଖନ୍ତୁ:
www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://ibapi.in

ପରବର୍ତ୍ତୀ ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ: କ୍ର. ନଂ. ୧ ଏବଂ ୨ ନିମନ୍ତେ ଶ୍ରୀ ପ୍ରଦୀପ ରଞ୍ଜନ ମହାପାତ୍ର (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୯୪୩୯୨୦୩୫୭୧ ଏବଂ କ୍ର. ନଂ. ୩ ନିମନ୍ତେ ଶ୍ରୀ ଜନ୍ମେଜୟ ମହାପାତ୍ର (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୯୪୩୭୯୩୫୨୪୮, ସିଟି କେସ୍ ଅଫିସର: କ୍ର. ନଂ. ୧ ଏବଂ ୨ ନିମନ୍ତେ ଶେଖ୍ ମସିଉଲ୍ଲା, ମୋ.: ୯୯୩୮୭୭୮୯୪୯, କ୍ର. ନଂ. ୩ ନିମନ୍ତେ ଶ୍ରୀ ବି.ଏନ୍ ମୁର୍ମୁ, ମୋ.: ୭୩୮୧୦୪୮୭୦୭

କ୍ର.ନଂ. ୧ ରେ ଥିବା ସମ୍ପତ୍ତି: ଖୋଲା ଜମି ଏବଂ କ୍ର. ନଂ. ୨ ଏବଂ ୩ ରେ ଥିବା ସମ୍ପତ୍ତି ବ୍ୟାଙ୍କର ସାଙ୍କେତିକ ଦଖଲରେ ଅଛି।

ତାରିଖ : ୧୨.୦୧.୨୦୨୩, ସ୍ଥାନ : କଟକ
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ


ରାଉରକେଲାରେ ପିଲାମାନେ ମହାପୁରୁଷଙ୍କ ବେଶ ଧାରଣ କରି ହକି ବିଶ୍ୱକପ୍ ଟ୍ରଫିକୁ ସ୍ୱାଗତ କରୁଛନ୍ତି।


ପାନପୋଷ ଛକରେ ଟ୍ରଫିକୁ ସ୍ୱାଗତ କରାଯାଉଛି।


ବେଦବ୍ୟାସ ଗୁରୁକୁଳ ଆଶ୍ରମ ପକ୍ଷରୁ ଟ୍ରଫିକୁ ସ୍ୱାଗତ କରାଯାଉଛି।


ରାଉରକେଲା ଜ୍ଞାନଜ୍ୟୋତି ପବ୍ଲିକ ସ୍କୁଲର ପିଲାମାନେ ହକି ଷ୍ଟିକ୍ ଧରି ଟ୍ରଫିକୁ ସ୍ୱାଗତ କରୁଛନ୍ତି।

# ହକି ବିଶ୍ୱକପ୍ ଟ୍ରଫିକୁ ଷ୍ଟିଲସିଟିରେ ଭବ୍ୟ ସ୍ୱାଗତ

## ଲୋକନୃତ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମରେ କମ୍ପିଲା ସହର

**ରାଉରକେଲା ଅଫିସ,୧୨।୧**

ଷ୍ଟିଲସିଟି ରାଉରକେଲାରେ ଗୁରୁବାର ହକି ବିଶ୍ୱକପ୍ ଟ୍ରଫି ପହଞ୍ଚିଛି। ଏହି ଟ୍ରଫି ପ୍ରଥମେ ବେଦବ୍ୟାସ ପୀଠରେ ସକାଳ ସାଢ଼େ ୭ଟାପରେ ପହଞ୍ଚିବା ପରେ ପୂଜାର୍ଚ୍ଚନା କରି ସ୍ୱାଗତ କରାଯାଇଥିଲା। ରାଉରକେଲା ଅତିରିକ୍ତ ଜିଲାପାଳ ତଥା ଆରଏମ୍‌ସି କମିଶନର ଡ. ଶୁଭଙ୍କର ମହାପାତ୍ର ଟ୍ରଫିକୁ ଭବ୍ୟ ସ୍ୱାଗତ କରିଥିଲେ। ପରେ ଟ୍ରଫିକୁ ଏକ ଗାଡିରେ ସଜ୍ଜିତ କରି ବ୍ରାହ୍ମଣୀ ବ୍ରିଜ୍ ଦେଇ ସହରର ପ୍ରବେଶ ପଥ ପାନପୋଷ ହକି ଛକକୁ ନିଆଯାଇଥିଲା। ସ୍ୱାଗତ ସମାରୋହରେ ବ୍ରାହ୍ମଣୀ ସେତୁ ଉପରେ ୨ଶହରୁ ଊର୍ଦ୍ଧ୍ୱ କଳାକାରଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷଣ କରି ଟ୍ରଫିକୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ପକ୍ଷରୁ ଏକ କଳସଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି କଳସ ଯାତ୍ରାରେ ରାଉରକେଲା ଗାୟତ୍ରୀ ପରିବାର ପକ୍ଷରୁ ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଗାୟତ୍ରୀ ମହାମନ୍ତ୍ର ଜପ କରି ଟ୍ରଫିକୁ ହନୁମାନ ବାଟିକା ଛକ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ଉକ୍ତ ରାସ୍ତାରେ ଚ୍ୟାମ୍ବର ଅଫ୍ କମର୍ସ, ହନୁମାନ ବାଟିକା, ରୋଟାରୀ କ୍ଲବ, ମାରୱାଡି ମହିଳା ମଞ୍ଚ, ଗୁରୁଦ୍ୱାରା, ହାଇଟେକ ମେଡିକାଲ କଲେଜର ବିଦ୍ୟାର୍ଥୀ, ନୃତ୍ୟାଙ୍ଗନା ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ଆଦିବାସୀ ଓ ଡାଲଖାଇ ନୃତ୍ୟଗୀତରେ ଟ୍ରଫିକୁ ସ୍ୱାଗତ କରାଯାଇଥିଲା। ଏହି ଶୋଭାଯାତ୍ରାରେ ବିଶେଷ କରି ମାସ୍କଟ 'ଓଲି' ମୁଖ୍ୟ ଆକର୍ଷଣ ପାଲଟିଥିଲା। ବିଶ୍ୱକପ୍ ହକି ଟ୍ରଫିକୁ ସ୍ୱାଗତ ଅବସରରେ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ସହରରେ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ବିଶ୍ୱକପ୍ ଟ୍ରଫି ରାଉରକେଲାର ବିଭିନ୍ନ ସ୍ଥାନ ଦେଇ ରାତି ୧୧ଟାରେ କଳିଙ୍ଗ ବିହାର ସ୍ଥିତ ବିର୍ସାମୁଣ୍ଡା ଷ୍ଟାଡିୟମରେ ପହଞ୍ଚିଥିଲା। ଟ୍ରଫିର ଭବ୍ୟ ସ୍ୱାଗତ ସମାରୋହରେ ଇସ୍ପାତ ସହର ହକିମୟ ହୋଇ ପଡିଥିଲା।

# ହକି ବିଶ୍ୱକପ୍, ମୁତୟନ ହେବେ ୫୬ ପ୍ଲାଟୁନ ଫୋର୍ସ

- ହକି ଷ୍ଟାଡିୟମ ଓ ଏୟାରପୋର୍ଟରେ ହାଇସିକ୍ୟୁରିଟି
- ଖବରଦାତା ସମ୍ମିଳନୀରେ ସୂଚନା ଦେଲେ ଏସ୍‌ପି

**ରାଉରକେଲା ଅଫିସ,୧୨।୧**

ରାଉରକେଲାରେ ପ୍ରଥମଥର ପୁରୁଷ ହକିବିଶ୍ୱକପ୍ ଖେଳା ଯାଉଥିବାରୁ ଏହାକୁ ସଫଳ କରିବା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ରାଉରକେଲା ଏସ୍‌ପି ମୁକେଶ କୁମାର ଭାମୁ ସୂଚନା ଦେଇଛନ୍ତି। ଏସ୍‌ପିଙ୍କ କାର୍ଯ୍ୟାଳୟରେ ଗୁରୁବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ଭାମୁ କହିଥିଲେ, ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ଶୁକ୍ରବାର ହକି ମ୍ୟାଚ୍ ଆରମ୍ଭ ହେଉଛି। ଏହାକୁ ଦେଖିବା ପାଇଁ ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଦର୍ଶକଙ୍କ ପାଇଁ ରାଉରକେଲା ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ରୋଡ୍ ଚାର୍ଟ ଭିଡିଓ ମ୍ୟାପ୍ ମାଧ୍ୟମରେ ଦର୍ଶାଯାଇଛି। ଏହି ରୋଡ୍ ଚାର୍ଟ ଭିଡିଓ ମ୍ୟାପ ମାଧ୍ୟମରେ ସହରକୁ ପ୍ରବେଶ କରି ବିର୍ସାମୁଣ୍ଡା ହକି ଷ୍ଟାଡିୟମକୁ ଯିବା ପାଇଁ ଏସ୍‌ପି ଭାମୁ ନିବେଦନ କରିଥିଲେ। ସେ କହିଥିଲେ, ହକି ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ରାଉରକେଲା ବିର୍ସାମୁଣ୍ଡା ଷ୍ଟାଡିୟମ ଓ ବିମାନ ବନ୍ଦରରେ ସ୍ୱତନ୍ତ୍ର ହାଇସିକ୍ୟୁରିଟି ବ୍ୟବସ୍ଥା କରାଯାଇଛି। ଉକ୍ତ ଅଞ୍ଚଳରେ ସ୍ୱତନ୍ତ୍ର ସିସି କ୍ୟାମେରା ବ୍ୟବସ୍ଥା ସାଙ୍ଗକୁ ବିଭିନ୍ନ ଅପରାଧମୂଳକ କାର୍ଯ୍ୟକୁ ପ୍ରତିହତ କରିବା ପାଇଁ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଷ୍ଟାଡିୟମ ଓ ବିମାନବନ୍ଦର ଆଖପାଖ ଅଞ୍ଚଳରେ ୨୪ ଘଣ୍ଟା ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରାଯାଇଛି। ରାଉରକେଲାରେ ୨ ଏସ୍‌ପିଙ୍କ ସମେତ ୧୧ ଜଣ ଅତିରିକ୍ତ ଏସ୍‌ପିଙ୍କୁ ନିୟୋଜିତ କରାଯାଇଛି। ଏଥିସହ ୨୧ ଜଣ ଡିଏସ୍‌ପି, ୫୨ ଜଣ ଇନ୍ସପେକ୍ଟର ଓ ୩୪୦ ଜଣ ସବ୍‌ଇନ୍ସପେକ୍ଟର ଏବଂ ୪୨୬ ଜଣ ଗୃହରକ୍ଷୀଙ୍କୁ ନିୟୋଜିତ କରାଯାଇଛି। ସହରରେ ହକି ବିଶ୍ୱକପକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ରାଉରକେଲା ପୋଲିସ ପକ୍ଷରୁ ସମୁଦାୟ ୫୬ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ଶୁକ୍ରବାର ରାଉରକେଲା ବିର୍ସାମୁଣ୍ଡା ଷ୍ଟାଡିୟମରେ ସନ୍ଧ୍ୟା ୫ଟାରେ ଇଂଲଣ୍ଡ ଓ ୱେଲସ ଓ ସନ୍ଧ୍ୟା ୭ଟାରେ ଭାରତ ଓ ସ୍ପେନ ମଧ୍ୟରେ ପ୍ରଥମ ମ୍ୟାଚ୍ ହେଉଥିବାରୁ ଦର୍ଶକଙ୍କ ପାଇଁ ମ୍ୟାଚ୍ ଆରମ୍ଭର ୨ ଘଣ୍ଟା ପୂର୍ବରୁ ଗେଟ ଖୋଲା ରହିବ। ତେଣୁ ଷ୍ଟାଡିୟମ ଭିତରକୁ କୌଣସି ପାଣି ବୋତଲ, କୌଣସି ଖାଦ୍ୟ ପୁଡିଆ, ବ୍ୟାଗ, ହେଲମେଟ୍ ନ ନେବା ପାଇଁ ଏସ୍‌ପି ଭାମୁ ନିବେଦନ କରିଛନ୍ତି। ଷ୍ଟାଡିୟମ ଆଖପାଖ ଅଞ୍ଚଳରେ ୯୧ଟି ସିସି କ୍ୟାମେରାର ବ୍ୟବସ୍ଥା କରାଯାଇଥିବାବେଳେ ଷ୍ଟାଡିୟମ ଭିତରେ ସ୍ୱେଚ୍ଛାସେବୀ ରହିବେ। ଷ୍ଟାଡିୟମର ୨ନଂ ଓ ୬ନଂ ଗେଟ୍‌ରେ ଦର୍ଶକମାନେ ଟିକେଟ ଦେଖାଇ ଷ୍ଟାଡିୟମ ଭିତରକୁ ଯାଇପାରିବେ। ଏଥିସହ ରେଲୱେ ଷ୍ଟେଶନ, ବସ୍‌ଷ୍ଟାଣ୍ଡ, ଅଟୋ ଷ୍ଟାଣ୍ଡରେ ଚେକ୍‌ପୋଷ୍ଟ ବ୍ୟବସ୍ଥା କରାଯାଇଛି। ରାଜ୍ୟର ସୀମାନ୍ତ ଅଞ୍ଚଳଗୁଡିକରେ ଚେକପୋଷ୍ଟ ସାଙ୍ଗକୁ ହାଇସିକ୍ୟୁରିଟି ବ୍ୟବସ୍ଥା ଓ ସିସି କ୍ୟାମେରା ଯାଞ୍ଚ ଜାରି କରାଯାଇଛି। ଟ୍ରାଫିକ ବ୍ୟବସ୍ଥାକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ଷ୍ଟାଡିୟମ ନିକଟରେ ସ୍ୱତନ୍ତ୍ର ବ୍ୟାରିକେଟର ବ୍ୟବସ୍ଥା ସାଙ୍ଗକୁ ପ୍ରମୁଖ ଛକମାନଙ୍କରେ ଟ୍ରାଫିକ ପୋଲିସ ମୁତୟନ କରାଯାଇଛି। ଯଦି କୌଣସି ଦର୍ଶକଙ୍କୁ କୌଣସି ସ୍ଥାନରେ ଅସୁବିଧା ହୁଏ ତେବେ ରାଉରକେଲା ପୋଲିସ ପକ୍ଷରୁ ସେମାନଙ୍କୁ ସହାୟତା ବ୍ୟବସ୍ଥା କରାଯାଇଛି ବୋଲି ଏସ୍‌ପି ଭାମୁ ସୂଚନା ଦେଇଛନ୍ତି।


ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଉଛନ୍ତି।

# ସୁନା ଦୋକାନରୁ ଚୋରି, ଜଣେ ଗିରଫ

**ରାଉରକେଲା ଅଫିସ,୧୨।୧**

ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ଗୋପବନ୍ଧୁପାଲି ଅଞ୍ଚଳରେ ଥିବା ଏକ ସୁନା ଦୋକାନରୁ ଚୋରି ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ମିଥୁନ ବିଶ୍ୱକର୍ମା(୨୨)। ପୋଲିସ ତାଙ୍କଠାରୁ ୪୨୬.୭୮ ଗ୍ରାମ୍‌ର ରୂପା ଅଳଙ୍କାର ଓ ୪୨୦ ଗ୍ରାମର ସୁନା ଅଳଙ୍କାର ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୦।୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ମାଲଗୋଦାମ ବସ୍ତିର ମିଥୁନ ଗତ ୧୦ ତାରିଖ ରାତିରେ ଗୋପବନ୍ଧୁପାଲି ଅଞ୍ଚଳରେ ଥିବା ଏକ ସୁନା ଦୋକାନୁ ସଟର ଭାଙ୍ଗି ଅଳଙ୍କାର ଚୋରି କରିଥିଲେ। ପରଦିନ ସକାଳେ ଦୋକାନ ମାଲିକ ବିକାଶ ପ୍ରସାଦ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଉକ୍ତ ଘଟଣା ତଦନ୍ତ କରି ଗୁରୁବାର ମିଥୁନଙ୍କୁ ମାଲଗୋଦାମ ଅଞ୍ଚଳରୁ ଗିରଫ କରିଥିଲା।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.SBP/ELECT-2022-T-152 ର

**ଶୁଦ୍ଧିପତ୍ର**

https://www.ireps.gov.in ୱେବସାଇଟ୍‌ରେ ଅପଲୋଡ୍ କରାଯାଇଥିବା "ଟେଣ୍ଡର ପୁସ୍ତିକା" ଏବଂ ବିଭିନ୍ନ ଖବରକାଗଜରେ ପ୍ରକାଶିତ ଉପରୋକ୍ତ ଟେଣ୍ଡରରେ ଆବଶ୍ୟକ ପରିବର୍ତ୍ତନ କରାଯାଇଅଛି।

ଟେଣ୍ଡର ବିଜ୍ଞପ୍ତି ସଂ. ପ୍ରକାଶିତ ଅନୁଯାୟୀ SBP/ELECT-2023-T-152

ପଢାଯିବା ଆବଶ୍ୟକ: SBP/ELECT-2022-T-152।

ଶୁଦ୍ଧିପତ୍ର ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ ଦୟାକରି https://www.ireps.gov.in ଅବଲୋକନ କରନ୍ତୁ। ଟେଣ୍ଡର ବନ୍ଦ ହେବା ତାରିଖ ସହିତ ଅନ୍ୟ ସମସ୍ତ ନିୟମ ଏବଂ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(ଜେନେରାଲ)/ ସମ୍ବଲପୁର

PR-902/N/22-23



**OFFICE OF THE HEAD MASTER, KASTURBA GANDHI BALIKA VIDYALAYA, LANJI, BLOCK - KHARIAR**
**SAMAGRA SHIKSHA, NUAPADA**
**SHORT TENDER CALL NOTICE**

No. 47 Date: 12.01.2023

Sealed tenders are invited from the intending Registered and Reputed Firms/Suppliers having valid GST registration for supply of Grocery items to KGBV Hostel of Lanji of Khariar Block, Nuapada District. The tender notice along with detailed terms and conditions and the list of items/ materials to be supplied can be downloaded from the official website of Nuapada district **www.nuapada.nic.in** and OSEPA website **www.osepa.odisha.gov.in** from Dt.12.01.2023 to 19.01.2023. The sealed tender papers completed in all respects along with requisite Earnest Money and tender paper cost in shape of Bank Draft/Bankers Cheque drawn in favour of KASTURBA GANDHI BALIKA VIDYALAYA, LANJI payable at Khariar must be submitted to KGBV, Lanji on or before 19.01.2023 by 5 P.M. through Regd./Speed Post only. The details regarding submission of EMD, tender paper cost and address for submission of tender paper are available in enclosed tender documents. The tender will be opened on Dt.20.01.2023 at 3 P.M. in the Office of the H.M., KGBV, Lanji.
The undersigned reserve the right to reject any tender in whole or in part without assigning any reason thereof. Any dispute in the process to subject to the court jurisdiction of Nuapada district.

Sd./- Head Master (I/c), KGBV, Lanji



**OFFICE OF THE HEAD MASTER**
**KASTURBA GANDHI BALIKA VIDYALAYA, BOIRGAON OF BODEN BLOCK**
**SAMAGRA SHIKSHA, NUAPADA**
**SHORT TENDER CALL NOTICE**

No.06 Dt.12.01.2023

Sealed tenders are invited from the intending Registered and reputed Firms / Suppliers having valid GST registration for supply of Grocery items to KGBV Hostel of Boirgaon, Boden Block, Nuapada District. The tender notice along with detailed terms and conditions and the list of items / materials to be supplied can be downloaded from the official website of Nuapada district www.nuapada.nic.in and OSEPA website www.osepa.odisha.gov.in from dt.12.01.2023 to 19.01.2023. The sealed tender papers completed in all respects along with requisite earnest money and tender paper cost in shape of Bank Draft / Bankers Cheque drawn in favour of KASTURBA GANDHI BALIKA VIDYALAYA, BOIRGAON payable at Boden must be submitted to KGBV, Boirgaon of Boden Block on or before 19.01.2023 by 5 P.M. through Regd./ Speed Post only. The details regarding submission of EMD, tender paper cost and address for submission of tender paper are available in enclosed tender documents. The tender will be opened on Dt.20.01.23 at 11 A.M. in the Office of the H.M., KGBV, Boirgaon of Boden Block.
The undersigned reserve the right to reject any tender in whole or in part without assigning any reason thereof. Any dispute in the process be subject to the court jurisdiction of Nuapada District.

Sd./- Head Master (I/c)
KGBV, Boirgaon


# ଏମ୍‌ସିଏଲ୍‌ର ସ୍ୱତନ୍ତ୍ର କାର୍ଯ୍ୟକ୍ରମ

**ସମ୍ବଲପୁର,୧୨।୧(ବ୍ୟୁରୋ)**

ହକି ବିଶ୍ୱକପ ସକାଶେ ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ରାଉରକେଲାଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନେଇଛି। ପରିବେଶର ଗୁଣବତ୍ତା ବଜାୟ ରଖିବାକୁ କମ୍ପାନୀ ୪ଟି ମୋବାଇଲ୍ କୁହୁଡି ତୋପ ନିୟୋଜିତ କରିଛି। ଏ ନେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏମ୍‌ସିଏଲ୍‌କୁ ଅନୁରୋଧ କରିଥିଲେ। ତେଣୁ ୪ଟି ଟ୍ରକ୍ ଚାଳିତ ମୋବାଇଲ ଯନ୍ତ୍ର ଓ ଦୁଇଟି ଯାନ୍ତ୍ରିକ ରୋଡ ସୁଇପର ନିୟୋଜିତ କରାଯାଇଛି। ଏହାଦ୍ୱାରା ଧୂଳି ଦମନ ଓ କୋଇଲା କ୍ଷେତ୍ରରେ ପରିବେଶର ଗୁଣବତ୍ତା ବୃଦ୍ଧି ପାଇଁ ବ୍ୟବହାର ହୋଇପାରିବ ବୋଲି ଗୁରୁବାର ଏକ ପ୍ରେସ ବିବୃତିରେ କର୍ତ୍ତୃପକ୍ଷ ସୂଚିତ କରିଛନ୍ତି ।


ରାଉରକେଲାଠାରେ ନିୟୋଜିତ ମୋବାଇଲ କୁହୁଡି ତୋପ।

# ନେତାଙ୍କ ସମ୍ପର୍କୀୟଙ୍କୁ ଜେରା

## ବିଦ୍ୟୁତ୍ ଫାଶରେ ହାତୀ ମୃତ୍ୟୁ ଘଟଣା

- ଚିହ୍ନଟ କରି ଗିରଫ କରାଯିବ: ବନ ବିଭାଗ

**ସମ୍ବଲପୁର,୧୨।୧(ବ୍ୟୁରୋ)**

ସମ୍ବଲପୁର ବନଖଣ୍ଡ ସଦର ରେଞ୍ଜ ହାତିବାରୀ–ବାନ୍ଦେର ସଂରକ୍ଷିତ ଜଙ୍ଗଲରେ ଗତ ରବିବାର ଶିକାରୀଙ୍କ ବିଦ୍ୟୁତ୍ ଫାଶରେ ଲାଗି ମୃତ୍ୟୁ ଘଟିଥିବା ଦନ୍ତା ହାତୀର ମୃତଦେହ ବନ ବିଭାଗ ଉଦ୍ଧାର କରିଥିଲା। ଏହାସହ ଘଟଣାରେ ସମ୍ପୃକ୍ତ ୫ ଜଣଙ୍କୁ ଉଠାଇନେଇଥିଲା। ହେଲେ ପ୍ରଶାନ୍ତ ମିର୍ଦ୍ଧା (୩୦), ଦିଲୀପ ମିର୍ଦ୍ଧା (୨୮), ବିଦେଶୀ ମିର୍ଦ୍ଧା (୩୨)ଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ଉଦ୍ଧବ ମିର୍ଦ୍ଧା ଓ ରଞ୍ଜନ ମିର୍ଦ୍ଧାଙ୍କୁ ବନ ବିଭାଗ ପଚରାଉଚୁରା କରି ଛାଡିଦେଇଥିଲା। ସେମାନଙ୍କୁ ଛାଡିବା ପଛରେ ରାଜନେତା ଓ ତାଙ୍କ ସମର୍ଥକଙ୍କ ହାତ ଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ବନ ବିଭାଗ ପୁଣିଥିରେ ଉଦ୍ଧବଙ୍କୁ ଡାକି ପଚରାଉଚୁରା କରିଥିବା ଜଣାପଡିଛି। ହେଲେ ବିଭାଗ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସମ୍ପର୍କୀୟଙ୍କୁ ଗିରଫ କରିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଘଟଣା ନେଇ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଦେବେନ୍ଦ୍ର ମହାପାତ୍ର କହିଛନ୍ତି, ବନ ବିଭାଗର ପ୍ରତ୍ୟେକ ଗ୍ରାମରେ କର୍ମଚାରୀ, ବନ ସୁରକ୍ଷା ସମିତି, ଗାର୍ଡ ରହିଛନ୍ତି। ଗ୍ରାମରେ କେଉଁମାନେ ଶିକାର କରୁଛନ୍ତି ପୁରା ସୂଚନା ତାଙ୍କ ପାଖରେ ରହୁଛି। ହେଲେ ଲୋପପାଉଥିବା ହାତୀ ଶିକାର ପରେ ମଧ ବନ ବିଭାଗ ଚୁପ ବସିଛି। ଶିକାର କରିବା ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି। ହେଲେ ଘଟଣାରେ ଅନେକ ଲୋକ ସାମିଲ ଅଛନ୍ତି। ସେମାନଙ୍କ ମଧ୍ୟରେ ରାଜନେତାଙ୍କ ସମ୍ପର୍କୀୟ ଥିବା ଆଲୋଚନା ହେଉଛି। ତେଣୁ ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ। ଅନ୍ୟପଟେ ସଦର ରେଞ୍ଜର କହିଛନ୍ତି, ଘଟଣାକୁ ବନ ବିଭାଗ ଗୁରୁତର ସହ ନେଇଛି। ୩ଜଣଙ୍କୁ ଗିରଫ କରାଯାଇଛି। ୨ଜଣଙ୍କୁ ଦୁଇଥର ଜେରା କରାଯାଇଛି। ଏହି ଘଟଣାରେ ଅନ୍ୟ କାହାର ସମ୍ପୃକ୍ତି ରହିଥିବା ନେଇ ତଦନ୍ତ କରାଯାଉଛି। ପ୍ରମାଣ ମିଳିଲେ କାହାକୁ ଛଡାଯିବ ନାହିଁ, ଗିରଫ କରାଯିବ ବୋଲି କହିଥିଲେ। ସୂଚନାଯୋଗ୍ୟ, ଗତ ରବିବାର ପୁଷ୍ପପୁନି ତିହାର ରହିଥିଲା। ବନ୍ୟପ୍ରାଣୀ ଶିକାର କରି ମାସଂକୁ ଭୋଜିଭାତ କରି ଖାଇବା ଓ ବିକ୍ରି କରିବା ପାଇଁ ଶିକାରୀମାନେ ପୂର୍ବ ରାତିରେ ବିଦ୍ୟୁତ୍ ତାର ବିଛାଇଥିଲେ। ଏଥିରେ ବାର୍‌ହା, କୁଟୁରା ସ୍ଥାନରେ ଦନ୍ତାହାତୀ ପଡି ମୃତ୍ୟୁବରଣ କରିଥିଲା। ଦୁର୍ବୃତ୍ତମାନେ ପ୍ରମାଣ ନଷ୍ଟ କରିବା ପଇଁ ବିଛାଯାଇଥିବା ତାରକୁ ନେଇଯାଇଥିଲେ। ଘଟଣାସ୍ଥଳରେ ଭୁବନେଶ୍ୱରରୁ ଜିଟିଏଫ୍ ଟିମ୍ ସହ ସମ୍ବଲପୁର ଆର୍‌ସିସିଏଫ ଅରୁଣ ମିଶ୍ର, ଡିଏଫ୍‌ଓ ବିଶ୍ୱନାଥ ନୀଳାମ୍ବରନ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ।


**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ମଧୁପାଟଣା, କଟକ
ଫୋନ୍: ୦୬୭୧-୨୩୪୪୩୦୮/୨୩୪୪୩୦୨, ଇ-ମେଲ: sbi.10027@sbi.co.in

**ଇ-ନିଲାମ/ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସ୍‌ନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିର ବିକ୍ରୟ

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଦର୍ଶିତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ ୨୦୦୨ ଅନ୍ତର୍ଗତ) ନିମ୍ନଦର୍ଶିତ ସମ୍ପତ୍ତିକୁ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି'' ଏବଂ ''ସେଠାରେ ଯାହା ଅଛି'' ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି।

**ସମ୍ପତ୍ତିଗୁଡିକର ତନଖି କରିବାର ତାରିଖ ଓ ସମୟ: ୨୭.୦୧.୨୦୨୩ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ**

**ଇ-ନିଲାମ ତାରିଖ ଏବଂ ସମୟ: ତା.୩୦.୦୧.୨୦୨୩ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୨.୦୦ଘଟିକା ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ**

| କ୍ର. ନଂ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ | ସମ୍ପତ୍ତିଗୁଡ଼ିକର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା/ ବିଡ୍ ବୃଦ୍ଧି ପରିମାଣ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ/ ଡିମାଣ୍ଡ ନୋଟିସ୍ ତାରିଖ |
|---|---|---|---|---|
| ୧. | **ଋଣଗ୍ରହୀତା: ମେସର୍ସ ବାବୁ କନ୍‌ଷ୍ଟ୍ରକ୍‌ସନ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ମନୋଜ କୁମାର ସାହୁ,** ସା: ଫ୍ଲାଟ୍ ନଂ.: ୩୦୪, ବସେରା ହାର୍ମୋନୀ, ଡମଣା ସ୍କୋୟାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା - ୭୫୧୦୧୬/ **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଅନୁରାଧା ସାହୁ,** ସା: ଫ୍ଲାଟ୍ ନଂ.: ୩୦୪, ବସେରା ହାର୍ମୋନୀ, ଡମଣା ସ୍କୋୟାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା - ୭୫୧୦୧୬/ **ଆକାଉଣ୍ଟ ନଂ: ୧୦୬୫୭୯୯୨୮୧୧** | **ଅନୁରାଧା ସାହୁଙ୍କ** ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଅଶନ ବଣି, ତହସିଲ: ଓଡ଼ାପଡ଼ା, ପୋ./ଥାନା: ମୋଟଙ୍ଗା, ଜିଲ୍ଲା: ଢେଙ୍କାନାଳ, ଖାତା ନଂ.: ୬୫/୨୪, ପ୍ଲଟ୍ ନଂ.: ୧/୩୧୩, ୨/୩୧୪, ୩/୩୧୫, କ୍ଷେତ୍ର: ଏକର୦.୯୪୦ ଡିସିମିଲି, କିସମ: ଘରବାରୀ | ଟ.୫୨,୭୦,୦୦୦/- / ଟ.୫,୨୭,୦୦୦/- / ଟ.୫୦,୦୦୦/- | ୧୦.୦୬.୨୦୨୧ ସୁଦ୍ଧା ଟ.୯୫,୦୯,୨୭୬/- ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଦେୟ, ଖର୍ଚ୍ଚ ଇତ୍ୟାଦି / ୧୧.୦୬.୨୦୨୧ |
| ୨. | **ଋଣଗ୍ରହୀତା: ମେସର୍ସ ଶ୍ରୀ ମାରୁତୀ ଆସୋସିଏଟ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ସୁବାଷ କୁମାର ଗୁପ୍ତା,** ସା.: ୮୪/୨, ଜେଲ୍ ରୋଡ୍, ଝାରପଡ଼ା, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା - ୭୫୧୦୦୬/**ଗ୍ୟାରେଣ୍ଟିଦାତା: ଶ୍ରୀମତୀ କୁସୁମ ଗୁପ୍ତା,** ୮୪/୨, ଜେଲ୍ ରୋଡ୍, ଝାରପଡ଼ା, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା - ୭୫୧୦୦୬ / **ଆକାଉଣ୍ଟ ନଂ: ୩୭୪୪୬୧୦୨୬୪୯** | **ଶ୍ରୀ ସୁବାଷ କୁମାର ଗୁପ୍ତାଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହା ମହାବୀର ଆପାର୍ଟମେଣ୍ଟର ପ୍ରଥମ ମହଲାରେ ଫ୍ଲାଟ୍ ନଂ.: ଏଫ୍, ବିଲ୍ଟ ଅପ୍ ଏରିଆ: ୧୨୫୬ବର୍ଗଫୁଟ, ଯାହାର ମୌଜା: ବାଦାମବାଡି, **୧)** ହାଲ ବନ୍ଦୋବସ୍ତ ଖାତା ନଂ.: ୯୧, ପ୍ଲଟ୍ ନଂ.: ୪୬୩/୯୩୫, କ୍ଷେତ୍ର: ଏକର୦.୧୩୪ଡିସିମିଲି, ପ୍ଲଟ୍ ନଂ.: ୪୬୪, କ୍ଷେତ୍ର: ଏକର୦.୦୫୯ ଡିସିମିଲି, **୨)** ମ୍ୟୁଟେସନ୍ ଖାତା ନଂ.: ୫୩୫/୭୩, ଅନୁରୂପ ହାଲ ବନ୍ଦୋବସ୍ତ ଖାତା ନଂ.: ୨୭୧, ପ୍ଲଟ୍ ନଂ.: ୪୬୫, କ୍ଷେତ୍ର: ଏକର୦.୦୫୦ଡିସିମିଲି ଏବଂ ପ୍ଲଟ୍ ନଂ.: ୪୬୨, କ୍ଷେତ୍ର: ଏକର୦.୦୫୩ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୨୯୬ଡିସିମିଲି,** କିସମ: ଘରବାରୀ | ଟ.୬୩,୮୯,୦୦୦/- / ଟ.୬,୩୮,୯୦୦/- / ଟ.୫୦,୦୦୦/- | ୦୧.୦୭.୨୦୧୯ ସୁଦ୍ଧା ଟ.୩,୬୨,୨୪,୯୦୦/- ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଦେୟ, ଖର୍ଚ୍ଚ ଇତ୍ୟାଦି / ୦୧.୦୭.୨୦୧୯ |
| ୩. | **ଋଣଗ୍ରହୀତାମାନେ: ୧) ରୋଜ ମହମ୍ମଦ୍, ୨) ସେହେନାଜ ବାନୋ,** ସ୍ୱାମୀ: ରୋଜ ମହମ୍ମଦ, ଉଭୟଙ୍କ ଠିକଣା ସା.: ଜରୋଳି, ପୋ.: ଯଜାଙ୍ଗ, ଥାନା: ଜୋଡା, ଜିଲ୍ଲା: କେନ୍ଦୁଝର / **ଆକାଉଣ୍ଟ ନଂ: ୩୦୯୬୧୮୩୩୮୬୬** | **ରୋଜ ମହମ୍ମଦ୍ ଏବଂ ସେହେନାଜ ବାନୋଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଜରୋଳି, ପୋ.: ଯଜାଙ୍ଗ, ଥାନା: ଯୋଡ଼ା, ଖାତା ନଂ.: ୮୬/୨୨୭, ପ୍ଲଟ୍ ନଂ.: ୩୭୨/୭୪୩, କ୍ଷେତ୍ର: ଏକର୦.୧୯୦ ଡିସିମିଲି | ଟ.୫୯,୮୫,୦୦୦/-/ ଟ.୫,୯୮,୫୦୦/- / ଟ.୫୦,୦୦୦/- | ୨୯.୦୭.୨୦୨୧ ସୁଦ୍ଧା ଟ.୧,୦୧,୪୫,୦୦୦/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ / ୦୨.୦୫.୨୦୧୬ |

ଇଚ୍ଛୁକ ବିଡରମାନେ ଇ-ନିଲାମ ଶେଷ ହେବା ପୂର୍ବରୁ MSTC ରେ ପ୍ରାକ୍ ବିଡ୍ ଅମାନତ ରାଶି ଜମା କରିପାରିବେ । ପ୍ରାକ୍ ବିଡ୍ ଅମାନତ ରାଶିର କ୍ରେଡିଟ୍ ବିଡର୍‌ଙ୍କୁ କେବଳ MSTC ର ବ୍ୟାଙ୍କ ଆକାଉଣ୍ଟରେ ଦେୟ ରସିଦ୍ ଏବଂ ଇ-ନିଲାମ ୱେବସାଇଟ୍‌ରେ ସୂଚନା ଅପଡେଟ୍ କରିବା ପରେ ପ୍ରଦାନ କରାଯିବ । ବ୍ୟାଙ୍କିଙ୍ଗ୍ ପ୍ରକିୟା ଅନୁଯାୟୀ ଏହା କିଛି ସମୟ ନେଇପାରେ, ତେଣୁ ବିଡ୍‌ରମାନେ ଶେଷ ମୁହୂର୍ତ୍ତରେ ହେବାକୁ ଥିବା ଅସୁବିଧାକୁ ଏଡାଇବା ପାଇଁ ନିଜ ଇଚ୍ଛା ଅନୁସାରେ ପ୍ରାକ ବିଡ୍ ଅମାନତ ରାଶି ଯଥେଷ୍ଟ ପୂର୍ବରୁ ଦାଖଲ କରିବାକୁ ଅନୁରୋଧ କରାଯାଉଛି ।

**ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଅନୁସାରେ ରୁଲ ୮(୬) ଏବଂ ୯(୧)ଅନୁଯାୟୀ ପରବର୍ତ୍ତୀ ବିକ୍ରୟ ପାଇଁ ଋଣଗ୍ରହୀତାମାନଙ୍କ ନିମନ୍ତେ ଏହା ଏକ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।**

**ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ୍ ଦେଖନ୍ତୁ: www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://ibapi.in**

**ପରବର୍ତ୍ତୀ ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ: କ୍ର. ନଂ. ୧ ଏବଂ ୨ ନିମନ୍ତେ ଶ୍ରୀ ପ୍ରଦୀପ ରଞ୍ଜନ ମହାପାତ୍ର (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୯୪୩୯୨୦୩୫୭୧ ଏବଂ କ୍ର. ନଂ. ୩ ନିମନ୍ତେ ଶ୍ରୀ ଜନ୍ମେଜୟ ମହାପାତ୍ର (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୯୪୩୭୯୩୫୨୪୮, ସିଟି କେସ୍ ଅଫିସର: କ୍ର. ନଂ. ୧ ଏବଂ ୨ ନିମନ୍ତେ ଶେଖ୍ ମସିଉଲ୍ଲା, ମୋ.: ୯୯୩୮୭୭୮୯୪୯, କ୍ର. ନଂ. ୩ ନିମନ୍ତେ ଶ୍ରୀ ବି.ଏନ୍ ମୁର୍ମୁ, ମୋ.: ୭୩୮୧୦୪୮୭୦୭**

**କ୍ର.ନଂ. ୧ ରେ ଥିବା ସମ୍ପତ୍ତି: ଖୋଲା ଜମି ଏବଂ କ୍ର. ନଂ. ୨ ଏବଂ ୩ ରେ ଥିବା ସମ୍ପତ୍ତି ବ୍ୟାଙ୍କର ସାଙ୍କେତିକ ଦଖଲରେ ଅଛି ।**

**ତାରିଖ : ୧୨.୦୧.୨୦୨୩, ସ୍ଥାନ : କଟକ** ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

# ଶାନ୍ତି, ସମୃଦ୍ଧିରେ ଓଡ଼ିଶାର ବିକାଶ: ରାଜ୍ୟପାଳ



ଉତ୍କଳ ବିଶ୍ୱବିଦ୍ୟାଳୟର ଏମ୍‌କେସିଜି ଅଡିଟୋରିୟମରେ ଓଇଏର ଓଡ଼ିଶା ଭିଜନ୍‌-୨୦୩୬ ସମ୍ମିଳନୀରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉଦ୍‌ବୋଧନ ଦେଉଛନ୍ତି। ମଞ୍ଚାସୀନ ଅନ୍ୟ ଅତିଥି।

ଭୁବନେଶ୍ୱର,୧୨।୧(ବ୍ୟୁରୋ)

## ଓଇଏର ଓଡ଼ିଶା ଭିଜନ୍‌-୨୦୩୬ ସମ୍ମିଳନୀ

ଆମେ ବିକାଶର ଯେତେ ଦୂର ଯାଏ ଲକ୍ଷ୍ୟ ରଖୁଛେ, ତାହା ଉତ୍କଳ ପ୍ରଦେଶରେ ଅଛି। ବର୍ତ୍ତମାନ ପର୍ଯ୍ୟନ୍ତ ଯାହା ବି ଉନ୍ନତି ଘଟିଛି, ତାହାକୁ ସୁରକ୍ଷିତ ରଖାଯିବା ଆବଶ୍ୟକ। ଶାନ୍ତି, ସମୃଦ୍ଧି ଓ ଖୁସିରେ ହିଁ ଓଡ଼ିଶାର ବିକାଶ ନିହିତ। ୨୦୩୬ ବେଳକୁ ଆମେ ବିକାଶର ମାପଦଣ୍ଡ ଆଗକୁ ପହଞ୍ଚିବା ଉଚିତ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ଗୁରୁବାର ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରସ୍ଥ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଅଡିଟୋରିୟମରେ ଓଡ଼ିଶା ଇକୋନୋମିକ୍ସ ଆସୋସିଏଶନ୍ (ଓଇଏ) ପକ୍ଷରୁ ଅନୁଷ୍ଠିତ ଓଡ଼ିଶା ଭିଜନ୍‌-୨୦୩୬ ସମ୍ମିଳନୀକୁ ରାଜ୍ୟପାଳ ଉଦ୍‌ଘାଟନ କରି ଏହି ମତବ୍ୟକ୍ତ କରିଛନ୍ତି।

ଆନାଲିଟିକାଲ ଓ ଆପ୍ଲାଏଡ୍ ଇକୋନୋମିକ୍ସ, ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ସ୍କୁଲ ଅଫ୍ ହ୍ୟୁମାନିଟିଜ୍ ଆଣ୍ଡ ସୋସିଆଲ ସାଇନ୍ସ, ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନ୍ସ ଏଜୁକେଶନ୍ ଆଣ୍ଡ ରିସର୍ଚ୍ଚ (ନାଇଜର)ର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଓଇଏର ସମ୍ପାଦକ ଅମରେନ୍ଦ୍ର ଦାସ କହିଛନ୍ତି, ବର୍ତ୍ତମାନ ଓଡ଼ିଶା ମଧ୍ୟମ ଆୟ ବର୍ଗର ରାଜ୍ୟରେ ପହଞ୍ଚିଛି। ୨୦୩୬ ବେଳକୁ ରାଜ୍ୟ ରୂପାନ୍ତରଣ ହୋଇ ଉଚ୍ଚ ଆୟ ବର୍ଗର ରାଜ୍ୟରେ ପରିଣତ ହେବା ପାଇଁ ସବୁ ପ୍ରକାରର ସମ୍ଭାବନା ରହିଛି। ସେହିପରି ଓଇଏର ସଭାପତି ପ୍ରଫେସର କେଶବ ଦାସ କହିଛନ୍ତି, ଏହି କନ୍‌କ୍ଲେଭ ମାଧ୍ୟମରେ ଓଡ଼ିଶାର ଲକ୍ଷ୍ୟକୁ ସୁଦୃଢ଼ୀକରଣ କରିବାର ଚେଷ୍ଟା କରାଯାଇଛି। ଉଦ୍‌ଘାଟନୀ ଅଧିବେଶନରେ ବିଶ୍ୱବିଦ୍ୟାଳୟ କୁଳପତି ସବିତା ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

ଉକ୍ତ ସମ୍ମିଳନୀର ଏକ ଅଧିବେଶନରେ ରାଜ୍ୟ ସଭା ସଦସ୍ୟ ଅମର ପଟ୍ଟନାୟକ ଯୋଗଦେଇ କହିଛନ୍ତି, ଜଳବାୟୁ ପରିବର୍ତ୍ତନ ବର୍ତ୍ତମାନ ବିରାଟ ସମସ୍ୟା ଭାବେ ଦେଖାଦେଲାଣି। ବହୁମୁଖୀ ଅଭିବୃଦ୍ଧି ଦିଗରେ ଆମେ କାର୍ଯ୍ୟ କରିବା ଆବଶ୍ୟକ। ସେହିପରି ପିଟିଆଇର ସମ୍ପାଦକ ରାଜେଶ ମହାପାତ୍ର କହିଛନ୍ତି, ୨୦୩୬ ସୁଦ୍ଧା ଆମେ ଜଡ଼ ଓଡ଼ିଶା ନୁହେଁ, ଜୀବନ୍ତ ଓଡ଼ିଶା କିଭଳି ଦେଖିହେବ ସେ ଦିଗରେ କାର୍ଯ୍ୟ କରିବା ଦରକାର।

ଅନ୍ୟ ଏକ ଅଧିବେଶନରେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ କହିଛନ୍ତି, ମଣିଷର ବିକାଶ ସହ ଖାଦ୍ୟ ଉତ୍ପାଦନ ଦିଗରେ ଓଡ଼ିଶା ଲକ୍ଷ୍ୟ ରଖିବା ଉଚିତ। ସ୍ୱାସ୍ଥ୍ୟ, ପୋଷଣ, ଦକ୍ଷତା ବିକାଶ ରାଜ୍ୟର ସାମର୍ଥ୍ୟ ବୃଦ୍ଧିରେ ସହାୟକ ହେବ। ସେହିପରି 'ଧରିତ୍ରୀ' ତଥା 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ କହିଛନ୍ତି, ଶ୍ରମ ଓ ଶ୍ରମିକର ଉନ୍ନତିରେ ରାଜ୍ୟର ବିକାଶ। ଶ୍ରମିକମାନଙ୍କୁ ପ୍ରତ୍ୟେକ ସ୍ତରରେ ସମ୍ମାନ ଦେବା ଆବଶ୍ୟକ। ବ୍ୟବସ୍ଥାରେ ସରକାରୀ ହସ୍ତକ୍ଷେପ କମ୍ ରହିଲେ ବିକାଶ ଅଧିକ ହୋଇଥାଏ। ବର୍ତ୍ତମାନର ବ୍ୟବସ୍ଥା ପୁଞ୍ଜିପତିଙ୍କ ହାତରେ ରହିଛି। ପ୍ରତ୍ୟେକଙ୍କ ମାନସିକତାରେ ପରିବର୍ତ୍ତନ ଆସିବା ଦରକାର। ତା'ହେଲେ ଉନ୍ନତି କାହା ପାଇଁ ଓ କେଉଁମାନେ ତାହା ପାଇବା ଦରକାର ଜାଣିହେବ ବୋଲି ସତପଥୀ ମତବ୍ୟକ୍ତ କରିଥିଲେ। 'ସମ୍ବାଦ'ର ସମ୍ପାଦକ ତଥା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ କହିଛନ୍ତି, ବିକାଶ ପ୍ରକ୍ରିୟା ଆଧାରିତ ଯେଉଁ ମାନବସମ୍ବଳର ଆବଶ୍ୟକତା ରହିଛି, ତାହା ରାଜ୍ୟ ବାହାରକୁ ଚାଲିଯାଉଛି। ରାଜ୍ୟରେ ନେତୃତ୍ୱର ବିକାଶ ହେଉନାହିଁ। ରାଜ୍ୟରେ ସରକାର କେବଳ ନିର୍ବାଚନ ଜିତିବା ଉଦ୍ଦେଶ୍ୟରେ ଚାଲିଛି, ଯାହାକି ଏକ ସମୃଦ୍ଧ ରାଜ୍ୟ ପାଇଁ ଭଲ ନୁହେଁ ବୋଲି ସେ ପ୍ରକାଶ କରିଥିଲେ। ଶେଷ ଅଧିବେଶନରେ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ଉପାଧ୍ୟକ୍ଷ ପ୍ରଫେସର ଅଶୋକ ଦାସ, ଏମ୍ସ ଭୁବନେଶ୍ୱରର ପୂର୍ବତନ ନିର୍ଦ୍ଦେଶକ ଅଶୋକ ମହାପାତ୍ର, ୟୁଏନ୍‌ଡିପିର ଓଡ଼ିଶା ମୁଖ୍ୟ ସଞ୍ଜୀବ ଚନ୍ଦ୍ର ହୋତା ଏବଂ ଆଭା ମିଶ୍ର ଓଡ଼ିଶାକୁ କିଭଳି ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିହେବ ସେ ନେଇ ମତ ରଖିଥିଲେ। ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗ ମୁଖ୍ୟ ଡ. ହିମାଂଶୁ ଶେଖର ରାଉତ, ପ୍ରଫେସର ମିତାଲି ଚିନାରା, ପ୍ରଫେସର ସଞ୍ଜୁକ୍ତା ଦାସ, ପ୍ରଫେସର ଧର୍ମବ୍ରତ ମହାପାତ୍ର ମଧ୍ୟ ନିଜର ମତ ଉପସ୍ଥାପନ କରିଥିଲେ।




# ୧୭ କି.ମି. ଦୌଡ଼ିଲେ କୁନି ଧାବକ ରୁଦ୍ର

ମାଲକାନଗିରି,୧୨।୧ (ଡି.ଏନ୍.ଏ.)

## ମାଲ୍ୟବନ୍ତ ମହୋତ୍ସବ

ମାଲକାନଗିରି ଜିଲାରେ ମାଲ୍ୟବନ୍ତ ମହୋତ୍ସବ ଅବସରରେ ଜିଲା ସଂସ୍କୃତି ପରିଷଦ ଏବଂ ଜିଲା କ୍ରୀଡ଼ା ବିଭାଗ ପକ୍ଷରୁ ଗୁରୁବାର ଏକ ମିନି ମାରାଥନ (ଗଣଦୌଡ଼) ଆୟୋଜିତ ହୋଇଥିଲା। ଏଥିରେ ୬ ବର୍ଷର କୁନି ଧାବକ ରୁଦ୍ରପ୍ରସାଦ ସେଠୀ ୧୭ କି.ମି. ଦୌଡ଼ି ରେକର୍ଡ ସୃଷ୍ଟି କରିଛନ୍ତି। କୋରୁକୋଣ୍ଡା ଉଚ୍ଚ ବିଦ୍ୟାଳୟରୁ ଏହି ମିନି ମାରାଥନ ଆରମ୍ଭହୋଇ ମାଲକାନଗିରି ବୁଟିଗୁଡା ବିଦ୍ୟାଳୟଠାରେ ଶେଷ ହୋଇଥିଲା। ଏଥିରେ ପ୍ରାୟ ୨ଶହ ମହିଳା ପୁରୁଷ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ରୁଦ୍ର ସାମିଲ ହୋଇ ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ମାଲକାନଗିରି କେନ୍ଦ୍ରୀୟ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ପଢୁଥିବା ରୁଦ୍ର ହେଉଛନ୍ତି ତ୍ରିଲୋଚନ ସେଠୀଙ୍କ ପୁଅ। ଦୌଡ଼ିବା ପ୍ରତି ରୁଚି ରଖିଥିବା ରୁଦ୍ର ୩ବର୍ଷ ବୟସରୁ ଏହି ଅଭ୍ୟାସ ଜାରି ରଖିଛନ୍ତି। ପ୍ରତିଦିନ ସକାଳୁ ସେ ଦୌଡ଼ିବା ଅଭ୍ୟାସ କରନ୍ତି। ଭବିଷ୍ୟତରେ ଜାତୀୟ ସ୍ତରର ଦୌଡ ପ୍ରତିଯୋଗିତାରେ ପୁଅ ଅଂଶଗ୍ରହଣ କରୁ ବୋଲି ଆମେ ମାଆବାପା ଆଶା ରଖିଥିବା କହିଛନ୍ତି ତ୍ରିଲୋଚନ। ରୁଦ୍ରଙ୍କ ଅଜା ରବୀନ୍ଦ୍ର ସେଠୀ ଜଣେ ହାବିଲଦାର। ସେ ନାତି ରୁଦ୍ରଙ୍କ ସଫଳତାରେ ବହୁତ ଖୁସି ବୋଲି ପ୍ରକାଶ କରିଛନ୍ତି। ବୁଟିଗୁଡାଠାରେ ମିନି ମାରାଥନ ପହଞ୍ଚିବା ପରେ ଉପଜିଲାପାଳ ଅକ୍ଷୟ ଖେମୁଣ୍ଡୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବଳଭଦ୍ର ଦୀପ, ଜିଲା କ୍ରୀଡ଼ା ଅଧିକାରୀ ଧ୍ରୁବଚରଣ ମୁଦୁଲି, ଡିପିଏମ୍ ପବିତ୍ର ମୋହନ ବାରା ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ସ୍ୱାଗତ କରିଥିଲେ। ଏହି ଗଣଦୌଡ଼ରେ ପୁରୁଷ ବର୍ଗରେ ବୁଦ୍ରା ବିଶି ନାୟକ, ଫୁଲ ସୁନ୍ଦର ପୂଜାରୀ ଓ ସୁନୀଲ ମାଡ଼ି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ମହିଳା ବର୍ଗରେ ପ୍ରୀତିରେଖା ମାଡି ପ୍ରଥମ ହୋଇଛନ୍ତି।


ମିନି ମାରାଥନରେ ସାମିଲ ହୋଇଥିବା ରୁଦ୍ର।

# ଭିଜିଲାନ୍ସ ଜାଲରେ ଜଳ ବିଭାଜିକା ପ୍ରକଳ୍ପ ବରିଷ୍ଠ ସହାୟକ

ଭବାନୀପାଟଣା,୧୨।୧(ସ୍ୱ.ପ୍ର.)

## ୬୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଧରାପଡ଼ିଲେ

ଭିଜିଲାନ୍ସ ଜାଲରେ କଳାହାଣ୍ଡି ଜିଲା ଭବାନୀପାଟଣା ଜଳ ବିଭାଜିକା ପ୍ରକଳ୍ପ ବରିଷ୍ଠ ସହାୟକ ତଥା ହିସାବ ରକ୍ଷକ ଶ୍ୟାମସୁନ୍ଦର ବଳ। ଭବାନୀପାଟଣା ସହର ଉପକଣ୍ଠସ୍ଥିତ ଜଳ ଶକ୍ତି କେନ୍ଦ୍ର କାର୍ଯ୍ୟାଳୟରେ ଗୁରୁବାର ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟର ଜଣେ କର୍ମଚାରୀଙ୍କଠାରୁ କାମର ବକେୟା ପାଉଣା କରି ଦେବା ପାଇଁ ୬୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାବୁଡରେ ପଡିଛନ୍ତି। ହିସାବ ରକ୍ଷକ ବଳଙ୍କଠାରୁ ଘଟଣାସ୍ଥଳରୁ ୬୦ ହଜାର ଲାଞ୍ଚ ଟଙ୍କା ଜବତ କରିବା ପରେ ଭିଜିଲାନ୍ସ ବିଭାଗ ତାଙ୍କୁ ଗିରଫ କରି ଅଫିସକୁ ଆଣି ଅଧିକ ପଚରାଉଚୁରା କରୁଛି। ସେହିପରି ଭବାନୀପାଟଣା ଭିଜିଲାନ୍ସ ପକ୍ଷରୁ ଏକକାଳୀନ ତାଙ୍କ ସରକାରୀ ବାସଭବନ, ଭୁବନେଶ୍ୱର ଡୁମୁଡୁମା ହାଉସିଂ ବୋର୍ଡ କଲୋନୀରେ ଥିବା ଆବାସିକ ବାସଭବନ ଓ କେନ୍ଦ୍ରାପଡାସ୍ଥିତ ପୈତୃକ ଘରେ ଚଢ଼ାଉ କରାଯାଇଥିବା ସୂଚନା ମିଳିଛି। ଭବାନୀପାଟଣା ଭିଜିଲାନ୍ସ ଡିଏସପି ସଦାନନ୍ଦ ପାଣିଙ୍କ ନେତୃତ୍ୱରେ ଚଢ଼ାଉ ହୋଇଥିଲା।


ଶ୍ୟାମସୁନ୍ଦର ବଳ।

# ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୨ ପଦବୀ ସୃଷ୍ଟି

ଭୁବନେଶ୍ୱର,୧୨।୧(ବ୍ୟୁରୋ)

ସୁନ୍ଦରଗଡ଼ର ୩୩୦ ଶଯ୍ୟା ବିଶିଷ୍ଟ ଜିଲା ମୁଖ୍ୟ ଚିକିତ୍ସାଳୟ ନିମନ୍ତେ ବିଭିନ୍ନ ବର୍ଗରେ ୧୨ଟି ନୂଆ ପଦବୀ ସୃଷ୍ଟି କରାଯାଇଛି। ଏ ବାବଦରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଗୁରୁବାର ପ୍ରକାଶିତ ଆଦେଶରୁ ଜଣାପଡ଼ିଛି। ରାଜ୍ୟ ସରକାରଙ୍କ ଅନୁମୋଦନକ୍ରମେ ଏହି ଡାକ୍ତରଖାନା ପାଇଁ ୩ଟି ନିଶ୍ଚେତକ ସ୍ପେଶାଲିଷ୍ଟ, ୧ଟି ଅସ୍ତ୍ରଶଲ୍ୟ ସ୍ପେଶାଲିଷ୍ଟ, ଗୋଟିଏ ଜରୁରିକାଳୀନ ମେଡିକାଲ ଅଧିକାରୀ, ଗ୍ରୁପ୍‌-ଏର ଜଣେ ଜୁନିୟର ସ୍ପେଶାଲିଷ୍ଟ ୨ଟି ବ୍ଲଡ୍ ବ୍ୟାଙ୍କ୍ ଅଧିକାରୀ, ଗୋଟିଏ ଦନ୍ତ ଚିକିତ୍ସକ ଏବଂ ୩ଟି ପରୀକ୍ଷାଗାର ସହାୟକ ଏହିପରି ସମୁଦାୟ ୧୨ଟି ପଦବୀ ସୃଷ୍ଟି କରାଯାଇଛି।

# କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ସୃଷ୍ଟିହେଲା ୨୦ ନୂଆ ପଦବୀ

ଭୁବନେଶ୍ୱର,୧୨।୧(ବ୍ୟୁରୋ)

କେନ୍ଦୁଝରରେ ୩୩୦ ଶଯ୍ୟା ବିଶିଷ୍ଟ ଜିଲା ମୁଖ୍ୟ ଚିକିତ୍ସାଳୟ ନିମନ୍ତେ ବିଭିନ୍ନ ବର୍ଗରେ ୨୦ଟି ନୂଆ ପଦବୀ ସୃଷ୍ଟି କରାଯାଇଛି। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ପ୍ରକାଶିତ କାର୍ଯ୍ୟାଳୟ ଆଦେଶରୁ ଜଣାପଡ଼ିଛି। ରାଜ୍ୟ ସରକାରଙ୍କ ଅନୁମୋଦନକ୍ରମେ ଏହି ଡାକ୍ତରଖାନା ପାଇଁ ୩ଟି ନିଶ୍ଚେତକ ସ୍ପେଶାଲିଷ୍ଟ , ୧ଟି ଅସ୍ତ୍ରଶଲ୍ୟ ସ୍ପେଶାଲିଷ୍ଟ, ଗୋଟିଏ ଜରୁରିକାଳୀନ ମେଡିକାଲ ଅଧିକାରୀ, ୨ଟି ବ୍ଲଡ୍ ବ୍ୟାଙ୍କ ଅଧିକାରୀ, ୮ଟି ମେଡିକାଲ ଅଧିକାରୀ, ଗୋଟିଏ ଦନ୍ତ ଚିକିତ୍ସକ ଏବଂ ୩ଟି ପରୀକ୍ଷାଗାର ସହାୟକ ଏହିପରି ସମୁଦାୟ ୨୦ଟି ପଦବୀ ସୃଷ୍ଟି କରାଯାଇଛି। ଏହିସବୁ ପଦବୀରେ ସ୍ପେଶାଲିଷ୍ଟମାନେ ନିୟୋଜିତ ହେବାପରେ କେନ୍ଦୁଝର ଜିଲା ଚିକିତ୍ସାଳୟର ଗୁଣାତ୍ମକ ମାନ ବହୁଗୁଣିତ ହେବ ବୋଲି ବୁଦ୍ଧିଜୀବୀମାନେ ଆଶା ପ୍ରକାଶ କରିଛନ୍ତି।

# ଆଜି ରିଲିଜ ହେବ 'ଦମନ'ର ହିନ୍ଦୀ ଟ୍ରେଲର

ଭୁବନେଶ୍ୱର,୧୨।୧(ବ୍ୟୁରୋ)

ଓଡ଼ିଆ ଚଳଚ୍ଚିତ୍ର 'ଦମନ'ର ହିନ୍ଦୀ ଟ୍ରେଲର ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ପାନୋରମା ୟୁଟ୍ୟୁବ ଚ୍ୟାନେଲରେ ମୁକ୍ତିଲାଭ କରିବ। ଓଡ଼ିଆ ଭାଷାରେ ପ୍ରସ୍ତୁତ ଏହି ଚଳଚ୍ଚିତ୍ରର ବିପୁଳ ସଫଳତା ପରେ ହିନ୍ଦୀ ଭାଷାରେ ପ୍ରସ୍ତୁତ କରାଯାଇଛି। ଗତ ଗୁରୁବାର ପାନୋରମା ଷ୍ଟୁଡିଓ ସହ ଏ ନେଇ ଚୁକ୍ତିନାମା ହୋଇଥିଲା। ହୀନ୍ଦି ଟ୍ରେଲର ରିଲିଜ ନେଇ ଚଳଚ୍ଚିତ୍ର ନିର୍ଦ୍ଦେଶକ ଦେବୀ ପ୍ରସାଦ ଲେଙ୍କା ସୂଚନା ଦେଇଛନ୍ତି। ସେ କହିଛନ୍ତି, ଟ୍ରେଲର ରିଲିଜ ପରେ ଚଳଚ୍ଚିତ୍ରର ମୁକ୍ତିଲାଭ ତାରିଖ ଜଣାପଡ଼ିବ।

# ୧୦ଲକ୍ଷର ଆସବାବପତ୍ର ଜଳିଗଲା

ବ୍ରହ୍ମପୁର ଅଫିସ,୧୨।୧

## ଆପାର୍ଟମେଣ୍ଟରେ ଭୟାବହ ଅଗ୍ନିକାଣ୍ଡ

ବ୍ରହ୍ମପୁର ପ୍ରେମନଗର ୩ୟ ଗଳିରେ ଥିବା ଏକ ଆପାର୍ଟମେଣ୍ଟର ଫ୍ଲାଟ୍‌ରେ ଗୁରୁବାର ଅପରାହ୍ନରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଜଣେ ସୁନା ବ୍ୟବସାୟୀଙ୍କ ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଥିବା ସୂଚନା ମିଳିଛି। ଶର୍ଟସର୍କିଟରୁ ଏହି ଅଗ୍ନିକାଣ୍ଡ ହୋଇଥିବା ନେଇ ଦମକଳ ବାହିନୀ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି। ଅଗ୍ନିକାଣ୍ଡ ବେଳେ ସେହି ଫ୍ଲାଟରେ ରହୁଥିବା ପରିବାର ବାହାରକୁ ଚାଲିଯାଇଥିବାରୁ କେହି ମୃତାହତ ହୋଇନାହାନ୍ତି।

ପ୍ରକାଶ ଯେ, ଅଗ୍ନିକାଣ୍ଡ ଘଟିଥିବା ଫ୍ଲାଟରେ କେ.ସୁନୀଲ କୁମାର ନାମକ ଜଣେ ସୁନା ବ୍ୟବସାୟୀ ଭଡ଼ାରେ ରହୁଥିଲେ। ପରିବାରବର୍ଗ ବାହାରକୁ ଚାଲିଯାଇଥିଲେ। ଅପରାହ୍ନ ପ୍ରାୟ ୨ଟା ୩୦ ବେଳେ ତାଙ୍କ ଫ୍ଲାଟରେ ଅଗ୍ନିକାଣ୍ଡ ଘଟିଥିବା ଖବର ପାଇ ସେମାନେ ଘରକୁ ଫେରିଥିଲେ। ବ୍ରହ୍ମପୁର ଅଗ୍ନିଶମ ବାହିନୀର ଆସିଷ୍ଟାଣ୍ଟ ଫାୟାର ଅଫିସର ସନ୍ତୋଷ ପାଣିଗ୍ରାହୀଙ୍କ ନେତୃତ୍ୱରେ ତିନୋଟି ଦମକଳ ବାହିନୀ ସେଠାରେ ପହଞ୍ଚିଥିଲା। ନିଆଁକୁ ଆୟତ୍ତ କରିବା ପାଇଁ ପ୍ରାୟ ଦେଢ ଘଣ୍ଟା ଲାଗିଥିଲା। ଘର ଭିତରେ ଥିବା ସମସ୍ତ ମୂଲ୍ୟବାନ ସାମଗ୍ରୀ ସହ ସମସ୍ତ ଆସବାବପତ୍ର ପୋଡି ଜଳିଯାଇଥିଲା। ଅଗ୍ନିକାଣ୍ଡରେ ପ୍ରାୟ ୧୦ଲକ୍ଷ ଟଙ୍କାର ଆସବାବପତ୍ର ପୋଡ଼ି ଯାଇଥିବା ଆକଳନ କରାଯାଇଛି।

# ଜାତୀୟସ୍ତରରେ ଆଇଟିଆଇ ସ୍କ୍ରାପ୍ କଳାକୃତି ପୁରସ୍କୃତ

ବ୍ରହ୍ମପୁର ଅଫିସ,୧୨।୧

ନଷ୍ଟରୁ ଶ୍ରେଷ୍ଠ କଳାକୃତିକୁ ନେଇ ବ୍ରହ୍ମପୁର ଆଇଟିଆଇ ଜାତୀୟସ୍ତରରେ ପୁରସ୍କୃତ ହୋଇଛି। ଆଇଟିଆଇ ପକ୍ଷରୁ ଅଟୋ ମୋବାଇଲ ସ୍କ୍ରାପ୍ ମାଧ୍ୟମରେ ଫିଟର ବିଭାଗର ଶିକ୍ଷକ ବିଚିତ୍ର ପଢିଆରୀଙ୍କ ନେତୃତ୍ୱରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଓ ଅନୀଲ ମିଶ୍ରଙ୍କ ନେତୃତ୍ୱରେ ମାଛ ନିର୍ମାଣ କରାଯାଇଥିଲା। ୨୦୨୨ ନଭେମ୍ବର ୩୦ରେ ଅନ୍‌ଲାଇନ୍ ମାଧ୍ୟମରେ ଜାତୀୟ ଇନିଷ୍ଟିଚ୍ୟୁଟ ଅଫ ୱେଲଡିଙ୍ଗ ପକ୍ଷରୁ ଜାତୀୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଆଇଟିଆଇର ୨ଟି କଳାକୃତି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲା। ଆଇଟିଆଇର ଏଭଳି କଳାକୃତି ପ୍ରଶଂସା କରାଯିବା ସହ ପ୍ରତିଯୋଗିତାରେ ବିଜୟୀ ମଧ୍ୟ ହୋଇଥିଲେ। ପ୍ରତିଯୋଗିତାରେ ମହାତ୍ମା ଗାନ୍ଧୀଙ୍କ କଳାକୃତି ପ୍ରଥମ ଓ ମାଛ କଳାକୃତି ଦ୍ୱିତୀୟ ସ୍ଥାନରେ ବିଜୟୀ ହୋଇଥିବା ଆଇଟିଆଇ ଅଧ୍ୟକ୍ଷ ଡ.ରଜତ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି।

# ଓଟିଇଟି ମୂଲ୍ୟାୟନରେ ତ୍ରୁଟି ଅଭିଯୋଗ

## ବୋର୍ଡ କାର୍ଯ୍ୟାଳୟ ଘେରିଲେ ଶତାଧିକ ଶିକ୍ଷୟିତ୍ରୀଶିକ୍ଷକ

କଟକ ଅଫିସ ୧୨।୧

ସ୍ପେଶାଲ ଓଡ଼ିଶା ଟିଚର୍ସ ଇଲିଜିବିଲିଟି ଟେଷ୍ଟ(ଓଟିଇଟି) ପରୀକ୍ଷା ମୂଲ୍ୟାୟନରେ ତ୍ରୁଟି ଥିବା ଅଭିଯୋଗ ନେଇ କଟକସ୍ଥିତ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) କାର୍ଯ୍ୟାଳୟକୁ ଗୁରୁବାର ଶତାଧିକ ଶିକ୍ଷୟିତ୍ରୀଶିକ୍ଷକ ଘେରାଉ କରିଥିଲେ। ଗ୍ରେସ୍ ମାର୍କ କିମ୍ବା ପାସ୍ ମାର୍କ ପ୍ରଦାନ ପାଇଁ ସେମାନେ ଦାବି କରିଛନ୍ତି।

ବୋର୍ଡ ପକ୍ଷରୁ ଗତବର୍ଷ ଅଗଷ୍ଟ ୨୯ରେ ସ୍ପେଶାଲ ଓଟିଇଟି କରାଯାଇଥିଲା। ଗତ ୯ ତାରିଖରେ ଏହାର ଫଳାଫଳ ବାହାରିଥିଲା। ହେଲେ ୧୦ ତାରିଖରେ ପୁନର୍ବାର ଫଳ ପ୍ରକାଶ କରାଯାଇ ଫେଲ୍ ହୋଇଥିବା କେତେଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପାସ୍ କରାଯାଇଥିବା ଅଭିଯୋଗ ହୋଇଥିଲା। ଏହାର ପ୍ରତିବାଦରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ଶତାଧିକ ଶିକ୍ଷୟିତ୍ରୀଶିକ୍ଷକ ୩ ଦିନ ହେବ ବୋର୍ଡ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇ ନିଜର ଦାବି ଜଣାଇଥିଲେ। ତୁରନ୍ତ ସେମାନଙ୍କୁ ଗ୍ରେସ୍ ମାର୍କ କିମ୍ବା ପାସ୍ ମାର୍କ ଦେବା ପାଇଁ ବୋର୍ଡ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଫଳରେ ସେମାନେ ବୋର୍ଡ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏଭଳି ତ୍ରୁଟିପୂର୍ଣ୍ଣ ଫଳ ପ୍ରକାଶ ପୂର୍ବରୁ ସଂଶୋଧନ କରିବାର ଆବଶ୍ୟକତା ଥିଲା। ମାତ୍ର ପରୀକ୍ଷାଫଳ ପ୍ରକାଶ ପାଇବା ପରେ ପୁଣି ସଂଶୋଧନ କରି ଦ୍ୱିତୀୟ ଥର ପ୍ରକାଶ କରିବା ଗ୍ରହଣଯୋଗ୍ୟ ନୁହେଁ। ଏହାର ବିଧିବଦ୍ଧ ତଦନ୍ତ ହେବାର ଆବଶ୍ୟକତା ରହିଛି ବୋଲି କେତେଜଣ ଶିକ୍ଷୟିତ୍ରୀଶିକ୍ଷକ କହିଛନ୍ତି। ଏ ନେଇ ବୋର୍ଡ ସଭାପତି ରାମାଶିଷ ହାଜରାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ସୂଚନାଯୋଗ୍ୟ, ଗତବର୍ଷ ୩୧, ୪୯୨ ଜଣ ଶିକ୍ଷୟିତ୍ରୀଶିକ୍ଷକ ସ୍ପେଶାଲ ଓଟିଇଟି ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୬,୧୭୧ ଜଣ ପାସ୍ କରିଛନ୍ତି। ପେପର-୧ରେ ୧୧,୯୫୫ ଓ ପେପର-୨ରେ ୪,୨୧୬ ଜଣ ପାସ୍ କରିଥିବା ଜଣାପଡିଛି।


ଶତାଧିକ ଶିକ୍ଷୟିତ୍ରୀଶିକ୍ଷକ ବୋର୍ଡ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

**ବିଡ଼ି କାରଖାନାରୁ ୧୧ କୋଟି ଜବତ**

କୋଲକାତାର ବିଡ଼ି କାରଖାନାରୁ ଆୟକର ବିଭାଗ (ଆଇଟି) ୧୧ କୋଟି ଟଙ୍କା ଜବତ କରିଛି। ବୁଧବାରଠାରୁ ଆଇଟି ପକ୍ଷରୁ କୋଲକାତା ଏବଂ ମୁର୍ଶୀଦାବାଦର ୨୪ରୁ ଊର୍ଦ୍ଧ୍ୱ ସ୍ଥାନରେ ଚଢ଼ାଉ କରାଯାଇଥିଲା। ତେବେ ଘଟଣାରେ ସ୍ଥାନୀୟ ରାଜନେତାଙ୍କ ସମ୍ପୃକ୍ତି ଥିବା ଆଇଟି କହିଛି।

## ଭିଜା ପାଇଁ ଯୌନ ଅନୁଗ୍ରହ ଦାବି




**ପାକିସ୍ତାନ ଉଚ୍ଚାୟୁକ୍ତ ଷ୍ଟାଫଙ୍କ ବିରୋଧରେ ଭାରତୀୟ ମହିଳାଙ୍କ ଅଭିଯୋଗ**

ନୂଆଦିଲ୍ଲୀସ୍ଥିତ ପାକିସ୍ତାନ ଉଚ୍ଚାୟୁକ୍ତ ଅଫିସ୍‌ର କର୍ମଚାରୀ ଜଣେ ଭାରତୀୟ ମହିଳାଙ୍କୁ ଭିଜା ପ୍ରଦାନ ବଦଳରେ ଯୌନ ଅନୁଗ୍ରହ ଦାବି କରିଥିଲେ। ସମ୍ପୃକ୍ତ ମହିଳା ଜଣକ ଗୁରୁବାର ଏହି ଚାଞ୍ଚଲ୍ୟକର ତଥ୍ୟ ପ୍ରଘଟ କରିଛନ୍ତି।

୨୦୨୧ ମାର୍ଚ୍ଚର ଘଟଣା। ଜଣେ ଭାରତୀୟ ମହିଳା ପାକିସ୍ତାନ ଯିବା ପାଇଁ ଚାହୁଁଥିଲେ। ସେ ଭିଜା ଆବେଦନ କରିବା ପାଇଁ ପାକିସ୍ତାନୀ ଦୂତାବାସକୁ ଦୁଇଥର ଯାଇଥିଲେ। ପାକିସ୍ତାନରେ ରାଜନୈତିକ ଅସ୍ଥିରତା ଦେଖାଦେଇଥିବା ଦର୍ଶାଇ ସେଠାକାର କର୍ମଚାରୀମାନେ ତାଙ୍କୁ ଭିଜା ଦେବାକୁ ମନା କରିଦେଇଥିଲେ। ଗତବର୍ଷ ଜୁନ୍‌ରେ ସେ ପୁଣି ଥରେ ହାଇକମିଶନ ଅଫିସକୁ ଯାଇ ନିରାଶ ହୋଇଥିଲେ। ସେଠାରୁ ଫେରିବାବେଳେ ଆସିଫ୍ ନାମକ ଜଣେ କର୍ମଚାରୀ ତାଙ୍କୁ ଡାକି କହିଥିଲେ, ଆପଣ ମୋତେ କହିଥିଲେ ଭିଜା ମଞ୍ଜୁର ହୋଇସାରନ୍ତାଣି। ଲାଉଞ୍ଜରେ କିଛି ସମୟ ଅପେକ୍ଷା କରନ୍ତୁ। ମହିଳା ଜଣକ ଅପେକ୍ଷା କରିଥିବାବେଳେ ଆସିଫ୍ ତାଙ୍କୁ ଅନ୍ୟ ଏକ ରୁମ୍‌କୁ ନେଇ ବସିବାକୁ କହିଥିଲେ। ଅପରାହ୍ନ ୨ଟାରେ ଜଣେ ଭିଜା ଅଫିସର ଆସିବେ ବୋଲି ମହିଳାଙ୍କୁ କୁହାଯାଇଥିଲା। ଆସିଫ୍ ତାଙ୍କୁ ଭିଜା ଆବେଦନ ସମ୍ପର୍କିତ ପ୍ରଶ୍ନ କରିଥିଲେ। ମହିଳା ତା'ର ଉତ୍ତର ଦେଇଥିଲେ। ଆସିଫ୍ ତାଙ୍କୁ ବିବାହିତା କି ବୋଲି ପଚାରିଥିଲେ। ମହିଳା କିଛି ନ କହିବାରୁ ସେ ପୁଣି ପଚାରିଥିଲେ, କାହିଁକି ଚୁପ୍ ରହିଲେ? ଆପଣ ନିଜ ଯୌନ ଅଭିଳାଷ ଚରିତାର୍ଥ କରିବା ପାଇଁ କ'ଣ କରନ୍ତି? ଆପଣଙ୍କ ସହ ଶାରୀରିକ ସମ୍ପର୍କ ରଖିବା ଭଳି କେହି ଅଛନ୍ତି କି? କାହା ସହ ବିବାହ ବହିର୍ଭୂତ ସମ୍ପର୍କ ଅଛି କି? ମହିଳାଙ୍କ ହାତକୁ ଧରି ସେ ପୁଣି କହିଥିଲେ, ବିବାହିତା ହୋଇଥିଲେ ବି କିଛି ଅସୁବିଧା ନାହିଁ। ଆପଣ ବୋର୍ ହେଉଥିଲେ ୪ ଥର ବିବାହ କରିପାରିବେ।

## ହାଇକୋର୍ଟ ଗଲେ ଅନୁଷ୍କା



ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଶର୍ମାଙ୍କ ନାଁରେ ଆୟକର (ଆଇଟି) ବିଭାଗ ନୋଟିସ ଜାରି କରିଥିବା ନେଇ ବମ୍ବେ ହାଇକୋର୍ଟରେ ଅଭିନେତ୍ରୀ ପିଟିଶନ୍ ଦାଏର କରିଛନ୍ତି । ଅନୁଷ୍କାଙ୍କ ପିଟିଶନ୍‌ର ଉତ୍ତର ୩ ସପ୍ତାହ ମଧ୍ୟରେ ରଖିବା ଲାଗି କୋର୍ଟ ଗୁରୁବାର ଆଇଟି ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏ ନେଇ ଆସନ୍ତା ଶୁଣାଣି ଫେବୃୟାରୀ ୬ରେ କରାଯିବ। ସୂଚନା ମୁତାବକ ବର୍ଷ ୨୦୧୨-୧୩ ଏବଂ ୨୦୧୩-୧୪ରେ ଅନୁଷ୍କାଙ୍କୁ କର ପୈଠରେ ଅନିୟମିତତା ପାଇଁ ଆଇଟି ନୋଟିସ ଜାରି କରିଥିଲା। ଅନୁଷ୍କା ନିଜ ଟାକ୍ସ କନ୍‌ସଲଟାଣ୍ଟଙ୍କ ଦ୍ୱାରା କୋର୍ଟରେ ପିଟିଶନ୍ ଦାଏର କରିଥିବାବେଳେ ଜଷ୍ଟିସ୍ ନୀତିନ ଜମାଦାର ଓ ଗୌରୀ ଗଡ଼ସେଙ୍କ ଖଣ୍ଡପୀଠ ଅଭିନେତ୍ରୀ ନିଜେ ନାଁରେ ପିଟିଶନ୍ ଦାଏର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଟ୍ରାଇ-ପାର୍ଟି ଏଗ୍ରିମେଣ୍ଟ ଜରିଆରେ ଅନୁଷ୍କା ଫିଲ୍ମ ଏବଂ ଆୱାର୍ଡ ସେରେମନିରେ ପରଫମ କରିଥିବା ପିଟିଶନ୍‌ରେ କହିଛନ୍ତି। କିନ୍ତୁ ଆଇଟି ପକ୍ଷରୁ ଜରି ନୋଟିସ ଅନୁସାରେ ଅନୁଷ୍କା ପ୍ରତ୍ୟକ୍ଷ ଏଣ୍ଡୋର୍ସମେଣ୍ଟ ଓ ଆୱାର ଫଙ୍କଶନ୍‌ରେ ଉପସ୍ଥିତ ଥିବା କୁହାଯାଇଛି।

## ସଂକ୍ଷେପରେ

### ୬ ୟୁଟ୍ୟୁବ୍ ଚ୍ୟାନେଲ ବ୍ୟାନ୍

ନୂଆଦିଲ୍ଲୀ, ୧୨।୧: ମିଥ୍ୟା ଖବର ପ୍ରସାରଣ ନେଇ ଭାରତୀୟ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଗୁରୁବାର ୬ ୟୁଟ୍ୟୁବ୍ ଚ୍ୟାନେଲକୁ ବ୍ୟାନ୍ କରିଛି। ଏ ନେଇ ପ୍ରେସ୍ ଇନ୍‌ଫମେଶନ୍ ବ୍ୟୁରୋ (ପିଆଇବି) ଏବଂ ଫ୍ୟାକ୍ଟ ଚେକ୍ ୟୁନିଟ୍ (ଏଫ୍‌ସିୟୁ)ର ଯଥେଷ୍ଟ ପ୍ରମାଣ ହସ୍ତଗତ ହୋଇଛି। ଭ୍ୟୁୟର୍ସଙ୍କ ପାଇଁ ଏହି ଫେକ୍ ଚ୍ୟାନେଲ ଜଣାଶୁଣା ନ୍ୟୁଜ୍ ଆଙ୍କରମାନଙ୍କ ଫଟୋ ସାଙ୍ଗକୁ ଉନ୍ମାଦନ ଥମ୍ବନେଲ ବ୍ୟବହାର କରୁଥିଲେ। ଚ୍ୟାନେଲର ୨୦ ଲକ୍ଷରୁ ଅଧିକ ସବ୍‌ସ୍କ୍ରାଇବର ଥିବାବେଳେ ସେମାନଙ୍କ ଦ୍ୱାରା ପରିବେଷଣ ହୋଇଥିବା ଖବରକୁ ୫୧ କୋଟି ଥର ଦେଖାଯାଇଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

### ମହିଳାଙ୍କୁ ମାରି କବରସ୍ଥାନରେ ପୋତିଦେଲେ

ନୂଆଦିଲ୍ଲୀ, ୧୨।୧: ଉତ୍ତର-ପଶ୍ଚିମ ଦିଲ୍ଲୀରେ ଜଣେ ୫୪ ବର୍ଷୀୟା ମହିଳାଙ୍କୁ ହତ୍ୟା କରାଯାଇଛି। ଏ ନେଇ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ମୀନା ୱାଧୱାନ ଗତ ୨ ତାରିଖରୁ ନିଖୋଜ ଥିବାବେଳେ ପରିବାର ଲୋକେ ନିକଟସ୍ଥ ଥାନାରେ ଅଭିଯୋଗ କରିଥିଲେ। ମୀନାଙ୍କ କଲ୍ ଡିଟେଲ୍ସ ଚେକ୍ କରି ପୋଲିସ ୩ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛି। ମୀନା ଶ୍ରମିକ ଶ୍ରେଣୀ ଲୋକଙ୍କୁ ଟଙ୍କା କରଜ ଦେଉଥିଲେ। ୩ ଅଭିଯୁକ୍ତ ରିହାନ, ମୋବିନ ଏବଂ ନବୀନ ତାଙ୍କଠାରୁ ଟଙ୍କା ଧାର ସ୍ୱରୂପ ନେଇଥିବା ପୋଲିସ କହିଛି। କରଜ ଟଙ୍କା ନ ଶୁଝିବା ଲାଗି ମୀନାଙ୍କୁ ହତ୍ୟା ପରେ ନାଙ୍ଗ୍ଲୋଇସ୍ଥିତ ଏକ କବରସ୍ଥାନରେ ପୋତି ଦିଆଯାଇଥିଲା। ଏଥିରେ ବ୍ୟବହୃତ ଅଟୋରିକ୍ସାକୁ ପୋଲିସ ଜବତ କରିଛି। ମୀନାଙ୍କ ମୃତଦେହ ପୋତିବା ଲାଗି କବରସ୍ଥାନ ଜଗୁଆଳି ଅଭିଯୁକ୍ତଙ୍କଠାରୁ ୫ ହଜାର ଟଙ୍କା ନେଇଥିବା ପୋଲିସ କହିଛି।



### ଗ୍ୟାସ୍ ସିଲିଣ୍ଡର ଫାଟି ୬ ମୃତ

ଚଣ୍ଡିଗଡ଼, ୧୨।୧: ହରିୟାଣା ପାନିପଥରେ ଗୁରୁବାରୁ ଗ୍ୟାସ ସିଲିଣ୍ଡର ଫାଟି ଗୋଟିଏ ପରିବାରର ୬ ଜଣଙ୍କ ମୃତ୍ୟୁ ଘଟିଛି। ସିଲିଣ୍ଡର ଫାଟିବା ଯୋଗୁ ଘରେ ନିଆଁ ଲାଗିଯାଇଥିଲା। ଉକ୍ତ ପରିବାର ପଶ୍ଚିମବଙ୍ଗର ହୋଇଥିବାବେଳେ ମୃତ ସ୍ୱାମୀସ୍ତ୍ରୀ ପାନିପଥର ଏକ କାରଖାନାରେ କାମ କରୁଥିଲେ। ଘରୁ ଧୂଆଁ ବାହାରୁଥିବାର ଦେଖି ପଡ଼ୋଶୀ ଅଗ୍ନିଶମ ବିଭାଗ ଏବଂ ପୋଲିସକୁ ସୂଚନା ଦେଇଥିଲେ।

### ଟିଏମ୍‌ସି କର୍ମୀଙ୍କୁ ଗୁଳିକରି ହତ୍ୟା

କୋଲକାତା, ୧୨।୧: ପଶ୍ଚିମବଙ୍ଗ ଆମଗରିଆରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) କର୍ମୀ ଦୁଲାଲ ଶେଖଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଗୁରୁବାର ସକାଳେ ଦୁଲାଲ ସ୍ଥାନୀୟ ବଜାରରେ ଚା' ପିଉଥିବାବେଳେ ଦୁଇଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କ ଉପରକୁ ଗୁଳି ଫୁଟାଇଥିଲେ। ଆଗାମୀ ଦିନରେ ସରପଞ୍ଚ ନିର୍ବାଚନକୁ କେନ୍ଦ୍ର କରି ଦୁଲାଲଙ୍କୁ ହତ୍ୟା କରାଯାଇଥିବା ପୋଲସ ସନ୍ଦେହ କରୁଛି। ପୂର୍ବରୁ ଦୁଲାଲଙ୍କୁ ଅନେକ ହତ୍ୟା ଧମକ ଆସୁଥିବା ତାଙ୍କ ପୁଅ କହିଛନ୍ତି।

### ରାମସେତୁ ପିଆଇଏଲ୍ ଶୁଣାଣି ଫେବୃୟାରୀରେ

ନୂଆଦିଲ୍ଲୀ, ୧୨।୧: ରାମସେତୁକୁ ଜାତୀୟ ଐତିହ୍ୟ ସ୍ମାରକୀ ଘୋଷଣା ସକାଶେ ନିର୍ଦ୍ଦେଶ ଦେବା ନିମନ୍ତେ ଭାଜପା ନେତା ସୁବ୍ରମଣ୍ୟମ୍ ସ୍ୱାମୀ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) କରିଛନ୍ତି। ତାଙ୍କ ପିଟିଶନ୍‌ର ଶୁଣାଣି ଫେବୃୟାରୀ ଦ୍ୱିତୀୟ ସପ୍ତାହରେ କରାଯିବ ବୋଲି ଗୁରୁବାର ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଜଷ୍ଟିସ୍ ପି.ଏସ୍. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଧାର୍ଯ୍ୟ କରିଛନ୍ତି।

# କେନ୍ଦ୍ରର ପ୍ରତିଶୋଧ କାର୍ଯ୍ୟାନୁଷ୍ଠାନ

## ପୂର୍ବତନ ଅର୍ଥ ସଚିବଙ୍କ ନାଁରେ ସିବିଆଇ ମାମଲା



ରାଜସ୍ଥାନର ଅଲଓ୍ୱରରେ 'ଭାରତ ଯୋଡ଼ୋ ଯାତ୍ରା' ବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସହ ପୂର୍ବତନ ଅର୍ଥ ସଚିବ ଅରବିନ୍ଦ ମାୟାରାମ

**ନୋଟ୍‌ର ସିକ୍ୟୁରିଟି ଥ୍ରେଡ୍ ଯୋଗାଣ ଦୁର୍ନୀତି**

ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା) ସରକାର ଅମଳରେ ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ୍ କେନ୍ଦ୍ର ଅର୍ଥମନ୍ତ୍ରୀ ଥିବାବେଳେ ଅରବିନ୍ଦ ମାୟାରାମ ଏହି ମନ୍ତ୍ରଣାଳୟର ସଚିବ ଦାୟିତ୍ୱ ତୁଲାଉଥିଲେ। ସେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍‌ଙ୍କ ଆର୍ଥିକ ପରାମର୍ଶଦାତା ଅଛନ୍ତି। ନିକଟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ 'ଭାରତ ଯୋଡ଼ୋ ଯାତ୍ରା' ରାଜସ୍ଥାନର ଅଲଓ୍ୱରରେ ପହଞ୍ଚିଥିବାବେଳେ ମାୟାରାମ ତାଙ୍କ ସହ ପଦଯାତ୍ରା କରୁଥିବା ଦେଖିବାକୁ ମିଳିଥିଲା। ତେଣୁ ଏହି ସିବିଆଇ ରେଡ୍‌କୁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ଅଭିହିତ କରାଯାଉଛି।

ନୂଆଦିଲ୍ଲୀ, ୧୨।୧

ପୂର୍ବତନ ଅର୍ଥ ସଚିବ ଅରବିନ୍ଦ ମାୟାରାମଙ୍କ ବିରୋଧରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଗୁରୁବାର ଦୁର୍ନୀତି ମାମଲା ରୁଜୁ କରିଛି। ମାୟାରାମଙ୍କ ସମେତ ଅର୍ଥ ମନ୍ତ୍ରଣାଳୟ ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର କେତେଜଣ ବରିଷ୍ଠ ଅଧିକାରୀଙ୍କ ଘରେ ଚଢ଼ାଉ କରାଯାଇଛି।

ଭାରତୀୟ ନୋଟ୍‌ଗୁଡ଼ିକରେ ରହୁଥିବା ସିକ୍ୟୁରିଟି ଥ୍ରେଡ୍ ଦୁର୍ନୀତି ମାମଲାରେ ବ୍ରିଟେନ୍‌ର ଏକ କମ୍ପାନୀ ବିରୋଧରେ ମଧ୍ୟ ସିବିଆଇ ପକ୍ଷରୁ ଏଫ୍‌ଆଇଆର୍ କରାଯାଇଛି। ମାୟାରାମ, ଅର୍ଥ ମନ୍ତ୍ରଣାଳୟ ଏବଂ ଆର୍‌ବିଆଇର ଅଜ୍ଞାତ ଅଧିକାରୀମାନେ ବ୍ରିଟେନର ଡେ ଲା ରୁ୍ୟ ଇଣ୍ଟରନ୍ୟାଶନାଲ ଲିଃକୁ ଅହେତୁକ ଅନୁଗ୍ରହ ଦେଖାଇବା ପାଇଁ ଆପରାଧିକ ଷଡ଼ଯନ୍ତ୍ର ରଚିଥିଲେ ବୋଲି ତଦନ୍ତକାରୀ ସଂସ୍ଥା ନିଜ ଏଫ୍‌ଆଇଆର୍‌ରେ ଉଲ୍ଲେଖ କରିଛି। ସିବିଆଇ ଏଥିରେ ଅଭିଯୋଗ ଆଣିଛି ଯେ ୨୦୧୨ରୁ ୨୦୧୪ ମଧ୍ୟରେ ମାୟାରାମ ଅର୍ଥ ମନ୍ତ୍ରଣାଳୟରେ ସଚିବ ଦାୟିତ୍ୱ ତୁଲାଇବା ବେଳେ ବ୍ରିଟେନର ଏହି କମ୍ପାନୀକୁ ଭାରତୀୟ ନୋଟ୍‌ରେ ବ୍ୟବହୃତ ସିକ୍ୟୁରିଟି ଥ୍ରେଡ୍ ଯୋଗାଣ ପାଇଁ ଅନୁଗ୍ରହ ଦେଖାଇଥିଲେ। ଯୋଗାଣ କଣ୍ଟ୍ରାକ୍ଟ ଅବଧି ଶେଷ ହୋଇଯିବା ପରେ ବେଆଇନ ଭାବେ ଏହାକୁ ଆହୁରି ୩ ବର୍ଷ ବୃଦ୍ଧି କରିଥିଲେ। ଏଥିଲାଗି ସେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର କୌଣସି ବାଧ୍ୟତାମୂଳକ ସୁରକ୍ଷା ମଞ୍ଜୁରୀ ନେଇ ନ ଥିଲେ କିମ୍ବା ତତ୍କାଳୀନ ଅର୍ଥମନ୍ତ୍ରୀଙ୍କୁ ଅବଗତ କରାଇ ନ ଥିଲେ। କମ୍ପାନୀକୁ ମାୟାରାମ ଦେଇଥିବା ଏକ୍ସଟେନଶନ୍ ଚତୁର୍ଥ ଥିଲା। ୧୯୭୮ ବ୍ୟାଚ୍‌ର ଏହି ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀଙ୍କ ନୂଆଦିଲ୍ଲୀ ଓ ଜୟପୁର ବାସଭବନରେ ୬ ଘଣ୍ଟା ଧରି ଚଢ଼ାଉ କରାଯାଇଛି। ୨୦୧୮ରେ ଅର୍ଥ ମନ୍ତ୍ରଣାଳୟ ଅଧୀନ ଆର୍ଥିକ ବ୍ୟାପାର ବିଭାଗର ଚିଫ୍ ଭିଜିଲାନ୍ସ ଅଫିସରଙ୍କ ଅଭିଯୋଗକ୍ରମେ ସିବିଆଇ ପକ୍ଷରୁ ଏହା ଉପରେ ପ୍ରାଥମିକ ତଦନ୍ତ କରାଯାଇଥିଲା।

## ଏଏପିକୁ ୧୬୪ କୋଟି ପଇଠ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୨।୧

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ନେତୃତ୍ୱାଧୀନ ଆମ୍ ଆଦ୍‌ମୀ ପାର୍ଟି (ଏଏପି)କୁ ତାଙ୍କ ସରକାର ପକ୍ଷରୁ ରାଜନୈତିକ ବିଜ୍ଞାପନ ବାବଦକୁ ୧୬୩.୬୨ କୋଟି ଟଙ୍କା ୧୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଛି। ଏହା ହେଉଛି ଦିଲ୍ଲୀରେ କେନ୍ଦ୍ର ବନାମ ଏଏପିର ସଦ୍ୟତମ ଲଢ଼େଇ। ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସାକ୍ସେନା କେନ୍ଦ୍ର ସରକାରଙ୍କ ଏଜେଣ୍ଟ ଭାବେ କାର୍ଯ୍ୟ କରି କେଜ୍‌ରିୱାଲ ସରକାରଙ୍କ ପ୍ରତି ପଦକ୍ଷେପରେ କଣ୍ଟା ସାଜୁଥିବା ନେଇ ଏଏପି ଅଭିଯୋଗ ଆଣିଛି। କାରଣ ଗତ ଡିସେମ୍ବର ୨୦ରେ ସାକ୍ସେନା ଏହି ବିଜ୍ଞାପନ ନେଇ ଆଇନଗତ କାର୍ଯ୍ୟାନୁଷ୍ଠାନର ସଙ୍କେତ ଦେଇଥିଲେ।

ସରକାରୀ ସନ୍ଦେଶ ଦେବା ବାହାନାରେ ଏଏପି ନିଜ ରାଜନୈତିକ ଫାଇଦା ପାଇଁ ଏହି ବିଜ୍ଞାପନ ଛପାଇଥିବା ଦର୍ଶାଇ ଡାଇରେକ୍ଟୋରେଟ୍ ଅଫ୍ ଇନ୍‌ଫର୍ମେଶନ୍ ଆଣ୍ଡ ପବ୍ଲିସିଟି (ଡିଆଇପି) ପକ୍ଷରୁ ରିକଭରି ନୋଟିସ କରାଯାଇଛି। ୨୦୧୭ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବିଜ୍ଞାପନରେ ଖର୍ଚ୍ଚ ହୋଇଥିବା ୯୯.୩୧ କୋଟି ଏଏପି ପଇଠ କରିବ। ଅବଶିଷ୍ଟ ୬୪.୩୧ କୋଟି ଟଙ୍କା ହେଉଛି ମୂଳ ରାଶି ଉପରେ ନିୟମ ଭଙ୍ଗଜନିତ ଜରିମାନା। ୧୦ ଦିନ ଭିତରେ ଏଏପି ୧୬୩.୬୨ କୋଟି ଟଙ୍କା ପଇଠ କରିବାରେ ବିଫଳ ହେଲେ ଦଳର ଦିଲ୍ଲୀ ଅଫିସ ଏବଂ ଅନ୍ୟ ସମ୍ପତ୍ତିଗୁଡ଼ିକୁ ବାଜ୍ୟାପ୍ତ କରାଯିବ ବୋଲି ଉପରାଜ୍ୟପାଳ ଭି.କେ. ସାକ୍ସେନା ଚେତାବନୀ ଦେଇଥିବା ଡିଆଇପି ଅଧିକାରୀମାନେ କହିଛନ୍ତି। ଅନ୍ୟପକ୍ଷେ ଏଲ୍‌ଜି ସାକ୍ସେନା ଏବଂ ଭାଜପା କେଜ୍‌ରିୱାଲ ଓ ତାଙ୍କ ଦଳକୁ ବଦନାମ କରିବାକୁ ଉଦ୍ୟମ କରୁଥିବା ଏଏପି ପକ୍ଷରୁ ଅଭିଯୋଗ ଅଣାଯାଇଛି। ଏଲ୍‌ଜିଙ୍କ ଏପରି ନିର୍ଦ୍ଦେଶନାମା ଜାରି କରିବା କ୍ଷମତା ନାହିଁ। ଏହି ଅର୍ଡର ସାକ୍ସେନାଙ୍କ 'ନୂଆ ପ୍ରେମପତ୍ର' ବୋଲି ଏଏପି ମୁଖପାତ୍ର ସୌରଭ ଭରଦ୍ୱାଜ କହିଛନ୍ତି। ପ୍ରକାଶ ଯେ, ଦୀର୍ଘ ୧୫ ବର୍ଷ ଧରି ଭାଜପା ଦଖଲରେ ଥିବା ଦିଲ୍ଲୀ ମହାନଗର ନିଗମ (ଏମ୍‌ସିଡି)କୁ ଏଏପି ଛଡ଼ାଇନେବା ପରେ ଦୁଇଦଳ ମଧ୍ୟରେ କ୍ଷମତାଯୁଦ୍ଧ ତୀବ୍ରତର ହୋଇଛି।

**ରାଜନୈତିକ ବିଜ୍ଞାପନ: ଡିଆଇପି ନୋଟିସ**




ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ

> ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ନିଜ ତଥା ଏଏପିର ଚେହେରା ଚମକାଇବା ପାଇଁ ସାଧାରଣ ଲୋକଙ୍କ ଅର୍ଥକୁ ପାଣି ଭଳି ଖର୍ଚ୍ଚ କରିଛନ୍ତି। ୧୬୪ କୋଟି ଟଙ୍କା ରାଜକୋଷକୁ ନ ଫେରିବା ଯାଏ ଏଏପିର ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରାଯିବା ଉଚିତ।
> -ମନୋଜ ତିୱାରୀ, ଭାଜପା ଏମ୍‌ପି

> କେନ୍ଦ୍ରଶାସିତ ଅଞ୍ଚଳର ସରକାର ଓ ମନ୍ତ୍ରୀମାନଙ୍କୁ ଟାର୍ଗେଟ କରିବା ଲାଗି ଭାଜପା ଦିଲ୍ଲୀର ଅଧିକାରୀମାନଙ୍କୁ ଖୋଲାଖୋଲି ଭାବେ ବ୍ୟବହାର କରୁଛି। ସେମାନେ ସର୍ଭିସ୍ ଡିପାର୍ଟମେଣ୍ଟକୁ ନିଜ ନିୟନ୍ତ୍ରଣକୁ ନେଇ ଆମ ବିରୋଧରେ ଲଗାଉଛନ୍ତି।
> -ମନୀଷ ସିସୋଡିଆ, ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ

## ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାରେ ତ୍ରୁଟି

**ରୋଡ୍ ଶୋ' ବେଳେ ଫୁଲମାଳ ପିନ୍ଧାଇବାକୁ ଧାଇଁଲେ ଯୁବକ**

ବେଙ୍ଗାଲୁରୁ, ୧୨।୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୁରକ୍ଷାରେ ଗୁରୁବାର ବଡ଼ ତ୍ରୁଟି ଦେଖିବାକୁ ମିଳିଛି। ୨୯ତମ ଜାତୀୟ ଯୁବ ମହୋତ୍ସବରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ କର୍ଣ୍ଣାଟକ ଗସ୍ତ କରିଛନ୍ତି। ସେ ବିମାନବନ୍ଦରରେ ଓହ୍ଲାଇ ହୁବ୍ଲିରେ ରୋଡ୍ ଶୋ' କରୁଥିବାବେଳେ ଜଣେ ଯୁବକ ତାଙ୍କ କାର୍ ନିକଟକୁ ଧାଇଁଆସି ଫୁଲମାଳ ପିନ୍ଧାଇବାକୁ ଉଦ୍ୟମ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାରେ ନିୟୋଜିତ ସ୍ପେଶାଲ ପ୍ରୋଟେକ୍ସନ ଗ୍ରୁପ୍ (ଏସ୍‌ପିଜି) ଅଧିକାରୀମାନେ ତାଙ୍କୁ କାବୁ କରିନେଇଥିଲେ। ପ୍ରଧାନମନ୍ତ୍ରୀ ଯୁବକଙ୍କଠାରୁ ଫୁଲମାଳ ନେଇ ନିଜ ଏସ୍‌ୟୁଭି ବୋନେଟ୍ ଉପରେ ରଖିଦେଇଥିଲେ। ଏହି ଭିଡିଓ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇଛି। ତେବେ ଏତେ କଡ଼ା ସୁରକ୍ଷା ବଳୟ ଘେରରେ ଥିବା ପ୍ରଧାନମନ୍ତ୍ରୀଙ୍କ ଅତି ନିକଟକୁ ଯୁବକ ଜଣକ ପହଞ୍ଚିବାରେ କିପରି ସକ୍ଷମ ହେଲେ ତାହା ଜଣାପଡ଼ିନାହିଁ। ପ୍ରକାଶ ଯେ, ଗତବର୍ଷ ଜାନୁୟାରୀ ୫ରେ ପ୍ରଧାନମନ୍ତ୍ରୀ ପଞ୍ଜାବର ଫିରୋଜପୁର ଗସ୍ତ କରୁଥିବାବେଳେ ମଧ୍ୟ ତାଙ୍କ ସୁରକ୍ଷାରେ ତ୍ରୁଟି ହୋଇଥିଲା। କେନ୍ଦ୍ରର କୃଷି ଆଇନକୁ ବିରୋଧ କରିଥିବା ଚାଷୀମାନେ ରାସ୍ତା ଅବରୋଧ କରିବାରୁ ଏକ ଫ୍ଲାଏଓଭର ଉପରେ ମୋଦି ୨୦ ମିନିଟ ଧରି ଫସିରହିଥିଲେ। ଶେଷରେ ସେଠାରୁ ଦିଲ୍ଲୀ ଫେରିଯାଇଥିଲେ।

## ୨୦ ହଜାର ଯବାନ ସ୍ଥାନାନ୍ତର ହେବେ

**ଚିନ୍ତା ବଢ଼ାଇଲା ଜୋଷୀମଠ ଫାଟ**

ଡେରାଡୁନ୍, ୧୨।୧

ଉତ୍ତରାଖଣ୍ଡ ଚମୋଲି ଜିଲା ଜୋଷୀମଠ ସହରକୁ ଭୂସ୍ଖଳନ ଜୋନ୍ ଘୋଷଣା କରାଯିବା ପରେ ସ୍ଥାନୀୟ ଲୋକଙ୍କୁ ସୁରକ୍ଷିତ ଜାଗାକୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ଆର୍ମି ଟ୍ରୁପ୍‌କୁ ଅନ୍ୟ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ନିଷ୍ପତ୍ତି ନିଆଯାଇଥିବା ଆର୍ମି ଚିଫ୍ ଜେନେରାଲ ମନୋଜ ପଣ୍ଡେ ଗୁରୁବାର କହିଛନ୍ତି। ଚାଇନା ସୀମାରେ ଅବସ୍ଥିତ ଜୋଷୀମଠର ୨୫ରୁ ୨୮ ଆର୍ମି ବିଲ୍ଡିଂରେ ଫାଟ ଦେଖାଯିବା ପରେ ସେମାନଙ୍କୁ ଆଉଲି ସ୍ଥାନାନ୍ତର କରାଯିବ। ଆବଶ୍ୟକସ୍ଥଳେ ଅଧିକ ୟୁନିଟ୍ ମୁତୟନ କରାଯିବା ସହ ଯବାନ ପ୍ରତିକୂଳ ସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ଥିବା ଜେନେରାଲ ପାଣ୍ଡେ କହିଛନ୍ତି।



ଜୋଷୀମଠର ଏକ ଘର କାନ୍ଥରେ ଫାଟ ଦେଖି ଚିନ୍ତାରେ ଜଣେ ମହିଳା।

ପ୍ରକୃତ ନିୟନ୍ତ୍ରଣ ରେଖା ସଂଲଗ୍ନ ୩,୪୮୮ କି.ମି. ପରିମିତ ସ୍ଥାନକୁ ଶତ୍ରୁ ରାଷ୍ଟ୍ର କବଳରୁ ରକ୍ଷା କରିବା ଲାଗ ୨୦, ୦୦୦ ଟ୍ରୁପ୍‌କୁ ନେଇ ସେନା ଛାଉଣି କରାଯାଇଛି।

ଜୋଷୀମଠର ୭୦୦ ବିଲ୍ଡିଂ କାନ୍ଥରେ ଫାଟ ଦେଖାଯାଇଥିବାବେଳେ ବିପଦସଙ୍କୁଳ କୋଠାକୁ ନାଲି ଛକି ଚିହ୍ନ ଦ୍ୱାରା ଚିହ୍ନଟ କରାଯାଇଛି। ଲୋକଙ୍କ ଥଇଥାନ ପାଇଁ ରାଜ୍ୟ ସରକାର ୪୫ କୋଟି ଟଙ୍କାର ରିଲିଫ୍ ପ୍ୟାକେଜ୍‌ର ଘୋଷଣା କରିଛନ୍ତି। ଏଥିରେ ୩,୦୦୦ ପରିବାର ଲାଭବାନ ହେବେ ବୋଲି ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି କହିଛନ୍ତି। ପ୍ରତି ପରିବାରକୁ ଦେଢ଼ ଲକ୍ଷ ଟଙ୍କା ଦେବା ଲାଗି ସରକାର ଘୋଷଣା କରିଥିବାବେଳେ ଜମି ମାଲିକଙ୍କୁ ପ୍ରଥମ ପର୍ଯ୍ୟାୟରେ ୧ ଲକ୍ଷ ଟଙ୍କା ଅଗ୍ରିମ ଦିଆଯିବ।

### ଏଲ୍‌ଏସିରେ ପ୍ରତିକୂଳ ସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ: ସେନାମୁଖ୍ୟ

ନୂଆଦିଲ୍ଲୀ, ୧୨।୧: ଅନ୍ତର୍ଜାତୀୟ ସୀମାରେ କୌଣସି ପ୍ରକାର ପ୍ରତିକୂଳ ସ୍ଥିତି ସୃଷ୍ଟି ହେଲେ ତା'ର ମୁକାବିଲା ପାଇଁ ଭାରତ ପ୍ରସ୍ତୁତ ହୋଇରହିଛି ବୋଲି ଗୁରୁବାର ସେନାମୁଖ୍ୟ ଜେନେରାଲ ମନୋଜ ପାଣ୍ଡେ ପ୍ରକାଶ କରିଛନ୍ତି। ସେନା ଦିବସ ପୂର୍ବରୁ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ଜେନେରାଲ ପାଣ୍ଡେ କହିଛନ୍ତି, ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି)ରେ ଚାଇନାର ପିପୁଲ୍ସ ଲିବରେଶନ୍ ଆର୍ମି (ପିଏଲ୍‌ଏ) ସୈନ୍ୟ ସଂଖ୍ୟା ବଢ଼ାଉଛି। ଏହାକୁ ଦୃଷ୍ଟିରେ ରଖି ଭାରତୀୟ ସେନାର ମଧ୍ୟ ବହୁ ସଂଖ୍ୟକ ଯବାନ ମୁତୟନ ହୋଇଛନ୍ତି। ଭାରତ-ଚାଇନା ସୀମାରେ ଏକ ବୃହତ୍ ରୋଡ୍ ନେଟ୍‌ୱର୍କ ପ୍ରତିଷ୍ଠା ସହ ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ ଦିଆଯାଉଛି। ସୀମାରେ ସ୍ଥିତି ସ୍ଥିର ରହିଛି। କିନ୍ତୁ କେତେବେଳେ କ'ଣ ଘଟିବ କିଛି କହି ହେଉନାହିଁ।

## ଭାରତୀୟ କଫ୍ ସିରପ୍ ବ୍ୟବହାର କରନାହିଁ: ଡବ୍ଲ୍ୟୁଏଚ୍‌ଓ

**ଉଜ୍‌ବେକିସ୍ତାନରେ ୧୯ ପିଲାଙ୍କ ମୃତ୍ୟୁ ପରେ ବାରଣ**

ଜେନେଭା, ୧୨।୧

କଫ୍ ସିରପ୍‌ରେ ଉପଯୁକ୍ତ ପରିମାଣର ଡାଇଇଥିଲନ୍ ଗ୍ଲାଇକୋଲ ନ ଥିବା ଯୋଗୁ ଭାରତ ନିର୍ମିତ ଦୁଇ କଫ୍ ସିରପ୍ ଛୋଟ ପିଲାଙ୍କୁ ନ ଦେବାକୁ ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ୍ (ଡବ୍ଲ୍ୟୁଏଚ୍‌ଓ) ସତର୍କ କରିଛି। ଉଜ୍‌ବେକିସ୍ତାନରେ କଫ୍ ସିରପ୍ ପିଇ ୧୯ ପିଲାଙ୍କ ମୃତ୍ୟୁ ଘଟଣାରେ ନୋଏଡାର ଫାର୍ମା କମ୍ପାନୀ ମାରିଓନ୍ ବାୟୋଟେକ୍ ଦ୍ୱାରା ପ୍ରସ୍ତୁତ ଏମ୍ବ୍ରୋନୋଲ ଏବଂ ଡୋକ୍-୧ କଫ୍ ସିରପ୍‌କୁ ଡବ୍ଲ୍ୟୁଏଚ୍‌ଓ ଦାୟୀ କରାଯାଉଛି। ଭାରତ ନିର୍ମିତ କଫ୍ ସିରପ୍ ପିଇବା ଯୋଗୁ ୧୯ ଶିଶୁଙ୍କ ମୃତ୍ୟୁ ଘଟିଥିବା ଉଜ୍‌ବେକିସ୍ତାନ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଗତ ଡିସେମ୍ବରରେ କୁହାଯାଇଥିଲା। ଘଟଣା ସମ୍ପର୍କରେ ଡବ୍ଲ୍ୟୁଏଚ୍‌ଓ ଯାଞ୍ଚ ଆରମ୍ଭ କରିଥିଲା। ତେବେ ଲାବରେଟୋରି ଟେଷ୍ଟ ପରେ ଉକ୍ତ କଫ୍ ସିରପ୍‌ରେ ବିଭିନ୍ନ ଉପାଦାନର ମାତ୍ରା ଠିକ୍ ପରିମାଣରେ ନ ଥିବା ଡବ୍ଲ୍ୟୁଏଚ୍‌ଓ ଜାଣିବାକୁ ପାଇଥିବା ନିଜ ୱେବ୍‌ସାଇଟ୍‌ରେ ଉଲ୍ଲେଖ କରିଛି। ଉଜ୍‌ବେକିସ୍ତାନ ଛଡ଼ା ଅନ୍ୟ ଦେଶର ଲୋକେ ମଧ୍ୟ ମାରିଓନ୍ ବାୟୋଟେକ୍‌ର ଉକ୍ତ କଫ୍ ସିରପ୍ ଶିଶୁଙ୍କ କ୍ଷେତ୍ରରେ ବ୍ୟବହାର ନ କରିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପରାମର୍ଶ ଦେଇଛି। ଅନ୍ୟପକ୍ଷେ ଏହି କଫ୍ ସିରପ୍ ସେବନ ଦ୍ୱାରା ଛୋଟ ପିଲାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯିବାର ଆଶଙ୍କା ଥିବା ଜାତିସଂଘ ସ୍ୱାସ୍ଥ୍ୟ ଏଜେନ୍ସି କହିଛି।




ଏ ନେଇ ଉତ୍ତର ପ୍ରଦେଶ ଖାଦ୍ୟ ସୁରକ୍ଷା ଏବଂ ଔଷଧ ପ୍ରବନ୍ଧନ ମାରିଓନ୍ ବାୟୋଟେକ୍‌ର ପ୍ରଡକ୍ସନ ଲାଇସେନ୍ସକୁ ରଦ୍ଦ କରିଛି। କମ୍ପାନୀ ଯାଞ୍ଚ ଅଧିକାରୀଙ୍କୁ ଉପଯୁକ୍ତ ତଥ୍ୟ ନ ଦେବା ସହ କାରଣ ଦର୍ଶାଅ ନୋଟିସ୍‌ର ଉତ୍ତର ନ ଦେବାରୁ ପ୍ରବନ୍ଧନ ପକ୍ଷରୁ ଏ ପ୍ରକାର କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା କୁହାଯାଇଛି।

## ଗଙ୍ଗୋତ୍ରୀରେ ବିୟୁକ୍ତ ୩ ଡିଗ୍ରୀ

ଡେରାଡୁନ୍, ୧୨।୧



ଉତ୍ତରାଖଣ୍ଡ ଗଙ୍ଗୋତ୍ରୀ ଧାମରେ ସର୍ବନିମ୍ନ ତାପମାତ୍ରା ବିୟୁକ୍ତ ୩ ଡିଗ୍ରୀ ସେଲସିୟସ୍‌ରେ ପହଞ୍ଚିଛି। ଭୀଷଣ ବରଫପାତ କାରଣରୁ ସ୍ଥାନୀୟ ଅଞ୍ଚଳରେ ଥିବା ଐତିହ୍ୟ ପୀଠ ସବୁ ବରଫାଚ୍ଛନ୍ନ ହୋଇଯାଇଛି। ଆଗାମୀ ଦିନରେ ପାରଦ ମାଇନସ ୯ ଡିଗ୍ରୀ ଛୁଇଁବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପଞ୍ଜାବ, ହରିୟାଣା ଚଣ୍ଡିଗଡ଼, ଦିଲ୍ଲୀ ଏବଂ ଉତ୍ତର ପ୍ରଦେଶରେ ଶୀତ ଲହରି ସାଙ୍ଗକୁ ଘନ କୁହୁଡ଼ି ଦେଖିବାକୁ ମିଳିଛି। ତେବେ ୧୭ ତାରିଖ ପର୍ଯ୍ୟନ୍ତ ଜଳବାୟୁରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

**ବସ୍‌ଷ୍ଟାଣ୍ଡ ଦେଇ ଚଳାଚଳ କରୁ ଦ୍ରୁତଗାମୀ ବସ୍**

ଲାଠୋର,(ଡି.ଏନ.ଏ.): ଖପ୍ରାଖୋଲ ବ୍ଲକ ଲାଠୋର ବସ୍‌ଷ୍ଟାଣ୍ଡ ଦେଇ ଦ୍ରୁତଗାମୀ ବସ୍ ଚଳାଚଳ କରିବାକୁ ଦାବି ହେଉଛି। ଲୋକେ ବିଭିନ୍ନ କାମରେ ଭୁବନେଶ୍ୱର ଏବଂ କଟକ ଯିବା ଆସିବା କରୁଛନ୍ତି। ହେଲେ ସମ୍ପୃକ୍ତ ଦୁଇସ୍ଥାନକୁ ଯାତାୟତ କରୁଥିବା ଘରୋଇ ବସ୍ ବୁଲବୁଲ ଏବଂ ଶ୍ରୀରାମ ଲାଠୋର ଦେଇ ଚଳାଚଳ କରୁନାହିଁ। ଲାଠୋର ବସ୍‌ଷ୍ଟାଣ୍ଡ ନଆସି କଲେଜ ଛକ ଦେଇ ବସ୍ ଗନ୍ତବ୍ୟ ସ୍ଥଳକୁ ଯାଉଛି। ଫଳରେ ଯାତ୍ରୀମାନେ ଗ୍ରାମରୁ ୨ କିମିରୁ ଅଧିକ ରାସ୍ତା କଲେଜ ଛକକୁ ଯାଇ ବସ୍‌କୁ ଧରୁଛନ୍ତି। ସମସ୍ୟାକୁ ଦୃଷ୍ଟିରେ ରଖି ଉଭୟ ବସ୍‌କୁ ଲାଠୋର ବସ୍‌ଷ୍ଟାଣ୍ଡରୁ ଯିବା ଆସିବା କରିବାକୁ ଦାବି ହେଉଛି।

## ଲୋଇସିଂହା ବ୍ଲକ: ୧ଲକ୍ଷ ୩୭ ହଜାର ୭୨୭ କୁଇଣ୍ଟାଲ ଧାନକ୍ରୟ

**ଲୋଇସିଂହା ,୧୨।୧(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ଅଦ୍ୟାବଧି ୩ ହଜାର ୨୧୫ ଜଣ ଚଷୀଙ୍କଠାରୁ ୧ ଲକ୍ଷ ୩୭ ହଜାର ୭୭୨ କୁଇଣ୍ଟାଲ ଧାନ କ୍ରୟ ହୋଇଥିବା ସୂଚନା ମିଳିଛି। ବ୍ଲକର କାନ୍ଦାଜୁରୀ ପାକ୍ସରେ ୩୦୭ ଜଣ ଚାଷୀଙ୍କଠାରୁ ୧୩ ହଜାର ୬୯୫ କୁଇଣ୍ଟାଲ ଧାନ କ୍ରୟ ସରିଛି। ସେହିପରି କୁଶମେଲ ପାକ୍ସରେ ୩୨୮ ଚଷୀଙ୍କଠାରୁ ୧୪ ହଜାର ୨୯୮ କୁଇଣ୍ଟାଲ, ବାଦିମୁଣ୍ଡା ପାକ୍ସରେ ୩୨ ଚାଷୀଙ୍କଠାରୁ ୧୩ ହଜାର ୬୬୬୭ କୁଇଣ୍ଟାଲ, କୁଶଙ୍ଗରେ ୪୮୦ ଚାଷୀଙ୍କଠାରୁ ୨୧ ହଜାର୧୪୫ କୁଇଣ୍ଟାଲ, ଲୋଇସିଂହା ପାକ୍ସରେ ୨୩୨ ଚାଷୀଙ୍କଠାରୁ ୧୦ ହଜାର ୪୫୦ କୁଇଣ୍ଟାଲ, ସରଗାଡ ପାକ୍ସରେ ୩୯୮ ଚାଷୀଙ୍କଠାରୁ ୧୬ ହଜାର ୧୩୮ କୁଇଣ୍ଟାଲ, ରେଙ୍ଗାଲି ପାକ୍ସରେ ୧୮୦ଚାଷୀଙ୍କଠାରୁ ୮ ହଜାର ୩୪୮ କୁଇଣ୍ଟାଲ, ଗଡଶଙ୍କର ଡୁଙ୍ଗରିପାଲି ପାକ୍ସରେ ୧୫୧ ଚାଷୀଙ୍କଠାରୁ ୭ ହଜାର ୩ ଶହ କୁଇଣ୍ଟାଲ, ବୁର୍ଡା ପାକ୍ସରେ ୨୬୯ ଚାଷୀଙ୍କଠାରୁ ୧୦ହଜାର ୮୨୭ କୁଇଣ୍ଟାଲ ଧାନକ୍ରୟ କରାଯାଇଛି। ଅପରପକ୍ଷେ ବିବାଦୀୟ ହୋଇ ପଡିଥିବା ଯୋଗୀସର୍ଡା ପାକ୍ସରେ ୫୪୯ ଚାଷୀଙ୍କଠାରୁ ୨୧ ହଜାର ୮୪୪ କୁଇଣ୍ଟାଲ ଧାନ କ୍ରୟ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ବ୍ଲକର ୧୦ ପାକ୍ସ ଅଧୀନରେ ୪୭୯୨ ଜଣ ଚାଷୀ ଖରିଫ ଧାନବିକ୍ରି ପାଇଁ ପଞ୍ଜୀକୃତ ହୋଇଛନ୍ତି। ଏବେ ବି ବହୁ ମଣ୍ଡିରେ ଶହଶହ ବସ୍ତାଧାନ ବିକ୍ରି ଅପେକ୍ଷାରେ ପଡି ରହିଛି। ମିଲର୍ସ ଗାଡି ପଠାଉ ନ ଥିବାରୁ ଚାଷୀଙ୍କ ଟୋକନ କଟି ଯାଉଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି।

# ପିଡିଏସ୍ ବଣ୍ଟନ ବେଳେ ଯୋଗାଣ ସହାୟକଙ୍କୁ ମାଡ଼

**ଲୋଇସିଂହା,୧୨।୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସଦର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପିଡିଏସ୍ ସାମଗ୍ରୀ ବଣ୍ଟନ ବେଳେ ବୁଧବାର ଜଣେ ଯୁବକ ଉନ୍ମତ୍ତ କାଣ୍ଡ ଭିଆଇଛନ୍ତି। ପଞ୍ଚାୟତର ଯୋଗାଣ ସହାୟକ ମାଧବ ଭୋଇଙ୍କୁ ମାଡ ମାରିବା ସହ ଜୀବନରେ ମାରି ଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ଅଧିକ ଉତ୍ତ୍ୟକ୍ତ ହୋଇ ପିଡିଏସ୍ ସାମଗ୍ରୀ ଓଜନ ମେଶିନକୁ ଭାଙ୍ଗି ଦେଇଥିବା ସରପଞ୍ଚ ନବ କିଶୋର ନାଏକ ଲୋଇସିଂହା ଥାନାରେ

**ଗିରଫ ଦାବି କଲା ଆଦିବାସୀ କଲ୍ୟାଣ ସଂଘ**

ଅଭିଯୋଗ କରିଛନ୍ତି। ଘଟଣାକୁ ୨୪ଘଣ୍ଟା ବିତି ଯାଇଥିଲେ ବି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିନାହିଁ। ଏହାର ପ୍ରତିବାଦରେ ଗୁରୁବାର ବ୍ଲକ ଆଦିବାସୀ ସଂଘ ସଭାପତି ଦଶରଥ ଛତ୍ରିଆଙ୍କ ନେତୃତ୍ୱରେ ଗୋପାଳ ପଧାନ, ଶ୍ୟାମସୁନ୍ଦର ଭୋଇ, ଗଣ୍ଡାରାମ ପଧାନ, ଗୌରାଙ୍ଗ ପୁଟା, ଋକ୍ମଣ ଧରୁଆ ପ୍ରମୁଖଙ୍କୁ ନେଇ ଏକ ପ୍ରତିନିଧି ଦଳ ଥାନା ଅଧିକାରୀଙ୍କୁ ଭେଟି ଅଭିଯୁକ୍ତଙ୍କୁ ଗିରଫ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ଲୋଇସିଂହା ପଞ୍ଚାୟତ କାର୍ଯ୍ୟାଳୟରେ ବୁଧବାର ପିଡିଏସ୍ ଗୋଦାମରେ ଯୋଗାଣ ସହାୟକ ଭୋଇ ପିଡିଏସ ସାମଗ୍ରୀ ବଣ୍ଟନ କରୁଥିଲେ। ଅପରାହ୍ନ ପ୍ରାୟ ସାଢେ ୪ଟାରେ ଲୋଇସିଂହା ନୂଆପଡାର ପୂର୍ବତନ ୱାର୍ଡସଭ୍ୟ ଗୌତମ କବାଟ ପିଡିଏସ ବଣ୍ଟନ କେନ୍ଦ୍ରକୁ ବିନା ରାଶନ କାର୍ଡରେ ଯାଇଥିଲେ। ଯୋଗାଣ ସହାୟକଙ୍କୁ ୨ବସ୍ତା ପିଡିଏସ୍ ଦେବାକୁ ଦାବି କରିଥିଲେ। ସୁଜିଆ ଗ୍ରାମବାସୀଙ୍କୁ ପିଡିଏସ୍ ବଣ୍ଟନ କରାଯାଉଛି, ନୂଆପାଡ ପାଳି ଆସିନାହିଁ ବୋଲି କହିଥିଲେ। ଯଦି ରାଶନ କାର୍ଡ ଧରିଛ ତେବେ ପରିବାରର ୩ ଜଣ ମୁଣ୍ଡ ପିଛା ଆକାରରେ ୪୫ କେଜି ଦେଇ ହେବ ବୋଲି କହିଥିଲେ ଯୋଗାଣ ସହାୟକ ଭୋଇ। ହେଲେ ଗୌତମ ୨ବସ୍ତା ପିଡିଏସ ଚାଉଳ ଦାବି କରିଥିଲେ। ଯୋଗାଣ ସହାୟକ ରାଜି ନ ହେବାରୁ ରାଗି ଯାଇ ଗୌତମ ତାଙ୍କୁ ଗାଳିଗୁଲଜ କରିବା ସହ ବେକକୁ ଚିପି ମାରି ଦେବାକୁ ଉଦ୍ୟମ କରିଥିଲେ। ଶାର୍ଟ ପ୍ୟାଣ୍ଟ ଚିରି ଦେବା ସହ ପିଡିଏସ୍ ବଣ୍ଟନ ମେଶିନକୁ ଉଠାଇ ଆଣି ଭାଙ୍ଗି ଦେଇଥିଲେ। ଆଇଆଇସି ବାମଦେବ ଶଙ୍ଖୁଆଳ କହିଛନ୍ତି ଯେ, ଅଭିଯୋଗ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

## ଡଙ୍ଗରପଡା ସାପ୍ତାହିକ ବଜାର ଉଦ୍‌ଘାଟିତ



ସାପ୍ତାହିକ ବଜାର ଉଦ୍‌ଘାଟନ ଅବସରରେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥି।

**ଦେଓଗାଁ, ୧୨।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଧଣ୍ଡାମାଲ ପଞ୍ଚାୟତ ଅନ୍ତର୍ଗତ ଡଙ୍ଗରପଡା ଗାଁ ନିକଟରେ ଗ୍ରାମ ପଞ୍ଚାୟତ ଓ ମିଶନ ଶକ୍ତି ସହାୟତାରେ ଏକ ସପ୍ତାହିକ ବଜାର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ସରପଞ୍ଚ ସଞ୍ଜୁ ଶିକାଙ୍କ ସଭାପତିତ୍ୱ ଓ ଓଡିଶା ଜୀବିକା ମିଶନ ସଂଯୋଜକ ପ୍ରଦୀପ ଛତ୍ରିଆଙ୍କ ପରିଚାଳନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଦିବସରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବ୍ଲକ ଉପାଧ୍ୟକ୍ଷ ସୂର୍ଯ୍ୟକାନ୍ତି ଛତ୍ରିଆ, ବନ୍ଧପଡା ସମିତି ସଭ୍ୟ କାନ୍ତେଶ୍ୱର ପଧାନ, ଡୁମେରପିଟା ସମିତି ସଭ୍ୟ ସଂକୀର୍ତ୍ତନ ବାଗ, ଲଣ୍ଡାପଥର ସମିତି ସଭ୍ୟ ବିକାଶ ଭୁଏ, ଜରାସିଂହ ସମିତି ସଭ୍ୟ ଅମିତ ତ୍ରିପାଠୀ, ବରିଷ୍ଠ କଂଗ୍ରେସ ନେତା ରାମଜୀ ଚୌଧୁରୀ, ସରପଞ୍ଚ ଗୋପାଳ ଚନ୍ଦ୍ର ମିଶ୍ର, ଦେବନ୍ତୀ କ୍ଷେତି, ଜାହ୍ନବୀ ମହାଣା, ଗୋପାଳ ବାଗ, ଜିଲା କଂଗ୍ରେସ କମିଟି ସମ୍ପାଦକ ବିଶ୍ୱଜିତ ପାତ୍ର. ସେବାଦଳ ମୁଖ୍ୟ ଅସିତ ମିଶ୍ର, ରାମଚନ୍ଦ୍ରପୁର ପାକ୍ସ ସଭାପତି ଶୁକ୍ରୁ ଛତ୍ରିଆ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ବଜାରର ଉନ୍ନତି ଦିଗରେ ଗ୍ରାମବାସୀଙ୍କ ସହ ଆଲୋଚନା କରି ପ୍ରାଥମିକ ପର୍ଯ୍ୟାୟରେ ଗ୍ରାହକ ଓ ବେପାରୀଙ୍କ ପାଇଁ ପିଇବା ପାଣିର ବ୍ୟବସ୍ଥା କରାଯିବ ବୋଲି ସୂଚନା ଦିଆଯାଇଥିଲା। ପରେ ପିପଲପଦର ଗ୍ରାମର ଦୁର୍ଘଟଣାରେ ପ୍ରାଣ ହରାଇଥିବା ବରିଷ୍ଠ କଂଗ୍ରେସ କର୍ମୀ ପଦ୍ମନାଭ ନନ୍ଦଙ୍କ ପରିବାରକୁ ଭେଟି ବିଧାୟକ ମିଶ୍ର ସମବେଦନା ଜଣାଇଥିଲେ।

# ବଲାଙ୍ଗୀରର ବ୍ଲକସ୍ତରୀୟ ଲୋକଉତ୍ସବ

**ବଲାଙ୍ଗୀର ଅଫିସ, ୧୨।୧**

ବଲାଙ୍ଗୀର ପଞ୍ଚାୟତ ସମିତି ଆନୁକୂଲ୍ୟରେ ବ୍ଲକସ୍ତରୀୟ ଲୋକ ଉତ୍ସବ ଅନୁଷ୍ଠିତ ହୋଇଛି। ଉତ୍ସବକୁ ବ୍ଲକ ଅଧ୍ୟକ୍ଷା ସରିତା ବାଗ ଉଦ୍‌ଘାଟନ କରିଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ବ୍ଲକ କଳାକାର ସଂଘ ଉପସଭାପତି ଗୋଲାପ ବାଗ ମଞ୍ଚ ପରିଚାଳନା କରିଥିଲେ। ବିଡିଓ ପ୍ରୀତମ କୁମାର ତନ୍ତୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମଦତ୍ତ ଭୋଇ,




ବଲାଙ୍ଗୀର ବ୍ଲକ୍ ସ୍ତରୀୟ ଲୋକଉତ୍ସବରେ ମଞ୍ଚାସୀନ ଅତିଥି।

ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଦାମୋଦର ଦାଶ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଅନ୍ନପୂର୍ଣ୍ଣା କୁଣ୍ଡୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ହୃଷୀକେଶ ପାଣିଗ୍ରାହୀ, ତରୁଣକାନ୍ତି ପଧାନ, ଚିନ୍ମୟ ତ୍ରିପାଠୀ, ତୀର୍ଥବ ବାଗ, କୀର୍ତ୍ତିରଞ୍ଜନ ମିଶ୍ର ଏଥିରେ ସହଯୋଗ କରିଥିଲେ। ଏହି ଉତ୍ସବରେ ପଞ୍ଚାୟତ ସମିତିର ବିଭିନ୍ନ ଅଞ୍ଚଳରୁ ଶତାଧିକ କଳାକାର ଯୋଗଦେଇ ସେମାନଙ୍କ କଳା ପ୍ରଦର୍ଶନ କରିଥିଲେ। ବିଚାରକଭାବେ ଅର୍ଜୁନ ମୁଗ୍ରୀ ଓ ଗଣେଶ୍ୱର ବେହେରା ଉପସ୍ଥିତ ଥିଲେ। ସମସ୍ତ କଳାକାରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।ଚୃତିତ୍ୱ ଅର୍ଜନ କରିଥିବା ଲୋକପ୍ରିୟ କଳାକାର ଏବଂ ଦଳକୁ ଉପଖଣ୍ଡ ସ୍ତରୀୟ ଲୋକଉତ୍ସବରେ ଯୋଗଦେବାକୁ ଚୟନ କରାଯାଇଥିଲା।

# ବିଙ୍ଗ୍ ହ୍ୟୁମାନ ସଙ୍ଗଠନ ପ୍ରତିଷ୍ଠା ଦିବସରେ ସାମୂହିକ ଶ୍ରାଦ୍ଧ

**ବଲାଙ୍ଗୀର ଅଫିସ, ୧୨।୧**

ବଲାଙ୍ଗୀରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିଙ୍ଗ୍ ହ୍ୟୁମାନ ଫାଉଣ୍ଡେସନ ଗଠନକୁ ୭ ବର୍ଷ ପୂରଣ ହୋଇଛି। ଏହି ଉପଲକ୍ଷେ ପୂରୀଠାରେ ସାମୂହିକ ଶ୍ରାଦ୍ଧ ଆୟୋଜନ କରାଯାଇଥିଲା। ସଙ୍ଗଠନ ପକ୍ଷରୁ ଗତ ୭ବର୍ଷ ମଧ୍ୟରେ ୫ ଶହ ଶବ ସତ୍କାର କରାଯାଇଛି। କରୋନା ସମୟରେ ପ୍ରଶାସନ ସହିତ ମିଶି ସଙ୍ଗଠନ ଶତାଧିକ କରୋନା ରୋଗୀଙ୍କ ଶବଦାହ କରିଥିଲା। ଏହାସହିତ ଅଜଣା ଶବ, ସାମାଜିକ ବାସନ୍ଦ ଯୋଗୁଁ ଦାହସଂସ୍କାର ହୋଇପାରୁ ନ ଥିବା ଶବ ସତ୍କାର କରି ଭିନ୍ନ ବାର୍ତ୍ତା ଦେବାକୁ ଚେଷ୍ଟା କରାଯାଇଛି। ହିନ୍ଦୁ ଧର୍ମରେ ମୃତବ୍ୟକ୍ତିଙ୍କ ସଂସ୍କାର ପରେ କ୍ରିୟାକର୍ମ କରାଯାଇ ଶ୍ରାଦ୍ଧ ଦିଆଯାଇଥାଏ। ବିଙ୍ଗ ହ୍ୟୁମାନ ସଂଗଠନ ଶବସତ୍କାର କରିଥିବା ଶତାଧିକ ଅଜଣା ଶବ ସତ୍କାର ଏବଂ ସମ୍ପୃକ୍ତ ବ୍ୟକ୍ତିଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ସଂଗଠନ ପକ୍ଷରୁ ପୁରୀଠାରେ ସାମୂହିକ ଶ୍ରାଦ୍ଧ କାର୍ଯ୍ୟକ୍ରମ କରାଯାଇଛି। ସଙ୍ଗଠନ ପ୍ରତିଷ୍ଠାତା ସୋମନାଥ ମିଶ୍ରଙ୍କ ନେତୃତ୍ୱରେ ୧୦ ଜଣିଆ ସଦସ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପିଣ୍ଡଦାନ, ତର୍ପଣ କରି ଶ୍ରାଦ୍ଧ କରାଯାଇଥିଲା। ଏହାପରେ ବସ୍ତ୍ରଦାନ, ଅନ୍ନଦାନ କରାଯାଇଥିଲା। ୭ ବର୍ଷ ତଳେ ବିଶିଷ୍ଟ ସମାଜସେବୀ ଲଳିତ ନାୟକଙ୍କ ମାର୍ଗଦର୍ଶନରେ ଏହି ସଙ୍ଗଠନ ଗଠନ କରାଯାଇଥିଲା।



ପୁରୀଠାରେ ବିଙ୍ଗ୍ ହ୍ୟୁମାନ ଫାଉଣ୍ଡେସନ୍ ପକ୍ଷରୁ ସାମୂହିକ ଶ୍ରାଦ୍ଧ କରାଯାଇଛି।

**ଭୀମବୁଡ଼ା ଆଦିଅନାଦି ଫୁଟବଲ ଟୁର୍ନାମେଣ୍ଟ**

# ଖାଲିଆଖମାରକୁ ଟାଇଟଲ

**ମୁରିବାହାଲ,୧୨।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଯମୁନାବାହାଲରେ ଗତ ୫ତାରିଖରୁ ଚାଲିଥିବା ଜୟ ଭୀମବୁଡା ଆଦିଅନାଦି ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମାକ୍ରିକୁ ହରାଇ ଖାଲିଆଖମାର ଦଳ ଚାମ୍ପିୟନ ହୋଇଛି। ଯମୁନାବାହାଲ ଖେଳ ପଡିଆରେ ଖେଳା ଯାଇଥିବା ଫାଇନାଲ ଖେଳ ଖାଲିଆଖମର ଓ ମାକ୍ରି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖାଲିଆଖମରର ସୁଶାନ୍ତ ମାଝିଙ୍କ ଏକମାତ୍ର ଗୋଲରେ ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଆୟୋଜକ କମିଟି ସଭାପତି ଋଷି ପ୍ରଧାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ଏମ୍‌ପି ପ୍ରତିନିଧି ଶ୍ରୀବତ୍ସ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ୯୯୯୯ ଟଙ୍କା ଓ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ୬୬୬୬ ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥିଭାବେ ବନ୍ଧୁପଲା ସରପଞ୍ଚ ପ୍ରିୟବ୍ରତ ପ୍ରଧାନୀ, ସମିତି ସଭ୍ୟ ଜଳନ୍ଧର ଭୋଇ, ମୁରିବାହାଲ ଫରେଷ୍ଟର ଆଦିତ୍ୟ ନନ୍ଦ, ମୁରିବାହାଲ ରେଞ୍ଜର ବିକାଶ ଅଧିକାରୀ ସ୍ୱରୂପ ରାଉତ, ହଳଦି ସମିତି ସଭ୍ୟ ଚୁନାମଣି ମହାନନ୍ଦ, କ୍ରୀଡ଼ାବିତ ଗିରିଧାରୀ ମହାନନ୍ଦ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚକୁ ଗଣେଶ ଭୋଇ, ସାନ ଭୋଇ, ମକରନ ଭୋଇ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳିଭାବେ ଲିଲୁ କୁମ୍ଭର, ଶ୍ରେଷ୍ଠ ଡିଫେନ୍ସ ମୁନିରାମ ଭୋଇଙ୍କୁ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଟୁର୍ନାମେଣ୍ଟର ସଫଳ ସମାପନରେ ମାନଚରଣ ନାଗ, ବୁଲୁ ପ୍ରଧାନୀ, ମନୋଜ ପ୍ରଧାନୀ, ଚୈତନ୍ୟ ମାଝି, ଖାଗପତି ପ୍ରଧାନୀ, ସିଦ୍ଧେଶ୍ୱର ପ୍ରଧାନୀ, ଖୁସିରାମ ପ୍ରଧାନୀ, କର୍ଣ୍ଣ ଭୋଇ ପ୍ରମୁଖ ସହଯୋଗ କରିଥିଲେ। ଧାରାବିବରଣୀ ପ୍ରଦାନ କରିଥିଲେ ଦୁର୍ବାଦଳ ସୁନାନି।



ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

## ଆଦର୍ଶ ବିଦ୍ୟାଳୟରେ ଜାତୀୟ ଯୁବ ଦିବସ

**ଖପ୍ରାଖୋଲ,୧୨।୧(ଡି.ଏନ.ଏ.)**

ସ୍ଥାନୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ରୁଦ୍ରପ୍ରତାପ ବିଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟ ଅଧକ୍ଷା ଦମୟନ୍ତୀ ମହାରଣା, ସମ୍ମାନିତ ଅତିଥି ଶିକ୍ଷକ କୁନେଶ ସାହୁ, ରାହୁଲ ସାହୁ, ଶିକ୍ଷୟିତ୍ରୀ ମଧୁସ୍ମିତା ଦାଶ, ସସ୍ମିତା ପ୍ରଧାନ ପ୍ରମୁଖ ଯୋଗଦେଇ ବିବେକାନନ୍ଦଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଚିଗାଗୋ ସର୍ବଧର୍ମ ସମ୍ମିଳନୀରେ ସନାତନ ହିନ୍ଦୁ ଧର୍ମ ଉପରେ ତାଙ୍କର ଦୀକ୍ଷାନ୍ତ ଭାଷଣ ସବୁଦିନ ପାଇଁ ପ୍ରେରଣାଦାୟୀ ହୋଇ ରହିବ ବୋଲି ଅତିଥିମାନେ କହିଥିଲେ।




ସଇଁତଲାସ୍ଥିତ ବିବେକାନନ୍ଦ ପାଠାଗାରର ୩୨ତମ ବାର୍ଷିକୋତ୍ସବ ଉତ୍ସବରେ ଯୋଗଦେଇଥିବା ମଞ୍ଚାସୀନ ଅତିଥି।

## ବିବେକାନନ୍ଦ ପାଠାଗାରର ବାର୍ଷିକ ଉତ୍ସବ

**ସଇଁତଲା, ୧୨।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଳାସ୍ଥିତ ବିବେକାନନ୍ଦ ପାଠାଗାରର ୩୨ତମ ବାର୍ଷିକୋତ୍ସବ ସ୍ଥାନୀୟ ହାଟପଡାଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂଭୋଇ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ପାଠାଗାରର ସଭାପତି ଭୀମସେନ ସ୍ୱାଇଁ, ସମ୍ପାଦକ ହେମସାଗର ସାହୁ, ମୁଖ୍ୟବକ୍ତାଭାବେ ଟିଟିଲାଗଡ଼ ଡ଼ିଏଡ଼ି ମହାବିଦ୍ୟାଳୟ ଅଧ୍ୟାପିକା ବନ୍ଦନା କର ଯୋଗଦେଇଥିଲେ। ଦିଲୀପ ବର୍ଗଡ଼ି ମଞ୍ଚ ପରିଚାଳନା କରିଥଲେ। ସରୋଜ କୁମାର ବୈଠାରୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ସାହୁ ପାଠାଗାରର ପୂର୍ବ ବର୍ଷର ବିବରଣୀ ପାଠ କରିଥିଲେ। ନାରାୟଣ ଜାଲଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

## ବିବେକାନନ୍ଦ ଯୁବକ ସଂଘ ବାର୍ଷିକ ଉତ୍ସବ

**ମୁରିବାହାଲ,୧୨।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ସଦର ମହୁଲମାସ୍ଥିତ ସ୍ୱାମୀ ବିବେକାନନ୍ଦ ଯୁବକ ସଂଘର ୧୯ତମ ବାର୍ଷିକ ଉତ୍ସବ ଏବଂ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଦିବସ ସ୍ଥାନୀୟ ଯାଦବ ଭବନରେ ଗୁରୁବାର ଅନୁଷ୍ଠିତ ଯାଇଛି। ଯୁବକ ସଂଘ ସଭାପତି ସୁଧାଂଶୁ ଶେଖର ପୋଡ଼ ଯାଦବଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁରିବାହାଲ ସରପଞ୍ଚ ବିଶ୍ୱବିହାରୀ ଯୋଶୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିବେକାନନ୍ଦଙ୍କ ଜୀବନୀ ଓ ମହାନତା ଉପରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥିଭାବେ ଯୁବକ ସଂଘ ଉପଦେଷ୍ଟା ଶ୍ରୀବତ୍ସ ବେହେରା, ସାମାଜିକ କର୍ମୀ ଭୀଷ୍ମରାଜ ମେହେର, ୱାର୍ଡସଭ୍ୟ ଲକ୍ଷ୍ମୀକାନ୍ତ ଧାରୁଆ, କୋଶଳିକବି ମଧୁସୂଦନ ନାଗ ପ୍ରମୁଖ ଉପସ୍ଥିତ ଥିଲେ। ମାତ୍ର ୩୯ବର୍ଷର ସ୍ୱଳ୍ପ ଜୀବନ କାଳରେ ସ୍ୱାମୀ ବିବେକାନନ୍ଦ ବିଶ୍ୱ ଦରବାରରେ କିପରି ଭାରତ ଛବିକୁ ଉଜାଗର କରିଥିଲେ ଅତିଥିମାନେ ତାହାର ଅବତାରଣ କରିଥିଲେ। ବରିଷ୍ଠ ସଭ୍ୟ ନିଆଜ ମହମ୍ମଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରେମାନନ୍ଦ ମାଝି, ସାନ ସାହୁ, ଆକାଶ ମହାକୁର, କରଣ ଜାଲ, ବାବୁଲି ରାଉତ, ଗୋବିନ୍ଦ ସେଟ, ଶିବା ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସାଧାରଣ ସମ୍ପାଦକ ଦିବ୍ୟରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ବିବେକାନନ୍ଦ ଯୁବକ ସଂଘର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# ବିବେକାନନ୍ଦଙ୍କ ଆଦର୍ଶ ଅନୁକରଣ କରନ୍ତୁ ଯୁବବର୍ଗ

**ଦେଓଗାଁ,୧୨।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜ, କୁତୁର୍ଲା ଧ୍ରୁବ ଆନନ୍ଦ କଲେଜ ଓ ଜରାସିଂହା ଯୁକ୍ତ ୨ କଲେଜରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଜରାସିଂହା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ବସନ୍ତ କୁମାର ମନହୀରାଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ପ୍ରାଧ୍ୟାପକ ଗୋବିନ୍ଦ ମେହେର ଓ ବସନ୍ତ କୁମାର ମନହୀରା ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ସ୍ୱାମୀ ବିବେକାନନ୍ଦଙ୍କୁ ନିଜର ଆଦର୍ଶ ଭାବି ଚରିତ୍ର ଗଠନ ପାଇଁ ବ୍ରତୀ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଶେଷରେ ପ୍ରାଧ୍ୟାପକ ଧୋବାଇ ଚରଣ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ଅଧ୍ୟାପକ ସୁରେଶ ପ୍ରସାଦ ଷଡଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ପ୍ରଧାନୀ, ପରିମଳ ଫାଉଣ୍ଡେସନ ସଦସ୍ୟ ଦେବୀପ୍ରସାଦ




ଜାତୀୟ ଯୁବ ଦିବସ ପାଳିତ।

**ବିଭିନ୍ନ କଲେଜରେ ଜାତୀୟ ଯୁବ ଦିବସ**

ପରିଡା ଯୋଗଦେଇଥିଲେ। ଶେଷରେ ଅଧ୍ୟାପକ ଉଜ୍ଜ୍ୱଳ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି କୁତୁର୍ଲା କଲେଜ ଅଧ୍ୟକ୍ଷ ପ୍ରମୋଦ କୁମାର ବଡପଣ୍ଡାଙ୍କ ସଭାପତିତ୍ୱରେ ଯୁବ ରେଡକ୍ରସ ଓ ରେଡରିବନ କ୍ଲବ ସହଯୋଗରେ ଜାତୀୟ ଯୁବ ଦିବସ ସମାରୋହରେ ସୁରଧନୁ ହାଇସ୍କୁଲର ପୂର୍ବତନ ହିନ୍ଦୀ ଶିକ୍ଷକ ବିଜୟ କୁମାର ମହାନ୍ତି ଓ ଅଧାପକ ବିଜୟ କୁମାର ଦାସ, ବଳରାମ ପଧାନ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ମହାନ୍ତି ସ୍ୱାମୀ ବିବେକାନନ୍ଦଙ୍କ ସଦ୍‌ଭାବନା ଓ କାର୍ଯ୍ୟଶୈଳୀକୁ ଅନୁସରଣ କରି ଆଗକୁ ବଢିବା ପାଇଁ ମରାମର୍ଶ ଦେଇଥିଲେ। ରେଡକ୍ରସ କାଉନସେଲର ତଥା ଓଡିଆ ଅଧ୍ୟାପକ ହେମନ୍ତ ସାହୁ ସଭା ପରିଚାଳନା ଏବଂ ଖେଳ ଶିକ୍ଷକ ସରୋଜ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ରେଳବାଇ ଶ୍ରମିକ ସଂଘ ପାଳିଲା ବିବେକାନନ୍ଦ ଜୟନ୍ତୀ

**ଟିଟିଲାଗଡ,୧୨।୧(ଡି.ଏନ.ଏ.)**

ପୂର୍ବତଟ ରେଳବାଇ ଶ୍ରମିକ ସଂଘ ଟିଟିଲାଗଡ଼ ଯୁବ ଶାଖା ପକ୍ଷରୁ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବିବେକାନନ୍ଦଙ୍କ ସ୍ମୃତିରେ ରେଳବାଇ ଶ୍ରମିକ ସଂଘ କାର୍ଯ୍ୟାଳୟ ପରିସରରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରିଥିଲା। ଏହି ଅବସରରେ ନୂଆ ପେନସନ ନୀତିକୁ ବିରୋଧ କରାଯାଇଥିଲା। ସଂଗଠନ ମହାମନ୍ତ୍ରୀ ପ୍ରଦୀପ ପାଟଶାଣୀଙ୍କ ନିର୍ଦ୍ଦେଶ ତଥା ଜୋନାଲ ଯୁବ ସଂଯୋଜକ ଅମିତ ମିଶ୍ରଙ୍କ ତତ୍ତ୍ୱାବଧାନରେ ଶ୍ରମିକ ସଂଘ

**ଯୁବଶାଖାର କ୍ୟାଣ୍ଡେଲ ଶୋଭାଯାତ୍ରା, ନୂଆ ପେନସନ ନୀତିକୁ ବିରୋଧ**

ରେଳବାଇର ନୂତନ ପେନସନ ନୀତିକୁ ବିରୋଧ କରିଛି। ନୂତନ ପେନସନ ନୀତିକୁ ତୁରନ୍ତ ଅପସାରଣ କରି ପୁରୁଣା ପେନସନ ନୀତିକୁ ଲାଗୁ କରିବା ପାଇଁ ଦାବି କରାଯାଇଛି। କାର୍ଯ୍ୟକ୍ରମରେ ଟିଟିଲାଗଡ଼ ଶାଖା ଶ୍ରମିକ ସଂଘ ସଭାପତି ଘନଶ୍ୟାମ ମିଶ୍ର, ଧର୍ମେନ୍ଦ୍ର ପ୍ରସାଦ, ଛନ୍ଦାଚରଣ ସେଲମା, ସମ୍ପାଦକ ମାନସ ରଣା, ଯୁବ ସଂଯୋଜକ ଅରୂପାନନ୍ଦ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।




ଯୁବ ଦିବସରେ ରେଳବାଇ ଶ୍ରମିକ ସଂଘ ପକ୍ଷରୁ ବାହାରି ଥିବା କ୍ୟାଣ୍ଡେଲ ଶୋଭାଯାତ୍ରା।

## ବସ୍‌ଷ୍ଟାଣ୍ଡ ଦେଇ ଚଳାଚଳ କରୁ ଦ୍ରୁତଗାମୀ ବସ୍

ଲାଠୋର,(ଡି.ଏନ.ଏ.): ଖପ୍ରାଖୋଲ ବ୍ଲକ ଲାଠୋର ବସ୍‌ଷ୍ଟାଣ୍ଡ ଦେଇ ଦ୍ରୁତଗାମୀ ବସ୍ ଚଳାଚଳ କରିବାକୁ ଦାବି ହେଉଛି। ଲୋକେ ବିଭିନ୍ନ କାମରେ ଭୁବନେଶ୍ୱର ଏବଂ କଟକ ଯିବା ଆସିବା କରୁଛନ୍ତି। ହେଲେ ସମ୍ପୃକ୍ତ ଦୁଇସ୍ଥାନକୁ ଯାତାୟତ କରୁଥିବା ଘରୋଇ ବସ୍ ବୁଲବୁଲ ଏବଂ ଶ୍ରୀରାମ ଲାଠୋର ଦେଇ ଚଳାଚଳ କରୁନାହାଁ। ଲାଠୋର ବସ୍‌ଷ୍ଟାଣ୍ଡ ନଆସି କଲେଜ ଛକ ଦେଇ ବସ୍ ଗନ୍ତବ୍ୟ ସ୍ଥଳକୁ ଯାଉଛି। ଫଳରେ ଯାତ୍ରୀମାନେ ଗ୍ରାମରୁ ୨ କିମିରୁ ଅଧିକ ରାସ୍ତା କଲେଜ ଛକକୁ ଯାଇ ବସ୍‌କୁ ଧରୁଛନ୍ତି। ସମସ୍ୟାକୁ ଦୃଷ୍ଟିରେ ରଖି ଉଭୟ ବସ୍‌କୁ ଲାଠୋର ବସ୍‌ଷ୍ଟାଣ୍ଡରୁ ଯିବା ଆସିବା କରିବାକୁ ଦାବି ହେଉଛି।

## ଲୋଇସିଂହା ବ୍ଲକ: ୧ଲକ୍ଷ ୩୭ ହଜାର ୭୨୭ କୁଇଣ୍ଟାଲ ଧାନକ୍ରୟ

ଲୋଇସିଂହା ,୧୨।୧(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ଅଦ୍ୟାବଧି ୩ ହଜାର ୨୧୫ ଜଣ ଚଷୀଙ୍କଠାରୁ ୧ ଲକ୍ଷ ୩୭ ହଜାର ୭୭୨ କୁଇଣ୍ଟାଲ ଧାନ କ୍ରୟ ହୋଇଥିବା ସୂଚନା ମିଳିଛି। ବ୍ଲକର କାନ୍ଦାଜୁରୀ ପାକ୍ସରେ ୩୦୭ ଜଣ ଚାଷୀଙ୍କଠାରୁ ୧୩ ହଜାର ୬୯୫ କୁଇଣ୍ଟାଲ ଧାନ କ୍ରୟ ସରିଛି। ସେହିପରି କୁଶମେଲ ପାକ୍ସରେ ୩୨୮ ଚଷୀଙ୍କଠାରୁ ୧୪ ହଜାର ୨୯୮ କୁଇଣ୍ଟାଲ, ବାଦିମୁଣ୍ଡା ପାକ୍ସରେ ୩୨ ଚାଷୀଙ୍କଠାରୁ ୧୩ ହଜାର ୬୬୬୭ କୁଇଣ୍ଟାଲ, କୁଶଙ୍ଗରେ ୪୮୦ ଚାଷୀଙ୍କଠାରୁ ୨୧ ହଜାର୧୪୫ କୁଇଣ୍ଟାଲ, ଲୋଇସିଂହା ପାକ୍ସରେ ୨୩୨ ଚାଷୀଙ୍କଠାରୁ ୧୦ ହଜାର ୪୫୦ କୁଇଣ୍ଟାଲ, ସରଗାଡ ପାକ୍ସରେ ୩୯୮ ଚାଷୀଙ୍କଠାରୁ ୧୬ ହଜାର ୧୩୮ କୁଇଣ୍ଟାଲ, ରେଙ୍ଗାଲି ପାକ୍ସରେ ୧୮୦ଚାଷୀଙ୍କଠାରୁ ୮ ହଜାର ୩୪୮ କୁଇଣ୍ଟାଲ, ଗଡଶଙ୍କର ଡୁଙ୍ଗରିପାଲି ପାକ୍ସରେ ୧୫୧ ଚାଷୀଙ୍କଠାରୁ ୭ ହଜାର ୩ ଶହ କୁଇଣ୍ଟାଲ, ବୁର୍ଡା ପାକ୍ସରେ ୨୬୯ ଚାଷୀଙ୍କଠାରୁ ୧୦ହଜାର ୮୨୭ କୁଇଣ୍ଟାଲ ଧାନକ୍ରୟ କରାଯାଇଛି। ଅପରପକ୍ଷେ ବିବାଦୀୟ ହୋଇ ପଡିଥିବା ଯୋଗୀସର୍ଡା ପାକ୍ସରେ ୫୪୯ ଚାଷୀଙ୍କଠାରୁ ୨୧ ହଜାର ୮୪୪ କୁଇଣ୍ଟାଲ ଧାନ କ୍ରୟ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ବ୍ଲକର ୧୦ ପାକ୍ସ ଅଧୀନରେ ୪୭୯୨ ଜଣ ଚାଷୀ ଖରଫ ଧାନବିକ୍ରି ପାଇଁ ପଞ୍ଜୀକୃତ ହୋଇଛନ୍ତି। ଏବେ ବି ବହୁ ମଣ୍ଡିରେ ଶହଶହ ବସ୍ତାଧାନ ବିକ୍ରି ଅପେକ୍ଷାରେ ପଡି ରହିଛି। ମିଲର୍ସ ଗାଡି ପଠାଉ ନ ଥିବାରୁ ଚାଷୀଙ୍କ ଟୋକନ କଟି ଯାଉଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି।

# ପିଡିଏସ୍ ବଣ୍ଟନ ବେଳେ ଯୋଗାଣ ସହାୟକଙ୍କୁ ମାଡ଼

ଲୋଇସିଂହା,୧୨।୧(ଡି.ଏନ.ଏ)

### ଗିରଫ ଦାବି କଲା ଆଦିବାସୀ କଲ୍ୟାଣ ସଂଘ

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସଦର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପିଡିଏସ୍ ସାମଗ୍ରୀ ବଣ୍ଟନ ବେଳେ ବୁଧବାର ଜଣେ ଯୁବକ ଉନ୍ମତ୍ତ କାଣ୍ଡ ଭିଆଇଛନ୍ତି। ପଞ୍ଚାୟତର ଯୋଗାଣ ସହାୟକ ମାଧବ ଭୋଇଙ୍କୁ ମାଡ ମାରିବା ସହ ଜୀବନରେ ମାରି ଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ଅଧିକ ଉତ୍ତ୍ୟକ୍ତ ହୋଇ ପିଡିଏସ୍ ସାମଗ୍ରୀ ଓଜନ ମେଶିନକୁ ଭାଙ୍ଗି ଦେଇଥିବା ସରପଞ୍ଚ ନବ କିଶୋର ନାଏକ ଲୋଇସିଂହା ଥାନାରେ ଅଭିଯୋଗ କରିଛନ୍ତି। ଘଟଣାକୁ ୨୪ଘଣ୍ଟା ବିତି ଯାଇଥିଲେ ବି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିନାହିଁ। ଏହାର ପ୍ରତିବାଦରେ ଗୁରୁବାର ବ୍ଲକ ଆଦିବାସୀ ସଂଘ ସଭାପତି ଦଶରଥ ଛତ୍ରିଆଙ୍କ ନେତୃତ୍ୱରେ ଗୋପାଳ ପଧାନ, ଶ୍ୟାମସୁନ୍ଦର ଭୋଇ, ଗଣ୍ଡାରାମ ପଧାନ, ଗୌରାଙ୍ଗ ପୁଟା, ଲକ୍ଷ୍ମଣ ଧରୁଆ ପ୍ରମୁଖଙ୍କୁ ନେଇ ଏକ ପ୍ରତିନିଧି ଦଳ ଥାନା ଅଧିକାରୀଙ୍କୁ ଭେଟି ଅଭିଯୁକ୍ତଙ୍କୁ ଗିରଫ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ଲୋଇସିଂହା ପଞ୍ଚାୟତ କାର୍ଯ୍ୟାଳୟରେ ବୁଧବାର ପିଡିଏସ୍ ଗୋଦାମରେ ଯୋଗାଣ ସହାୟକ ଭୋଇ ପିଡିଏସ ସାମଗ୍ରୀ ବଣ୍ଟନ କରୁଥିଲେ। ଅପରାହ୍ନ ପ୍ରାୟ ସାଢେ ୪ଟାରେ ଲୋଇସିଂହା ନୂଆପଡାର ପୂର୍ବତନ ୱାର୍ଡସଭ୍ୟ ଗୌତମ କବାଟ ପିଡିଏସ ବଣ୍ଟନ କେନ୍ଦ୍ରକୁ ବିନା ରାଶନ କାର୍ଡରେ ଯାଇଥିଲେ। ଯୋଗାଣ ସହାୟକଙ୍କୁ ୨ବସ୍ତା ପିଡିଏସ୍ ଦେବାକୁ ଦାବି କରିଥିଲେ। ସୁଜିଆ ଗ୍ରାମବାସୀଙ୍କୁ ପିଡିଏସ୍ ବଣ୍ଟନ କରାଯାଉଛି, ନୂଆପାଡ ପାଳି ଆସିନାହିଁ ବୋଲି କହିଥିଲେ। ଯଦି ରାଶନ କାର୍ଡ ଧରିଛ ତେବେ ପରିବାରର ୩ ଜଣ ମୁଣ୍ଡ ପିଛା ଆକାରରେ ୪୫ କେଜି ଦେଇ ହେବ ବୋଲି କହିଥିଲେ ଯୋଗାଣ ସହାୟକ ଭୋଇ। ହେଲେ ଗୌତମ ୨ବସ୍ତା ପିଡିଏସ ଚାଉଳ ଦାବି କରିଥିଲେ। ଯୋଗାଣ ସହାୟକ ରାଜି ନ ହେବାରୁ ରାଗି ଯାଇ ଗୌତମ ତାଙ୍କୁ ଗାଳିଗୁଲଜ କରିବା ସହ ବେକକୁ ଚିପି ମାରି ଦେବାକୁ ଉଦ୍ୟମ କରିଥିଲେ। ଶାର୍ଟ ପ୍ୟାଣ୍ଟ ଚିରି ଦେବା ସହ ପିଡିଏସ୍ ବଣ୍ଟନ ମେଶିନକୁ ଉଠାଇ ଆଣି ଭାଙ୍ଗି ଦେଇଥିଲେ। ଆଇଆଇସି ବାମଦେବ ଶଙ୍ଖୁଆଳ କହିଛନ୍ତି ଯେ, ଅଭିଯୋଗ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

## ଡଙ୍ଗରପଡା ସାପ୍ତାହିକ ବଜାର ଉଦ୍‌ଘାଟିତ


ସାପ୍ତାହିକ ବଜାର ଉଦ୍‌ଘାଟନ ଅବସରରେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥି।

ଦେଓଗାଁ, ୧୨।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଧଣ୍ଡାମାଲ ପଞ୍ଚାୟତ ଅନ୍ତର୍ଗତ ଡଙ୍ଗରପଡା ଗାଁ ନିକଟରେ ଗ୍ରାମ ପଞ୍ଚାୟତ ଓ ମିଶନ ଶକ୍ତି ସହାୟତାରେ ଏକ ସପ୍ତାହିକ ବଜାର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ସରପଞ୍ଚ ସଞ୍ଜୁ ଶିକାଙ୍କ ସଭାପତିତ୍ୱ ଓ ଓଡିଶା ଜୀବିକା ମିଶନ ସଂଯୋଜକ ପ୍ରଦୀପ ଛତ୍ରିଆଙ୍କ ପରିଚାଳନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଦିବସରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବ୍ଲକ ଉପାଧ୍ୟକ୍ଷ ସୂର୍ଯ୍ୟକାନ୍ତି ଛତ୍ରିଆ, ବନ୍ଧପଡା ସମିତି ସଭ୍ୟ କାନ୍ତେଶ୍ୱର ପଧାନ, ଡୁମେରପିଟା ସମିତି ସଭ୍ୟ ସଂକୀର୍ତ୍ତନ ବାଗ, ଲଣ୍ଡାପଥର ସମିତି ସଭ୍ୟ ବିକାଶ ଭୁଏ, ଜରାସିଂହ ସମିତି ସଭ୍ୟ ଅମିତ ତ୍ରିପାଠୀ, ବରିଷ୍ଠ କଂଗ୍ରେସ ନେତା ରାମଜୀ ଚୌଧୁରୀ, ସରପଞ୍ଚ ଗୋପାଳ ଚନ୍ଦ୍ର ମିଶ୍ର, ଦେବନ୍ତୀ କ୍ଷେତି, ଜାହ୍ନବୀ ମହାଣା, ଗୋପାଳ ବାଗ, ଜିଲା କଂଗ୍ରେସ କମିଟି ସମ୍ପାଦକ ବିଶ୍ୱଜିତ ପାତ୍ର. ସେବାଦଳ ମୁଖ୍ୟ ଅସିତ ମିଶ୍ର, ରାମଚନ୍ଦ୍ରପୁର ପାକ୍ସ ସଭାପତି ଶୁକ୍ରୁ ଛତ୍ରିଆ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ବଜାରର ଉନ୍ନତି ଦିଗରେ ଗ୍ରାମବାସୀଙ୍କ ସହ ଆଲୋଚନା କରି ପ୍ରାଥମିକ ପର୍ଯ୍ୟାୟରେ ଗ୍ରାହକ ଓ ବେପାରୀଙ୍କ ପାଇଁ ପିଇବା ପାଣିର ବ୍ୟବସ୍ଥା କରାଯିବ ବୋଲି ସୂଚନା ଦିଆଯାଇଥିଲା। ପରେ ପିପଲପଦର ଗ୍ରାମର ଦୁର୍ଘଟଣାରେ ପ୍ରାଣ ହରାଇଥିବା ବରିଷ୍ଠ କଂଗ୍ରେସ କର୍ମୀ ପଦ୍ମନାଭ ନନ୍ଦଙ୍କ ପରିବାରକୁ ଭେଟି ବିଧାୟକ ମିଶ୍ର ସମବେଦନା ଜଣାଇଥିଲେ।

# ବଲାଙ୍ଗୀର ବ୍ଲକସ୍ତରୀୟ ଲୋକଉତ୍ସବ

ବଲାଙ୍ଗୀର ଅଫିସ, ୧୨।୧


ବଲାଙ୍ଗୀର ବ୍ଲକ୍ ସ୍ତରୀୟ ଲୋକଉତ୍ସବରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର ପଞ୍ଚାୟତ ସମିତି ଆନୁକୂଲ୍ୟରେ ବ୍ଲକସ୍ତରୀୟ ଲୋକ ଉତ୍ସବ ଅନୁଷ୍ଠିତ ହୋଇଛି। ଉତ୍ସବକୁ ବ୍ଲକ ଅଧ୍ୟକ୍ଷା ସରିତା ବାଗ ଉଦ୍‌ଘାଟନ କରିଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ବ୍ଲକ କଳାକାର ସଂଘ ଉପସଭାପତି ଗୋଲାପ ବାଗ ମଞ୍ଚ ପରିଚାଳନା କରିଥିଲେ। ବିଡିଓ ପ୍ରୀତମ କୁମାର ତନ୍ତୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମଦତ୍ତ ଭୋଇ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଦାମୋଦର ଦାଶ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଅନ୍ନପୂର୍ଣ୍ଣା କୁଣ୍ଡୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ହୃଷୀକେଶ ପାଣିଗ୍ରାହୀ, ତରୁଣକାନ୍ତି ପଧାନ, ଚିନ୍ମୟ ତ୍ରିପାଠୀ, ତୀର୍ଥବ ବାଗ, କୀର୍ତ୍ତିରଞ୍ଜନ ମିଶ୍ର ଏଥିରେ ସହଯୋଗ କରିଥିଲେ। ଏହି ଉତ୍ସବରେ ପଞ୍ଚାୟତ ସମିତିର ବିଭିନ୍ନ ଅଞ୍ଚଳରୁ ଶତାଧିକ କଳାକାର ଯୋଗଦେଇ ସେମାନଙ୍କ କଳା ପ୍ରଦର୍ଶନ କରିଥିଲେ। ବିଚାରକଭାବେ ଅର୍ଜୁନ ମୁଗ୍ରୀ ଓ ଗଣେଶ୍ୱର ବେହେରା ଉପସ୍ଥିତ ଥିଲେ। ସମସ୍ତ କଳାକାରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଦ୍ୱିତିତ୍ୱ ଅର୍ଜନ କରିଥିବା ଲୋକପ୍ରିୟ କଳାକାର ଏବଂ ଦଳକୁ ଉପଖଣ୍ଡ ସ୍ତରୀୟ ଲୋକଉତ୍ସବରେ ଯୋଗଦେବାକୁ ଚୟନ କରାଯାଇଥିଲା।

## ବିଙ୍ଗ୍ ହ୍ୟୁମାନ ସଙ୍ଗଠନ ପ୍ରତିଷ୍ଠା ଦିବସରେ ସାମୂହିକ ଶ୍ରାଦ୍ଧ

ବଲାଙ୍ଗୀର ଅଫିସ, ୧୨।୧

ବଲାଙ୍ଗୀରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିଙ୍ଗ୍ ହ୍ୟୁମାନ ଫାଉଣ୍ଡେସନ ଗଠନକୁ ୭ ବର୍ଷ ପୂରଣ ହୋଇଛି। ଏହି ଉପଲକ୍ଷେ ପୁରୀଠାରେ ସାମୂହିକ ଶ୍ରାଦ୍ଧ ଆୟୋଜନ କରାଯାଇଥିଲା। ସଙ୍ଗଠନ ପକ୍ଷରୁ ଗତ ୭ବର୍ଷ ମଧ୍ୟରେ ୫ ଶହ ଶବ ସତ୍କାର କରାଯାଇଛି। କରୋନା ସମୟରେ ପ୍ରଶାସନ ସହିତ ମିଶି ସଙ୍ଗଠନ ଶତାଧିକ କରୋନା ରୋଗୀଙ୍କ ଶବଦାହ କରିଥିଲା। ଏହାସହିତ ଅଜଣା ଶବ, ସାମାଜିକ ବାସନ୍ଦ ଯୋଗୁଁ ଦାହସଂସ୍କାର ହୋଇପାରୁ ନ ଥିବା ଶବ ସତ୍କାର କରି ଭିନ୍ନ ବାର୍ତ୍ତା ଦେବାକୁ ଚେଷ୍ଟା କରାଯାଇଛି। ହିନ୍ଦୁ ଧର୍ମରେ ମୃତବ୍ୟକ୍ତିଙ୍କ ସଂସ୍କାର ପରେ କ୍ରିୟାକର୍ମ କରାଯାଇ ଶ୍ରାଦ୍ଧ ଦିଆଯାଇଥାଏ। ବିଙ୍ଗ ହ୍ୟୁମାନ ସଂଗଠନ ଶବସତ୍କାର କରିଥିବା ଶତାଧିକ ଅଜଣା ଶବ ସତ୍କାର ଏବଂ ସମ୍ପୃକ୍ତ ବ୍ୟକ୍ତିଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ସଂଗଠନ ପକ୍ଷରୁ ପୁରୀଠାରେ ସାମୂହିକ ଶ୍ରାଦ୍ଧ କାର୍ଯ୍ୟକ୍ରମ କରାଯାଇଛି। ସଙ୍ଗଠନ ପ୍ରତିଷ୍ଠାତା ସୋମନାଥ ମିଶ୍ରଙ୍କ ନେତୃତ୍ୱରେ ୧୦ ଜଣିଆ ସଦସ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପିଣ୍ଡଦାନ, ତର୍ପଣ କରି ଶ୍ରାଦ୍ଧ କରାଯାଇଥିଲା। ଏହାପରେ ବସ୍ତ୍ରଦାନ, ଅନ୍ନଦାନ କରାଯାଇଥିଲା। ୭ ବର୍ଷ ତଳେ ବିଶିଷ୍ଟ ସମାଜସେବୀ ଲଳିତ ନାୟକଙ୍କ ମାର୍ଗଦର୍ଶନରେ ଏହି ସଙ୍ଗଠନ ଗଠନ କରାଯାଇଥିଲା।

## ବିନ୍ଧ୍ୟବାସିନୀ କଲେଜରେ ରାଷ୍ଟ୍ରୀୟ ଯୁବ ଦିବସ

ପାଇକମାଳ, ୧୨।୧(ଡି.ଏନ.ଏ.)

ପାଇଲମାଳ ବ୍ଲକ ବିନ୍ଧ୍ୟବାସିନୀ ଡିଗ୍ରୀ ମହାବିଦ୍ୟାଳୟରେ ଯୁବ ରେଡକ୍ରସ୍ ଓ ରେଡ୍ ରିବନ କ୍ଲବ ପକ୍ଷରୁ ରାଷ୍ଟ୍ରୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଏହି ସଭାରେ ଯୁବ ରେଡକ୍ରସ୍ ସଂଯୋଜିକା ପୁଷ୍ପ ମଞ୍ଜରୀ ପ୍ରଧାନ ସଭାପତିତ୍ୱ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଲୋହିତ କୁମାର ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିକଶିତ ରାଷ୍ଟ୍ର ଗଠନରେ ଯୁବକମାନଙ୍କର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଇତିହାସ ବିଭାଗୀୟ ମୁଖ୍ୟ ପ୍ରଦୀପ କୁମାର ଦେୱାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଓ ମହତ୍ ବାଣୀ ଉଦ୍ଧାର କରି ଯୁବଗୋଷ୍ଠୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଶେଷରେ ଯୁବ ରେଡକ୍ରସର ସହ ସଂଯୋଜକ ଦେବାଶିଷ ଭଏନା ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ତଥା କର୍ମଚାରୀ ସହଯୋଗ କରିଥିଲେ।

# ଆବାସ ଯୋଜନାରୁ ବଞ୍ଚିତ ଦିଲୀପ

ବାଉଁଶୁଣୀ,୧୨।୧(ଡି.ଏନ.ଏ.)

ଦିଲୀପ କୁମାର ଦେହୁରୀ(୫୮)। ଘର ବୌଦ୍ଧ ବ୍ଲକ ବାଉଁଶୁଣୀ ପଞ୍ଚାୟତ ଅନ୍ତର୍ଗତ ମାଳିପଡ଼ା ଖଣ୍ଡଜମି ଗ୍ରାମରେ। ତାଙ୍କର ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନ ଥିବା ବେଳେ ଜମିବାଡି କିଛି ନାହିଁ। ମୂଲ ଲାଗି କୌଣସି ମତେ ଚଳନ୍ତି। ଆବାସ ଯୋଜନାରେ ଘର ପାଇବା ପାଇଁ ବହୁବାର ଆବେଦନ କରି ମଧ କୌଣସି ସୁଫଳ ମିଳିନାହିଁ। ଫଳରେ ଭାଗ୍ୟକୁ ଆଦରି ଭଙ୍ଗାକୁଡିଆ ଘରେ ଏକାକୀ ରହୁଛନ୍ତି ଦିଲୀପ। ବୟସର ଅପରାହ୍ନରେ ପହଞ୍ଚିଥିବା ବେଳେ ସେ ଅବିବାହିତ ଥିବାରୁ ତାଙ୍କର ସାହା ହେବା ପାଇଁ କେହି ନାହାଁନ୍ତି। ଦିନେ ଖାଇଲେ ଦିନେ ଉପବାସ ରୁହନ୍ତି। ସରକାରୀ ସହାୟତା କହିଲେ ରାଶନ କାର୍ଡ ମାଧ୍ୟମରେ ମିଳୁଛି କେବଳ ୫ କେଜି ଚାଉଳ। ଘର ସାମ୍ନାରେ ବିଦ୍ୟୁତ୍ ଖୁଣ୍ଟ ଥାଇ ମଧ ଏଯାବତ୍ ତାଙ୍କ ଘରକୁ ହୋଇନି ବିଦ୍ୟୁତ୍ ସଂଯୋଗ। ଅପରପକ୍ଷରେ ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ଦିଲୀପ ରହୁଥିବା ଘରର ଛପର ଅବସ୍ଥା ଜରାଜୀର୍ଣ୍ଣ ହୋଇପଡିଛି। କାନ୍ଥଗୁଡ଼ିକରେ ଫାଟ ହୋଇଛି। ଯେ କୌଣସି ମୁହୂର୍ତ୍ତରେ ଘର ଭାଙ୍ଗି ପଡିବାର ଆଶଙ୍କା ରହିଛି। ବାଉଁଶୁଣୀ ପଞ୍ଚାୟତର କେତେଜଣ ବ୍ୟକ୍ତିଙ୍କ ପକ୍କାଘର ଥାଇ ମଧ ଆବାସ ଯୋଜନାର ନୂତନ ତାଲିକାରେ ସେମାନଙ୍କ ନାମ ରହିଛି। ଏହାସହିତ ବାଉଁଶୁଣୀ ପଞ୍ଚାୟତର କେତେଜଣ ବ୍ୟକ୍ତି ପୂର୍ବରୁ ଘର ପାଇଛନ୍ତି ହେଲେ ସେମାନଙ୍କ ନାମରେ ଘର ଆସିଛି। ଜିଲା ପ୍ରଶାସନ ଏହାର ତଦନ୍ତ କରି ଆବାସ ଯୋଜନାର ନୂତନ ତାଲିକାରୁ ଅଯୋଗ୍ୟ ହିତାଧିକାରୀଙ୍କ ନାମକୁ ହଟାଇ ପ୍ରକୃତ ଯୋଗ୍ୟ ହିତାଧିକାରୀଙ୍କୁ ଘର ଯୋଗାଇ ଦେବାକୁ ଦାବି ହେଉଛି। ଏହାଛଡା ଦିଲୀପଙ୍କୁ ୫ କେଜି ଚାଉଳ ବଦଳରେ ଅନ୍ତୋଦୟ ଯୋଜନାରେ ୩୫ କେଜି ଚାଉଳ, ଭତ୍ତା ଏବଂ ଘରକୁ ବିଦ୍ୟୁତ୍ ସଂଯୋଗ ଯୋଗାଇ ଦେବାକୁ ଦାବି ହେଉଛି। ଏ ସମ୍ପର୍କରେ ବାଉଁଶୁଣୀ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରହଲ୍ଲାଦ ଭୋଇଙ୍କୁ ପଚାରିବାରୁ ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡିବ ବୋଲି କହିଥିଲେ। ସୂଚନାଯୋଗ୍ୟ,ଆବାସ ଯୋଜନା ଦୁର୍ନୀତିର ଗନ୍ତାଘର ପାଲଟିଛି ବାଉଁଶୁଣୀ ପଞ୍ଚାୟତ। ତୁରନ୍ତ ବୌଦ୍ଧ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି।


ଭଙ୍ଗା ଘର ଆଗରେ ଦିଲୀପ।

## ଆଦର୍ଶ ବିଦ୍ୟାଳୟରେ ଜାତୀୟ ଯୁବ ଦିବସ

ଖପ୍ରାଖୋଲ,୧୨।୧(ଡି.ଏନ.ଏ.)

ସ୍ଥାନୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ରୁଦ୍ରପ୍ରତାପ ବିଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟ ଅଧକ୍ଷା ଦମୟନ୍ତୀ ମହାରଣା, ସମ୍ମାନିତ ଅତିଥି ଶିକ୍ଷକ କୁନେଶ ସାହୁ, ରାହୁଲ ସାହୁ, ଶିକ୍ଷୟିତ୍ରୀ ମଧୁସ୍ମିତା ଦାଶ, ସସ୍ମିତା ପ୍ରଧାନ ପ୍ରମୁଖ ଯୋଗଦେଇ ବିବେକାନନ୍ଦଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଚିଗାଗୋ ସର୍ବଧର୍ମ ସମ୍ମିଳନୀରେ ସନାତନ ହିନ୍ଦୁ ଧର୍ମ ଉପରେ ତାଙ୍କର ଦୀକ୍ଷାନ୍ତ ଭାଷଣ ସବୁଦିନ ପାଇଁ ପ୍ରେରଣାଦାୟୀ ହୋଇ ରହିବ ବୋଲି ଅତିଥିମାନେ କହିଥିଲେ।



ସଇଁତଳାସ୍ଥିତ ବିବେକାନନ୍ଦ ପାଠାଗାରର ୩୨ତମ ବାର୍ଷିକୋତ୍ସବ ଉତ୍ସବରେ ଯୋଗଦେଇଥିବା ମଞ୍ଚାସୀନ ଅତିଥି।

## ବିବେକାନନ୍ଦ ପାଠାଗାରର ବାର୍ଷିକ ଉତ୍ସବ

ସଇଁତଳା, ୧୨।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଳାସ୍ଥିତ ବିବେକାନନ୍ଦ ପାଠାଗାରର ୩୨ତମ ବାର୍ଷିକୋତ୍ସବ ସ୍ଥାନୀୟ ହାଟପଦାଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂଭୋଇ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ପାଠାଗାରର ସଭାପତି ଭୀମସେନ ସ୍ୱାଇଁ, ସମ୍ପାଦକ ହେମସାଗର ସାହୁ, ମୁଖ୍ୟବକ୍ତାଭାବେ ଟିଟିଲାଗଡ଼ ଡ଼ିଏଡ଼ି ମହାବିଦ୍ୟାଳୟ ଅଧ୍ୟାପିକା ବନ୍ଦନା କର ଯୋଗଦେଇଥିଲେ। ଦିଲୀପ ବଗର୍ତ୍ତି ମଞ୍ଚ ପରିଚାଳନା କରିଥଲେ। ସରୋଜ କୁମାର ବୈଠାରୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ସାହୁ ପାଠାଗାରର ପୂର୍ବ ବର୍ଷର ବିବରଣୀ ପାଠ କରିଥିଲେ। ନାରାୟଣ ଜାଲଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

## ବିବେକାନନ୍ଦ ଯୁବକ ସଂଘ ବାର୍ଷିକ ଉତ୍ସବ

ମୁରିବାହାଲ,୧୨।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ସଦର ମହୁକୁମାସ୍ଥିତ ସ୍ୱାମୀ ବିବେକାନନ୍ଦ ଯୁବକ ସଂଘର ୧୯ତମ ବାର୍ଷିକ ଉତ୍ସବ ଏବଂ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଦିବସ ସ୍ଥାନୀୟ ଯାଦବ ଭବନରେ ଗୁରୁବାର ଅନୁଷ୍ଠିତ ଯାଇଛି। ଯୁବକ ସଂଘ ସଭାପତି ସୁଧାଂଶୁ ଶେଖର ପୋଡ଼ ଯାଦବଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁରିବାହାଲ ସରପଞ୍ଚ ବିଶ୍ୱବିହାରୀ ଯୋଶୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିବେକାନନ୍ଦଙ୍କ ଜୀବନୀ ଓ ମହାନତା ଉପରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥିଭାବେ ଯୁବକ ସଂଘ ଉପଦେଷ୍ଟା ଶ୍ରୀବତ୍ସ ବେହେରା, ସାମାଜିକ କର୍ମୀ ଭୀଷ୍ମରାଜ ମେହେର, ୱାର୍ଡସଭ୍ୟ ଲକ୍ଷ୍ମୀକାନ୍ତ ଧାରୁଆ, କୋଶଳିକବି ମଧୁସୂଦନ ନାଗ ପ୍ରମୁଖ ଉପସ୍ଥିତ ଥିଲେ। ମାତ୍ର ୩୯ବର୍ଷର ସ୍ୱଳ୍ପ ଜୀବନ କାଳରେ ସ୍ୱାମୀ ବିବେକାନନ୍ଦ ବିଶ୍ୱ ଦରବାରରେ କିପରି ଭାରତ ଛବିକୁ ଉଜାଗର କରିଥିଲେ ଅତିଥିମାନେ ତାହାର ଅବତାରଣ କରିଥିଲେ। ବରିଷ୍ଠ ସଭ୍ୟ ନିଆଜ ମହମ୍ମଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରେମାନନ୍ଦ ମାଝି, ସାନ ସାହୁ, ଆକାଶ ମହାକୁର, କରଣ ଜାଲ, ବାବୁଲି ରାଉତ, ଗୋବିନ୍ଦ ସେଟ, ଶିବା ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସାଧାରଣ ସମ୍ପାଦକ ଦିବ୍ୟରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


ବିବେକାନନ୍ଦ ଯୁବକ ସଂଘର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# ବିବେକାନନ୍ଦଙ୍କ ଆଦର୍ଶ ଅନୁକରଣ କରନ୍ତୁ ଯୁବବର୍ଗ

ଦେଓଗାଁ,୧୨।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜ, କୁତୁର୍ଲା ଧ୍ରୁବ ଆନନ୍ଦ କଲେଜ ଓ ଜରାସିଂହା ଯୁକ୍ତ ୨ କଲେଜରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଜରାସିଂହା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ବସନ୍ତ କୁମାର ମନହୀରାଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ପ୍ରାଧ୍ୟାପକ ଗୋବିନ୍ଦ ମେହେର ଓ ବସନ୍ତ କୁମାର ମନହୀରା ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ସ୍ୱାମୀ ବିବେକାନନ୍ଦଙ୍କୁ ନିଜର ଆଦର୍ଶ ଭାବି ଚରିତ୍ର ଗଠନ ପାଇଁ ବ୍ରତୀ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଶେଷରେ ପ୍ରାଧ୍ୟାପକ ଧୋବାଇ ଚରଣ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ଅଧ୍ୟାପକ ସୁରେଶ ପ୍ରସାଦ ଷଡଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ପ୍ରଧାନୀ, ପରିମଳ ଫାଉଣ୍ଡେସନ ସଦସ୍ୟ ଦେବୀପ୍ରସାଦ ପରିଡା ଯୋଗଦେଇଥିଲେ। ଶେଷରେ ଅଧ୍ୟାପକ ଉଜ୍ଜ୍ୱଳ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି କୁତୁର୍ଲା କଲେଜ ଅଧ୍ୟକ୍ଷ ପ୍ରମୋଦ କୁମାର ବଡପଣ୍ଡାଙ୍କ ସଭାପତିତ୍ୱରେ ଯୁବ ରେଡକ୍ରସ ଓ ରେଡରିବନ କ୍ଲବ ସହଯୋଗରେ ଜାତୀୟ ଯୁବ ଦିବସ ସମାରୋହରେ ସୁରଧନୁ ହାଇସ୍କୁଲର ପୂର୍ବତନ ହିନ୍ଦୀ ଶିକ୍ଷକ ବିଜୟ କୁମାର ମହାନ୍ତି ଓ ଅଧ୍ୟାପକ ବିଜୟ କୁମାର ଦାସ, ବଳରାମ ପଧାନ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ମହାନ୍ତି ସ୍ୱାମୀ ବିବେକାନନ୍ଦଙ୍କ ସଦ୍‌ଭାବନା ଓ କାର୍ଯ୍ୟଶୈଳୀକୁ ଅନୁସରଣ କରି ଆଗକୁ ବଢିବା ପାଇଁ ମରାମର୍ଶ ଦେଇଥିଲେ। ରେଡକ୍ରସ କାଉନସେଲର ତଥା ଓଡିଆ ଅଧ୍ୟାପକ ହେମନ୍ତ ସାହୁ ସଭା ପରିଚାଳନା ଏବଂ ଖେଳ ଶିକ୍ଷକ ସରୋଜ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।



ଜାତୀୟ ଯୁବ ଦିବସ ପାଳିତ।

### ବିଭିନ୍ନ କଲେଜରେ ଜାତୀୟ ଯୁବ ଦିବସ

## ରେଳବାଇ ଶ୍ରମିକ ସଂଘ ପାଳିଲା ବିବେକାନନ୍ଦ ଜୟନ୍ତୀ

ଟିଟିଲାଗଡ,୧୨।୧(ଡି.ଏନ.ଏ.)

### ଯୁବଶାଖାର କ୍ୟାଣ୍ଡେଲ ଶୋଭାଯାତ୍ରା, ନୂଆ ପେନସନ ନୀତିକୁ ବିରୋଧ

ପୂର୍ବତଟ ରେଳବାଇ ଶ୍ରମିକ ସଂଘ ଟିଟିଲାଗଡ଼ ଯୁବ ଶାଖା ପକ୍ଷରୁ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବିବେକାନନ୍ଦଙ୍କ ସ୍ମୃତିରେ ରେଳବାଇ ଶ୍ରମିକ ସଂଘ କାର୍ଯ୍ୟାଳୟ ପରିସରରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରିଥିଲା। ଏହି ଅବସରରେ ନୂଆ ପେନସନ ନୀତିକୁ ବିରୋଧ କରାଯାଇଥିଲା। ସଂଗଠନ ମହାମନ୍ତ୍ରୀ ପ୍ରଦୀପ ପାଟଶାଣୀଙ୍କ ନିର୍ଦ୍ଦେଶ ତଥା ଜୋନାଲ ଯୁବ ସଂଯୋଜକ ଅମିତ ମିଶ୍ରଙ୍କ ତତ୍ତ୍ୱାବଧାନରେ ଶ୍ରମିକ ସଂଘ ରେଳବାଇର ନୂତନ ପେନସନ ନୀତିକୁ ବିରୋଧ କରିଛି। ନୂତନ ପେନସନ ନୀତିକୁ ତୁରନ୍ତ ଅପସାରଣ କରି ପୁରୁଣା ପେନସନ ନୀତିକୁ ଲାଗୁ କରିବା ପାଇଁ ଦାବି କରାଯାଇଛି। କାର୍ଯ୍ୟକ୍ରମରେ ଟିଟିଲାଗଡ଼ ଶାଖା ଶ୍ରମିକ ସଂଘ ସଭାପତି ଘନଶ୍ୟାମ ମିଶ୍ର, ଧର୍ମେନ୍ଦ୍ର ପ୍ରସାଦ, ଛନ୍ଦାଚରଣ ସେଲମା, ସମ୍ପାଦକ ମାନସ ରଣା, ଯୁବ ସଂଯୋଜକ ଅରୂପାନନ୍ଦ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



ଯୁବ ଦିବସରେ ରେଳବାଇ ଶ୍ରମିକ ସଂଘ ପକ୍ଷରୁ ବାହାରି ଥିବା କ୍ୟାଣ୍ଡେଲ ଶୋଭାଯାତ୍ରା।

## ଲୋକ ମହୋତ୍ସବ ପାଇଁ ପହଞ୍ଚିଲେ କଳାକାର

ସମ୍ବଲପୁର (ବ୍ୟୁରୋ): ସମ୍ବଲପୁର ଲୋକମହୋତ୍ସବ ପାଇଁ ଗୁରୁବାର କଳାକାରମାନେ ପହଞ୍ଚିବା ପରେ ଉପସମିତି ପକ୍ଷରୁ ସ୍ୱାଗତ କରାଯାଇଥିଲା। କାଇଁଶିର ଛାତ୍ରାବାସରେ ସେମାନଙ୍କ ରହିବା ବ୍ୟବସ୍ଥା କରାଯାଇଛି। ଲୋକ ମହୋତ୍ସବ ୨୦୨୩ର ସଂଯୋଜକ ରଞ୍ଜନ ସାହୁ ମା' ସମଲେଇଙ୍କଠାରେ ପୂଜାବିଧାନ କରିବା ପରେ କଳାକାରଙ୍କ ପାଇଁ ହଷ୍ଟେଲ ଖୋଲା ହୋଇଥିଲା। ଗୁରୁବାର ଗୁରୁ ଗଙ୍ଗାଧର ଦାସଙ୍କ ଲୋକଶାସ୍ତ୍ର କଳା ପରିଷଦର କଳାକାରମାନେ ପହଞ୍ଚିଛନ୍ତି।





ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଜାତୀୟ ଯୁବ ଦିବସ ଅବସରରେ ଆୟୋଜିତ କରିଥିବା ଖୁଏଲ ଯତରାର ଝଲକ ।

# ସୁନ୍ଦରଗଡ଼ରେ ଖୁଏଲ ଯତରା

### ଆମ ଗୌରବମୟ ପ୍ରଥା, ପରମ୍ପରା, ଚଳଣୀକୁ ଉଜ୍ଜୀବିତ କରିବାର ପ୍ରୟାସ

**ସୁନ୍ଦରଗଡ଼, ୧୨।୧(ଡି.ଏନ୍.ଏ.)**

ଅତ୍ୟାଧୁନିକ ସଭ୍ୟତାର ଚାକଚକ୍ୟରେ କ୍ରମଶଃ ଫିକା ପଡିଆସୁଛି ଆମ ପ୍ରାଚୀନ କଳା ସଂସ୍କୃତି, ପ୍ରଥା ପରମ୍ପରା, ସାମାଜିକ ଚଳଣି। ଆମ ନିଜସ୍ୱ ଧର୍ମୀୟ ବିଶ୍ୱାସ, କଳା ସଂସ୍କୃତି, ପ୍ରଥା ପରମ୍ପରାକୁ ଯୁବବର୍ଗ ତଥା ଉତ୍ତରପିଢିଙ୍କ ମଧ୍ୟରେ ଉଜ୍ଜିବିତ ରଖିବାର ସଫଳ ପ୍ରୟାସ ନେଇ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଜାତୀୟ ଯୁବ ଦିବସ ଅବସରରେ ଆୟୋଜିତ କରିଥିଲେ ଖୁଏଲ ଯତରା। ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲଳିତରଂଜନ ସାହୁଙ୍କ ଆବାହକତ୍ୱରେ ମହାବିଦ୍ୟାଳୟ ସମ୍ମୁଖ ରାସ୍ତାରେ ଆୟୋଜିତ ଏହି ଉତ୍ସବରେ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ପ୍ରାକ୍ତନ ଅଧ୍ୟକ୍ଷ ଡ. କିଶୋର କୁମାର ଦାଶ, ଯଶୀନ୍ତା କିଣ୍ଡୋ, ସିଡିଏମଓ ସରୋଜ କୁମାର ମିଶ୍ର, ଉପନଗରପାଳ ଲଲାଟ ପରିଡା, ପୂର୍ବତନ ନଗରପାଳ ବେଣୁମାଧବ ତାଣ୍ଡିଆ, ପୂର୍ବତନ ଉପନଗରପାଳ ସୁମନ୍ତ ପଣ୍ଡା, କାଉନସିଲର ସୁମନ୍ତ ସାହୁ, ଅନୀଲ ମହାପାତ୍ର, ଜୟନାରାୟଣ ତ୍ରିପାଠୀ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ ଆମ ପରମ୍ପରା ଓ ସଂସ୍କୃତିକୁ ଋଦ୍ଧିମନ୍ତ କରିବାର ଏହା ଏକ ସଫଳ ପ୍ରୟାସ ବୋଲି କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ଓଡିଆ ସଂସ୍କୃତିର ପ୍ରାଚୀନ ପରମ୍ପରା, ବେଦ ମନ୍ତ୍ରପାଠ, ହୋମଯଜ୍ଞ, ମାଣବସା ଗୁରୁବାର, କାର୍ତ୍ତିକ ବ୍ରତ, ଭାଗବତ ପାଠ, ସଂକୀର୍ତ୍ତନ, ନୂଆଁଖାଇ, ରଙ୍ଗୋଲି, ମାଣବସା ଝୋଟିଚିତା, ଶାସ୍ତ୍ରୀୟ ଓଡିଶୀ ନୃତ୍ୟ, ପାରମ୍ପାରିକ ଆଦିବାସୀ କରମା ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଚିତ୍ରକଳା, ବାଲୁକା ଶିଳ୍ପକଳାର ବର୍ଣ୍ଣାଢ୍ୟ ଆକର୍ଷଣୀୟ ପ୍ରଦର୍ଶନ କରିଥିଲେ। ଏହା ସହ ଆମ ସାମାଜିକ ଚଳଣିରେ ବଡିପକା, ଶିଳବଟା, ଚକିପେଷା, ଆମ ଗ୍ରାମସଂସ୍କୃତିର ଖେଳ ଗୁଲି ଦଣ୍ଡା, ଖପରକାତି ଖେଳ, ହକି ଖେଳର ପ୍ରଦର୍ଶନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଛାତ୍ରୀଛାତ୍ର ପଶ୍ଚିମ ଓଡିଶାର ସମୃଦ୍ଧ ବୟନ ଶିଳ୍ପକଳା ସମ୍ବଲପୁରୀ ଶାଢୀ, ପୋଷାକ ପରିଧାନ କରି ଆମ ପାରମ୍ପାରିକ ହସ୍ତତନ୍ତ କଳାର ବର୍ଣ୍ଣାଢ୍ୟ ପ୍ରଦର୍ଶନ କରିଥିଲେ। ଚଳିତବର୍ଷର ପୁରୁଷ ବିଶ୍ୱ କପ୍ ହକି ଜିଲାରେ ଅନୁଷ୍ଠିତ ହେଉଥିବାରୁ ହକିକ୍ରୀଡା ମାସ୍କଟ ଓଲିର ପ୍ରଦର୍ଶନ ଏହି ଉତ୍ସବର ଉତ୍ସାହକୁ ଦ୍ୱିଗୁଣିତ କରିଥିଲା। ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କର ଏହି ଚମତ୍କାର ପ୍ରଦର୍ଶନକୁ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ସାଧାରଣ ଜନତା ଉପଭୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ୨୦୧୯ ମସିହାରେ ଯୁବବର୍ଗଙ୍କ ମଧ୍ୟରେ ଆମ ଗୌରବମୟ ସୁମହାନ୍ ସଂସ୍କୃତି, ଚିତ୍ରକଳା, ପାରମ୍ପାରିକ ଚଳଣୀର ବର୍ଣ୍ଣାଢ୍ୟ ମହକକୁ ପ୍ରଦର୍ଶନ ପ୍ରୟାସରେ ଏହି ଅଭିନବ ଉତ୍ସବର ପରିକଳ୍ପନା କରାଯାଇ ଆରମ୍ଭ ହୋଇଥିଲା। ୧୯୨୧-୨୨ ମସିହାରେ କୋଭିଡ୍ କଟଣା ଯୋଗୁ ଏହା ପାଳିତ ହୋଇ ନ ଥିଲା। ଏହି ପ୍ରୟାସ ନିଶ୍ଚିତ ଭାବେ ଯୁବବର୍ଗଙ୍କୁ ସଚେତନ କରିବ ବୋଲି ବହୁ ବୁଦ୍ଧିଜୀବୀ ତଥା ବୟୋଜ୍ୟୋଷ୍ଠ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି। ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପିକା ଡ. କୁମୁଦିନୀ ରାଉତରାୟ, ବୀରେନ୍ଦ୍ର ପଟେଲ, ଡ. କୁଳମଣି ବେହେରା, ପ୍ରଦୀପ ବହିଦାର, ଡ. ବିନୋଦ ବିହାରୀ ମଲ୍ଲିକ, ପ୍ରଭାକର ସେଠୀ, ଆର୍ଯ୍ୟ ବିଭାସ କୁମାର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ବବୁଲ



@ ନବ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ ରନ୍ ଫର୍ ୟୁନିଟ

**ବଡ଼ଗାଁ, ୧୨।୧(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଆଇଟିଆଇ ପରିସରରେ ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ସୁନ୍ଦରଗଡ଼ ଶାଖା ପକ୍ଷରୁ ଗୁରୁବାର ସକାଳେ ରନ ଫର୍ ୟୁନିଟ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଉକ୍ତ ଶୋଭାଯାତ୍ରାକୁ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ବଡ଼ଗାଁ ସରପଞ୍ଚ ସୁଗାତ ସାମୁଏଲ ସଏ, ବଡ଼ଗାଁ ଆଇଟିଆଇର ଅଧ୍ୟକ୍ଷ ଡକ୍ଟର ଅରୁଣ କୁମାର ନାୟକ, ବଡ଼ଗାଁ ଗ୍ରାମର ମହମ୍ମଦ ହାଫିଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଇ ଆଶ୍ରିତ ରାଜା ବିଦ୍ୟା ଜ୍ୟୋତି ନିର୍ବାହକ ଗୁରୁଦତ ଜେନା, ଜିଲା ଯୁବ ସଂଯୋଜକ ପ୍ରଭାତ କୁମାର ସାହୁ, ପ୍ରଦୀପ ପଟ୍ଟନାୟକ, ନରହରି ନାୟକ, ସୁନିଲ କୁମାର ଦତ୍ତ, ଏମ ଭି ନରେନ୍ଦ୍ର, ଲିଙ୍ଗରାଜ ବୁଡ଼ା, ବେଦପ୍ରକାଶ ରୋହିଦାସ, ସୌରଭ ପଣ୍ଡା, ତୁରତି ବଡ଼ାଇକ ଯୋଗଦେଇଥିଲେ। ଛାତ୍ରୀଛାତ୍ର ଆଇଟିଆଇ ପରିସରରେ ସମବେତ ହେଲା ପରେ ସେଠାରୁ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟକୁ ଯାଇଥିଲେ। ବିଡ଼ିଓ କ୍ଷମାନିଧି ଭୋଇଙ୍କୁ ସ୍ମୃତି ସ୍ମାରକ ପ୍ରଦାନ କରିଥିଲେ। ଆଇଟିଆଇ ପରିସରରେ ଆୟୋଜିତ ସଭାରେ ଅତିଥିମାନେ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ, ଆଦର୍ଶ ଜୀବନ ଉପରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ସଭାରେ ଛାତ୍ରୀ ଛାତ୍ର ଓ ଅତିଥି ମାନେ 'ଆମର ଗୋଟିଏ ଧର୍ମ, ତାହା ମାନବ ଧର୍ମ, ଗୋଟିଏ ଭାଷା ତାହା ପ୍ରେମର ଭାଷା, ସମସ୍ତେ ଜାତି ଧର୍ମ ନିର୍ବିଶେଷରେ ପରସ୍ପରିକୁ ସମ୍ମାନ କରିବା ଉଚ୍ଚାରଣ କରି ଶପଥ ପାଠ କରିଥିଲେ।

### ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ

**ଦେବଗଡ଼, ୧୨।୧(ଡି.ଏନ୍.ଏ.):** ସ୍ଥାନୀୟ ଚିନ୍ମୟ ବିଦ୍ୟାଳୟଠାରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଦେବଗଡ଼ ଶାଖା ଦ୍ୱାରା ସ୍ୱାମୀ ବିବେକାନନ୍ଦଙ୍କର ୧୬୧ତମ ଜୟନ୍ତୀ ପାଳନ କରାଯାଇଛି। ଉକ୍ତ ସଭାରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଦେବଗଡ ଶାଖାର ଯୁଗ୍ମ ସମ୍ପାଦକ ଦୈତ୍ୟାରି ପ୍ରସାଦ ଦ୍ୱିବେଦୀ ସଭାପତିତ୍ୱ କରିଥିଲେ। ଅନ୍ୟତମ ଆଜୀବନ ସଦସ୍ୟ ସନ୍ଦୀପ କୁମାର ପଣ୍ଡା ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଶିକ୍ଷାବିତ ଦୁର୍ଗା ପ୍ରସାଦ ଦ୍ୱିବେଦୀ ଯୁବ ଦିବସରେ ଯୁବକମାନଙ୍କୁ ଦେଶ ଗଠନରେ ନିଜକୁ ଉତ୍ସର୍ଗ କରିବାକୁ ଆହ୍ୱାନ ଦେଇଥିଲେ। ସ୍ୱୟଂଶାସିତ ଇସ୍ପାତ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ: ଅରୁଣ କୁମାର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଚିନ୍ମୟ ବିଦ୍ୟାଳୟର ସାମିନୀ ତନିଷ୍ଠା ନନ୍ଦ ସରସ୍ୱତୀ ଈଶ୍ୱରଙ୍କୁ ଦୃଢ ବିଶ୍ୱାସ କରି କାର୍ଯ୍ୟ କଲେ ବ୍ୟକ୍ତି ନିଶ୍ଚୟ ସଫଳ ହେବ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ଚିନ୍ମୟ ବିଦ୍ୟାଳୟର ସଂଯୋଜକ ଜଗବନ୍ଧୁ ଶତପଥି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସଂସଦ ତରଫରୁ ଆଗରୁ ହୋଇଥିବା ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାର ପୁରସ୍କାର ବିତରଣ କରାଯାଇଥିଲା।

# ଭାରତୀୟ ହକି ଦଳର ଶୁଭକାମନା କଲେ ଅମିତ୍ ରୋହିଦାସଙ୍କ ମାଆ



ଅମିତଙ୍କ ମାଆ ଓ ଭଉଣୀ।

**ସୁନ୍ଦରଗଡ଼,୧୨।୧(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ସଉନାମରା ମାଟିର ପୁଅ ଅମିତ୍ ରୋହିଦାସ। ୨୦୨୩ ପୁରୁଷ ହକି ବିଶ୍ୱକପ୍‌ର ଭାରତୀୟ ହକି ଦଳର ସେ ଉପଅଧିନାୟକ। ରାଉରକେଲାଠାରେ ଆରମ୍ଭ ହେଉଥିବା ଏହି ହକି ବିଶ୍ୱକପ୍ ନେଇ ସମସ୍ତଙ୍କ ମଧ୍ୟରେ ଭରି ରହିଛି ଉତ୍ସାହ। ଚଳିତ ପୁରୁଷ ବିଶ୍ୱକପ୍ ହକିରେ ଉପଅଧିନାୟକ ଭାବେ ଖେଳୁଥିବା ଅମିତ୍ ଓ ଅନ୍ୟମାନେ ନିଶ୍ଚିତ ଭାବେ ଭଲ ପ୍ରଦର୍ଶନ କରିବେ ଓ ଭାରତ ଚାମ୍ପିୟନ ହେବ ବୋଲି ସମସ୍ତେ ଆଶାବାଦୀ। ତାଙ୍କ ଭଳି ଜଣେ ଉଦୀୟମାନ ହକି ତାରକାଙ୍କୁ ଜନ୍ମ ଦେଇ ବେଶ ଗର୍ବିତ ବୋଲି ଅମିତ୍‌ଙ୍କ ମାଆ ଗୋଲାପୀ ରୋହିଦାସ କହିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶାର ରାଉରକେଲା ଓ ଭୁବନେଶ୍ୱରରେ ହକି ବିଶ୍ୱକପ୍ ଆୟୋଜନ ଆଗାମୀ ପିଢ଼ିର ଖେଳାଳିଙ୍କୁ ନିଶ୍ଚିତ ପ୍ରେରଣା ଯୋଗାଇବ ବୋଲି କହିବା ସହ ଭାରତୀୟ ଦଳର ସଫଳତା, ଶୁଭକାମନା କରିଛନ୍ତି। ବ୍ୟସ୍ତତା ମଧ୍ୟରେ ମଧ୍ୟ ଅମିତ୍ ପ୍ରତିଦିନ କଥା ହେବାକୁ ଭୁଲି ନ ଥା'ନ୍ତି ବୋଲି ସେ କହିଛନ୍ତି। ଘରକୁ ଆସିଲେ ମାଆଙ୍କ ମନ ପସନ୍ଦର ଖାଇବା ଜିନିଷ ସହ ଘରେ ଥିବା ଭଉଣୀ ସୁସ୍ମିତାଙ୍କ ପାଇଁ ମନଲାଖି ଜିନିଷ ଆଣିଥା'ନ୍ତି ବୋଲି ତାଙ୍କ ମାଆ କହିଛନ୍ତି।

## ହକି ବିଶ୍ୱକପ୍ ଖେଳାଳିଙ୍କ ମା, ବାପାଙ୍କୁ ସମ୍ବର୍ଦ୍ଧନା ଜଣାଇଲେ ଜନପ୍ରତିନିଧି

**କୁଆଁରମୁଣ୍ଡା,୧୨।୧(ଡି.ଏନ.ଏ.)**

ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି ହକି ବିଶ୍ୱକପ। ଏହି ବିଶ୍ୱକପ ପ୍ରତିଯୋଗିତାରେ ଭାରତୀୟ ଦଳରେ ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ବ୍ଲକର କାଦୋବାହଲ ଗ୍ରାମର ବିପିନ ଖେସ ଓ ଜିରାଙ୍କ ପୁଅ ନୀଲମ ସଞ୍ଜୀବ ଖେସ ସ୍ଥାନ ପାଇଛନ୍ତି। ଏହି ଖୁସି ଖବର ପାଇ କୁଆଁରମୁଣ୍ଡା ବ୍ଲକର ଜନପ୍ରତିନିଧିମଣ୍ଡଳୀ ବୁଧବାର କାଦୋବାହାଲ ଗ୍ରାମ ଡ଼ିପାଟୋଲିକୁ ଯାଇ ନୀଲମଙ୍କ ବାପା ବିପିନ ଓ ମା ଜିରାଙ୍କୁ ଭେଟି ପୁଅର ସଫଳତା ପାଇଁ ସମ୍ବର୍ଦ୍ଧିତ କରିଛନ୍ତି। ବିପିନ ଜଣେ ଗରିବ ଚାଷୀ ହୋଇଥିବା ବେଳେ ୨ ପୁଅ ଓ ୨ ଝିଅଙ୍କୁ ବହୁ କଷ୍ଟରେ ପାଳିପୋଷିଥିଲେ ମଧ ମନରେ ଦୁଃଖ କରି ନ ଥିବା ଜନପ୍ରତିନିଧିମଣ୍ଡଳୀରେ ଥିବା ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ସରପଞ୍ଚ ରାଜେଶ ହାଁସଦାଙ୍କ ସହ ଅନ୍ୟମାନଙ୍କୁ କହିଛନ୍ତି। ଏହି ପ୍ରତିନିଧିମଣ୍ଡଳୀରେ ଜିଲା ପରିଷଦ ସଭ୍ୟ ନେଭିଲ କେରକେଟା, ସରପଞ୍ଚ ଦିଲ୍ଲୀପ ଏକ୍କା, ନରେଶ ସୁରିନ ପ୍ରମୁଖ ଉପସ୍ଥିତ ଥିଲେ।



ନୀଲମଙ୍କ ବାପା ଓ ମା'ଙ୍କୁ ଭେଟୁଛନ୍ତି ଜନପ୍ରତିନିଧି।

## ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ଦେବଗଡ଼, ୧୨।୧(ଡି.ଏନ୍.ଏ.)**

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ପ୍ରଶାସନ ଆନୁକୂଲ୍ୟରେ ସୁଗୁଡା ମିନିଷ୍ଟାଡିୟମରେ ଗୁରୁବାର ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ସୁଗୁଡା କ୍ଲଷ୍ଟରର ସିଆର୍‌ସିସି ପ୍ରାଣବନ୍ଧୁ ଘଡେଇଙ୍କ ସଂଯୋଜନାରେ ଆୟୋଜିତ ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ତିଲେଇବଣି ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ମିର୍ଦ୍ଧା ଯୋଗଦେଇ ଫିତାକାଟି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ତିଲେଇବଣି ବ୍ଲକ ଉପାଧ୍ୟକ୍ଷା ଆରତୀ ପ୍ରଧାନ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ପଦ୍ମଲୋଚନ ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନାରାୟଣ ସିଂ ସାମାଡ ଓ ସୁଶାନ୍ତ କୁମାର ସାହୁ, ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମେଶ୍ୱର ନାୟକ, ସୁଗୁଡା ଗ୍ରାମ ପଞ୍ଚାୟତର ସରପଞ୍ଚ କୁନୁ ବେହେରା ଓ ସମିତି ସଦସ୍ୟ ଡମେନ ସାହୁ ପ୍ରମୁଖ ମଞ୍ଚାସୀନ ରହି ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ତିଲେଇବଣି ବ୍ଲକର ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ କିଶୋର ଚନ୍ଦ୍ର ନାୟକ ଓ କନିଷ୍ଠ ଯନ୍ତ୍ରୀ ଟି. ଗୋପାଳକୃଷ୍ଣ ସରାବଙ୍କ ତତ୍ତ୍ୱାବଧାନରେ ହକି, ଫୁଟବଲ, କବାଡି, ଖୋଖୋ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ବ୍ଲକସ୍ତରୀୟ ପ୍ରତିଯୋଗିତାରେ ତିଲେଇବଣି ବ୍ଲକର ୩ଟି ଲେଖାଏଁ ପଞ୍ଚାୟତକୁ ନେଇ ଗଠିତ ହୋଇଥିବା ଜୋନସ୍ତରୀୟ ପ୍ରତିଯୋଗିତାରୁ ମନୋନୀତ ହୋଇଥିବା ଖେଳାଳିମାନେ ଅଂଶଗ୍ରହଣ କରିଥିଲେ। ସଭା ପ୍ରାରମ୍ଭରେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା।



ଭାଗବତ ଟୁଙ୍ଗିରେ ଉପସ୍ଥିତ ଶ୍ରଦ୍ଧାଳୁ।

# ଭାଗବତ ଟୁଙ୍ଗିରେ ଚାଲିଛି ଭାଗବତ ପାଠ

**ଦେବଗଡ଼, ୧୨।୧(ଡି.ଏନ୍.ଏ.)**

ମଠସାହି ସ୍ଥିତ ମନୋରମା କ୍ଲବ ଭାଗବତ ଟୁଙ୍ଗିରେ ମାଘ ମାସ କୃଷ୍ଣପକ୍ଷ ପ୍ରତିପଦରୁ ଉକ୍ତ କ୍ଲବ ପରିସରରେ ପ୍ରତ୍ୟେକ ସନ୍ଧ୍ୟାରେ ଭାଗବତ ବହି ପାଠ ସହ ପୂଜାର୍ଚ୍ଚନା କରାଯାଉଛି। ସଭାପତି ତଥା ପୂଜକ ବିନୋଦ ବିହାରୀ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ପ୍ରତ୍ୟେକ ଦିନ ୫୦ରୁ ଉର୍ଦ୍ଧ୍ୱ ଭକ୍ତ ଏକାଠି ହୋଇ ଭାଗବତ ପଢୁଥିବା ଦେଖିବାକୁ ମିଳିଛି। ଏହି କାର୍ଯ୍ୟକ୍ରମରେ ହୃଷିକେଶ ନାୟକ, ଶଙ୍କର ବେହେରା, ଦିଲୀପ ଘଡେଇ, ପ୍ରତିମା ଝାଙ୍କର, କଳ୍ପନା ନାୟକଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ କରୁଥିବା ଜଣାପଡ଼ିଛି। ଆସନ୍ତା ପୂର୍ଣ୍ଣିମାରେ ଶେଷ ହେବ ବୋଲି ସଭାପତି ବିନୋଦ ବିହାରୀ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

# ୧୯୮୧ ମାଟ୍ରିକ ବ୍ୟାଚର ସପରିବାର ବନ୍ଧୁମିଳନ

**ଦେବଗଡ଼, ୧୨।୧(ଡି.ଏନ୍.ଏ.)**

ରାଜା ବାସୁଦେବ ହାଇସ୍କୁଲ ୧୯୮୧ ମାଟ୍ରିକ ବ୍ୟାଚର ସପରିବାର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଦେବଗଡ଼ ଝାଡେଶ୍ୱର ମନ୍ଦିରରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଦେବଗଡ଼ ଓ ବାହାରେ ଥିବା ସାଙ୍ଗମାନେ ଆସି ଯୋଗଦାନ କରିଥିଲେ। ଏହି ଅବସରରେ ହାଇସ୍କୁଲର ପୂର୍ବତନ ୫ଶିକ୍ଷକଙ୍କୁ ଉପଢୌକନ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ଏଥିମଧ୍ୟରୁ ଶିକ୍ଷକ ଶଶି ଭୂଷଣ ଦାଶ ଓ ଦୁର୍ଗାପ୍ରସାଦ ଦ୍ୱିବେଦି ଯୋଗଦାନ କରିଥିଲେ। ଆଉ ୩ ଶିକ୍ଷକ ଶରୀର ଅସୁସ୍ଥ ଥିବା ହେତୁ ତାଙ୍କୁ ତାଙ୍କ ଘରେ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ ଦେବେନ୍ଦ୍ର ବେହେରା, ସୁଦର୍ଶନ ଦାଶ ଓ ଭାର୍ଗବ ଚନ୍ଦ୍ର ଦେବ। ଏହି କାର୍ଯ୍ୟକ୍ରମରେ ସୁଧିର କୁମାର ଦାସ, ନୀଳାଚଳ ଆଚାର୍ଯ୍ୟ, ଶଙ୍କର ମହାପାତ୍ର, ଗଗନ ପ୍ରଧାନ, ପ୍ରଭାସ ମିଶ୍ର ପ୍ରମୁଖ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



୧୯୮୧ ମାଟ୍ରିକ ବ୍ୟାଚର ବନ୍ଧୁମାନେ ପରିବାର ସହ ଏକତ୍ରିତ ହୋଇଛନ୍ତି।

# ଟ୍ରାଫିକ୍ ବ୍ୟବସ୍ଥା କଡ଼ାକଡ଼ି କରାଯାଉ

### ବ୍ୟବହାରରେ ଆସୁନାହିଁ ଚେକ୍‌ପୋଷ୍ଟ

**କୁତ୍ରା, ୧୨।୧(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ ୧୦ ନମ୍ବର ରାଜ୍ୟ ରାଜପଥ ଉପରେ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟୁଥିବାର ଦେଖିବାକୁ ମିଳୁଛି। ବିଶେଷ ଭାବରେ ଯାନବାହାନ ଦୁର୍ଘଟଣା ଯୋଗୁ ଧନଜୀବନ ନଷ୍ଟ ହେଉଛି। ତଥାପି କୁତ୍ରା ପୋଲିସର ଟ୍ରାଫିକ ବ୍ୟବସ୍ଥା ପ୍ରତି ନଜର ପଡୁନି। ବିଭିନ୍ନ ସଂସ୍ଥା ଜେଏସ୍‌ଡବ୍ଲ୍ୟୁ, ସ୍କାନ ଷ୍ଟିଲ ପକ୍ଷରୁ କୁତ୍ରା ପୋଲିସକୁ ଚେକପୋଷ୍ଟ ବୋର୍ଡ ପ୍ରଦାନ କରାଯାଉଛି। କିନ୍ତୁ ପୋଲିସ ତାର ବ୍ୟବହାର ଠିକ ଭାବରେ କରିପାରି ନ ଥିବାରୁ ଦୁର୍ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଛି। କେବଳ ଦୁର୍ଘଟଣା ଘଟିଲେ ଏହାର ବ୍ୟବହାର ଦେଖିବାକୁ ମିଳୁଥିବା ବେଳେ ଅଧିକାଂଶ ସମୟ ରାସ୍ତା କଡରେ ପଡିରହୁଛି। ନିୟମିତ ଭାବରେ ଏହାର ବ୍ୟବହାର ହେଉ ନ ଥିବା ଏବଂ ପୋଲିସ ଟ୍ରାଫିକ ବ୍ୟବସ୍ଥା ଉପରେ ଦୃଷ୍ଟି ଦେଉ ନ ଥିବା ଯୋଗୁ ଲୋକେ ରାଜ୍ୟ ରାଜପଥ ଉପରେ ଦୁଇ ଚକିଆ, ଚାରି ଚକିଆ ଛିଡା କରୁଛନ୍ତି। ଫଳରେ ଦୁର୍ଘଟଣା ଘଟି ବହୁ ମୂଲ୍ୟବାନ ଜୀବନ ନଷ୍ଟ ହେବା ସାଙ୍ଗକୁ ଅଧିକାଂଶ ଗୁରୁତର ହେଉଛନ୍ତି। ରବିବାର ଓ ବୁଧବାର ଦୁଇଦିନ ହାଟପାଳି ବସୁଥିବାରୁ ପ୍ରବଳ ଭିଡ ହେଉଛି। ଏଥିପାଇଁ ରାଜ୍ୟ ରାଜପଥ କଡ଼ରେ ଥିବା ଡ୍ରେନ ସ୍ଲାବଗୁଡିକ ଲୋକଙ୍କ ଚଲାପଥ ପାଇଁ କାମରେ ଆସୁଥିବା ବେଳେ ବେପାରି ତାହା ମାଡି ବସିବାରୁ ଲୋକେ ବାଧ୍ୟ ହୋଇ ରାସ୍ତା ଉପରେ ଯିବା ଆସିବା କରିଥାନ୍ତି। ତେଣୁ ଦ୍ରୁତ ଗତିରେ ଆସୁଥିବା ଭାରିଯାନ ପାଇଁ ଦୁର୍ଘଟଣା ଘଟେ। ତେଣୁ ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଓ ପୋଲିସ ଦୃଷ୍ଟି ଦେଇ ଏହାର ସ୍ଥାୟୀ ସମାଧାନ କରିବାକୁ ଗ୍ରାମବାସୀ, ବୁଦ୍ଧିଜୀବୀଙ୍କ ପକ୍ଷରୁ ଦାବି ହେଉଛି। ଅନ୍ୟଥା ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଛନ୍ତି। ଟ୍ରାଫିକ ବ୍ୟବସ୍ଥା କଡ଼ାକଡ଼ି ପାଇଁ ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟ ଓ ଅଭିଭାବକଙ୍କ ପକ୍ଷରୁ ଥାନା ଅଧିକାରୀ ଓ ବିଡ଼ିଓଙ୍କୁ ଦାବିପତ୍ର ଦିଆଯାଇଛି।



କୁତ୍ରା ବଜାରରେ ଟ୍ରାଫିକ୍ ଜାମ୍।

**ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା**

ବୋଡେନ,(ଡି.ଏନ.ଏ.): ନୂଆପଡ଼ା ଜିଲା ବୋଡେନ ବ୍ଲକ ଦୁର୍ଗାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଦୀନନାଥ ଖମାରୀଙ୍କୁ ବିଦାୟକାଳିନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉପଲକ୍ଷେ ସ୍କୁଲ ପ୍ରଧାନ ଶିକ୍ଷକ ଉପେନ୍ଦ୍ର କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଏବିଇଓ କ୍ଷମରାଜ ମହାପାତ୍ର, ଏବିଇଓ ଦିଲିପ ଦାଶ, କେରାପଦର ଦ୍ୱାରଶନୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ସତ୍ୟପୀର ପଣ୍ଡା, ସିଆର୍‌ସିସି ନବ ବସନ୍ତ ଯୋଷୀ, ବିଦାୟୀ ଶିକ୍ଷକ ଦୀନନାଥ ଖମାରୀ, ହ୍ରିଦେଲାଲ ସତନାମୀ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ସହ ଶିକ୍ଷକ ଲିଙ୍ଗରାଜ ମେହେର ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ସହ ଶିକ୍ଷକ ସନ୍ତୋଷ ମାଝି ସହଯୋଗ କରିଥିଲେ। ସହ ଶିକ୍ଷକ ବିକାଶ ସାହୁ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଦେଢ଼ବର୍ଷର ଶିଶୁପୁତ୍ର ମୃତ

ଭବାନୀପାଟଣା,୧୨।୧(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଧର୍ମଗଡ ସହରରେ ଗୁରୁବାର ଏକ ଅଭାବନୀୟ ଘଟଣା ସାମନାକୁ ଆସିଛି। ପୋଖରୀରେ ବୁଡି ଯାଇ ଜଣେ ଦେଢ଼ ବର୍ଷର ଶିଶୁ ପୁତ୍ରର ମୃତ୍ୟୁ ଘଟିଛି। ମୃତ ପୁଅ ସ୍ଥାନୀୟ ଏନ୍‌ଏସି ସଫେଇ କର୍ମଚାରୀ ରିତେନ୍ଦ୍ର ସୁନାନିଙ୍କ ବୋଲି ସୂଚନା ମିଳିଛି। ରିତେନ୍ଦ୍ରଙ୍କ ଘର ବନ୍ଧ ହୁଡ଼ା ନିକଟରେ ରହିଛି। ତାଙ୍କ ପୁଅ ବାହାରେ ଖେଳୁ ଖେଳୁ ପୋଖରୀ ମଧକୁ ଚାଲିଯାଇ ବୁଡ଼ିଯାଇ ଥିବା ସନ୍ଦେହ କରାଯାଉଛି। ଘର ଲୋକ ଖୋଜାଖୋଜି ସମୟରେ ମୃତଦେହ ପୋଖରୀରେ ଭାସୁଥିବା ଦେଖିବା ପରେ ଉଦ୍ଧାର କରିଥିଲେ।

### ଫୁଡ୍ ଆର୍ଟରେ ହକି



ଖଡ଼ିଆଲ,୧୨।୧(ଡି.ଏନ.ଏ.): ଏବେ ବିଶ୍ୱକପ୍ ପାଇଁ ଓଡିଶା ହକିମୟ ହୋଇଯାଇଛି। ଓଡିଶାରେ ବିଶ୍ୱକପ ପୁରୁଷ ହକି ଆୟୋଜନକୁ ନେଇ ନିଜର ଫୁଡ ଆର୍ଟରେ ବାର୍ତ୍ତା ଜଣାଇଛନ୍ତି ନୂଆପଡା ଜିଲା ଖଡିଆଲ ମିଶନର ଜୋର୍ଡନ ଜୁଲିୟସ। ଅଟା ଚକଟା, ଟମାଟୋ, ମୂଳା, ଗାଜର ଓ କେପସିକମରେ ଦୀର୍ଘ ୨ ଘଣ୍ଟା ପରିଶ୍ରମ କରି ତିଆରି କରିଛନ୍ତି ହକିର ଏହି ଫୁଡ ଆର୍ଟ। ବିଶ୍ୱ କପର ଆୟୋଜନ ଓଡିଶା ହାତରେ, ଏ ବିଷୟକୁ ନେଇ ସେ ଏ ଫୁଡ ଆର୍ଟ କରିଛନ୍ତି।

### ଛାତ୍ରୀଙ୍କୁ ଆତ୍ମରକ୍ଷା ତାଲିମ ଶିବିର

ଖଡ଼ିଆଲ,୧୨।୧(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଲ ମହିଳା ଉଚ୍ଚ ମାଧ୍ୟମିକ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀମାନଙ୍କୁ ନେଇ ଆତ୍ମାସୁରକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୋଲିସ ଏସଆସି ଦେବେନ୍ଦ୍ର ବିଦ୍ଧାଣି ଯୋଗଦେଇ ମହିଳା ସୁରକ୍ଷା ଉପରେ ବକ୍ତବ୍ୟ ଦେଇଥିଲେ। ଏଥିରେ ବିଦ୍ୟାଳୟ ଅଧକ୍ଷ୍ୟା ସସ୍ମିତା ପ୍ରଭା ସାମଲ, କଳ୍ପଶ୍ରୀ ଆଚାର୍ଯ୍ୟ, ଚେତନା ନାଏକ, ମମତା ସାହୁ, ଜ୍ୟୋସ୍ନା ସାହୁ, ଇପ୍ସିତା ହୋତା, ସୁଜିତ ପାତ୍ର, ଲିଲି ସାହୁ, ପନଙ୍ଗ ସିଂ ନିନା, ଗିରିସୁତା ଛାତ୍ରିଆ, ସୁବାସିନୀ ସେଠୀ, ଜ୍ୟୋସ୍ନା ରାଣୀ ସେଠୀ, ଚକ୍ରଧର ଭୋଇ, ମଞ୍ଜୁଲତା ରାଉତ ତଥା ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

### ଡବ୍ଲୁଓଡିସି ଅଧକ୍ଷଙ୍କୁ ସାକ୍ଷାତ କଲେ ଅବିନାଶ



ଭବାନୀପାଟଣା,୧୨।୧(ସ୍ୱ.ପ୍ର.): ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧକ୍ଷ ଅସିତ ତ୍ରିପାଠୀଙ୍କୁ ନବନିଯୁକ୍ତ କଳାହାଣ୍ଡି ଜିଲାର ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଦସ୍ୟ ଅବିନାଶ ଠାକୁର ଖାରବେଳ ଭବନଠାରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ସେ କଳାହାଣ୍ଡି ଜିଲାର ଉନ୍ନୟନ କାର୍ଯ୍ୟ ଉପରେ ଆଲୋଚନା କରିଛନ୍ତି। ଏହାସହ ଆଗାମୀ ଦିନରେ ଜିଲାର ବିକାଶ ପାଇଁ ବଡ଼ବଡ଼ ପ୍ରକଳ୍ପ ଜିଲାପାଳଙ୍କ ସହ ଆଲୋଚନା କରି ପ୍ରସ୍ତାବ ଦେବା ପାଇଁ ସେ ପରାମର୍ଶ ଦେଇଛନ୍ତି।

### ବ୍ଲକ ଆଶାକର୍ମୀ ସଂଘର ବାର୍ଷିକ ଅଧିବେଶନ

କର୍ଲାମୁଣ୍ଡା,୧୨।୧(ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଆଶାକର୍ମୀ ସଂଘର ବାର୍ଷିକ ଅଧିବେଶନ ଶାନ୍ତିବନଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାନେତ୍ରୀ ବବିତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କର୍ଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡ଼ ଆଶିଷ ଧରୁଆ, ଜନସ୍ୱାସ୍ଥ୍ୟ ଅଧିକାରୀ କିଶୋର ଦାଶ, ବିପିଏମ ଅଜିତ ସିଂ କୁମାର, ବିଡିଏମ ବିଶ୍ୱଜିତ ମହାନ୍ତି, ବାଡା ପ୍ରତାପ ସାହୁ ଅତିଥି ଭାବେ ଯୋଗଦେଇଥିଲେ। ସଭା ନରୋତ୍ତମ ସେଲମା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବାବୁଲା ସାହୁ, ଚୂଡ଼ାମଣି ସାହୁ, ଶେଷ, ଶଙ୍କର, ପ୍ରଭାକରଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ। ଏଥିରେ ବ୍ଲକର ପ୍ରାୟ ସମସ୍ତ ଆଶା କର୍ମୀ ଯୋଗଦେଇଥିଲେ।

# ସ୍ୱୟଂ ସହାୟକ ଗୋଷ୍ଠୀ ସ୍କୁଲରେ ତାଲା ପକାଇଲେ

- ୪ ଘଣ୍ଟା ଗେଟ ବାହାରେ ବସିଲେ ଛାତ୍ରୀଛାତ୍ର
- ଶେଷ ପରୀକ୍ଷା ଦେବାରୁ ବଞ୍ଚିତ ହେଲେ ଛାତ୍ରୀଛାତ୍ର
- ୩ ମାସର ମଧାହ୍ନ ଭୋଜନ ଟଙ୍କା ମିଳିନି

ଲାଞ୍ଜିଗଡ଼,୧୨।୧(ଡି.ଏନ.ଏ.)


ଗେଟ୍ ବନ୍ଦ ଯୋଗୁ ଛାତ୍ରୀଛାତ୍ରମାନେ ସ୍କୁଲ ବାହାରେ ବସିଛନ୍ତି।

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଛତ୍ରପୁରସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମା' ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମଧାହ୍ନ ଭୋଜନ ଯୋଗାଇବା ପାଇଁ ଦାୟିତ୍ୱ ଦିଆଯାଇଥିଲା। ଗତ ୩ ମାସର ମଧାହ୍ନ ଭୋଜନ ଟଙ୍କା ପାଇ ନ ଥିବାରୁ ସ୍ୱୟଂ ସହାୟକ ଗୋଷ୍ଠୀ ସ୍କୁଲ ଗେଟରେ ତାଲା ପକାଇବା ସହ ଧାରଣା ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ୪ଘଣ୍ଟା ଛାତ୍ରୀଛାତ୍ର ଗେଟ ବାହାରେ ଖରାରେ ବସିଥିବା ବେଳେ ୨୨୭ ଛାତ୍ରୀଛାତ୍ରଙ୍କ ବିଜ୍ଞାନ, ହିନ୍ଦୀ, ସଂସ୍କୃତ ପରୀକ୍ଷା ରହିଥିବା ବେଳେ ସ୍କୁଲକୁ ପ୍ରବେଶ କରି ନ ପାରିବାରୁ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି। ସକାଳ ୧୦ଟାରୁ ମହିଳାମାନେ ଗେଟରେ ତାଲା ପକାଇ ଏହାର ସମାଧାନ ପାଇଁ ଶିକ୍ଷା ବିଭାଗ ବ୍ଲକସ୍ତରୀୟ ଅଧିକାରୀ ବିଇଓ ସଞ୍ଜୀବ କୁମାର ନାଏକ ଓ ବ୍ଲକ ଡବ୍ଲୁଲିଓ ପଙ୍କଜ ବଳିଆର ସିଂଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ ମଧ ଘଟଣାସ୍ଥଳକୁ କେହି ଆସି ନ ଥିଲେ ବୋଲି କହିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମମତା ସେନାପତି ଦୁଇ ଦିନ ଛୁଟିରେ ରହିଥିବା ବେଳେ ସକାଳ ୧୦ଟାରୁ ୧ଟା ପର୍ଯ୍ୟନ୍ତ ଗେଟ ସମ୍ମୁଖରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ଛାତ୍ରୀଛାତ୍ରଙ୍କୁ ଜଗି ରହିଥିଲେ। ଶିକ୍ଷା ବିଭାଗ ଅବହେଳା ଓ ସ୍ୱୟଂ ସହାୟକ ଗୋଷ୍ଠୀର ଜିଦ ଯୋଗୁ ପରୀକ୍ଷାରୁ ବଞ୍ଚିତ ହୋଇ ୪ଘଣ୍ଟା ଖରାରେ ଛାତ୍ରୀଛାତ୍ର ବସି କଷ୍ଟ ପାଉଥିଲେ। ହକି ବିଶ୍ୱକପ ଉଦ୍‌ଘାଟନୀ ଉତ୍ସବ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୧ଟା ପରେ ସ୍କୁଲ ଛୁଟି ଘୋଷଣା କରିଥିବା ଯୋଗୁ ସ୍କୁଲ ସମ୍ମୁଖରେ ବସିଥିବା ଛାତ୍ରୀଛାତ୍ର ଘରକୁ ଫେରି ଯାଇଥିଲେ। କିନ୍ତୁ ସ୍କୁଲ ମଧରେ ଥିବା ଆଦିବାସୀ ଆବାସିକ ହଷ୍ଟେଲ ୧୦୦ ଛାତ୍ର ଭୋକ ଉପାସରେ ରହିଥିଲେ। ଏ ନେଇ ଡବ୍ଲୁଲିଓ ପଙ୍କଜ ବଳିଆର ସିଂକୁ ପଚାରିବାରୁ ମୁଁ ଅକ୍ଟୋବର ପର୍ଯ୍ୟନ୍ତ ସ୍କୁଲ ଏମଡିଏମ ଦାୟିତ୍ୱରେ ଥିଲି, ବର୍ତ୍ତମାନ ସରକାରୀ ନିୟମ ଅନୁସାରେ ସ୍କୁଲ ପ୍ରଧାନ ଶିକ୍ଷକ ଓ ସିନିୟର ଶିକ୍ଷକ ଦେଖାରେଖା କରି ସେମାନଙ୍କୁ ପଇସା ଯୋଗାଇ ଦେବା ବ୍ୟବସ୍ଥା ରହିଛି। ବର୍ତ୍ତମାନ ସେମାନଙ୍କ ମଧ୍ୟରୁ କ'ଣ ହୋଇଛି ମୁଁ ଜାଣିନାହିଁ ବୋଲି କହିଥିଲେ। ଏ ନେଇ ପ୍ରଧାନ ଶିକ୍ଷୟିତ୍ରୀ ମମତା ସେନାପତିଙ୍କୁ ପଚାରିବା ପାଇଁ ଫୋନ କରାଯାଇଥିଲା, ଫୋନ ସୁଇଚ ଅଫ ଥିବାରୁ ଯୋଗାଯୋଗ ହୋଇପାରିଲା ନାହିଁ।

# ବିଭିନ୍ନ ଉନ୍ନୟନ କାମ ଉପରେ ଆଲୋଚନା


ଭବାନୀପାଟଣାରେ ଜିଲା ଯୋଜନା କମିଟିର ବୈଠକ।

**ଜିଲା ଯୋଜନା କମିଟି ବୈଠକ**

ଭବାନୀପାଟଣା,୧୨।୧(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା କକ୍ଷରେ ଗୁରୁବାର ଜିଲା ଯୋଜନା କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ଯୋଗଦେଇଥିଲେ। ବୈଠକରେ ଜିଲାର ବିଭିନ୍ନ ପ୍ରକଳ୍ପ, ଧାନ ସଂଗ୍ରହ, ଉତ୍କେଲା ଏୟାରଷ୍ଟ୍ରିପର ଅଗ୍ରଗତି, ବିଜୁ ଏକ୍ସପ୍ରେସ, ଭଙ୍ଗାବାରୀଠାରେ ହେଉଥିବା ମେଡିକାଲ କଲେଜ, ଥୁଆମୂଳ ରାମପୁର ମା' ମାଣିକେଶ୍ୱରୀ ମନ୍ଦିର ଉନ୍ନୟନ କାର୍ଯ୍ୟ ଓ ଗ୍ରାମାଞ୍ଚଳର ବିକାଶ ଉପରେ ଆଲୋଚନା ହୋଇଥିଲା। ଏହି ସମୟରେ ମନ୍ତ୍ରୀ ଦାସଙ୍କ ସମେତ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପାୱାର ସଚିନ ପ୍ରକାଶ, ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ନର୍ଲା ବିଧାୟକ ଭୂପିନ୍ଦର ସିଂ, ଧର୍ମଗଡ ବିଧାୟକ ମୌଷଧି ବାଗ, ଜିଲା ଯୋଜନା ଅଧିକାରୀ ଶ୍ରୀକାନ୍ତ ଦଳେଇଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। ପରେ ମନ୍ତ୍ରୀ ଦାସ ଡିଆଇଇଟି ପରିସରରେ ଏକ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଉଦ୍‌ଘାଟନ କରିଥଲେ।

# କଳାହାଣ୍ଡି ଉତ୍ସବ ସଫଳତା ପାଇଁ ମଶାଲ ଯାତ୍ରା

ଧର୍ମଗଡ଼,୧୨।୧(ଡି.ଏନ.ଏ.)



ଧର୍ମଗଡର ଅଧିଷ୍ଠାତ୍ରୀ ଦେବୀ ମା' ଭଣ୍ଡାର ଘରଣୀଙ୍କ ମନ୍ଦିରରେ ମଶାଲ।

କଳାହାଣ୍ଡି ଉତ୍ସବ ଘୁମୁରା ସଫଳତା ପାଇଁ ଜିଲାର ବିଭିନ୍ନ ବ୍ଲକର ଶକ୍ତିପୀଠରୁ ପୂଜାର୍ଚ୍ଚନା ପରେ ମଶାଲ ଶୋଭାଯାତ୍ରା ବାହାରି ୧୪ ତାରିଖରେ ଭବାନୀପାଟଣା ପହଞ୍ଚିବା ନେଇ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଧର୍ମଗଡର ଅଧିଷ୍ଠାତ୍ରୀ ଦେବୀ ମା' ଭଣ୍ଡାର ଘରଣୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ମଶାଲ ଶୋଭାଯାତ୍ରା ବାହାରିଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସହକାରୀ ଜିଲାପାଳ ଚିନ୍ମୟ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷ ବବୀତା ପଟ୍ଟଯୋଷୀ, ପଞ୍ଚାୟତ କଲେଜ ଅଧାପକ ମାଧବ ଲହଜଲ, ଲିଙ୍ଗରାଜ ପାତ୍ର ତଥା ଅନ୍ୟାନ୍ୟ ସଚ୍ଛୋସେବୀମାନେ ଯୋଗଦେଇଥିଲେ। ମଶାଲ ଯାତ୍ରା ନେହେରୁ ଯୁବକେନ୍ଦ୍ର କଳାହାଣ୍ଡି ସଂଯୋଜନା କରୁଥିବା ବେଳେ ଜାତୀୟ ସ୍ୱେଚ୍ଛାସେବୀ ରୁଦ୍ର ମହାରଣା ଟିମ ଏସ.ଏ.କେ ଧର୍ମଗଡ ଟିମର ଅଙ୍କିତ ସେଠି, ଗୋବିନ୍ଦ ସାହୁ, ମା ଡୁମେର୍ ଯୁବକ ସଂଘ କାଙ୍କେରୀର ହରିଲାଲ ଦୁର୍ଗା, ଜୟନ୍ତ ସୁନାନୀ ଏବଂ ପୂର୍ବତନ ଜାତୀୟ ସ୍ୱେଚ୍ଛାସେବୀ ସୁଧିର ଗୋପାଲ ସାମିଲ ଓ ବିଦ୍ୟାଧର ସାହୁ ସାମିଲ ହୋଇ ମଶାଲ ଯାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ମଶାଲ ଶୋଭାଯାତ୍ରାକୁ ବିଭିନ୍ନ ପଞ୍ଚାୟତ ଠାରେ ସ୍ୱାଗତ କରିବା ସହ ବଣ୍ଡାକୁତୁରାଠାରେ କର୍ତ୍ତବ୍ୟ ପକ୍ଷରୁ ମଧ୍ୟ ସ୍ୱାଗତ କରାଯାଇଛି। ଏହି ମଶାଲ ଶୋଭାଯାତ୍ରା ଟିମ ଏସ.ଏ.କେର ଜିଲା କାର୍ଯ୍ୟକାରୀ ସଭାପତି ତଥା ଜାତୀୟ ସ୍ୱେଚ୍ଛାସେବୀ ମହେଶ୍ୱର ସୁନାନୀ ପରିଚାଳନା କରୁଛନ୍ତି। ମଶାଲ ଶୋଭାଯାତ୍ରା ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳ ପରିକ୍ରମା କରି ଏହା ଆସନ୍ତା ୧୪ ତାରିଖରେ ଭବାନୀପାଟଣା ପହଞ୍ଚିବା ନେଇ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଭବାନୀପାଟଣାରେ ସ୍ମାର୍ଟ ପାର୍କ ଉଦ୍‌ଘାଟିତ

ଭବାନୀପାଟଣା,୧୨।୧(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣା ସହର ଭଙ୍ଗାବାରି ନିକଟରେ ବୁଧବାର ସ୍ମାର୍ଟ ପାର୍କ ଉଦଘାଟିତ ହୋଇଯାଇଛି। ଏହାକୁ ସ୍ୱାସ୍ଥ୍ୟ ମନ୍ତ୍ରୀ ନବକିଶୋର ଦାସ ଉଦଘାଟନ କରିଥିଲେ। ଏହି ଅବସରରେ ଉଦଘାଟନୀ ସମାରୋହରେ ଅତିଥି ଭାବେ କଳାହାଣ୍ଡି ଏମପି ବସନ୍ତ ପଣ୍ଡା, ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ଏସପି ଅଭିଲାଷ ଜି, ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର, ନର୍ଲା ବିଧାୟକ ଭୁପିନ୍ଦର ସିଂ ପ୍ରମୁଖ ଯୋଗଦେଇଥିଲେ।

## ମକରମେଳା ଉପଲକ୍ଷେ ନେତ୍ର ଉତ୍ସବ

ପଲମ/କର୍ଲାମୁଣ୍ଡା,୧୨।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅଧୀନ ଯୋରାଡବରା ପଞ୍ଚାୟତସ୍ଥିତ କୁର୍ଶୁର୍ଲା ଶୈବପୀଠରେ ମକରମେଳା ଉପଲକ୍ଷେ ଗୁରୁବାର ନେତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାପଲହରା ଗ୍ରାମର ସ୍ୱର୍ଗତ ଜଗଦିଶ ମାଝିଙ୍କ ପକ୍ଷରୁ ଗଜ ମାଝି ପ୍ରଥମେ ଶିବ ମନ୍ଦିର ଦ୍ୱାର ଖୋଲି ପୂଜାର୍ଚ୍ଚନା କରିଥିଲେ। ମକର ମେଳା କମିଟି ସଭାପତି ଜଗତରାମ ଭୋଇ, ସମ୍ପାଦକ ସୁଶାନ୍ତ ଜାନୀ, କୋଷାଧକ୍ଷ ଲକ୍ଷ୍ମୀଧର ସାହୁ, ଉପସଭାପତି ହିରାମଣି ସାହୁ, ସହସମ୍ପାଦକ ଲିଙ୍ଗ ଭୋଇଙ୍କୁ ନେଇ ଶ୍ରେଷ୍ଠ ପୂଜାରୀ ନେତ୍ରାନନ୍ଦ ବଡମାଲି ପୂଜାର୍ଚ୍ଚନା କରିଥିଲେ। ୪୫ଖଣ୍ଡ ଗ୍ରାମ ସଦସ୍ୟଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଚଳିତ ମକରମେଳା କିପରି ସୁପରିଚାଳନା ହୋଇପାରିବ ସେହି ବିଷୟରେ ଆଲୋଚନା ହୋଇଥିଲା। ମକର ମେଳାରେ ସମସ୍ତଙ୍କ ସୁରକ୍ଷା ନିମନ୍ତେ ମାସ୍କ ବ୍ୟବହାର ଯାତ୍ରା ଦେଖିବା ପାଇଁ ପ୍ରସ୍ତାବିତ ହୋଇଥିଲା। ଆଇଜିଏସଏସଏସ ସଂସ୍ଥା କର୍ଲାମୁଣ୍ଡାଙ୍କ ଦ୍ୱାରା ମାଗଣାରେ ୧୪ ତାରିଖ ମକର ସଂକ୍ରାନ୍ତି ଦିନ ମାସ୍କ ବିତରଣ ପାଇଁ ସ୍ଥିର କରାଯାଇଛି। ମନୋରଞ୍ଜନ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋବା ପାଇଁ ସ୍ଥିର ହୋଇଛି। ୧୨ରୁ ୧୮ତାରିଖ ପର୍ଯ୍ୟନ୍ତ ମକର ମେଳାରେ ଜୁଆଖେଳ ଓ ନିଶା ସେବନ ସମ୍ପୂର୍ଣ୍ଣ ବାରଣ କରାଯାଇଛି।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

କୋକସରା,୧୨।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଛାତ୍ରୀଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧକ୍ଷ ଉପେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ଗୁଣାକାର ପଣ୍ଡା, ସମ୍ମାନିତ ଅତିଥି ଭାବେ କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ ଯୋଗଦେଇ ଛାତ୍ରୀଙ୍କୁ ମହିଳା ଆଜି ସ୍ୱାବଲମ୍ବି, ପ୍ରତିଟି କ୍ଷେତ୍ରରେ ସେ କାମ କରୁଛି, ଏଣୁ ବିଭିନ୍ନ ସମୟରେ କୌଣସି ସ୍ଥାନରେ ନିଜର ସୁରକ୍ଷା ପାଇଁ ଆତ୍ମ ସୁରକ୍ଷା ପାଇଁ ତାଲିମ ନେବା ନିହାତି ଆବଶ୍ୟକ ବୋଲି କହିଥିଲେ। ଟ୍ରେନର କୁମାରୀ ଆଲିଶା ଧ. ମାଝି ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଅଧାପକ ଦେବେନ୍ଦ୍ର ମେହେର ମଞ୍ଚ ପରିଚାଳନା କରିଥିବା ବେଳେ ସୁଶ୍ରୀ ଜ୍ୟୋର୍ତିମୟୀ ପାଣିଗ୍ରାହୀ, କଳ୍ପନା ଭୋଇ, ବିନୋଦିନି ଧ. ମାଝି, ଲିପ୍ସା ଦାସ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କର୍ମଚାରୀମାନେ ଉପସ୍ଥିତ ରହିଥିଲେ।

# ଉଠୋ ଜାଗୋ ମହୋତ୍ସବ ଯୁବଯାତ୍ରା

ଭବାନୀପାଟଣା,୧୨।୧(ସ୍ୱ.ପ୍ର.)


ଭବାନୀପାଟଣାରେ ଉଠୋ ଜାଗୋ ମହୋତ୍ସବ ଯୁବଯାତ୍ରା।

ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ଭୁବନେଶ୍ୱର ବ୍ରାଞ୍ଚ ପକ୍ଷରୁ ସାମୀ ବିବେକାନନ୍ଦଙ୍କ ସନ୍ଦେଶ ପ୍ରଚାର ପ୍ରସାର କରିବା ନିମନ୍ତେ ଉଠୋ ଜାଗୋ ମହୋତ୍ସବ ଯୁବଯାତ୍ରା ଅନୁଷ୍ଠିତ ହୋଇଛି। ବିଭିନ୍ନ ଜିଲା ଦେଇ ପରିକ୍ରମା ପରେ ବୁଧବାର କଳାହାଣ୍ଡି ଜିଲା ଭବାନୀପାଟଣା ସହରରେ ପହଞ୍ଚିଛି। ସହରର ସବୁବର୍ଗ ଶତାଧିକ ଲୋକ ଉପସ୍ଥିତ ରହି ବିବେକାନନ୍ଦ ରଥକୁ କଲେଜ ଛକଠାରେ ସ୍ୱାଗତ କରିଥିଲେ। ସ୍ୱାଗତ ସମିତି ସଭାପତି ହେମନ୍ତ କୁମାର ମୁଣ୍ଡ, ଉପସଭାପତି ପ୍ରଦୀପ କୁମାର ସାହୁ, ରବି କାନୁନଗୋ, ଭାଗୀରଥୀ ବେହେରା, ସମ୍ପାଦକ ଇଂ. ଅଜୟ କୁମାର ପଣ୍ଡା ଏବଂ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ କୈଶଭ ବିହାରୀ, ସ୍ୱାଧୀନ ପାତ୍ର, ଦୁଷ୍ମନ୍ତ କୁମାର ପ୍ରଧାନ ଉପସ୍ଥିତି ଥିବା ବେଳେ ସ୍ୱାଗତ ସମିତି ସଂଯୋଜକ ଓ ବିବେକସେନା ରାଷ୍ଟ୍ରୀୟ ଅଧକ୍ଷ ତଥା ପ୍ରତିଷ୍ଠାତା ଶିବରାମ ନାୟକ ଉପସ୍ଥିତ ଥିଲେ। ପରେ ପ୍ରଗତି କଲେଜ, ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ଛାତ୍ରୀଛାତ୍ର ଓ ସହର ସବୁବର୍ଗର ଶତାଧିକ ଲୋକଙ୍କ ସାହାଯ୍ୟରେ ଏକ ବିଶାଳ ଶୋଭାଯାତ୍ରା କଲେଜ ଛକରୁ ବାହାରି ମାଣିକେଶ୍ୱରୀ ଛକ, ଗାନ୍ଧୀ ଛକ, ଏମଏସଏ ଛକ ହୋଇ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲଠାରେ ସମାପ୍ତ ହୋଇଥିଲା। ଅପରାହ୍ନ ୩ଟାରେ ଏକ ସଭା ପ୍ରଗତିକଲେଜ ଠାରେ ଅନୁଷ୍ଠିତ ହୋଇଥିଲା। ସଭାରେ ବିବେକାନନ୍ଦ କେନ୍ଦ୍ର ଭୁବନେଶ୍ୱରର ରବି ନାଇଡୁ, ପ୍ରତାପ କୁମାର ପ୍ରଧାନ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ସ୍ୱାମୀ ବିବେକାନନ୍ଦଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ସହ ରାଷ୍ଟ୍ରଭକ୍ତି, ଭାଇଚାର ଓ ରାଷ୍ଟ୍ରଗଠନ ର ଯୁବକ ଯୁବତୀଙ୍କ ଭୂମିକା ଉପରେ ଉଦ୍‌ବୋଧନ ଦେଇଥିଲେ। ପ୍ରଗତି କଲେଜ ଅଧକ୍ଷ ଜଗନ୍ନାଥ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ଲାଞ୍ଜିଗଡ଼ ଦୁର୍ଗମ ଅଞ୍ଚଳ ଗସ୍ତକଲେ ବିଧାୟକ


ଲାଞ୍ଜିଗଡ଼ ବିଧାୟକ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

ଲାଞ୍ଜିଗଡ଼,୧୨।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଆଦିବାସୀ ଅଧୁଷିତ ବିଜେପୁର ପଞ୍ଚାୟତର ବିଭିନ୍ନ ଗାଁକୁ ବିଧାୟକ ପ୍ରଦୀପ କୁମାର ଦିଶାରୀ ଗସ୍ତ କରିଛନ୍ତି। ସେ ପଞ୍ଚାୟତର ପୁଇଗୁଡା, ଦାନାରୀଗୁଡା, ପାଇକଥୁଆଗୁଡା ଓ ଚାଚାଗାଁ ଗସ୍ତ କରି ଲୋକଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ଏହି ଗାଁ ମଧ୍ୟରେ ଅତ୍ୟନ୍ତ ଅପହଞ୍ଚ ଆଦିବାସୀ ଗାଁ ହେଉଛି ଚାଚା ଗାଁ। ଏହି ଗାଁରେ ୫୮ ପରିବାର ରହୁଥିବା ବେଳେ ଗାଁ ବସତିର ୧୦୦ ବର୍ଷ ବିତିଯାଇଥିଲେ ମଧ ଆଜି ପର୍ଯ୍ୟନ୍ତ ବିଶୁଦ୍ଧ ପାନୀୟ ଜଳ କିମ୍ବା ବିଜୁଳି ସାତସପନ ହୋଇଛି। ନାଳ ପାଣି ବ୍ୟବହାର କରି ନାନାଦି ରୋଗରେ ଆକ୍ରାନ୍ତ ହେଉଥିବା ବେଳେ ଛାତ୍ରୀଛାତ୍ରମାନେ ଡିବିରି ଆଲୁଅରେ ପାଠ ପଢୁଥିବା ଦେଖିବାକୁ ମିଳିଛି। ଏହି ଖବର ବର୍ଷେ ହେଲା ପ୍ରକାଶ ପାଇବା ପରେ ଲାଞ୍ଜିଗଡ଼ ବିଧାୟକ ଦିଶାରୀ ବିଭାଗୀୟ ଅଧିକାରୀଙ୍କ ସହିତ ବ୍ଲକ ଗସ୍ତରେ ଆସି ଦୁର୍ଗମ ଚାଚା ଗାଁକୁ ପରିଦର୍ଶନ କରିଥିଲେ। ଗାଁରେ ଲୋକଙ୍କ ସହିତ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ପାନୀୟ ଜଳ ପାଇଁ ଲାଞ୍ଜିଗଡ଼ କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ପ୍ରକଳ୍ପ ସଂଯୋଜକ ଲମ୍ବୋଦର ପ୍ରଧାନ ଓ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ସୌଦାଗର ମେହେରଙ୍କ ସହିତ ଆଲୋଚନା କରି ପାନୀୟ ଜଳ ଓ ବିଜୁଳି ଲୋକଙ୍କୁ ଶୀଘ୍ର ମିଳିବା ପାଇଁ ଚେଷ୍ଟା କରିବି ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଧାୟକଙ୍କ ଗସ୍ତ ସମୟରେ ଲାଞ୍ଜିଗଡ଼ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ବିଧାୟକ ପ୍ରତିନିଧି ପ୍ରଦୀପ ଘଡ଼େଇ, ଲାଞ୍ଜିଗଡ଼ ସମିତି ସଂଘ ସଭାପତି ଜଗଦୀଶ ବେନିଆ, ଲାଞ୍ଜିଗଡ଼ ଯୁବକ ସଂଘ ସଭାପତି ହିମାଦ୍ରୀ ପେଶନିଆ, ହରିଶଙ୍କର ପାତ୍ର ଓ ବିଭାଗୀୟ ଅଧିକାରୀମାନେ ବିଭିନ୍ନ ସମସ୍ୟା ପ୍ରତି ଅନୁଧ୍ୟାନ କରି ଲୋକଙ୍କ ସହିତ ଆଲୋଚନା କରିଥିଲେ।

# ରାଜ୍ୟ ସମାଜ କଲ୍ୟାଣ ବୋର୍ଡ ଅଧକ୍ଷାଙ୍କ ଦାୟିତ୍ୱ ଗ୍ରହଣ

ଭବାନୀପାଟଣା,୧୨।୧(ସ୍ୱ.ପ୍ର.)

ରାଜ୍ୟ ସମାଜ କଲ୍ୟାଣ ବୋର୍ଡର ଅଧକ୍ଷା ଭାବେ କଲ୍ୟାଣୀ ନାଏକ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଭୁବନେଶ୍ୱର ନୟାପଲ୍ଲୀସ୍ଥିତ କାର୍ଯ୍ୟାଳୟରେ ସେ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ ସମୟରେ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ଶ୍ରମିକ କଲ୍ୟାଣ ବୋର୍ଡ ଅଧକ୍ଷା ଶ୍ରୀମୟୀ ମିଶ୍ର, ରାଜ୍ୟ ମହିଳା କମିଶନର ଡ. ମିନତୀ ବେହେରା, ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ରାଜ୍ୟ ସମ୍ପାଦିକା ମନୀଷା ସାହୁ, ବିଜୟା ଲକ୍ଷ୍ମୀ କନ୍ଦପାନ ପ୍ରମୁଖ ଉପସ୍ଥିତ ରହି ଶୁଭେଚ୍ଛା ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦେଶର ଅନୁପାଳନ କରି ମିଳିଥିବା ଦାୟିତକୁ ସୁଚାରୁରୂପେ ପାଳନ କରିବି ସେ କହିଛନ୍ତି। ଅଧକ୍ଷା ନାଏକ ବର୍ତ୍ତମାନ ବିଜେଡି ବଲାଙ୍ଗୀର ଜୋନ୍ ସଭାନେତ୍ରୀ ରହିଥିବାବେଳେ ଏହା ପୂର୍ବରୁ ସେ କଳାହାଣ୍ଡି ବିଜୁ ମହିଳା ଜନତା ଦଳର ଜିଲା ସଭାନେତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ।


ଅଧକ୍ଷା ନାଏକ ଦାୟିତ୍ୱ ଗ୍ରହଣ ସମୟରେ ଉପସ୍ଥିତ ମନ୍ତ୍ରୀ ଏବଂ ଅନ୍ୟମାନେ।

# ପଥର କ୍ୱାରି ବନ୍ଦ ପାଇଁ ଆଦିବାସୀଙ୍କ ଚେତାବନୀ

ଖଡ଼ିଆଲ,୧୨।୧(ଡି.ଏନ.ଏ.)



ପଥର କ୍ୱାରି ବନ୍ଦ କରି ପ୍ରକୃତି ସୁରକ୍ଷା ଅଭିଯାନ ନେଇ ରାଜରାସ୍ତାକୁ ଓହ୍ଲାଇଛନ୍ତି।

ନୂଆପଡା ଜିଲା ଖଡ଼ିଆଲ ବ୍ଲକ ଅନ୍ତର୍ଗତ ରିଷିଗାଁ ପଞ୍ଚାୟତରେ ଦୀର୍ଘ ବର୍ଷ ଧରି ଚାଲୁଥିବା ପଥର କ୍ୱାରିକୁ ନେଇ ଆଦିବାସୀ ନେତା ପୂର୍ବତନ ବ୍ଲକ ଅଧକ୍ଷ ବାଳକୃଷ୍ଣ ଶବରଙ୍କ ନେତୃତ୍ୱରେ ରିଷିଗାଁ ପଞ୍ଚାୟତବାସୀ ପଥର କ୍ୱାରି ବନ୍ଦ କରି ପ୍ରକୃତି ସୁରକ୍ଷା ଅଭିଯାନ ନେଇ ରାଜରାସ୍ତାକୁ ଓହ୍ଲାଇଥିଲେ। ୮ଟି ପଥର କ୍ୱାରିକୁ ତୁରନ୍ତ ବନ୍ଦ କରିବାକୁ ଚେତାବନୀ ଦେଇଥିଲେ। ରିଷିଗାଁ ପଞ୍ଚାୟତ ରିଷିଗାଁ, ସରଗାଦି ନୂଆପଡା, ନର୍ସିଙ୍ଗପୁର, ଗ୍ରାମକୁ ନେଇ ଗଠିତ ଏହି ପଞ୍ଚାୟତ ସମ୍ପୂର୍ଣ୍ଣ ଚଟାଣ ଉପରେ ଅବସ୍ଥିତ। ଏହାର ସୁଯୋଗ ନେଇ ଖଡ଼ିଆଲ ସହରର କିଛି ପ୍ରତିପତିଶାଳୀ ବ୍ୟକ୍ତିମାନେ ଆଠଟି ପଥର କ୍ୱାରି ବସାଇ ଅଞ୍ଚଳକୁ ବିବର୍ଣ୍ଣ କରିଦେଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାଇ ଦୀର୍ଘ ବର୍ଷ ଧରି ପଥର କ୍ୱାରି ଥିବା ଯୋଗୁ ରିଷିଗାଁ ପଞ୍ଚାୟତ ଆଖ ପାଖ ଗ୍ରାମଗୁଡିକର ଘରଗୁଡିକ ପଥର କ୍ୱାରି ବିସ୍ଫୋରଣ ଯୋଗୁ ବଡବଡ ଫାଟ ସୃଷ୍ଟି ହେଉଛି ଓ କଂକ୍ରିଟ ରାସ୍ତା ଭାଙ୍ଗୁଛି, ଗ୍ରାମଗୁଡିକ ରାସ୍ତାରେ ଶହ ଶହ ପଥର ବୋଝେଇ ଭାରି ଜାନ ଚାଲିଥିବା ଯୋଗୁ ଧୂଳିମୟ ହେଉଛି। ବିସ୍ଫୋରଣ ଯୋଗୁ ପଥର ଗ୍ରାମବାସୀଙ୍କୁ ବାଜୁଛି। ଅଞ୍ଚଳ ଧୂଳି ଓ ପଥରଗୁଣ୍ଡ ଯୋଗୁ ପିଇବା ପାଣି ଦୂଷିତ ହେଉଛି। ଫଳରେ ଗ୍ରାମବାସୀ କିଡ୍‌ନୀ ଅନ୍ୟାନ୍ୟ ରୋଗର ଶିକାର ହେଉଛନ୍ତି। ପଥର କ୍ୱାରି ବନ୍ଦ ନେଇ ଜିଲାପାଳଙ୍କଠାରେ ଅଭିଯୋଗର ହୋଇ ୨୦ ଦିନ ବିତି ଯାଇଛି ଜିଲା ପ୍ରଶାସନ ଦୃଷ୍ଟି ଦେଉନାହିଁ। ତୁରନ୍ତ ଏହାର ପ୍ରତିକାର ନ ହେଲେ ଆଦିବାସୀ ସଂଘ ଆଗାମୀ ଦିନରେ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ କୋର୍ଟର ଆଶ୍ରୟ ନେବୁ ବୋଲି ଦୁର୍ଦାନ୍ତ ସିଂ ବାବୁ, କିଶୋର ବାଗ, କର୍ତିକେଶର ମଲ୍ଲିକ, ସୁବୁଦ୍ଧି ଶବର, ଜଳଧର ଜାନି, ସୁଲୋଚନା ବାଗ, କ୍ଷମାନନ୍ଦ ମହାନନ୍ଦ, ମାଳତୀ ବଛା ପ୍ରମୁଖଙ୍କ ସମେତ ପଞ୍ଚାୟତବାସୀ ବିଭିନ୍ନ ପଥର କୁଆରୀ ବୁଲି ଚେତାବନୀ ଦେଇଥିଲେ।

## ସିଦ୍ଧାର୍ଥ ଜୁନିୟର କଲେଜରେ ଜାତୀୟ ଯୁବ ଦିବସ ପାଳିତ

ବିନିକା,( ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ ଜୁନିୟର କଲେଜଠାରେ ଗୁରୁବାର ଅଧକ୍ଷା ରେଖା ପଧାନଙ୍କ ସଭାପତିତ୍ୱରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ସମ୍ମାନିତ ଅତିଥି ଭାବେ ଅଧାପକ ନାରାୟଣ ଚୌଧୁରୀ, ଅଧାପକ ରୋହିତ ଧରୁଆ ଯୋଗଦେଇ ଯୁବ ପିଢ଼ିର ଭବିଷ୍ୟତ ଉପରେ ଆଲୋଚନା କରିଥିଲେ। ଅଧାପକ ଧନେଶ୍ୱର ସାହୁ ସଭା ପରିଚାଳନା କରିଥିଲେ। ପ୍ରୀତିରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



## ସଂକ୍ଷେପରେ

### ମାଣ୍ଡିଆ ମଣ୍ଡି : ପ୍ରଥମ ଦିନ ୨୦୦ କୁଇଣ୍ଟାଲ ବିକ୍ରି

ପଦ୍ମପୁର,୧୨।୧(ଡି.ଏନ.ଏ.): ଓଡିଶା ମିଲେଟ ମିଶନ ଓ ପଦ୍ମପୁର ତ୍ରିରଙ୍ଗା ଯୁବକ ସଂଘ ଆନୁକୂଲ୍ୟରେ ବିମଳ ଫାର୍ମର ପ୍ରଡ୍ୟୁସର କମ୍ପାନୀ ତରଫରୁ ମହୁଲପାଲିଠାରେ ଗୁରୁବାର ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ ହୋଇଛି। ରାଜବୋଡାସମ୍ବର ବ୍ଲକ କୃଷି ଅଧିକାରୀ ବିଶ୍ୱନାଥ ସାହୁ, ଜିଲା କୃଷି ଅଧିକାରୀ ଅମୀୟ ସାହୁ, ପ୍ରକଳ୍ପ ଅଧିକାରୀ ସଂଯୁକ୍ତା ମୁଣ୍ଡା, ସୁରେନ୍ଦ୍ର ମେହେର, ନାରାୟଣ ପାଣିଗ୍ରାହୀ, ସବ୍ୟସାଚୀ ହନୁମାନ, ବିମଳ କମ୍ପାନୀର ନିର୍ଦ୍ଦେଶକ ଅଶୋକ ସାହୁ, ତ୍ରିରଙ୍ଗା ଯୁବକ ସଂଘ ସଭାପତି ହୃଦାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ୧୮ ଜଣ ଚାଷୀ ୨୦୦ କୁଇଣ୍ଟାଲ ମାଣ୍ଡିଆକୁ ମଣ୍ଡିରେ ବିକ୍ରୟ କରିଥିଲେ। ସହ ସଂଯୋଜକ ତରଣୀସେନ ଦ୍ୱାରି ଧନ୍ୟବାଦ ଅର୍ପଣ କରିଥିଲେ।

### ୧୨ କିଲୋ ଗଞ୍ଜେଇ ସହ ୨ ଗିରଫ

ବୌଦ୍ଧ,୧୨।୧(ସ୍ୱ.ପ୍ର.): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପୁରୁଣାକଟକ ଥାନା ଅନ୍ତର୍ଗତ ଲୋକାପଡା ଛକଠାରେ ପୋଲିସ ଗୁରୁବାର ଚଢାଉ କରି ୧୨ କେଜି ଗଞ୍ଜେଇ ସହ ୨ ଜଣଙ୍କୁ ଗିରଫ କରିଛି । ମିଳିଥିବା ସୂଚନା ମୁତାବକ, ସକାଳ ସମୟରେ ପୁରୁଣାକଟକ ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଲୋକାପଡା ଛକ ଠାରେ ଜଣେ ମହିଳା ଓ ପୁରୁଷ ଠିଆ ହୋଇଥିଲେ । ପୋଲିସ ସନ୍ଦେହ କରି ଯାଞ୍ଚ କରିବାରୁ ସେମାନଙ୍କ ନିକଟରୁ ଗଞ୍ଜେଇ ମିଳିଥିଲା। ଗିରଫ ଦୁଇ ଅଭିଯୁକ୍ତ ହେଲେ ପଶ୍ଚିମବଙ୍ଗ ରାଜ୍ୟର ସ୍ୱପ୍ନା ଦାସ ଓ ଖୋର୍ଦ୍ଧା ଜିଲାର ମାନସ ଦାସ । ଏନେଇ ପୋଲିସ ଏକ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ।

### ଓଲଟିଲା ଯାତ୍ରୀବାହୀ ସରକାରୀ ବସ୍

ଅମରପାଲି,୧୨।୧(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ ଉଲୁଣ୍ଡା ବ୍ଲକ ମହଦା ପଞ୍ଚାୟତର ଭୁଡୋବର ନିକଟରେ ଏକ ସରକାରୀ ଯାତ୍ରୀବାହୀ ବସ ଗୁରୁବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ତେବେ ଯାତ୍ରୀମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପୁରୀରୁ ପର୍ଯ୍ୟଟନସ୍ଥଳୀ ପାତାଳୀ ଶ୍ରୀକ୍ଷେତ୍ର କୋଟସମଲାଇକୁ ଆସୁଥିବା ଓଏସଆରଟିସିର ଯାତ୍ରୀବାହୀ ବସ ଭୋର ସମୟରେ ଏକ ଗାଡିକୁ ସାଇଡ୍ ଦେବାକୁ ଯାଇ ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡିଥିଲା । ଅପରାହ୍ନରେ କ୍ରେନ ସାହାଯ୍ୟରେ ବସକୁ ଉଠାଯାଇଛି।


ଓଲଟି ପଡିଥିବା ବସ୍ ।

# ଯୁବସମାଜ ପଥଭ୍ରଷ୍ଟ ହେଲେ ସମାଜ ହୁଏ କଳଙ୍କିତ

ଅମରପାଲି,୧୨।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଲୟା +୨ କଲେଜ ପରିସର ରେ ରେଡ ରିବନ କ୍ଲବ ଓ ଯୁବ ରେଡକ୍ରସ ତରଫରୁ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। କଲେଜର ଅଧକ୍ଷ ଭୋଲାନାଥ କର୍ମୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଯୁବ ଦିବସରେ ସାହିତ୍ୟିକ ଶରତ କୁମାର ମିଶ୍ର ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଉପରେ ଆଲୋଚନା କରିବା ସହ ବିବେକାନନ୍ଦଙ୍କ ଜୀବନୀ ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ଗଠନ ପାଇଁ ଭାଗିଦାରି ହେବାକୁ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ । ଯୁବକ ହିଁ ଦେଶ ଗଠନ ପାଇଁ ମୁଖ୍ୟ। ଯଦି ଯୁବକ ପଥଭ୍ରଷ୍ଟ ହୁଏ ତେବେ ଦେଶ ତଥା ସମାଜ କଳଙ୍କିତ ହୋଇଥାଏ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରେଡକ୍ରସ ପରାମର୍ଶଦାତା ଦେବାଶିଷ ପଧାନ, ବିଶ୍ୱମୟ ଗୁରୁ, ଅନୁସୂୟା ସିଂ, ସୁରେନ୍ଦ୍ର ସାହୁ, ଗୋପାଳ ଭୋଇ, ଦିଲୀପ ମେହେର, ଶମ୍ଭୁ ପ୍ରସାଦ ସାହୁ, ହରିହର ସାହୁ ପ୍ରମୁଖ ସହଯୋଗ କରିଥିଲେ।

ସେହିପରି ବୀରମହାରାଜପୁର ମହାବିଦ୍ୟାଳୟରେ ଏନ୍‌ଏନ୍‌ଏସ, ୱାଇଆରସି,ଏନସିସି, ଏବଂ ଆଇକ୍ୟୁଏସିର ମିଳିତ ଆନୁକୂଲ୍ୟରେ ଜାତୀୟ ଯୁବଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ଅଧକ୍ଷ ସୁଦାମଚରଣ ସାହୁ ସଭାପତିତ୍ୱ କରିଥିଲେ। ପ୍ରାଧାପିକା ଗୀତାଞ୍ଜଳି ପୂଝାରୀ, ପ୍ରାଧାପକ ଡ. ହିମାଂଶୁ ଶେଖର ପାଢ଼ୀ, ଅଧାପକ ଡ. ଶିଶିର ବଣିଆ ନିଜର ବକ୍ତବ୍ୟ ରଖିଥିଲେ। ବକ୍ତାମାନେ ଛାତ୍ରୀଛାତ୍ରମାନଙ୍କୁ ଜାଗ୍ରତ ହୋଇ ଶୃଙ୍ଖଳିତ ହେବା ପାଇଁ କହିଥିଲେ। ବ୍ୟକ୍ତି ଜୀବନରେ ଆତ୍ମସମୀକ୍ଷା କରିବା ନିହାତି ଜରୁରୀ ବୋଲି ବକ୍ତାମାନେ କହିଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରିଣୀ ଅଧାପିକା ଯାମିନୀ ଦାଶ ସଭା ସଂଯୋଜନା କରିଥିଲେ। ଯୁବ ରେଡକ୍ରସ କାର୍ଯ୍ୟକ୍ରମ ଅଧିକାରୀ ଅଧାପକ ସଞ୍ଜୟ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଏନ୍‌ଏନ୍‌ଏସ,ୱାଇଆରସି, ଏନସିସିର ସମସ୍ତ ସଦସ୍ୟାସଦସ୍ୟ,ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଉଲୁଣ୍ଡା ବ୍ଲକ କଳାପଥରସ୍ଥିତ ସତ୍ୟବାଦୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ରାଷ୍ଟ୍ରୀୟ ଯୁବ ଦିବସରେ ଅନୁଷ୍ଠାନର ଅଧକ୍ଷ ଶ୍ରୀକାନ୍ତ ପଧାନ ପୌରୋହିତ୍ୟ କରିଥିଲେ। ଶିକ୍ଷାବିତ୍ ଦିଲୀପ କୁମାର ତ୍ରିପାଠୀ ମୁଖ୍ୟଅତିଥି ଏବଂ ଆରଏସଏସ ସଦସ୍ୟ ପ୍ରଦୀପ ଭାଇ,ଅଧାପକ କିଶୋର କୁମାର ସାହୁ ଯୁବଦିବସ ଅବସରରେ ବକ୍ତବ୍ୟ ପ୍ରଦାନ କରିଥିଲେ। କଲେଜର ସଂସ୍କୃତ ଅଧାପକ ସୁଧାଂଶୁ ଶେଖର ପଧାନ ସଭା ସଂଯୋଜନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସମସ୍ତ ଅଧାପିକା ଅଧାପକ, ଛାତ୍ରୀଛାତ୍ର ଓ କର୍ମଚାରୀ ଉପସ୍ଥିତ ଥିଲେ।


କଳାପଥର ସତ୍ୟବାଦୀ ଉଚ୍ଚ ମାଧମିକ ବିଦ୍ୟାଳୟରେ ଯୁବଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି ।

**ବିଭିନ୍ନ ସ୍ଥାନରେ ଜାତୀୟ ଯୁବ ଦିବସ ପାଳିତ**

# ବିବେକାନନ୍ଦଙ୍କ ଜୀବନାଦର୍ଶ ଆଲୋଚନା

ବରପାଲି,୧୨।୧(ଡି.ଏନ.ଏ.)

ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟରେ ଗୁରୁବାର ଅନ୍ତର୍ଜାତୀୟ ଯୁବ ଦିବସ ଅଧକ୍ଷା ପଦ୍ମିନୀ ଦାଶଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ରେଡକ୍ରସ କାଉନସେଲର ଅଧାପକ ଯତୀନ୍ଦ୍ର କୁମାର ସାହୁଙ୍କ ପରିଚାଳନା ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ଅନ୍ତର୍ଯାମୀ ପଣ୍ଡା ମୁଖ୍ୟ ଅତିଥି, ଇଂରାଜୀ ଅଧାପକ ସୁଧାଂଶୁ କୁମାର ଦାଶ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବିବେକାନନ୍ଦଙ୍କ ଜୀବନାଦର୍ଶ ଉପରେ ଆଲୋଚନା କରିଥିଲେ। ପରେ ଉଭୟ ରେଡକ୍ରସ ଓ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ମିଳିତ ଉଦ୍ୟମରେ ମହାବିଦ୍ୟାଳୟ ସମ୍ମୁଖ ସଫେଇ କରାଯାଇଥିଲା। ରେଡକ୍ରସ ସହଯୋଗୀ କାଉନସେଲର ଅଧାପିକା ନିଳୀମା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅଧାପକ ନୀତିଶ ତାଣ୍ଡି, ନେପାଳ ବିଶ୍ୱାଳ, ଅଧାପିକା ଅଙ୍କିତା ବାବୁ, ପିଙ୍କି ପାଇକ, ଜ୍ୟୋତି ସାହୁ, ମନ୍ଦାକିନୀ ମେହେର, ଡଲି ପଧାନ, ସହକର୍ମୀ ଶଶାଙ୍କ ଶେଖର ପଧାନ, ସାର୍ଥକ ପାଣିଗ୍ରାହୀ, ପ୍ରଦୀପ କୁମାର ମିଶ୍ର, ବିରେନ୍ଦ୍ର ଖଟୁଆ, ନୃପରାଜ ବରିହା, କାଳୁ କୁମ୍ଭାର, ଆନନ୍ଦ ବେହେରା, ତ୍ରିପୁରା ବେହେରା ସାମିଲ ହୋଇଥିଲେ।

# ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ

ପାଇକମାଳ, ୧୨।୧(ଡି.ଏନ.ଏ.)

ବରଗଡ ଜିଲା ପାଇକମାଳ ବ୍ଲକ ରଞ୍ଜିତପୁରଠାରେ ଚେତନା ଶ୍ରମିକ ସଂଘ ପକ୍ଷରୁ ମାଣ୍ଡିଆ ମଣ୍ଡିକୁ ବ୍ଲକ ଅଧକ୍ଷା ଭାବନା ସିଂ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଉଦ୍‌ଘାଟନ କରିଥିଲେ। ବିଡିଓ ସୁରେନ୍ଦ୍ର ନାଥ ସାହୁ, ଏଡିଓ ଅମିୟ ସାହୁ, ବିଏଓ ସୋମନାଥ ମହାପାତ୍ର, ସ୍କିମ୍ ଅଧିକାରୀ ସଞ୍ଜୁକ୍ତା ମୁଣ୍ଡା, ରିଜିଓନାଲ ଅଧିକାରୀ ସୁରେନ୍ଦ୍ର ମେହେର, ଜିଲା ସଂଯୋଜକ ନାରାୟଣ ପାଣିଗ୍ରାହୀ, ମିଶନ ଶକ୍ତି ବିପିଏମ୍ ଦୈତାରୀ ବେହେରା, ଅହିଂସା କ୍ଲବ ସମ୍ପାଦକ ଶିବ ପ୍ରସାଦ ସାହୁ, ସଂଯୋଜକ ଗୌର ଚରଣ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମାଣ୍ଡିଆକୁ ବର୍ତ୍ତମାନ ଖାଦ୍ୟ ତଥା ଔଷଧ ହିସାବରେ ଲୋକେ ଗ୍ରହଣ କରୁଥିବାରୁ ସରକାର ଏହାକୁ ଟିଫିନ ହିସାବରେ ଖାଇ ନିରୋଗ ରହିବା ପାଇଁ ପ୍ରଚାର କରୁଛନ୍ତି। ସେହିପରି ମାଣ୍ଡିଆ ଚାଷ ପାଇଁ ପ୍ରୋତ୍ସାହନ ସହିତ ଉତ୍ପାଦନକୁ ଚାଷୀମାନେ ସୁବିଧାରେ ବିକ୍ରି କରିପାରୁଛନ୍ତି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଆଜି ମଣ୍ଡିରେ ୨୨ଜଣ ଚାଷୀ ୧୪୦ କୁଇଣ୍ଟାଲ ମାଣ୍ଡିଆ ମାର୍ଜାର କେଶରୀ କୃଷକ ଉତ୍ପାଦନ କମ୍ପାନୀକୁ ବିକ୍ରି କରିଥିଲେ। ନୀଳମଣି ପୁରୋହିତ ସହଯୋଗ କରିଥିବା ବେଳେ ରାକେଶ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ସଚେତନ ହେଲେ ଦୁର୍ଘଟଣା ହ୍ରାସ ପାଇବ



ଏସ୍‌ପି ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

**ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଘାଟିତ**

ସୋନପୁର,୧୨।୧(ନି.ପ୍ର.)

ସୁବର୍ଣ୍ଣପୁର ଜିଲାରେ ଜାତୀୟ ସଡକ ସୁରକ୍ଷା ସପ୍ତାହ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏସ୍‌ପି ଅମରେଶ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଜନସାଧାରଣ ଟ୍ରାଫିକ ନିୟମ ସମ୍ପର୍କରେ ସଚେତନ ହେଲେ ଦୁର୍ଘଟଣା ବହୁ ପରିମାଣରେ ହ୍ରାସ ପାଇବ ବୋଲି କହିଥିଲେ। ଗାଡି ଚଳାଇବା ସମୟରେ ମାନସିକ ଭାରସାମ୍ୟ ପ୍ରତି ସଜାଗ ରହି ପାରିଲେ ଯାନ ଚଳାଚଳକୁ ନିୟନ୍ତ୍ରଣ କରା ଯାଇପାରିବା ସହିତ ନିଶ୍ଚିତ ଦୁର୍ଘଟଣାକୁ କେତେକାଂଶରେ ଏଡାଇ ଦିଆ ଯାଇପାରିବ। ଏକ ଦୁର୍ଘଟଣାମୁକ୍ତ ସମାଜ ପାଇଁ ସମସ୍ତଙ୍କୁ ସଙ୍କଳ୍ପବଦ୍ଧ ହେବା ନମନ୍ତେ ଏସ୍‌ପି ଏହି ଅବସରରେ ଅହ୍ୱାନ ଦେଇଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନା ଉପସ୍ଥିତ ଜନସାଧାରଣଙ୍କୁ ଗାଡି ଚାଳନା ନିୟମ ସମ୍ପର୍କରେ ସଚେତନ କରାଇବା ଉପରେ ଗୁରୁତ୍ୱ ଦେଇଥିଲେ। ଜିଲାରେ ୨୦୨୨ରେ ସଡକ ଦୁର୍ଘଟଣାରେ ୭୯ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ଦେଇଥିଲେ। ସପ୍ତାହ ବ୍ୟାପି ଜିଲାବ୍ୟାପି ଚାଲିବାକୁ ଥିବା ଏହି ସଚେତନତା କାର୍ଯ୍ୟକ୍ରମ ସମ୍ପର୍କରେ ଜେନା ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲାପାଳ ନିଶି ପୁନମ ମିଞ୍ଜ୍ ଯୋଗଦେଇ ଟ୍ରାଫିକ ନିୟମ ନ ମାନିବା, ମୋବାଇଲ ଫୋନ ବ୍ୟବହାର କରି ଗାଡି ଚଳାଇବା, ଦ୍ରୁତ ଗତିରେ ଗାଡି ଚାଳନା ଓ ନିଶା ସେବନ କରି ଡ୍ରାଇଭିଂ ପାଇଁ ଦୁର୍ଘଟଣା ବୃଦ୍ଧି ପାଉଛି। ଏଥିପାଇଁ ସଚେତନତା ହିଁ ଏକମାତ୍ର ପ୍ରତିଷେଧକ ବୋଲି କହିଥିଲେ। ଏହି ଅବସରରେ ଏକ ସଚେତନତା ରାଲିକୁ ଏସ୍‌ପି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ସ୍କୁଲ ଓ କଲେଜର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପରେ ବିଜୁ ପଟ୍ଟନାୟକ ମହିଳା କଲେଜରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜୁନିୟର ଏମ୍‌ଭିଆଇ ଲୋକନାଥ ନାୟକ ଓ ଟ୍ରାଫିକ୍ ସବ୍ ଇନ୍ସପେକ୍ଟର ପୂଜା ଭେଙ୍ଗ୍ରା ଉପସ୍ଥିତ ଥିଲେ।

# ଜାତୀୟ ଯୁବ ଦିବସରେ ରକ୍ତଦାନ ଶିବିର

ସୋନପୁର,୧୨।୧ (ନି. ପ୍ର.)

ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମଦିନ ତଥା ଜାତୀୟ ଯୁବ ଦିବସ ଅବସରରେ ସୋନପୁର ପାଟଭାଡ଼ିସ୍ଥିତ କୋଶଳ ଆବାସିକ ବିଦ୍ୟାଳୟଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଆରକ୍ଷୀ ଅଧୀକ୍ଷକ ଅମରେଶ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଜାତୀୟ ଯୁବ ଦିବସ ଅବସରରେ ବିଦ୍ୟାଳୟର ପ୍ରେରଣାଦାୟୀ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ପଣ୍ଡା ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଶ୍ରୀବତ୍ସ ମଲ୍ଲିକ, ସୋନପୁର ଆଇଆଇସି କୃଷ୍ଣଚନ୍ଦ୍ର ମେହେର, ତରଭା ଆଇଆଇସି ସୁବ୍ରତ କୁମାର ପାଣିଗ୍ରାହୀ, ଆରକ୍ଷୀ ନିରୀକ୍ଷକ ପ୍ରଦ୍ୟୁମ୍ନ କୁମାର ପୁଟେଲ ଯୋଗଦାନ କରିଥିଲେ। ୯ ଜଣ ମହିଳା ରକ୍ତଦାତାଙ୍କ ସମେତ ମୋଟ ୪୦ ଜଣ ରକ୍ତଦାନ କରିଥିଲେ। ଏହିକାର୍ଯ୍ୟକ୍ରମରେ ସୋନପୁର ରକ୍ତକେନ୍ଦ୍ରର ଟେକନିସିଆନ ଟିଟୁ ଭୋଇ, ଜଗତ ଦରୱାନ ଓ ଯୁଧିଷ୍ଠିର ନାଏକ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ପରମା ନାଏକ, ସଞ୍ଜୟ କୁମାର ସାହୁ, ସ୍ମିତାରାଣୀ ନାଏକ, ସଙ୍ଗୀତା ପଧାନ ଓ ବିଦ୍ୟାଳୟର ଅନ୍ୟ ଗୁରୁମା ଗୁରୁଜୀ ଉପସ୍ଥିତ ଥିଲେ ।

# କଟାପାଲି ହାଇସ୍କୁଲରେ ଇଲା ପଣ୍ଡାଙ୍କ ଶ୍ରାଦ୍ଧବାର୍ଷିକୀ


ଶ୍ରାଦ୍ଧବାର୍ଷିକୀରେ ମଞ୍ଚାସୀନ ଅତିଥିବୃନ୍ଦ।

ବରପାଲି,୧୨।୧(ଡି.ଏନ.ଏ.)

ବରପାଲି ବ୍ଲକ କଟାପାଲି ବିଶାଖାଦାଶ ଉଚ୍ଚବିଦ୍ୟାଳୟରେ ସମାଜସେବୀ ଇଲା ପଣ୍ଡାଙ୍କ ୧୮ତମ ଶ୍ରାଦ୍ଧ ବାର୍ଷିକୀ ଗୁରୁବାର ପାଳିତ ହୋଇଯାଇଛି। ଅବସପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଧାଂଶୁ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପ୍ରାଣୀ ସମ୍ପଦ ବିଭାଗର ପ୍ରାକ୍ତନ ଅତିରିକ୍ତ ନିର୍ଦ୍ଦେଶକ ଡାକ୍ତର ପ୍ରତାପ କିଶୋର ଖମାରୀ ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ତରଣୀସେନ ବୁଦ୍ଧିଆ ଯୋଗଦେଇ ସ୍ୱର୍ଗତା ପଣ୍ଡାଙ୍କ ତ୍ୟାଗପୂତ ଜୀବନ ଓ କଟାପାଲି ଗ୍ରାମ ପ୍ରତି ତାଙ୍କର ଅବଦାନ ଉପରେ ଆଲୋକପାତ କରିଥିଲେ। ସଭାରେ ରୀନା ପ୍ରଧାନ, ଗଙ୍ଗାଧର ଦାଶ, ଜମେଶ ସା, ପ୍ରଶାନ୍ତ କୁମାର ସାହୁ, ଗଣେଶ ଭୋଇ ପ୍ରମୁଖ ତାଙ୍କ ସ୍ମୃତିଚାରଣ କରିଥିଲେ। ଧୀରେନ୍ଦ୍ର କୁମାର ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା ଏବ ମନୋରମା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଉତ୍କଳ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀଛାତ୍ରଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

# ମଞ୍ଚସ୍ଥ ହେଲା ନାଟକ କଳିଯୁଗର ନୂଆ କାହାଣୀ

ଅମରପାଲି,୧୨।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଉଲୁଣ୍ଡା ବ୍ଲକ ବମରାଜଠାରେ ଗୋପାଳଜୀ ନାଟ୍ୟ କଳାପରିଷଦ ତରଫରୁ ସାମାଜିକ ନାଟକ କଳିଯୁଗର ନୂଆ କାହାଣୀ ମଞ୍ଚସ୍ଥ ହୋଇଯାଇଛି। ଏହି ନାଟକର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ରାଧାକାନ୍ତ ମହାକୁଡ ଅଧକ୍ଷତା କରିଥିଲେ। ପୂର୍ବତନ ଜିଲା ପରିଷଦ ସଦସ୍ୟ ତଥା କେନଝିଆପାଲି ସମବାୟ ସମିତିର ସଭାପତି ରାଜଗୋପାଳ ପାଣିଗ୍ରାହୀ, କୋଟସମଲାଇ ସରପଞ୍ଚ ସତ୍ୟାନନ୍ଦ ମେଣ୍ଡିଲି,ଏସ ପତ୍ରାପାଲି ସରପଞ୍ଚ ସନାତନ ମହାଲିକ, ବିଶିପଡା ସରପଞ୍ଚ ଦୈତାରୀ ବେହେରା, ଚଡେଇପଙ୍କ ସରପଞ୍ଚ ଦେବଦତ୍ତ ପର୍ଡିଆ, କ୍ଷେମାଲୋଏ ସରପଞ୍ଚ ଯଶୋବନ୍ତ ପଣ୍ଡା, ନିମ୍ନା ସରପଞ୍ଚ ସୂର୍ଯ୍ୟକାନ୍ତି ପାଣ୍ଡେ, ବିଶିଷ୍ଟ ସାହିତ୍ୟିକ ଦ୍ୱିତୀକୃଷ୍ଣ ପଣ୍ଡା, ନାଟ୍ୟ ନିର୍ଦ୍ଦେଶକ ଅଇଁଠୁ ସାହୁ,ବର୍ଷିୟାନ କଳାକାର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, କୃପା ପଧାନ ଅତିଥି ଭାବରେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଯୁଗଳ କିଶୋର ମିଶ୍ର ସଂଯୋଜନା କରିଥିବା ବେଳେ ବିମ୍ବାଧର କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ ସଭା ପରେ ରଙ୍ଗାରଙ୍ଗ ମେଲୋଡି କାର୍ଯ୍ୟକ୍ରମ ହୋଇଥିଲା। ସର୍ବେଶ୍ୱର ଦାସଙ୍କ ଲିଖିତ ଓ ରମେଶ ଦେହୁରୀଙ୍କ ନିର୍ଦ୍ଦେଶିତ ଏହି ସାମାଜିକ ନାଟକରେ ବିଭିନ୍ନ ଭୂମିକାରେ ସୁଦର୍ଶନ, ଲଳିତ, ଝରିଆ,ଦିପକଙ୍କ ବ୍ୟତୀତ ୫ଜଣ ମହିଳା କଳାକାର ଓ ନାଟ୍ୟସଂସଦର ଅନ୍ୟାନ୍ୟ କଳାକାର ଅଭିନୟ କରିଥିଲେ। ଗୋପାଳଜୀ ନାଟ୍ୟ କଳା ପରିଷଦର ବରିଷ୍ଠ କାର୍ଯ୍ୟକର୍ତ୍ତା କିଶୋର ପଧାନଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ପ୍ରବଳ ଥଣ୍ଡା ସତ୍ତ୍ୱେ ହଜାର ହଜାର ଦର୍ଶକ ନାଟକକୁ ଉପଭୋଗ କରିଥିଲେ।


ନାଟକର ଏକ ଦୃଶ୍ୟ ।

# ସାଂସ୍କୃତିକ ଶୋଭାଯାତ୍ରାରେ କମ୍ପିଲା ସହର

ବୌଦ୍ଧ,୧୨।୧(ସ୍ୱ.ପ୍ର.)

ବୌଦ୍ଧ ଜିଲାର ୨୯ ତମ ସ୍ୱନକ୍ଷତ୍ର ଦିବସ ଅବସରରେ କଚେରୀ ପଡିଆଠାରେ ଗୁରୁବାର ଦିନ ବୌଦ୍ଧ ମହୋତ୍ସବ, ପଲ୍ଲୀଶ୍ରୀ ମେଳା ଓ ବୟନିକା ହସ୍ତତନ୍ତ ପ୍ରଦର୍ଶନୀ -୨୦୨୩ ଉଦ୍‌ଘାଟିତ ହୋଇଯାଇଛି । ଜିଲାର କନ୍ଧମାଳ ବ୍ଲକ , ବୌଦ୍ଧ ବ୍ଲକର ଗନ୍ଧରାଡୀ ଓ ହରଭଙ୍ଗା ବ୍ଲକର ମା' ଭୈରବୀ ମନ୍ଦିରରୁ ମଶାଲ ଅଣାଯାଇ ବୌଦ୍ଧର ଗୌରବମୟ ଇତିହାସର ମୂକସାକ୍ଷୀ ରାଜବାଟୀ ନିକଟସ୍ଥ ବୁଦ୍ଧ ମୂର୍ତ୍ତି ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା । ପରେ ଜଙ୍ଗଲ ପରିବେଶ, ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ଏନଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଜିଲାପାଳ ସତ୍ୟ ରଞ୍ଜନ ସାହୁ, ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାୟ ମିନା ସାଂସ୍କୃତିକ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଜିଲାର ତିନୋଟି ବ୍ଲକରୁ ଆସିଥିବା କଳାକାରମାନେ ବିଭିନ୍ନ ପାରମ୍ପରିକ ବେଶରେ ସଜ୍ଜିତ ହୋଇ ବାଜା ବାଣ, ରୋଷଣିରେ ମହୋତ୍ସବ ପଡିଆକୁ ଯାଇଥିଲେ । ଏହି ଅବସରରେ ବୌଦ୍ଧର ଲୋକନୃତ୍ୟ ପତରସଉରା, ନାମ ସଂକୀର୍ତ୍ତନ, ଆଦିବାସୀ ନୃତ୍ୟରେ ସହର ଓ ରାସ୍ତାଘାଟ କମ୍ପି ଉଠିଥିଲା ।

ଗଡଜାତ ବୌଦ୍ଧ ସଂସ୍କୃତି ସଂପନ୍ନ ଐତିହାସିକ ଜିଲା। ଚଳିତବର୍ଷ ମହୋତ୍ସବକୁ ଅଧିକ ସରସ,ସୁନ୍ଦର କରିବା ପାଇଁ ଜିଲା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ସହିତ ଯୋଡି ହୋଇଛି ବୟନିକାର ରାଜ୍ୟସ୍ତରୀୟ ହସ୍ତତନ୍ତ ପ୍ରଦର୍ଶନୀ। ସ୍ଥାନୀୟ କଚେରୀ ପଡିଆଠାରେ ଆୟୋଜିତ ମହୋତ୍ସବକୁ ଜଙ୍ଗଲ ପରିବେଶ ଓ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଉଦ୍‌ଘାଟନ କରିଥିଲେ। ସନ୍ଧ୍ୟାରେ ଜିଲା ସଂସ୍କୃତି ପରିଷଦର ଅଧକ୍ଷ ତଥା ଜିଲାପାଳ ସତ୍ୟରଞ୍ଜନ ସାହୁଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା । ବୌଦ୍ଧ ଜବାହର ନବୋଦୟ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ ହୋଇଥିଲା। ସଭାରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଅମାତ, ସମ୍ମାନିତ ଅତିଥି ଭାବେ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲି , କନ୍ଧମାଳ ବିଧାୟକ ମହୀଧର ରଣା, ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାୟ ମିନା, ଅତିରିକ୍ତ ଜିଲାପାଳ ବିବିତାରାଣୀ ଦଳବେହେରା ମଞ୍ଚାସୀନ ଥିଲେ । ମୁଖ୍ୟଅତିଥି ଅମାତ ଚଳିତବର୍ଷ ମହୋତ୍ସବ ସରସ ସୁନ୍ଦର ହୋଇଥିବା କହିବା ସହ ଜିଲାର ଅତୀତ ବହୁ ଗୌରବମୟ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ମନ୍ତ୍ରୀ ମଲିକ ବୌଦ୍ଧ ଜିଲା ବର୍ତ୍ତମାନ ବିକାଶ ପଥରେ ଆଗେଇଛି ବୋଲି ମତବ୍ୟକ୍ତ କରିଥିଲେ। ବିଧାୟକ ରଣା ତାଙ୍କ ବକ୍ତବ୍ୟରେ ଲୋକଙ୍କ ବିକାଶ ଘଟିଲେ ଜିଲାର ପ୍ରକୃତ ବିକାଶ ହେବ ବୋଲି ମତବ୍ୟକ୍ତ କରିବା ସହ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର କାର୍ଯ୍ୟକାରିତା ନେଇ ବର୍ଷିଥିଲେ। ଏହାସହ ଜିଲାର ବହୁ କଳାକାର ବର୍ତ୍ତମାନ ସୁଦ୍ଧା ଭତ୍ତା ପାଇ ପାରି ନ ଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ଏହି ଅବସରରେ ଟେରାକୋଟା, ବାଉଁଶ କାରିଗର ଉପରେ ଲୋକଙ୍କୁ ସୁବିଧା ଯୋଗାଇ ଦେବାକୁ କହିଥିଲେ। ପ୍ରଥମ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ସପ୍ତର୍ଷି ରାୟ ଓ ସାଥୀ, କୋଲକତା ପକ୍ଷରୁ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ମନ ମୋହିଥିଲା । ମହୋତ୍ସବରେ ଏଥର ୨୩୦ ଗୋଟି ଷ୍ଟଲ ଖୋଲା ଯାଇଥିବା ବେଳେ ସେଥିମଧ୍ୟରୁ କେବଳ ବୟନିକା ପକ୍ଷରୁ ୧୧୨ଟି ଷ୍ଟଲ ଖୋଲାଯାଇ ବିଭିନ୍ନ ସମାଗ୍ରୀ ବିକ୍ରୟ କରାଯାଉଛି। ମହୋତ୍ସବରେ ଚଳିତବର୍ଷ କଳାହାଣ୍ଡି ଓ ବାଲେଶ୍ୱରର କାଠ କାରିଗରୀ, ସୁବର୍ଣ୍ଣପୁର ଓ ବଲାଙ୍ଗୀର ଜିଲାର ଟେରାକୋଟା, ପୁରୀର ଗାଲିଚା, ଯାଜପୁରର ଟସର ଓ ମୟୁରଭଞ୍ଜର ସବାଇ ଇତ୍ୟାଦି ପ୍ରଦର୍ଶିତ ହେବା ସହ ବ୍ରିକୟ ହେଉଛି। ଦୀର୍ଘ ଦୁଇ ବର୍ଷ ପରେ ମହୋତ୍ସବ ଦେଖିବା ପାଇଁ ଲୋକଙ୍କ ଭିଡ ହେଉଛି ।



ଉଦ୍‌ଘାଟନୀ ଦିବସରେ ମଞ୍ଚରେ ଉପସ୍ଥିତ ଅତିଥିମାନେ।

**ବୌଦ୍ଧ ମହୋତ୍ସବ ଉଦ୍‌ଘାଟିତ**

■ବିକାଶ ନେଇ ମଞ୍ଚରେ ବର୍ଷିଲେ ବିଧାୟକ


ମହୋତ୍ସବର ମଶାଲ ଶୋଭାଯାତ୍ରା ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୩ ଜାନୁୟାରୀ, ୨୦୨୩

### ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର

ପଡିଆବାହାଲ (ଡି.ଏନ.ଏ.): ମାନେଶ୍ୱର ବ୍ଲକ ମୁରାସ୍ଥିତ ଦ୍ୱାରିକା ପ୍ରସାଦ ଉଚ୍ଚମାଧମିକ ବିଦ୍ୟାଳୟଠାରେ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ୪୮ ଜଣ ଛାତ୍ରୀଙ୍କୁ ମାଷ୍ଟର ଟ୍ରେନର ରାଧାରାଣୀ ମିଶ୍ର ଆତ୍ମରକ୍ଷାର ବିଭିନ୍ନ କୌଶଳ ଶିକ୍ଷା ଦେଇଥିଲେ। ସ୍କୁଲ ଅଧକ୍ଷ ନାରାୟଣ ପଧାନ, କୋଅର୍ଡିନେଟର ମାନଭଞ୍ଜନ ପଣ୍ଡା ଓ କର୍ମଚାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ହୋଇଥିଲା। ଶାସନ ଥାନା ଏଏସ୍‌ଆଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ସାର୍ଟିଫିକେଟ ବଣ୍ଟନ କରିଥିଲେ।



## ସଂକ୍ଷେପରେ

### ଟ୍ରେନରେ କଟି ଯୁବକଙ୍କ ମୃତ୍ୟୁ

ରେଙ୍ଗାଲି,୧୨।୧(ଡି.ଏନ.ଏ.): ସମ୍ବଲପୁର ଜିଲା ରେଙ୍ଗାଲି ଲପଙ୍ଗା ରେଲଷ୍ଟେଶନ କିଶନନଗର ରେଲୱେ ଫାଟକ ନିକଟରେ ଟ୍ରେନରେ କଟି ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଝାଡ଼ଖଣ୍ଡ ଗୋଏଲକେରା ଥାନା ଖୁଣ୍ଟପାଇ ଗ୍ରାମର ରାୟ୍ ସିଂହ ଅଙ୍ଗରାଇ (୨୭)। ରେଲୱେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ରାୟ୍ ସିଂହ ଟ୍ରକ୍ ଡ୍ରାଇଭର ଥିବା ରେଙ୍ଗାଲି ପୋଲିସ କହିଛି।

### ଦୁର୍ଘଟଣା: ଜଣେ ମୃତ, ୧ ଗୁରୁତର

ସମ୍ବଲପୁର,୧୨।୧(ବ୍ୟୁରୋ): ୫୫ନଂ. ଜାତୀୟ ରାଜପଥର ଯୁଯୁମୁରା ଥାନା ପେଟ୍ରୋଲ ପମ୍ପ ସମ୍ମୁଖରେ ଏକ ଟ୍ରକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ତାଙ୍କ ପରିଚୟ ମିଳିପାରି ନାହିଁ। ଦୁର୍ଘଟଣାରେ ଧନୁପାଲି ଥାନା ଗୋବିନ୍ଦତୋଳାର ରାଜୀବ ଟପ୍ପୋ ଗୁରୁତର ହୋଇଛନ୍ତି। ପୋଲିସ ଦୁର୍ଘଟଣା ଘଟଇଥିବା ଟ୍ରକ୍ ଜବତ କରିଛି। ସୂଚନା ଅନୁସାରେ ମୃତ ଯୁବକ ଓ ରାଜୀବ ବାଇକ୍ ଯୋଗେ ଭୋଇପାଲି ଗ୍ରାମର ଏକ ବିବାହ ଉତ୍ସବରେ ଯୋଗଦେବାକୁ ଆସିଥିଲେ। ସେଠାରୁ ଫେରୁଥିବାବେଳେ ପେଟ୍ରୋଲ ଭରିବାକୁ ଯାଉଥିବା ସମୟରେ ଟ୍ରକ (ନଂ.ଡ଼ିଓ୧୪ସି-୧୦୦୧) ବାଇକ୍‌କୁ ଧକ୍କା ଦେଇଥିଲା।

### କଲେଜରେ ଜାତୀୟ ଯୁବ ଦିବସ

କୁଚିଣ୍ଡା,୧୨।୧(ଡି.ଏନ.ଏ.): କୁନ୍ତରା ଗୋକୁଳ ପାର୍ବତୀ ଗ୍ରାମ୍ୟ ମହାବିଦ୍ୟାଳୟରେ ଗୁରୁବାର ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଏଥିରେ କଲେଜ ଅଧକ୍ଷ ଦୁର୍ଯ୍ୟୋଧନ ମେହେର ସଭାପତିତ୍ୱ କରି ଯୁବବର୍ଗଙ୍କୁ ସମ୍ବର୍ଦ୍ଧିତ କରିବା ସହ ଜାତୀୟ ସଂହତିରେ ସେମାନଙ୍କ କର୍ତ୍ତବ୍ୟ ସମ୍ବନ୍ଧରେ ଉଦ୍‌ବୋଧନ ଦେଇଥିଲେ। ରେଡ୍‌କ୍ରସ କାଉନସିଲ ଶିବ ଶଙ୍କର ମଲ୍ଲିକ ଯୁବ ଦିବସର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ସ୍ୱାମୀ ବିବେକାନନ୍ଦଙ୍କ ଜୀବନାଦର୍ଶ ଉପରେ ଆଲୋଚନା କରିଥିଲେ। ଏଥିରେ ଅଧାପକ ଖଗପତି ଅମାତ, ଟିକେଲାଲ ମେହେର, ଯୋଗେନ୍ଦ୍ର ମୁଦୁଲି, ଶିବାନନ୍ଦ ସାହୁ, ପ୍ରତାପ ମହାନନ୍ଦ, ଅଧାପିକା ବର୍ଷା ମୁଦୁଲି ପ୍ରମୁଖ ଯୁବ ଦିବସ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ।

### ଉଚ୍ଚମାଧମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ନାକଟିଦେଉଳ,୧୨।୧(ଡି.ଏନ.ଏ.): ନାକଟିଦେଉଳ ବ୍ଲକ ବାଟଗାଁ ଉଚ୍ଚ ମାଧମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ରମେଶ କୁମାର ଅଗ୍ରୱାଲା ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ୧୯ଟି ଇଭେଣ୍ଟରେ ମୋଟ ୧୬୪ ଛାତ୍ରାଛାତ୍ର ଅଂଶଗ୍ରହଣ କରିଥିଲେ। ବାଳକ ବର୍ଗରେ ଦ୍ୱିତୀୟ ବର୍ଷ ଛାତ୍ର ପିଣ୍ଟୁ ବେହେରା ଓ ବାଳିକା ବର୍ଗରେ ପ୍ରଥମବର୍ଷ ଛାତ୍ରୀ ସୁପ୍ରିୟା ନାୟକ ଚାମ୍ପିୟନ ହୋଇଥିଲେ। କ୍ରୀଡ଼ା ଶିକ୍ଷକ ଭବରଞ୍ଜନ ଧଳ ଓ ମିତ୍ରଭାନୁ ନାୟକ ଖେଳ ପରିଚାଳନା କରିଥିଲେ। କଲେଜ ପରିଚାଳନା କମିଟିର ପୂର୍ବତନ ସମ୍ପାଦକ ସନକ କୁମାର ଧଳଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ବ୍ଲକ ଅଧକ୍ଷା ସ୍ୱରୁପାରାଣୀ ସାହୁ ମୁଖ୍ୟଅତିଥି, ନାକଟିଦେଉଳ କଲେଜର ଅବସରପ୍ରାପ୍ତ ପ୍ରଧାପକ ଡ଼. ଦୀପେନ କୁମାର ପଟ୍ଟନାୟକ ମୁଖ୍ୟବକ୍ତା ଓ ଶଙ୍କର୍ଷଣ ବେହେରା, ସୁଦର୍ଶନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧାପକ ଶରତ କୁମାର ଶତପଥୀ ଧନ୍ୟବାଦ ଦେଇଥିଲେ।

### ବେଲପାହାଡ଼ ଡିଗ୍ରୀ ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

ଝାରସୁଗୁଡ଼ା ଅଫିସ୍/ବେଲପାହାଡ଼,୧୨।୧: ବେଲପାହାଡ଼ ଡିଗ୍ରୀ ମହାବିଦ୍ୟାଳୟର ୩୦ତମ କ୍ରୀଡା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଟିଆର୍‌ଏଲ କ୍ରୋସାକୀ ଉପସଭାପତି ହିର୍ଦେଶ ସେହଗଲ ମୁଖ୍ୟଅତିଥି ଓ ପରିଚାଳନା କମିଟି ସଭାପତି ଧାନରଞ୍ଜନ ଦୀକ୍ଷିତ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଛାତ୍ର ଜୀବନରେ ଖେଳର ଉପାଦେୟତା ଉପରେ ଆଲୋକପାତ କରିଥିଲେ। କ୍ରୀଡା ପ୍ରତିଯୋଗିତାରେ ପୁରୁଷ ବର୍ଗରୁ ପ୍ରଥମ ବର୍ଷ କଳା ଛାତ୍ର ନୋବେଲ କୁମାର କିଷାନ ଓ ବାଳିକା ବର୍ଗରୁ ଦ୍ୱିତୀୟ ବର୍ଷ କଳା ଛାତ୍ରୀ ସରିତା ଛତ୍ରିଆ ଚାମ୍ପିୟନ ହୋଇଥିଲେ। ମହାବିଦ୍ୟାଳୟ କ୍ରୀଡ଼ା ବିଭାଗର ଅନୁରାଧା ପ୍ରସାଦ, ଅଶୋକ କନ୍ଧେର ଓ ରାନୀ ମହତୋ ସହଯୋଗ କରିଥିଲେ। ଧର୍ମେନ୍ଦ୍ର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିବାବେଳେ ସହଦେବ ବେହେରା ଧନ୍ୟବାଦ ଦେଇଥିଲେ।

# ଭିଏସ୍ଏସ୍ ଷ୍ଟାଡ଼ିୟମରେ ବାଉଁଶ ବାଡ଼ର ସୁରକ୍ଷା

ସମ୍ବଲପୁର,୧୨।୧(ବ୍ୟୁରୋ)


ଭିଏସ୍ଏସ୍ ଷ୍ଟାଡିୟମ ଗ୍ୟାଲେରି ବାଉଁଶ ବାଡ଼ରେ ସୁରକ୍ଷା ଦିଆଯାଇଛି ।

### ୩ କୋଟି ଘୋଷଣାକୁ ୩ବର୍ଷ ବିତିଲା

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୯ରେ ସମ୍ବଲପୁର ଗସ୍ତରେ ଆସିଥିବାବେଳେ ବିଜୁ ଯୁବ ବାହିନୀ ସମାବେଶରେ ଯୋଗଦେଇ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ ଉନ୍ନତି ପାଇଁ ୩ କୋଟି ଟଙ୍କା ଦେବାକୁ ଘୋଷଣା କରିଥିଲେ। ଇତିମଧରେ ୩ବର୍ଷ ବିତିଯାଇଥିଲେ ବି ଟଙ୍କା ଆସି ନାହିଁ। ତେଣୁ ବିକାଶ ମୂଳକ କାମରେ ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ଜିଲା କ୍ରୀଡା ସଂଘ ଉପସଭାପତି ଦୁଲାଲ ପ୍ରଧାନ ଏ ନେଇ ଅଭିଯୋଗ କରିବା ସହ ଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି।

ସେ ଅଭିଯୋଗ କରିଛନ୍ତି, ହକି ବିଶ୍ୱକପ ଓଡ଼ିଶାରେ ଆୟୋଜିତ ହେଉଛି। ଏହା ଆମ ପାଇଁ ଗର୍ବର ବିଷୟ। ଅନ୍ୟପଟେ ପ୍ରତି ଜିଲା ଓ ବ୍ଲକରେ ଷ୍ଟାଡିୟମ ନିର୍ମାଣ କରାଯାଉଛି। ହେଲେ ସମ୍ବଲପୁର ଜିଲାର ପୁରାତନ ଭିଏସ୍ଏସ୍ ଷ୍ଟାଡିୟମ ଅବହେଳିତ ହୋଇପଡିଛି। ଏହାର ବିକାଶ ପାଇଁ ୩ କୋଟି ଟଙ୍କା ଦେବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରି ୨ କୋଟିର ଏକ ଚେକ୍ ଜିଲା ପ୍ରଶାସନକୁ ହସ୍ତାନ୍ତର କରିଥିଲେ। ହେଲେ ଏହା କେବଳ କାଗଜପତ୍ରରେ ସୀମିତ ରହିଯାଇଛି। ଏହାକୁ ନେଇ ମୁଖ୍ୟମନ୍ତ୍ରୀ ଓ କ୍ରୀଡ଼ା ସଚିବ, କ୍ରୀଡ଼ାମନ୍ତ୍ରୀ ପ୍ରମୁଖଙ୍କୁ ଜିଲା କ୍ରୀଡାସଂଘର ସଦସ୍ୟମାନେ ଭେଟି ଅନୁରୋଧ କରିଥିଲେ। ୩ କୋଟି ନୁହେଁ, ଯାହା ଟଙ୍କା ଲାଗିବ ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ଇଡ୍‌କୋକୁ ଟଙ୍କା ଦିଆଯାଇଛି, କାମ ହୋଇଯିବ ବୋଲି ମଧ କହିଥିଲେ। ହେଲେ ଉକ୍ତ ଟଙ୍କା ଆସି ନାହିଁ। ଅନ୍ୟପଟେ ଏକ ବିଶେଷଜ୍ଞ ଦଳ ଆସି ଫଟୋ, ଡ୍ରଇଁ ନେଇ ଫେରିଛନ୍ତି। ପ୍ରାୟ ଏକବର୍ଷ ହୋଇଯିବ ସବୁଠାରେ ବାରମ୍ବାର ଅଭିଯୋଗ ପରେ ମଧ କାର୍ଯ୍ୟକାରୀ ହୋଇପାରି ନାହିଁ। ଭିଏସ୍ଏସ୍ ଷ୍ଟାଡିୟମରେ ରଣଜୀ ଟ୍ରଫି, ଦେଓଧର ଟ୍ରଫି, ସିକେ ନାଇଡୁ ଟ୍ରଫି ଭଳି ଜାତୀୟ ସ୍ତରର କ୍ରିକେଟ ମ୍ୟାଚ ଆୟୋଜିତ ହେଉଛି। ଏହାସହ ଜିଲାସ୍ତରୀୟ ଖେଳକୁଦ ଆୟୋଜନ କରାଯାଉଛି। ତେଣୁ ଷ୍ଟାଡିୟମ ଉନ୍ନତି ନେଇ ପଦକ୍ଷେପ ନେବାକୁ ସେ ଦାବି କରିଥିଲେ। ଏ ସମ୍ପର୍କରେ ଇଡ୍‌କୋ ଅଧିକାରୀ ବିଧାନ ମାଝି କହିଛନ୍ତି, ଷ୍ଟାଡିୟମର ଜରୁରୀ ଆବଶ୍ୟକ ଥିବା କେତେକ କାମ କରାଯାଇଛି। ବଡ ଅନୁଦାନ ଆସି ନାହିଁ। ଅନୁଦାନ ଆସିବା ମାତ୍ରେ କାମ କରାଯିବ ବୋଲି କହିଥିଲେ।

# ଏନ୍ଏଚ୍ କାର୍ଯ୍ୟ ଶୀଘ୍ର ସାରିବାକୁ ନିର୍ଦ୍ଦେଶ

### ମୁଖ୍ୟ ଶାସନ ସଚିବଙ୍କ ସମ୍ବଲପୁର ଗସ୍ତ

ସମ୍ବଲପୁର,୧୨।୧(ବ୍ୟୁରୋ)

ବୁର୍ଲାସ୍ଥିତ ଅଶୋକ ନିବାସଠାରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଜିଲା ପ୍ରଶାସନ ଓ ଏନ୍ଏଚ୍ଏଆଇ କର୍ତ୍ତୃପକ୍ଷଙ୍କ ସହ ଗୁରୁବାର ସମୀକ୍ଷା ବୈଠକ କରିଛନ୍ତି। ବୈଠକରେ ସମ୍ବଲପୁର-ଅନୁଗୋଳ-କଟକ ଜାତୀୟ ରାଜପଥ କାର୍ଯ୍ୟ ନେଇ ସମୀକ୍ଷା ହୋଇଥିଲା। ଜୁନ ସୁଦ୍ଧା ସମ୍ବଲପୁର- କଟକ ଜାତୀୟ ରାଜପଥ କାମ ଶୀଘ୍ର ସାରିବାକୁ ବିଭାଗକୁ ନିର୍ଦ୍ଦେଶ ଦେଇଥିବା ମୁଖ୍ୟ ଶାସନ ସଚିବ ସୂଚନା ଦେଇଛନ୍ତି। ଏହି ରାଜପଥ ଦୀର୍ଘଦିନ ହେଲା ପଡି ରହିଥିବାରୁ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଆସନ୍ତା ମାର୍ଚ୍ଚ ସୁଦ୍ଧା ଉକ୍ତ ପଥରେ ଦୁଇ ଲେନ ଓ ଜୁନ ସୁଦ୍ଧା ୯୦ ପ୍ରତିଶତ କାର୍ଯ୍ୟ ଶେଷ କରିବାକୁ ଧାର୍ଯ୍ୟ କରାଯାଇଛି। ରାଜପଥରେ ଥିବା ପ୍ରମୁଖ ଫ୍ଲାଏ ଓଭର, ରିଂ ରୋଡ଼, ହାତୀ ଯାତାୟାତ ପାଇଁ ଅଣ୍ଡର ପାସ୍ ଏବଂ ଯାନବାହନ ନିମନ୍ତେ ମୁଖ୍ୟ ଅଣ୍ଡର ପାସ୍ କାର୍ଯ୍ୟ ଜୁନ ସୁଦ୍ଧା ଶେଷ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡା ସମ୍ବଲପୁର ରିଂ ରୋଡ଼ ଅଗ୍ରଗତି ନେଇ ସେ ସମୀକ୍ଷା କରିଛନ୍ତି। ବୈଠକରେ ଉତ୍ତରାଞ୍ଚଳ ଆର୍‌ଡିସି ସୁରେଶ ଚନ୍ଦ୍ର ଦଲେଇ, ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ, ସମ୍ବଲପୁର ଏସ୍‌ପି ବତୁଲା ଗଙ୍ଗାଧର, ଡିଏଫ୍‌ଓ ବିଶ୍ୱନାଥ ନୀଳାମ୍ବର ଓ ଏନ୍ଏଚ୍ଏଆଇ ଅଧିକାରୀ ଉପସ୍ଥିତ ରହିଥିଲେ।


ବୈଠକରେ ମୁଖ୍ୟ ଶାସନ ସଚିବଙ୍କ ସହ ଜିଲା ପ୍ରଶାସନ ଓ ଏନ୍ଏଚ୍ଏଆଇ ଅଧିକାରୀ।

# ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ବୈଠକ


ବୈଠକରେ ଯୋଗଦେଇଥିବା ମହାସଂଘର କର୍ମକର୍ତ୍ତା।

ନାକଟିଦେଉଳ,୧୨।୧(ଡ଼ି.ଏନ.ଏ.)

ନାକଟିଦେଉଳ ବ୍ଲକ କିସିଣ୍ଡା ପଞ୍ଚାୟତର କାଙ୍କଦରହ ଲଣ୍ଡାକୋଟ ଗ୍ରାମରେ ଗୁରୁବାର ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଆଲେକ୍ସିଆ ଏକ୍କା ଏଥିରେ ସଭାପତିତ୍ୱ କରିଥିଲେ। ରେଢାଖୋଲ ନିର୍ବାଚନ ମଣ୍ଡଳୀର ଆଦିବାସୀ ଲୋକେ ଜଙ୍ଗଲ ଜମି ପଟ୍ଟା ଓ ଜାତିଗତ ପ୍ରମାଣପତ୍ର ପାଇବାରୁ ବଞ୍ଚିତ ହେଉଥିବାରୁ ଏହାର ସମାଧାନ ନେଇ ଆଲୋଚନା ହୋଇଥିଲା। ଏଥିସହିତ ଅନେକ ଗ୍ରାମରେ ପାନୀୟ ଜଳ, ରାସ୍ତାଘାଟ, ବିଦ୍ୟୁତ୍ ଆଦି ସମସ୍ୟା ଲାଗିରହିଛି। ମହାସଂଘ ନେତୃତ୍ୱରେ ଏହିସବୁ ସମସ୍ୟା ସମାଧାନ ପାଇଁ ପ୍ରୟାସ ଜାରି ରହିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଆଦିବାସୀ ମହାସଂଘର ମହାସଚିବ ଶ୍ୟାମସୁନ୍ଦର ମୁଣ୍ଡା, ଜିଲା ସଭାପତି ଆଲବେରା କେରକେଟା, ଉପସଭାପତି ଡ଼େଭିଡ଼ ଟପ୍ପୋ, ନାକଟିଦେଉଳ ବ୍ଲକ ସାଧାରଣ ସମ୍ପାଦକ ଶ୍ୱେତା ସୋରେଙ୍ଗ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ।

# ରେଙ୍ଗାଲି ମହୋତ୍ସବ ଆରମ୍ଭ

ରେଙ୍ଗାଲି,୧୨।୧(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ସ୍ୱାଧୀନ ଏକତା ସଂଗଠନ ଦ୍ୱାରା ଆୟୋଜିତ ରେଙ୍ଗାଲି ମହୋତ୍ସବ ଗୁରୁବାର ଆରମ୍ଭ ହୋଇଛି। ଏହି ଅବସରରେ ସ୍ଥାନୀୟ ବିଧାୟକ ନାଉରୀ ନାୟକ ଝଣ୍ଡା ଦେଖାଇ ଏକ ମିନି ମାରାଥନର ଶୁଭାରମ୍ଭ କରିଥିଲେ। ରେଙ୍ଗାଲି ବ୍ଲକ ଅଧକ୍ଷ ସତ୍ୟନାରାୟଣ ଅଗ୍ରୱାଲ ଉପସ୍ଥିତ ଥିଲେ। ମାରାଥନରେ ରେଙ୍ଗାଲି ଗଣେଶ ନଗର ଅଞ୍ଚଳ ସିନିୟର ସିଟିଜେନ ନବୀନ ସାହୁ ଭାଗ ନେଇ ସମସ୍ତଙ୍କୁ ଚକିତ କରିଥିଲେ। ପୂର୍ବାହ୍ନ ୧୦ଟାରେ ରେଙ୍ଗାଲି ରେଳ ଷ୍ଟେଶନ ଦୁର୍ଗା ମନ୍ଦିରରୁ ପୂଜାର୍ଚ୍ଚନା କରି ଏକ ବିଶାଳ ମଶାଲ ଓ ସାଂସ୍କୃତିକ ଶୋଭାଯାତ୍ର ରେଙ୍ଗାଲି ସହର ପରିକ୍ରମା କରିଥିଲା। ଶୋଭାଯାତ୍ରରେ ସଂକୀର୍ତ୍ତନ, ଗୌଡ଼ବାଡ଼ି, କୃଷ୍ଣଗୁରୁ, ଦୁଲଦୁଲି, ସଂପ୍ରଦା ଆଦି ଲୋକକଳା ସାମିଲ ହୋଇଥିଲେ। ବିଧାୟକ ନାୟକ ମୃଦଙ୍ଗ ବଜାଇବା ସହ ଲୋକ କଳାକାରଙ୍କ ସହ ନୃତ୍ୟ କରିଥିଲେ। ସନ୍ଧ୍ୟାରେ ରେଙ୍ଗାଲି ଟ୍ରକ୍ ମାଲିକ ସଂଘ କାର୍ଯ୍ୟାଳୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଲାଲ ପାଏନ ନାଟକ ପରିବେଷଣ କରାଯାଇଥିଲା। ସ୍ୱାଧୀନ ଏକତା ସଂଗଠନର ସଭାପତି ରାଜୀବ ମିଶ୍ର ଓ କର୍ମକର୍ତ୍ତା ସହଯୋଗ କରିଛନ୍ତି।



ରେଙ୍ଗାଲି ମହୋତ୍ସବର ମଶାଲ ଓ ସାଂସ୍କୃତିକ ଶୋଭାଯାତ୍ରା।

### ଜମନକିରା ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

ଜମନକିରା,୧୨।୧(ଡି.ଏନ.ଏ.)

ଜମନକିରା ମହାବିଦ୍ୟାଳୟରେ ଗୁରୁବାର ବାର୍ଷିକ କ୍ରୀଡା ଉଦ୍‌ଘାଟିତ ହୋଇଯାଇଛି। ଯୁକ୍ତ ୨ ଅଧକ୍ଷ ରମେଶ ଚନ୍ଦ୍ର ରାଉତ ଓ ଯୁକ୍ତ ୩ ଅଧକ୍ଷ ଅରୁଣ କୁମାର ପଟେଲ ମଶାଲ ଜାଳି କ୍ରୀଡାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୧୦୦ ମିଟର ୨୦୦ମିଟର ଦୌଡ ପ୍ରତିଯୋଗିତା ହୋଇଥିଲା। ଖେଳ ଶିକ୍ଷକ ଜମନକିରା ମହାବିଦ୍ୟାଳୟର ରଞ୍ଜନ ମହାକୁଡ, ଟିକିଲିପଡ଼ା ହାଇସ୍କୁଲର ପ୍ରଦୀପ ପଟେଲ, ଶିବ ସାହୁ, ଜମନକିରା ହାଇସ୍କୁଲର ଦୀପକ କିଷାନ ପ୍ରମୁଖ ଉପସ୍ଥିତ ରହି ଖେଳ ପରିଚାଳନା କରିଥିଲେ।

### ଜାତୀୟସ୍ତରୀୟ ପଲ୍ଲୀଶ୍ରୀ ମେଳା ଉଦ୍‌ଘାଟିତ

ସମ୍ବଲପୁର,୧୨।୧(ବ୍ୟୁରୋ)

ଜିଲା ପ୍ରଶାସନ ଓ ଓର୍ମାସ ପକ୍ଷରୁ ଜାତୀୟସ୍ତରୀୟ ପଲ୍ଲୀଶ୍ରୀ ମେଳା-୨୦୨୩ ଅଇଁଠାପାଲି ପିଏଚ୍‌ଡି ପଡିଆରେ ଉଦ୍‌ଘାଟିତ ହୋଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲାପାଳ ଅନନ୍ୟା ଦାସ, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦିଲୀପ କୁମାର ବଳ, ଉପଜିଲାପାଳ ପ୍ରଭାସ ଦଣ୍ଡସେନା, ଓର୍ମାସର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀମନ୍ତ ହୋତା, ଜିଲାପରିଷଦ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୂର୍ଯ୍ୟ ବିଶ୍ୱାଳ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ମନ୍ତ୍ରୀ ପୂଜାରୀ ଓଡିଶାର ସମସ୍ତ ୩୦ ଜିଲାରୁ ଆସିଥିବା ମିଶନ ଶକ୍ତିର ମହିଳାମାନଙ୍କ ଉତ୍ପାଦିତ ଦ୍ରବ୍ୟ, ଓର୍ମାସ ଦ୍ୱାରା ଗଠନ କରାଯାଇଥିବା ଉତ୍ପାଦକ ଗୋଷ୍ଠୀଙ୍କ ଦ୍ରବ୍ୟ ତଥା ଓଡିଶାର କୋଣ ଅନୁକୋଣରୁ ଆସିଥିବା ହସ୍ତତନ୍ତ ବୁଣାକାର ତଥା ହସ୍ତଶିଳ୍ପ କାରୀଗରଙ୍କ ଷ୍ଟଲ ବୁଲି ଦେଖିଥିଲେ। ଏହାସହିତ ସମ୍ବଲପୁରୀ ବାନ୍ଧକଳା ଉପରେ ହୋଇଥିବା ପ୍ରଦର୍ଶନୀ, ବିଶ୍ୱକପ୍ ହକିର ଷ୍ଟଲ ଉଦ୍‌ଘାଟନ କରିଥିଲେ। ପଲ୍ଲୀଶ୍ରୀ

# ଏବିଭିପିର ଛାତ୍ର ସମାବେଶ



ସମ୍ବଲପୁରରେ ଏବିଭିପିର ଛାତ୍ର ସମାବେଶ ।

ସମ୍ବଲପୁର,୧୨।୧(ବ୍ୟୁରୋ)

ସମ୍ବଲପୁରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ଗୁରୁବାର ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରୁ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସଂଯୋଜକ ଯଶବର୍ଦ୍ଧନ ଠାକୁର ପରିଚାଳନାରେ ଶ୍ରୀତମ କୁମାର ବାରିକ ମୁଖ୍ୟଅତିଥି, ରାଜ୍ୟ ସମ୍ପାଦକ ଅରିଜିତ ପଟ୍ଟନାୟକ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ବିକାଶ ନାୟକ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। କୀର୍ତ୍ତିମୟୀ ସାହୁ, ସିମ୍ରନ ପ୍ରଧାନ, ଅମନ ଦାସ, ଝଲକ ବାରିକ, ନାରାୟଣ ବେହେରା ଉଦ୍‌ବୋଧନ ଦେଇଥିଲେ। ରେଢାଖୋଲ, କୁଚିଣ୍ଡା, ମାନେଶ୍ୱର, ଧମା, ଯୁଯୋମୁରା, ଫୁଲଝରନ ମହାବିଦ୍ୟାଳୟର ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଏହାସହ ସହର ଭିତରେ ଥିବା ଜିଏମ୍‌ୟୁ, ଭିସୁଟ୍, ଜ୍ୟୋତି ବିହାର ଜୁନିୟର କଲେଜ, ଭିମସାର, ସମଲେଶ୍ୱରୀ ମହାବିଦ୍ୟାଳୟ ଆଦି ଅନୁଷ୍ଠାନର ଛାତ୍ରୀଛାତ୍ର ମଧ ଉପସ୍ଥିତ ଥିଲେ ।

# ମଙ୍ଗଳୁ ଚରଣଙ୍କ ସୃଷ୍ଟି କାଳଜୟୀ ହୋଇ ରହିବ

ଝାରସୁଗୁଡ଼ା ଅଫିସ,୧୨।୧

ଜିଲା ସଂସ୍କୃତି ଭବନ ପରିସରରେ କାଳଜୟୀ ସ୍ରଷ୍ଟା ମଙ୍ଗଳୁ ଚରଣ ବିଶାଳଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ସାହିତ୍ୟ ଏକାଡେମୀ ସଦସ୍ୟା ଡ. ଶିବପ୍ରିୟା ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଲଳିତ ମୋହନ ଦାସ ମୁଖ୍ୟଅତିଥି, ନାଟ୍ୟକାର ଡ. ଦ୍ୱାରିକା ନାଥ ନାୟକ, କବି ଗୀତିକାର ଦୁର୍ଗାମାଧବ ପଣ୍ଡା ସମ୍ମାନିତ ଅତିଥି, ମୁଖ୍ୟବକ୍ତା ଭାବେ ଅଧାପିକା ସଂଯୁକ୍ତା ହୋତା, ଅନ୍ୟତମ ଅତିଥି ଭାବରେ ପ୍ରାବନ୍ଧିକ ଡ ଗୌରିଦାସ ପଧାନ, ଉଦିଆଁ ପତ୍ରିକାର ମୁଖ୍ୟ ସମ୍ପାଦକ ସୁଶିଲ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ମଙ୍ଗଳୁ ଚରଣଙ୍କ ସୃଷ୍ଟି କାଳଜୟୀ ହୋଇ ରହିବ ବୋଲି ଅତିଥିମାନେ ମତ ଦେଇଥିଲେ। ତାଙ୍କୁ ଉଚିତ ସମ୍ମାନ ପ୍ରଦର୍ଶନ କରାଯାଇ ନ ଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ଏହି ଅବସରରେ ଉଦିଆଁର ୧୮ତମ ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଅନ୍ତର୍ଯ୍ୟାମୀ ପାଣିଗ୍ରାହୀ ସଂଯୋଜନା କରିଥିବା ବେଳେ କାଳିନ୍ଦୀ ପ୍ରତାପ ସିଂହ ଧନ୍ୟବାଦ ଜ୍ଞାପନ କରିଥିଲେ। ଏଥିରେ ରାଉରକେଲା, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ଦେବଗଡ଼, ସମ୍ବଲପୁରରୁ ବହୁ ସାହିତ୍ୟ ଓ ଭାଷା ପ୍ରେମୀ ଯୋଗଦେଇଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ

ଝାରସୁଗୁଡ଼ା ଅଫିସ୍,୧୨।୧

ଲଖନପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୫ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଲଖନପୁର ବିଡିଓ ଜୟନ୍ତ ସାହୁ ମୁଖ୍ୟଅତିଥି, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସମ୍ବଲପୁର ଜିଲା ଗ୍ରାମୀଣ କାର୍ଯ୍ୟବାହ ସୋମନାଥ କେଶରୀ ମୁଖ୍ୟବକ୍ତା ଓ ଶିକ୍ଷା ବିକାଶ ସମିତି ଜିଲା ପ୍ରମୁଖ ବିଜୟ କୁମାର ଦାସ, ସ୍କୁଲ୍ ପରିଚାଳନା କମିଟି ସଭାପତି ନରୋତ୍ତମ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କମିଟି ସମ୍ପାଦକ ରାଜକୁମାର ସାହୁ ଅତିଥି ପରିଚୟ ଓ ପ୍ରଧାନ ଆଚାର୍ଯ୍ୟ କୁମୁଦ ଚନ୍ଦ୍ର ସାମଲ ବାର୍ଷିକ ବିବରଣୀ ପଠନ କରିଥିଲେ। ଛାତ୍ରୀ ନିହାରିକା ପିଙ୍ଗ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପରିଚାଳନା କମିଟି ଯୁଗ୍ମ ସମ୍ପାଦକ ଅଣ୍ଡାରାମ ସାହୁ ଧନ୍ୟବାଦ ଦେଇଥିଲେ।



ଛାତ୍ରୀଛାତ୍ରମାନେ ମଞ୍ଚରେ ନିଜ କଳା ପରିବେଷଣ କରୁଛନ୍ତି।

# ଅତିରିକ୍ତ ତହସିଲଦାରଙ୍କ ବଦଳି ଦାବିରେ ଧାରଣା

ଝାରସୁଗୁଡ଼ା ଅଫିସ,୧୨।୧

ଝାରସୁଗୁଡା ଅତିରିକ୍ତ ତହସିଲଦାର ରେଶ୍ମା ଟେଟେଙ୍କ କାର୍ଯ୍ୟକଳାପରେ ଅତିଷ୍ଠହୋଇ ଜିଲା ବାର୍ ଆସୋସିଏଶନର ଓକିଲମାନେ ତାଙ୍କ ବଦଳି ଦାବିନେଇ ଗୁରୁବାର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଫଳରେ ସେଠାରେ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବରପାଇ ଉପଜିଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ ଓ ତହସିଲଦାର ବସନ୍ତ ହାତୀ ଧାରଣାସ୍ଥଳରେ ପହଞ୍ଚି ଓକିଲମାନଙ୍କ ସହ ଆଲୋଚନା କରିଥିଲେ। ହେଲେ ସେମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଉପଜିଲାପାଳ ସ୍ୱାଇଁ ଘଟଣାକୁ ନେଇ ଦୁଃଖ ପ୍ରକାଶ କରିବା ସହିତ ଆଗକୁ ଆଉ ଏଭଳି ହେବ ନାହିଁ ବୋଲି ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ବାର୍ ଆସୋସିଏଶନ କର୍ମକର୍ତ୍ତା ଶୁକ୍ରବାର ଜିଲାପାଳଙ୍କୁ ଭେଟି ଅତିରିକ୍ତ ତହସିଲଦାରଙ୍କୁ ଅନ୍ୟତ୍ର ବଦଳି କରିବାପାଇଁ ଦାବି କରିବେବୋଲି ବାର୍‌ରେ ପ୍ରସ୍ତାବ ଗୃହୀତ ହୋଇଛି। ଧାରଣାରେ ଜିଲା ବାର୍ ଆସୋସିଏଶନ ସଭାପତି ତ୍ରିନାଥ ଗୁଆଲ, ସମ୍ପାଦକ ତୁଳସୀ ପ୍ରସାଦ ଦାସ, ବି. ନାଗେଶ୍ୱରୀ, ଢମାଲି ପଟେଲ, ଦୀପକ ପଟେଲ, ରଘୁମଣି ପଟେଲ, ପ୍ରଶାନ୍ତ ଦାସ, ବିକ୍ରମ ପଣ୍ଡା ପ୍ରମୁଖ ଶତାଧିକ ଓକିଲ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ ଓକିଲ ଢମାଲି ପଟେଲ ଜଣେ ମହକିଲଙ୍କ ଆଫିଡେଭିଟ୍ କରିବାପାଇଁ ତହସିଲ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ତହସିଲଦାର କୌଣସି କାମରେ ବ୍ୟସ୍ତ ରହିଥିବାବେଳେ ଓକିଲ ପଟେଲ ଅତିରିକ୍ତ ତହସିଲଦାର ଟେଟେଙ୍କ ନିକଟକୁ ଯାଇ ଆଫିଡେଭିଟ୍ ପାଇଁ କହିଥିଲେ। ହେଲେ ସେ ବିରକ୍ତି ପ୍ରକାଶକରି ଆଫିଡେଭିଟ୍ କରିବେନାହିଁ ବୋଲି ରୋକ୍‌ଠୋକ୍ ମନାକରି ଚେୟାରରୁ ଉଠି ଅନ୍ୟତ୍ର ଚାଲିଯାଇଥିଲେ। ମାଜିଷ୍ଟ୍ରେଟ୍‌ଙ୍କ ଏଭଳି କାର୍ଯ୍ୟକଳାପ ଓକିଲଙ୍କୁ ବ୍ୟଥିତ କରିଥିଲା। ପରେ ସେ ଏସମ୍ପର୍କରେ ଜିଲା ବାର୍ ଆସୋସିଏଶନ ନିକଟରେ ଅଭିଯୋଗ କରିଥିଲେ।



ଝାରସୁଗୁଡା ତହସିଲ ଅଫିସ ଆଗରେ ଓକିଲମାନେ ଧାରଣାରେ ବସିଛନ୍ତି।

**ଖସିଲା ଶେୟାର ବଜାର କାରବାର**

**ନୂଆଦିଲ୍ଲୀ:** କ୍ରମାଗତ ୩ୟ ଦିନ ଲାଗି ଶେୟାର ବଜାର କାରବାରରେ ହ୍ରାସ ଦେଖିବାକୁ ମିଳିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟଦିବସର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୧୪୭(୧୪୭.୪୭) ପଏଣ୍ଟ ଖସି ୫୯,୯୫୮ (୫୯,୯୫୮.୦୩) ଅଙ୍କରେ ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ ୩୮ (୩୭.୫୦) ପଏଣ୍ଟ ହ୍ରାସ ଘଟି ୧୭,୮୫୮(୧୭,୮୫୮.୨୦) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

# ଡିସେମ୍ବରରେ ସୁନା ଆମଦାନୀ ହ୍ରାସ

## ୨୦୨୧ ତୁଳନାରେ ୭୯% କମ୍ ଆମଦାନୀ




ନୂଆଦିଲ୍ଲୀ,୧୨।୧

ଦୀର୍ଘ ବର୍ଷ ହେବ ଭାରତର ସୁନା ଆମଦାନୀ ଅନ୍ୟ ଆମଦାନୀ ଦେଶ ତୁଳନାରେ ବେଶ୍ ଅଧିକ ଓ ରେକର୍ଡ ସ୍ତରରେ ରହୁଥିଲା। ହେଲେ ୨୦୨୨ ଡିସେମ୍ବରରେ ଦେଶର ସୁନା ଆମଦାନୀ ହଠାତ୍ କମିଯାଇଛି। ଏପରିକି ୨୦୨୧ର ସମାନ ଅବଧି ତୁଳନାରେ ଏହି ପରିମାଣ ୭୯% କମ୍ ବୋଲି କୁହାଯାଉଛି। ବିଶେଷ କରି ଘରୋଇ ବଜାରରେ ସୁନା ଦର ଉଚ୍ଚ ସ୍ତରରେ ରହିଥିବାରୁ ଗ୍ରାହକଙ୍କ ମଧ୍ୟରେ ଚାହିଦା ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି। ସେହିଭଳି ଗତ ବର୍ଷ ଡିସେମ୍ବରରେ ବିଭିନ୍ନ ଜାତୀୟ ସମସ୍ୟା ଓ ପାର୍ବଣ ଋତୁ ନ ଥିବାରୁ ସୁନା କ୍ରୟ ଚାହିଦା ମଧ୍ୟ ବ୍ୟାପକ ପରିମାଣରେ ହ୍ରାସ ପାଇଛି। ଅପରପକ୍ଷରେ ସୁନା ବଜାର ଚାହିଦା କମ୍ ଥିବାରୁ ଆମଦାନୀ ମଧ୍ୟ ସେହି ତୁଳନାରେ ହ୍ରାସ ପାଇଥିବା ଆକଳନ କରାଯାଉଛି। ସେହିପରି ୨୦୨୧ ଡିସେମ୍ବରରେ ଭାରତର ସୁନା ଆମଦାନୀ ୯୫ ଟନ୍ ଥିବାବେଳେ ୨୦୨୨ ଡିସେମ୍ବରରେ ତାହା ମାତ୍ର ୨୦ଟନ୍‌କୁ କମି ଆସିଥିଲା। ଏପରିକି ହଠାତ୍ ସୁନା ଆମଦାନୀ ଏତେ ପରିମାଣର ହ୍ରାସ ପାଇବାରୁ ବଜାର ବିଶେଷଜ୍ଞମାନଙ୍କୁ ବି ଆଶ୍ଚର୍ଯ୍ୟ କରିଛି। ଜାତୀୟ ଓ ଅନ୍ତର୍ଜାତୀୟ ଭୌଗୋଳିକ ସମସ୍ୟା ସାଙ୍ଗକୁ ସୁନା ମୂଲ୍ୟ ବୃଦ୍ଧି ଆମଦାନୀ ହ୍ରାସର ମୁଖ୍ୟ କାରଣ ବୋଲି ବିଶେଷଜ୍ଞମାନେ ଆଶଙ୍କା କରୁଥିବା ବେଳେ ଉଭୟ ବଜାର ଓ ସୁନା ମୂଲ୍ୟ ଦୃଷ୍ଟିରୁ ଦେଖିଲେ ୨୦୨୧ ଡିସେମ୍ବରରେ ଭାରତ ୪.୭୩ ବିଲିୟନ ଡଲାର ମୂଲ୍ୟର ସୁନା ଆମଦାନୀ କରିଥିବାବେଳେ ୨୦୨୨ ଡିସେମ୍ବରରେ ୧.୧୮ ବିଲିୟନ ଡଲାରର ସୁନା ଆମଦାନୀ କରିଥିଲା। ଉଲ୍ଲେଖଯୋଗ୍ୟ, ଭାରତ ବିଶ୍ୱର ୨ୟ ବୃହତ୍ତମ ସୁନା ଆମଦାନୀକାରୀ ହୋଇଥିବାବେଳେ ଏଥିପାଇଁ ବିପୁଳ ପରିମାଣରେ ବିଦେଶୀ ମୁଦ୍ରା ବ୍ୟୟ କରିବାକୁ ପଡ଼ିଥାଏ। ଏଣୁ ସୁନା ଆମଦାନୀ କମିବା ଦେଶର ବୈଦେଶିକ ମୁଦ୍ରାଭଣ୍ଡାର ପାଇଁ ଶୁଭଙ୍କର ବୋଲି ଅର୍ଥ ବିଶେଷଜ୍ଞମାନେ ଆକଳନ କରିଛନ୍ତି। ସୂଚନାଯୋଗ୍ୟ, ଆମଦାନୀ ହ୍ରାସ ମଧ୍ୟ ବାଣିଜ୍ୟ ନିଅଣ୍ଟ ହ୍ରାସ କରିବାରେ ବେଶ୍ ସହାୟକ ହେବ ବୋଲି ଆକଳନ କରାଯାଉଛି।

## ଓଡ଼ିଶାର ୩ ସହରରେ ଏୟାରଟେଲ୍ ୫ଜି ପ୍ଲସ୍ ସେବା

ନୂଆଦିଲ୍ଲୀ,୧୨।୧

ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ଭାରତୀ ଏୟାରଟେଲ୍ ପକ୍ଷରୁ ଓଡ଼ିଶାର ଭୁବନେଶ୍ୱର,କଟକ ଓ ରାଉରକେଲା ସହରରେ ଏୟାରଟେଲ୍ ୫ଜି ପ୍ଲସ୍ ସେବାର ଶୁଭାରମ୍ଭ କରାଯାଇଛି। ବିଶେଷକରି କମ୍ପାନୀ ପୁରୁଷ ହକି ବିଶ୍ୱକପ୍‌ର ଆୟୋଜନ କରାଯାଇଥିବା ଭୁବନେଶ୍ୱର ଓ ରାଉରକେଲା ହକି ଷ୍ଟାଡିୟମରେ ଅଲ୍‌ଟ୍ରାଫାଷ୍ଟ ୫ଜି ସେବାକୁ ମଧ୍ୟ ନିୟୋଜିତ କରିଛି। ଏପରିକି ଏୟାରଟେଲ୍ ୫ଜି ପ୍ଲସ୍ ସେବାଗୁଡ଼ିକ ଗ୍ରାହକଙ୍କ ପାଇଁ ପର୍ଯ୍ୟାୟକ୍ରମେ ଉପଲବ୍ଧ ହେବ। କାରଣ କମ୍ପାନୀ ଏହାର ନେଟ୍‌ୱର୍କ ସ୍ଥାପନ କରିବା ଓ ରୋଲ୍‌ଆଉଟ୍ ଶେଷ କରିବା କାମ ଜାରି ରଖିଛି। ୫ଜି ସକ୍ଷମ ଡିଭାଇସ୍ ଥିବା ଗ୍ରାହକମାନେ ରୋଲ୍‌ଆଉଟ୍ ଅଧିକ ବ୍ୟାପକ ହେବା ପର୍ଯ୍ୟନ୍ତ ବିନା କୌଣସି ଅତିରିକ୍ତ ଖର୍ଚ୍ଚରେ ହାଇସ୍ପିଡ୍ ଏୟାରଟେଲ୍ ୫ଜି ପ୍ଲସ୍ ନେଟ୍‌ୱର୍କ ଉପଭୋଗ କରିପାରିବେ।

## ବିଓଆଇ ପକ୍ଷରୁ ବିଶ୍ୱ ହିନ୍ଦୀ ଦିବସ



ଭୁବନେଶ୍ୱର,୧୨।୧

ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ) ର ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ବିଶ୍ୱ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର ଉପ-ଆଞ୍ଚଳିକ ପ୍ରବନ୍ଧକ ଅଶୋକ କୁମାର ଜେନା, ରାଷ୍ଟ୍ରୀୟ ବ୍ୟାଙ୍କିଙ୍ଗ୍ ସମୂହ (ଏନ୍‌ବିଜି) ଓଡ଼ିଶାର ସହାୟକ ମହାପ୍ରବନ୍ଧକ ନବଦୀପ ମହାନ୍ତି ଏବଂ ସୁରକ୍ଷା ବିଭାଗର ମୁଖ୍ୟ ପ୍ରବନ୍ଧକ ବେଦପ୍ରକାଶ ଓଝା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ବିଓଆଇ ପକ୍ଷରୁ ଏକ ସ୍ମୃତି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ବିଓଆଇର ସମସ୍ତ ଅଞ୍ଚଳର କର୍ମଚାରୀମାନେ ଉକ୍ତ ପ୍ରତିଯୋଗିତାରେ ଭାଗନେଇଥିଲେ। ଉକ୍ତ ପ୍ରତିଯୋଗିତାରେ ଅଂଶ ଗ୍ରହଣକରି ବିଜୟୀ ହୋଇଥିବା ବିଜୟୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ, ରାଜଭାଷାର ବରିଷ୍ଠ ପ୍ରବନ୍ଧକ ସୋନିଆ ସାଓ୍ୱନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୧୦୦ ସହରରେ ଜିଓ ଟ୍ରୁ ୫ଜି ନେଟ୍‌ୱର୍କ

ନୂଆଦିଲ୍ଲୀ,୧୨।୧

ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓ ଏକ ବିରଳ ସଫଳତା ହାସଲ କରିଛି। ବିଶେଷକରି ଜିଓ ଗତ ୧୦୦ ଦିନ ମଧ୍ୟରେ ୧୦୧ଟି ସହରରେ ଟ୍ରୁ ୫ଜି ସେବା ପ୍ରଚଳନ କରି ନୂଆ ରେକର୍ଡ ସୃଷ୍ଟି କରିଛି। ଅପରପକ୍ଷରେ ତାମିଲନାଡୁର ସୂଚନା ପ୍ରାଦ୍ୟୋଗିକି ମନ୍ତ୍ରୀ ଟି. ମନୋଥଙ୍ଗରାଜ ରାଜ୍ୟର କୋଏମ୍ବାଟୁର,ମଦୁରାଇ, ତିରୁଚିରାପଲ୍ଲୀ, ସାଲେମ, ହୋସୁର ଏବଂ ଭେଲୋର ଭଳି ସହରରେ ଜିଓ ଟ୍ରୁ ୫ଜି ନେଟ୍‌ୱର୍କ ଶୁଭାରମ୍ଭ କରିଛନ୍ତି। ଏହି ୬ ସହର ସହ ଜିଓର ୫ଜି ନେଟ୍‌ୱର୍କରେ ଯୋଡ଼ି ହୋଇଥିବା ସହର ସଂଖ୍ୟା ୧୦୧ରେ ପହଞ୍ଚିଛି। ସେହିଭଳି ଜିଓର ୫ଜି ରୋଲ୍ ଆଉଟ ସ୍ପିଡ୍ ଏହାର ପ୍ରତିଦ୍ୱନ୍ଦ୍ୱୀ କମ୍ପାନୀଗୁଡ଼ିକ ତୁଳନାରେ ଯଥେଷ୍ଟ କ୍ଷିପ୍ର ରହିଛି। ଜିଓର ୧୦୧ ସହରରେ ଟ୍ରୁ ୫ଜି ସେବା ଯୋଗାଣ ସ୍ଥାନରେ ଏୟାରଟେଲ ମାତ୍ର ୩୦ ସହରରେ ନିଜର ୫ଜି ସେବା ପ୍ରଚଳନ କରିପାରିଛି। ସେହି ସମୟ ମଧ୍ୟରେ ଭୋଡା-ଆଇଡିଆର ଗ୍ରାହକ ଏପର୍ଯ୍ୟନ୍ତ ୫ଜି ସେବା ଆରମ୍ଭକୁ ପ୍ରତୀକ୍ଷା କରିଛନ୍ତି। ସେହିପରି ୨୦୨୨ ଅକ୍ଟୋବର ୪ରେ ଦେଶର ୪ଟି ସହରରେ ଟ୍ରୁ ୫ଜି ସେବା ପ୍ରଚଳନ କରି ରିଲାଏନ୍ସ ଜିଓ ୫ଜି ରୋଲ୍‌ଆଉଟର ପ୍ରାରମ୍ଭ କରିଥିଲା ଏବଂ ମାତ୍ର ୧୦୦ ଦିନ ମଧ୍ୟରେ ତା'ର ସେବା ପ୍ରାୟ ୧୦୧ଟି ସହରରେ ପହଞ୍ଚିସାରିଛି। ଓଡ଼ିଶାର ରାଉରକେଲା, ବ୍ରହ୍ମପୁର, ପୁରୀ, ସମ୍ବଲପୁର ଏବଂ ବାଲେଶ୍ୱର ଆଦି ସହରରେ ୨୦୨୩ ଫେବୃୟାରୀ ସୁଦ୍ଧା ଟ୍ରୁ ୫ଜି ସେବା ପ୍ରଚଳନ କରିବା ଏବଂ ୨୦୨୩ ଡିସେମ୍ବର ସୁଦ୍ଧା ରାଜ୍ୟର ସମସ୍ତ ତହସିଲ ଏବଂ ତାଲୁକାକୁ ୫ଜିରେ ସଂଯୁକ୍ତ କରିବାକୁ ଜିଓ ଘୋଷଣା କରିଛି।




ଅଟୋ ଏକ୍ସପୋର ୧୬ତମ ସଂସ୍କରଣରେ ଟାଟା ମୋଟର୍ସର ଅତ୍ୟାଧୁନିକ ତଥା ସମ୍ପୂର୍ଣ୍ଣ ଇଲେକ୍ଟ୍ରିକ୍ କନ୍‌ସେପ୍ଟ ଏସ୍‌ୟୁଭି ମଡେଲ 'ଟାଟା ସିଏରା ଇଭି' ପ୍ରଦର୍ଶିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଟାଟା ମୋର୍ଟସର ଅଧ୍ୟକ୍ଷ ଏନ୍. ଚନ୍ଦ୍ରଶେଖରନ (ଡାହାଣ) ଏବଂ ଟାଟା ମୋଟର୍ସ ପାସେଞ୍ଜର ଭେଇକିଲ୍ସ ଲିଃ. ତଥା ଟାଟା ପାସେଞ୍ଜର ଇଲେକ୍ଟ୍ରି ମୋବିଲିଟି ଲିଃ.ର ଏମ୍‌ଡି ଶୈଳେଶ ଚନ୍ଦ୍ରା ଯୋଗଦେଇ ଏହାର ଉନ୍ମୋଚନ କରୁଛନ୍ତି।

## ଲକ୍ଷାଧିକ ଚାଷୀଙ୍କୁ ସହାୟତା କରିଛି ମାଷ୍ଟରକାର୍ଡ

ନୂଆଦିଲ୍ଲୀ,୧୨।୧

ମାଷ୍ଟରକାର୍ଡ ନିକଟରେ ଏକ ବିରଳ ରେକର୍ଡ ହାସଲ କରିବାରେ ସକ୍ଷମ ହୋଇଛି। ବିଶେଷକରି କମ୍ପାନୀ ଭାରତରେ ନିଜର ବିସ୍ତୃତ ଗ୍ରାମାଞ୍ଚଳ ଓ କୃଷି ଡିଜିଟାଲୀକରଣ ସମାଧାନ, ଫାର୍ମ ପାସ୍ ମାଧ୍ୟମରେ ଏକ ମିଲିୟନରୁ ଅଧିକ କ୍ଷୁଦ୍ରଚାଷୀଙ୍କୁ ଲାଭାନ୍ୱିତ କରିବାର ମାଇଲଖୁଣ୍ଟ ଅତିକ୍ରମ କରିଛି। ଏପରିକି ଫାର୍ମ ପାସ୍‌ର ବ୍ୟବହାର କରି ମାଷ୍ଟରକାର୍ଡ ୨୦୨୨ରେ ପ୍ରାୟ ୧୮୦ କୋଟି ଟଙ୍କାର କୃଷି ଉତ୍ପାଦ ବିକ୍ରି କରାଇଛି। ସେହିଭଳି ଲରେନ୍ସଡେଲ୍ ଆଗ୍ରୋ ପ୍ରୋସେସିଂ ଇଣ୍ଡିଆ (ଏଲ୍‌ଇଏଏଫ୍) ଓ ବେସିକ୍ସ ସୋସିଆଲ ଏଣ୍ଟରପ୍ରାଇଜ୍ ଗ୍ରୁପ୍ ସହ କମ୍ପାନୀ କାର୍ଯ୍ୟ କରୁଛି। ଏହି ପେମେଣ୍ଟସ୍ ଟେକ୍ନୋଲୋଜି ଫାର୍ମ ୨୦୨୫ ସୁଦ୍ଧା ୧୦ମିଲିୟନ କୃଷକଙ୍କୁ କଭର କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏ ସମ୍ପର୍କରେ ମାଷ୍ଟରକାର୍ଡର ହ୍ୟୁମାନିଟାରିଆନ୍ ଆଣ୍ଡ ଡେଭ୍‌ଲପ୍‌ମେଣ୍ଟ ବିଭାଗର କାର୍ଯ୍ୟକାରୀ ଉପାଧ୍ୟକ୍ଷ ତାରା ନାଥନ୍ କହିଛନ୍ତି, କମ୍ୟୁନିଟି ପାସ୍‌କୁ ବିଶେଷ ଭାବେ ଡିଜାଇନ କରାଯାଇଛି। ବିଶେଷକରି କ୍ଷୁଦ୍ରଚାଷୀମାନଙ୍କୁ ଅଧିକ ଓ ଶୀଘ୍ର ଅର୍ଥ ପ୍ରଦାନ କରିବାରେ ସାହାଯ୍ୟ କରିବା ପାଇଁ ଏହା ଡିଜାଇନ୍ କରାଯାଇଛି, ଯାହା ଫାର୍ମ ପାସ୍‌କୁ ଅନ୍ତର୍ଭୁକ୍ତ କରିଥାଏ। ଏପରିକି ମାଷ୍ଟରକାର୍ଡ ଗତ ବର୍ଷ ଏକ ମିଲିୟନରୁ ଅଧିକ ଚାଷୀଙ୍କୁ ସହଯୋଗ କରି ଗର୍ବିତ ମନେ କରୁଛି। ଭାରତ ସରକାରଙ୍କ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ସୁନିଶ୍ଚିତ କରିବା ଓ କୃଷକଙ୍କ ଆୟ ୨ଗୁଣ କରିବା ଲକ୍ଷ୍ୟ ସହ ଜଡିତ ରହିଛି, କମ୍ୟୁନିଟି ପାସ୍ କ୍ଷୁଦ୍ରଚାଷୀମାନେ ନିର୍ଭରଯୋଗ୍ୟ ବଜାର ଓ ଆର୍ଥିକ ସେବା ହାସଲ କରିବା ପାଇଁ ଚେଷ୍ଟା କରିବା ସମୟରେ ସମ୍ମୁଖୀନ ହେଉଥିବା ପ୍ରତିବନ୍ଧକଗୁଡିକୁ ଦୂର କରୁଛି।

**ଫୁର୍ସତ**

# ଏମିତି ବି ପ୍ରେମ ହୁଏ



**ଇସ୍‌ଲାମାବାଦ୍:** ପ୍ରେମ ଅନ୍ଧ। କାରଣ ଏହି ସମ୍ପର୍କରେ ତର୍କ ଖୋଜାଯାଏନି। ଜଣଙ୍କ ଦୟାଭାବ, ବୁଦ୍ଧିମତ୍ତା ଓ ଅନ୍ୟ ଗୁଣକୁ ଦେଖି ଆଉଜଣେ ତାଙ୍କ ପ୍ରତି ଆକୃଷ୍ଟ ହୋଇଥାନ୍ତି। ଏଥିରେ ଅପରପକ୍ଷଙ୍କ ସାମାଜିକ ସ୍ଥିତି ଓ ରୋଜଗାରକୁ ଦେଖାଯାଏ ନାହିଁ। ସମ୍ଭବତଃ ଏଥିପାଇଁ ଜଣେ ପାକିସ୍ତାନୀ ମହିଳା ଟାୟାର ମରାମତି କରୁଥିବା ମେକାନିକ୍‌ଙ୍କୁ ଭଲପାଇ ବସିଲେ, ଯାହାଙ୍କ ଦୋକାନରେ ସେ ନିଜ ପଙ୍କଚର କାର୍‌କୁ ଠିକ୍ କରାଇଥିଲେ। ସେହି ଦୋକାନରୁ ହିଁ ଆରମ୍ଭ ହୋଇଥିଲା ଟାୟାର ମେକାନିକ୍ ଜିସେନ୍ ଓ ଧନୀ ମହିଳା ଆୟେଶାଙ୍କ ଲଭ୍‌ଷ୍ଟୋରି। ଜିସେନ୍ କେବଳ ଆୟେଶାଙ୍କ ଗାଡ଼ିର ଟାୟାର ମରାମତି କରି ନ ଥିଲେ, ସେ ଅସୁବିଧା ସମୟରେ ସାହାଯ୍ୟ କରି ତାଙ୍କ ହୃଦୟ ବି ଜିଣି ନେଇଥିଲେ। ସମ୍ପର୍କ ଏତେ ନିବିଡ଼ ହୋଇଯାଇଥିଲା ଯେ, ଜିସେନ୍‌ଙ୍କ ଗ୍ୟାରେଜ୍ ପାଖକୁ ଆସିଲେ ଆୟେଶା ଜାଣିଶୁଣି ନିଜ କାର୍‌ର ଟାୟାରକୁ ପଙ୍କଚର କରିଦେଉଥିଲେ। ପରସ୍ପର ସହ ବାରମ୍ବାର ଭେଟର ସୁଯୋଗ ଦେଉଥିଲା ଆୟେଶାଙ୍କ କାର୍। ଜିସେନ୍ ମଧ୍ୟ ବିଳମ୍ବ ନ କରି ପ୍ରଥମେ ତାଙ୍କ କାର୍‌ର ଟାୟାର ସଜାଡୁଥିଲେ, ଗ୍ୟାରଜରେ ଯେତେ ଗ୍ରାହକ ଥାଆନ୍ତୁ ନା କାହିଁକି। ଜିସେନ୍ ସବୁକଥା ବୁଝିବା ପରେ ଟାୟାରରେ ମୁନିଆ ଛୁଞ୍ଚି ନ ଫୋଡ଼ିବା ପାଇଁ ତାଙ୍କୁ ବୁଝାଇଥିଲେ। ଏହା ଉତ୍ତାରୁ ଆୟେଶାଙ୍କ ଆସିବାବେଳ ଦେଖି ଜିସେନ୍ ତାଙ୍କ ପାଇଁ ଚା' ତିଆରି କରି ରଖୁଥିଲେ। ନିକଟରେ ଜଣେ ପାକିସ୍ତାନୀ ୟୁଟ୍ୟୁବର ଏହି ଦମ୍ପତିଙ୍କ ଇଣ୍ଟରଭ୍ୟୁ ନେବାପରେ ସମସ୍ତେ ଜାଣିଲେ, ଏମିତି ବି ପ୍ରେମ ହୁଏ।

## ରାହୁଲଙ୍କୁ ବିବାହ କରିବେ ଆଥିଆ

**ମୁମ୍ବାଇ:** ବଲିଉଡ୍ ଅଭିନେତା ସୁନୀଲ ସେଟ୍ଟୀଙ୍କ ଝିଅ ଆଥିଆ ସେଟ୍ଟୀ ଓ କ୍ରିକେଟର କେ. ଏଲ୍. ରାହୁଲଙ୍କ ପ୍ରେମ ସମ୍ପର୍କକୁ ନେଇ ଅନେକ ଦିନ ହେବ ଚର୍ଚ୍ଚା ଲାଗିରହିଛି। ଦୁହେଁ ୩ ବର୍ଷ ହେବ ପରସ୍ପରକୁ ଡେଟ୍ କରୁଛନ୍ତି। ତେବେ ଉଭୟ ଖୁବ୍‌ଶୀଘ୍ର ବିବାହ କରିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ନୂଆ ବର୍ଷରେ ଉଭୟ ପରସ୍ପର ସହ ନୂଆ ଜୀବନ ଆରମ୍ଭ କରିବା ପାଇଁ ପ୍ରସ୍ତୁତ ଅଛନ୍ତି। ରିପୋର୍ଟ ଅନୁସାରେ, ଦୁହେଁ ଆସନ୍ତା ୨୧ରୁ ୨୩ ତାରିଖ ମଧ୍ୟରେ ବିବାହ କରିବାକୁ ଯାଉଛନ୍ତି। ଏନେଇ ଆଥିଆଙ୍କ ପରିବାର ପକ୍ଷରୁ କୌଣସି ଘୋଷଣା ହୋଇନାହିଁ। ସୁନୀଲଙ୍କ ଖଣ୍ଡାଲାସ୍ଥିତ ବଙ୍ଗଳାରେ ଆଥିଆ ଏବଂ ରାହୁଲଙ୍କ ବିବାହ ହେବ ବୋଲି ଜଣାପଡ଼ିଛି। ବିବାହରେ ଦୁହିଁଙ୍କ ପରିବାରଙ୍କ ସହ ସାଙ୍ଗସାଥୀ ଆସିବାର ଯୋଜନା ରହିଛି। ଅତିଥି ତାଲିକାରେ ସଲମାନ ଖାନ୍, ଜ୍ୟାକି ଶ୍ରଫ, ଅକ୍ଷୟ କୁମାର, ଏମ୍‌ଏସ୍ ଧୋନି ଏବଂ ବିରାଟ କୋହଲିଙ୍କ ଭଳି ବଡ଼ ବଡ଼ ଖେଳାଳି ଏବଂ ସେଲିବ୍ରିଟିଙ୍କ ନାମ ରହିଛି। ଏଥିସହ ବିବାହର ସମସ୍ତ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି।



ଆଥିଆ ଶେଟ୍ଟୀ

## ବ୍ରାଭୋ ଗ୍ରାଣ୍ଡ୍ ମା'



**ପୁଣେ:** କ୍ୟାରମ ଗୋଟିଏ ଲୋକପ୍ରିୟ ଖେଳ। ସବୁ ବୟସର ଲୋକେ ଏହାକୁ ଖେଳିବାକୁ ପସନ୍ଦ କରନ୍ତି। ନୂଆ କରି କ୍ୟାରମ ଶିଖୁଥିବା ପିଲାଙ୍କଠୁ ନେଇ ଅଭିଜ୍ଞ ଖେଳାଳିଙ୍କ ଯାଏ ଏହାର ମଜା ନିଅନ୍ତି। କେହି କେହି କ୍ୟାରମକୁ ମନୋରଞ୍ଜନ ରୂପେ ଧରି ନିଅନ୍ତି ତ ଆଉ କିଏ ସମୟ ବିତାଇବା ଲାଗି ଷ୍ଟ୍ରାଇକ୍ ଚଳାନ୍ତି। ଫୁଟବଲ୍, କ୍ରିକେଟ ଭଳି କ୍ୟାରମ ଖେଳର ବି ଟୁର୍ନାମେଣ୍ଟ ହୁଏ। କିନ୍ତୁ ଏଥିରେ ଛୋଟ ପିଲାଙ୍କଠୁ ନେଇ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ଜଣେ ଜଣେ ପ୍ଲେୟାର। ଏମିତି ଜଣେ କ୍ୟାରମ ପ୍ଲେୟାର ହେଲେ ପୁଣେର ୮୩ ବର୍ଷୀୟା ଆଜି। ଖେଳରେ ଆଜିଙ୍କ ଦକ୍ଷତା ଉପରେ ତାଙ୍କ ନାତି ଅକ୍ଷୟ ମରାଠେ ଏକ ଶର୍ଟ ଭିଡିଓ ପ୍ରସ୍ତୁତ କରି ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ପୁଣେ ସହରର ଅଲ୍ ମଗରପଟ୍ଟାରେ ଆୟୋଜିତ କ୍ୟାରମ ଇଭେଣ୍ଟର ଡବଲ୍ସ କାଟାଗୋରିରେ ଭାଗ ନେଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଏହି ବୃଦ୍ଧା। ଆଜି ଏବେ ବହୁ ବରିଷ୍ଠ ନାଗରିକଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ତାଙ୍କ ଶର୍ଟ ଭିଡିଓ ଦେଖି ଜଣେ ବୃଦ୍ଧ କହିଛନ୍ତି, ମୁଁ ବି ପିଲାବେଳେ ସ୍କୁଲରେ ପଢ଼ିବା ସମୟର ଦକ୍ଷତା ଦେଖାଇବି। ବ୍ରାଭୋ ଗ୍ରାଣ୍ଡ ମା'! କଙ୍ଗରାଟ୍ସ ବୋଲି ସେ କମେଣ୍ଟ ଦେଇଛନ୍ତି।

## ୩ ବାଇକ୍‌ରେ ୧୪ ଜଣ

### ପୋଲିସକୁ ଚକ୍‌ମା ଦେଖାଇଲେ

**ବରେଲି:** ୧୪ ଜଣ ଯୁବକ ୩ଟି ବାଇକ୍‌ରେ ବସି ବିପଜ୍ଜନକ ଷ୍ଟଣ୍ଟ୍ କରୁଥିବା ଭିଡିଓ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହେବା ପରେ ସେମାନଙ୍କ ଅଡୁଆ ପାଲଟି ଯାଇଥିଲା। ଉତ୍ତର ପ୍ରଦେଶର ବରେଲି-ନୈନିତାଲ ହାଇୱେ ଉପରେ ୧୪ ଯୁବକଙ୍କ କାରନାମା ସମ୍ପର୍କରେ ଜାଣିବା ପରେ ପୋଲିସ ତାଙ୍କୁ ଗିରଫ କରିବାକୁ ଯାଇଥିଲା। ପୋଲିସ କର୍ମଚାରୀମାନେ ଦୁଃସାହସୀ ଯୁବକମାନଙ୍କୁ ଧରିବେ କ'ଣ ସେମାନଙ୍କ ଷ୍ଟଣ୍ଟ୍ ଦେଖି ଅବାକ୍ ହୋଇଯାଇଥିଲେ। ୬ ଜଣ ଗୋଟିଏ ବାଇକ୍‌ରେ ଏବଂ ବାକି ୮ ଜଣ ଦୁଇଟି ବାଇକ୍‌ରେ ସବାର ହୋଇ ରିଲ୍ସ ଭିଡିଓ କରିଥିଲେ। ଷ୍ଟଣ୍ଟ୍ ଦେଖାଉ ଦେଖାଉ ସେଠାରୁ ସେମାନେ ଫେରାର୍ ମାରିଥିଲେ। ବାଇକ୍ ନମ୍ବର ପ୍ଲେଟ୍‌ରୁ ଏବେ ଇନ୍‌ଭେଷ୍ଟିଗେଶନ୍ ଚାଲିଛି।



## ଉଡ଼ନ୍ତା ବିମାନରେ ବିବାହ ପ୍ରସ୍ତାବ

**ନୂଆଦିଲ୍ଲୀ:** ଉଡ଼ନ୍ତା ବିମାନରେ ମହିଳାଙ୍କୁ ବିବାହ ପ୍ରସ୍ତାବ ଦେଇ ଆଶ୍ଚର୍ଯ୍ୟ କରିଛନ୍ତି ଯୁବକ। ଏବେ ଏହାର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ରିପୋର୍ଟ ମୁତାବକ, ଗତ ୨ ତାରିଖରେ ଏକ ପ୍ରେମୀଯୁଗଳ ଲଣ୍ଡନରୁ ହାଇଦ୍ରାବାଦ ଯାଉଥିବା ବିମାନରେ ଯାତ୍ରା କରୁଥିଲେ। ଉଡ଼ନ୍ତା ବିମାନରେ ଯୁବକ ଜଣକ କ୍ୟାବିନ୍ କ୍ରିଉ ମେମ୍ବରଙ୍କ ସହାୟତାରେ ତାଙ୍କ ପ୍ରେମିକାଙ୍କୁ ଏକ ସରପ୍ରାଇଜ୍ ଦେଇଥିଲେ। ସେ ପ୍ରଥମେ ଏକ କାର୍ଡବୋର୍ଡ ସାହାଯ୍ୟରେ କିଛି ଲେଖି ପ୍ରେମିକାଙ୍କୁ ଦେଖାଇଥିଲେ। ପରେ ସେଠାରେ ଆଣ୍ଠେଇ ଏକ ମୁଦି ଦେଇ ବିବାହ ପାଇଁ ପ୍ରସ୍ତାବ ଦେଇଥିଲେ। ଏଥିରେ ଯୁବତୀ ଜଣକ ହଠାତ୍ ଆଶ୍ଚର୍ଯ୍ୟ ହୋଇ ଯୁବକଙ୍କ କଥାରେ ହଁ ଭରିଥିଲେ। ବିମାନରେ ଥିବା ଲୋକେ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଭାରତ ବନାମ ସ୍ପେନ

ପ୍ରତୀକ୍ଷାର ଅବସାନ ଘଟିବାକୁ ଯାଉଛି। ଭବ୍ୟ ଉଦ୍‌ଘାଟନୀ ଉତ୍ସବର ଗୋଟିଏ ଦିନପରେ ଆରମ୍ଭ ହେବାକୁ ଯାଉଛି ହକିର ମହାସମର ବିଶ୍ୱକପ ୨୦୨୩। ବିଶ୍ୱର ଶ୍ରେଷ୍ଠ ୧୬ଟି ଦଳ ମଧ୍ୟରେ ହେବ କଡ଼ା ଟକ୍କର। ପରସ୍ପର ମଧ୍ୟରେ ଲଢ଼ିବେ ଗତଥରର ଚାମ୍ପିୟନ ବେଲଜିୟମ, ରନରଅପ୍ ନେଦରଲାଣ୍ଡ୍ସ, ବ୍ରୋଞ୍ଜ ବିଜୟୀ ଅଷ୍ଟ୍ରେଲିଆ ଓ ଆୟୋଜକ ଭାରତ ସମେତ ଅନ୍ୟ ୧୨ ଦଳ। କ୍ରମାଗତ ଦ୍ୱିତୀୟ ଥରପାଇଁ ବିଶ୍ୱକପ ଆୟୋଜନ କରି ଇତିହାସ ଫର୍ଦ୍ଦରେ ନୂଆ ଅଧ୍ୟାୟ ଯୋଡ଼ିଛି ଓଡ଼ିଶା। ୨୦୧୮ ସଂସ୍କରଣର ସଫଳ ଆୟୋଜନ ଏବଂ ଆତିଥେୟତାପାଇଁ ଦେଶ ବିଦେଶରେ ପ୍ରଶଂସା ସାଉଁଟିଥିବା ଓଡ଼ିଶା ସରକାର ଆଉ ଏକ ସଫଳ ଏବଂ ସୁରକ୍ଷିତ ବିଶ୍ୱକପ ଭେଟିଦେବାକୁ ପ୍ରସ୍ତୁତ। ଆଇକନିକ କଳିଙ୍ଗ ଷ୍ଟାଡିୟମକୁ ନୂଆ ରୂପ ଦିଆଯାଇଥିବାବେଳେ ରାଉରକେଲାରେ ନିର୍ମାଣ ହୋଇଛି ବୃହତ୍ ବିର୍ସାମୁଣ୍ଡା ଷ୍ଟାଡିୟମ। ପ୍ରତିଯୋଗିତାରେ ମୋଟ ୪୪ଟି ମ୍ୟାଚ ଖେଳାଯିବ। ଏଥିରୁ କଳିଙ୍ଗରେ ୨୪ ଓ ବିର୍ସାମୁଣ୍ଡା ଷ୍ଟାଡିୟମରେ ୨୦ଟି ମ୍ୟାଚ ଅନୁଷ୍ଠିତ ହେବ।

## ୪୮ ବର୍ଷର ପ୍ରତୀକ୍ଷା

ଦୀର୍ଘ ୪୮ ବର୍ଷର ପ୍ରତୀକ୍ଷା। ଉତ୍କଣ୍ଠାର ଅବସାନ ଘଟାଇବା ପାଇଁ ଭାରତୀୟ ହକି ଦଳ ଲାଗି ଆସିଛି ସୁବର୍ଣ୍ଣ ସୁଯୋଗ। ୧୯୭୫ ମସିହାରେ ପ୍ରଥମ ଓ ଶେଷଥର ପାଇଁ ଭାରତ ଜିତିଥିଲା ବିଶ୍ୱକପ୍। ଏହାର ସ୍ମୃତି ଏବେ ମଧ୍ୟ ତାଜା ହୋଇ ରହିଥିଲେ ହେଁ ପୁଣିଥରେ ଟ୍ରଫି ଧରିବା ପାଇଁ ଆଶା ଓ ଆକାଂକ୍ଷା ବଢ଼ିବାରେ ଲାଗିଛି। ଗତ ଟୋକିଓ ଅଲିମ୍ପିକ୍ସରେ ଭାରତ ବ୍ରୋଞ୍ଜ ପଦକ ହାସଲ କରି ପୋଡିୟମ ଫିନିଶ୍ କରିଥିବାରୁ ବିଶ୍ୱକପ୍‌ରେ ମଧ୍ୟ ଶୀର୍ଷସ୍ଥାନ ହାସଲ କରିପାରିବ ବୋଲି ସମ୍ଭାବନା ଉଙ୍କି ମାରିଛି। ୨୦୨୩ ବିଶ୍ୱକପ୍‌ରେ ଭାରତର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ସ୍ପେନ୍। ଶୁକ୍ରବାର ବିର୍ସା ମୁଣ୍ଡା ନବନିର୍ମିତ ଷ୍ଟାଡିୟମରେ ଅନୁଷ୍ଠିତ ହେବ ଏହି ଉତ୍କଣ୍ଠିତ ମ୍ୟାଚ। ସ୍ପେନ୍ କେବେହେଲେ ଟାଇଟଲ ବିଜୟୀ ହୋଇ ନ ଥିଲେ ମଧ୍ୟ ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ଦଳ ଭାବେ ପରିଗଣିତ। ଟାଇଟଲର ଅନ୍ୟତମ ଦାବିଦାର। ପ୍ରତ୍ୟେକ ଟୁର୍ନାମେଣ୍ଟରେ ପ୍ରଥମ ମ୍ୟାଚ ସବୁ ଦଳ ପାଇଁ ବହୁ ଗୁରୁତ୍ୱ ରଖେ। ତେଣୁ ଏହି ମ୍ୟାଚ ଉପରେ ଭାରତୀୟ ହକିପ୍ରେମୀଙ୍କ ନଜର ରହିବ।

## ଓଡ଼ିଶା ଆଣିଛି ଆଶା

ବିଶ୍ୱକପ୍‌ର ଇତିହାସ ଦେଖିଲେ ଭାରତ ପ୍ରଥମ ସଂସ୍କରଣରେ ବ୍ରୋଞ୍ଜ (୧୯୭୧), ଦ୍ୱିତୀୟ ସଂସ୍କରଣରେ ରୌପ୍ୟ (୧୯୭୩) ଓ ତୃତୀୟ ସଂସ୍କରଣରେ ଅଜିତ ପାଲ୍ ସିଂଙ୍କ ନେତୃତ୍ୱରେ ସ୍ୱର୍ଣ୍ଣ (୧୯୭୫) ପଦକ ହାସଲ କରିଥିଲା। ଏହାପରେ ପଦକ ସତେଯେପରି ଭାରତ ପାଇଁ ସ୍ୱପ୍ନ ପାଲଟିଯାଇଛି। ଏପରି କି ୧୯୭୮ରୁ ୨୦୧୪ ପର୍ଯ୍ୟନ୍ତ ଭାରତୀୟ ଦଳ କେବେହେଲେ ଗ୍ରୁପ୍ ପର୍ଯ୍ୟାୟ ମଧ୍ୟ ଅତିକ୍ରମ କରିପାରି ନ ଥିଲା। ୨୦୧୮ରେ ଭୁବନେଶ୍ୱରରେ ଅନୁଷ୍ଠିତ ପ୍ରତିଯୋଗିତାରେ ଭାରତ ଉନ୍ନତ ପ୍ରଦର୍ଶନ କରି କ୍ୱାର୍ଟର ଫାଇନାଲ ପର୍ଯ୍ୟନ୍ତ ଉନ୍ନୀତ ହୋଇଥିଲା। ତେଣୁ ସେହି ପରିବେଶରେ ଦଳ ଏଥର ତା'ଠାରୁ ଭଲ ପ୍ରଦର୍ଶନ ଦେଇପାରିବ ବୋଲି ଆଶା ସୃଷ୍ଟି ହୋଇଛି। ଭାରତ ଏବେ ବିଶ୍ୱ ର୍‍ୟାଙ୍କ୍‌ରେ ୬ଷ୍ଠ ସ୍ଥାନରେ ରହିଛି। ନିକଟରେ ଅଷ୍ଟ୍ରେଲିଆ ବିପକ୍ଷ ବାହାର ସିରିଜରେ ଦଳ ଯଦିଓ ୧-୪ରେ ସିରିଜ ହାରିଥିଲା ତେବେ ପ୍ରାୟ ସବୁ ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଅଷ୍ଟ୍ରେଲିଆ ବିଶ୍ୱକପ୍‌ର ଅନ୍ୟତମ ଫେଭରାଇଟ ଦଳ। ସବୁ ବିଭାଗରେ ଏହି ଦଳ ଶକ୍ତିଶାଳୀ। ଗତ ସିରିଜରେ ଭାରତୀୟ ଦଳ ସବୁ ବିଭାଗରେ ଉନ୍ନତ ପ୍ରଦର୍ଶନ ଦେବା ଯୋଗୁ ହିଁ ଅଷ୍ଟ୍ରେଲିଆକୁ ଟକ୍କର ଦେଇ ପାରିଥିଲା ଏବଂ ୬ ବର୍ଷ ବ୍ୟବଧାନରେ ଗୋଟିଏ ମ୍ୟାଚରେ ବିଜୟୀ ହୋଇଥିଲା। ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌ରେ ମଧ୍ୟ ଭାରତର ପ୍ରଦର୍ଶନ ପ୍ରଭାବୀ ରହିଥିଲା। ୨୦୨୧-୨୨ ସିଜନରେ ଦଳ ତୃତୀୟ ସ୍ଥାନ ହାସଲ କରିଥିଲା। ଫଳରେ ଖେଳାଳିଙ୍କ ମନରେ ଆତ୍ମବିଶ୍ୱାସ ବୃଦ୍ଧି ପାଇଛି।

## ରିଡ୍-ହରମନପ୍ରୀତଙ୍କ କମ୍ବିନେଶନ

୨୦୧୯ରେ ଅଷ୍ଟ୍ରେଲିଆନ ଗ୍ରାହାମ ରିଡ୍ ମୁଖ୍ୟ କୋଚ୍ ଦାୟିତ୍ୱ ନେବା ପରେ ଭାରତୀୟ ଦଳର ଶକ୍ତି ବୃଦ୍ଧି ପାଉଛି। ବୈଷୟିକ ଶୃଙ୍ଖଳା, ଦକ୍ଷତା, ପ୍ଲେଇଂ ଷ୍ଟାଇଲ୍ ସବୁଥିରେ ରିଡ୍ ଖେଳାଳିଙ୍କଠାରୁ ଶ୍ରେଷ୍ଠ ପ୍ରଦର୍ଶନ ବାହାର କରିବାରେ ସକ୍ଷମ ହୋଇଛନ୍ତି। ଫଳରେ ଭାରତୀୟ ଦଳ ପ୍ରତି ଅନ୍ୟ ଦଳଗୁଡ଼ିକର ସମ୍ମାନ ଏବଂ ଭୟ ବଢ଼ିଛି। ''ଟ୍ରେନିଂ ସମୟରେ ଭିନ୍ନ ଦୃଶ୍ୟପଟ ଉପରେ ଗୁରୁତ୍ୱ ଦେଉଛୁ। ଯଦି ଆମେ ୦-୧ରେ ପଛୁଆ ଅଛୁ ତେବେ କିପରି ଖେଳିବୁ, ଯଦି ଆମକୁ ୧୦ ଜଣିଆ ଦଳରେ ପରିଣତ ହେବାକୁ ପଡ଼ିଲା, ଯଦି ଗୋଲକିପରଙ୍କୁ ହଟାଇବା ପରିସ୍ଥିତି ସୃଷ୍ଟିହେଲା ସେହି ସ୍ଥିତିରେ କିପରି ଖେଳିବୁ ତା' ଉପରେ ଫୋକସ କରୁଛୁ। ଏହା ବର୍ତ୍ତମାନ ସମୟର ହକିରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ'' ବୋଲି ରିଡ୍ ପ୍ରକାଶ କରିଛନ୍ତି। ଏଫ୍‌ଆଇଏଚ୍ ପ୍ଲେୟର ଅଫ୍ ଦି ଇୟର ଅଧିନାୟକ ହରମନ୍‌ପ୍ରୀତ ସିଂ ଜଣେ ଅଦ୍ଭୁତ ଡିଫେଣ୍ଡର ଏବଂ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଡ୍ରାଗ୍‌ଫ୍ଲିକର। ଗୋଲକିପର ପି.ଆର. ଶ୍ରୀଜେସ, ମିଡ୍‌ଫିଲ୍ଡ ତାରକା ତଥା ଗତ ବିଶ୍ୱକପ୍‌ର ଅଧିନାୟକ ମନ୍‌ପ୍ରୀତ ସିଂ, ହାର୍ଦ୍ଦିକ ସିଂ ଓ ଷ୍ଟ୍ରାଇକର ମନ୍‌ଦୀପ ସିଂଙ୍କ ନିକଟରେ ଗେମ୍ ପରିବର୍ତ୍ତନ କରିବାର ଦକ୍ଷତା ରହିଛି। ଭାରତ ସଫଳତା ପାଇବାକୁ ହେଲେ ଏମାନଙ୍କୁ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ପଡ଼ିବ। ଏହା ବ୍ୟତୀତ ଡିଫେଣ୍ଡର ତଥା ଓଡ଼ିଶାର ତାରକା ଖେଳାଳି ଅମିତ ରୋହିଦାସ ନିକଟ ଅତୀତରେ ଦଳର ନେତୃତ୍ୱ ନେବାର ଅଭିଜ୍ଞତା ରଖିଛନ୍ତି। ସେ ମଧ୍ୟ ପେନାଲ୍ଟି କର୍ନର ସମୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି। ଏହା ବ୍ୟତୀତ ଆକାଶଦୀପ ସିଂଙ୍କ ଉପରେ ମଧ୍ୟ ନଜର ରହିବ। ଅଧିନାୟକ ହରମନ୍‌ପ୍ରୀତଙ୍କ ଉପରୁ ଯଥାସମ୍ଭବ ଚାପ ହ୍ରାସ ପାଇଁ ଉଦ୍ୟମ କରାଯିବ ବୋଲି ରିଡ୍ ସୂଚନା ଦେଇଛନ୍ତି।


ହରମନପ୍ରୀତ ସିଂ

### ହକି ବିଶ୍ୱକପ୍

(ଆଜିର ମ୍ୟାଚ)

**ଆର୍ଜେଣ୍ଟିନା ବନାମ ଦକ୍ଷିଣ ଆଫ୍ରିକା**
ସ୍ଥାନ: କଳିଙ୍ଗ ଷ୍ଟାଡିୟମ: ସମୟ ଅପରାହ୍ନ ୧ଟା

**ଅଷ୍ଟ୍ରେଲିଆ ବନାମ ଫ୍ରାନ୍ସ**
ସ୍ଥାନ: କଳିଙ୍ଗ ଷ୍ଟାଡିୟମ, ସମୟ:ଅପରାହ୍ନ ୩ଟା

**ଇଂଲଣ୍ଡ ବନାମ ୱେଲ୍ସ**
ସ୍ଥାନ: ବିର୍ସା ମୁଣ୍ଡା ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟା

**ଭାରତ ବନାମ ସ୍ପେନ୍**
ସ୍ଥାନ: ବିର୍ସା ମୁଣ୍ଡା ଷ୍ଟାଡିୟମ, ସମୟ: ରାତି ୭ଟା

ପୁଲ୍ 'ଡି'ରେ ଭାରତର ଅନ୍ୟତମ ପ୍ରତିଦ୍ୱନ୍ଦ୍ୱୀ ହେଉଛନ୍ତି ଇଂଲଣ୍ଡ ଓ ୱେଲ୍ସ। ତେଣୁ ସ୍ପେନ୍ ବିପକ୍ଷରେ ବିଜୟରୁ ଅଭିଯାନ ଆରମ୍ଭ କରିବା ଭାରତର ମୁଖ୍ୟ ଲକ୍ଷ୍ୟ ହେବ। କାରଣ ଗ୍ରୁପ୍‌ରେ ଶୀର୍ଷସ୍ଥାନ ହାସଲ କଲେ ଯାଇ ସିଧାସଳଖ କ୍ୱାର୍ଟର ଫାଇନାଲ ଯୋଗ୍ୟତା ମିଳିବ। ନଚେତ କ୍ରସ୍‌ଓଭର ସମସ୍ୟା ମଧ୍ୟଦେଇ ଗତି କରିବାକୁ ପଡ଼ିବ। କ୍ରସ୍‌ଓଭର ଦେଇ ଯୋଗ୍ୟତା ପାଇଲେ କ୍ୱାର୍ଟର ଫାଇନାଲରେ ଶକ୍ତିଶାଳୀ ଦଳକୁ ଭେଟିବା ନିଶ୍ଚିତ। ତେଣୁ ପ୍ରଥମ ଗେମ୍ ଜିତିବାକୁ ପ୍ରାଥମିକତା ଦିଆଯାଉଛି ବୋଲି ରିଡ୍ ସ୍ପଷ୍ଟ କରିଛନ୍ତି।

## ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀ

ଅନ୍ୟପକ୍ଷରେ ସ୍ପେନ୍ ସର୍ବଦା ସବୁ ଦଳ ପାଇଁ ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା ହୋଇଥାଏ। ବିଶ୍ୱ ର୍‍ୟାଙ୍କ୍‌ରେ ଏହି ଦଳ ୮ ନମ୍ବର ସ୍ଥାନରେ ରହିଛି। ତେଣୁ ଆଗାମୀ ମ୍ୟାଚରେ ମଧ୍ୟ ଏଥିରେ ବ୍ୟତିକ୍ରମ ଘଟିବାର ସମ୍ଭାବନା ନାହିଁ। ଏମିତି ଗୋଟିଏ ଲେଖାଏ ଦିନ ରହିଥାଏ ଯାହାକି ଏକ ନିର୍ଦ୍ଦିଷ୍ଟ ଦଳକୁ ସୁହାଇଥାଏ। ସେଭଳି ଦିନରେ ସ୍ପେନ୍ ପ୍ରତିଦ୍ୱନ୍ଦ୍ୱୀ ଦଳକୁ ହରାଇବାର ଦକ୍ଷତା ରଖିଛି। ଯଦିଓ ଟାଇଟଲ ସ୍ୱାଦ ଚାଖିନାହିଁ ତେବେ ଏହି ଦଳ ୨ ଥର ୧୯୭୧ ଓ ୧୯୯୮ରେ ରନରଅପ୍ ଏବଂ ୨୦୦୬ରେ ବ୍ରୋଞ୍ଜ ପଦକ ଜିତିବାର ଅଭିଜ୍ଞତା ରଖିଛି। ସ୍ପେନ୍ ଦଳର କୋଚ୍ ହେଉଛନ୍ତି ଆର୍ଜେଣ୍ଟିନାର ଅନ୍ତର୍ଜାତୀୟ ଖେଳାଳି ମ୍ୟାକ୍ସ କାଲଡାସ ଏବଂ ଅଧିନାୟକ ଆଲ୍‌ଭାରୋ ଇଗ୍‌ଲେସିଆସ। ଇଗ୍‌ଲେସିଆସ ହେଉଛନ୍ତି ଦଳର ସବୁଠାରୁ ଅଭିଜ୍ଞସମ୍ପନ୍ନ ଖେଳାଳି। ଗତ ଅକ୍ଟୋବର-ନଭେମ୍ବରରେ ଭୁବନେଶ୍ୱରରେ ଅନୁଷ୍ଠିତ ପ୍ରୋ-ଲିଗ୍‌ରେ ଦଳର ପ୍ରଦର୍ଶନ ଭଲ ରହିଥିଲା। ପ୍ରଥମ ମ୍ୟାଚରେ ଭାରତକୁ ୩-୨ ଗୋଲରେ ପରାସ୍ତ କରିଥିଲା। ଦ୍ୱିତୀୟ ମ୍ୟାଚ ୨-୨ ଗୋଲରେ ବରାବର ରହିବାରୁ ଶୁଟ୍‌ଆଉଟରେ ଭାରତଠାରୁ ହାରିଥିଲା। ଗତବର୍ଷ ଫେବୃୟାରୀରେ ଅନୁଷ୍ଠିତ ୨୦୨୧-୨୨ ପ୍ରୋ ଲିଗ୍‌ରେ ମଧ୍ୟ ସ୍ପେନ୍ ପ୍ରଥମ ମ୍ୟାଚକୁ ୫-୩ ଗୋଲରେ ଜିତିଥିଲା ଏବଂ ଦ୍ୱିତୀୟ ମ୍ୟାଚରେ ଭାରତ ୫-୪ ଗୋଲରେ ବିଜୟୀ ହୋଇଥିଲା। ''ଆମ ଖେଳାଳିଙ୍କ ମଧ୍ୟରୁ ଅଧିକାଂଶ ଅର୍ଥାତ୍ ୯୦ ପ୍ରତିଶତ ଖେଳାଳି ପ୍ରଥମଥର ପାଇଁ ବିଶ୍ୱକପ୍ ଖେଳିବାକୁ ଯାଉଛନ୍ତି। ଏହାର ଅର୍ଥ ନୁହେଁ ଯେ, ଆମେ ବିପକ୍ଷ ଦଳକୁ ଭୟକରି ଖେଳିବୁ। ଆମେ ଆମ ଷ୍ଟାଇଲ୍‌ରେ ଖେଳିବୁ ଏବଂ ବିଶ୍ୱକପ୍ ପାଇଁ ପ୍ରସ୍ତୁତ'' ବୋଲି ଆଲ୍‌ଭାରୋ ପ୍ରକାଶ କରିଛନ୍ତି। ପ୍ରୋ-ଲିଗ୍‌ରେ ଭାରତ-ସ୍ପେନ୍ ପରସ୍ପରକୁ ଭେଟିଛନ୍ତି। ଶୁକ୍ରବାର ମୁକାବିଲାରେ ପାଖାପାଖି ତା'ର ପୁନରାବୃତ୍ତି ଘଟିବ ବୋଲି ସେ କହିଛନ୍ତି।


ଆଲ୍‌ଭାରୋ ଇଗ୍‌ଲେସିଆସ

### ଖେଳାଳି ତାଲିକା

**ଭାରତ:** ହରମନ୍‌ପ୍ରୀତ ସିଂ (ଅଧିନାୟକ), ଅମିତ ରୋହିଦାସ (ଉପ-ଅଧିନାୟକ), ଅଭିଷେକ, ସୁରେନ୍ଦର କୁମାର, ମନ୍‌ପ୍ରୀତ ସିଂ, ହାର୍ଦ୍ଦିକ ସିଂ, ଜରମନ୍‌ପ୍ରୀତ ସିଂ, ମନ୍‌ଦୀପ ସିଂ, ଲଳିତ ଉପାଧ୍ୟାୟ, କ୍ରିଷ୍ଣନ ପାଠକ, ନିଲମ ସଞ୍ଜୀପ ଖେସ୍, ପି.ଆର. ଶ୍ରୀଜେସ, ନୀଳକାନ୍ତ ଶର୍ମା, ସମଶେର ସିଂ, ବରୁଣ କୁମାର, ଆକାଶଦୀପ ସିଂ, ବିବେକ ସାଗର ପ୍ରସାଦ, ସୁଖଜିତ ସିଂ।

**ସ୍ପେନ୍:** ଆଲ୍‌ଭାରୋ ଇଗ୍‌ଲେସିଆସ (ଅଧିନାୟକ), ଆନ୍ଦ୍ରେଆସ ରାଫି, ଆଲେଜାଣ୍ଡ୍ରୋ ଆଲୋନ୍‌ସୋ, ସେସାର କୁରିଏଲ, ଜାଭି ଗିସପର୍ଟ, ବୋର୍ଜା ଲାକାଲେ, ଇଗ୍ନାସିଓ ରୋଡ୍ରିଗ୍ୱେଜ, ଏନ୍‌ରିକ୍ ଗୋଞ୍ଜାଲେଜ, ଗେରାର୍ଡ କ୍ଲାପେସ, ଜୋର୍ଡି ବୋନାଷ୍ଟ୍ରେ, ଜୋଆକ୍ୱିନ ମେନିନି, ମାରିଓ ଗାର୍ସିନ, ମାର୍କ ରେନେ, ମାର୍କ ମିରାଲେସ, ପେପେ କୁନିଲ, ମାର୍କ ରେକାସେନ୍ସ, ପାଉ କୁନିଲ, ମାର୍କ ଭିଜକାଇନୋ।

# ହକି ବିଶ୍ୱକପରେ ଓଡ଼ିଆ ଇତିହାସର କଥା

ଆଗାମୀ ହକି ବିଶ୍ୱକପରେ ଓଡ଼ିଶାର ୨ ଖେଳାଳି ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଯାଉଛନ୍ତି। ସେମାନେ ହେଲେ ଡିଫେଣ୍ଡର ଅମିତ ରୋହିଦାସ ଓ ନିଲମ ସଞ୍ଜିପ ଖେସ୍। ୨୦୧୮ରେ ହୋଇଥିବା ଗତ ବିଶ୍ୱକପରେ ଅମିତଙ୍କ ସହ ବୀରେନ୍ଦ୍ର ଲାକ୍ରା ଭାରତୀୟ ଦଳରେ ସାମିଲ ଥିଲେ। ସେତେବେଳେ ଦୀର୍ଘ ୧୨ ବର୍ଷ ବ୍ୟବଧାନରେ ଭାରତୀୟ ହକି ବିଶ୍ୱକପ ଦଳରେ ଏକାଧିକ ଓଡ଼ିଆ ଖେଳାଳି ସାମିଲ ହେବାର ସୁଯୋଗ ପାଇଥିଲେ। କାରଣ ପୂର୍ବରୁ ୨୦୦୬ରେ ଭାରତୀୟ ଦଳରେ ଏକାଧିକ ଓଡ଼ିଆ ଖେଳାଳି ସାମିଲ ହେବାର ସୁଯୋଗ ପାଇଥିଲେ। ୨୦୦୬ ବିଶ୍ୱକପରେ ଦିଲୀପ, ଇଗ୍ନେସ ତିର୍କୀ ଓ ପ୍ରବୋଧ ତିର୍କୀ ଭାରତ ପକ୍ଷରୁ ଖେଳିଥିଲେ। କେବଳ ସେତିକି ନୁହେଁ ପ୍ରଥମ ଓଡ଼ିଆ ଖେଳାଳିଭାବେ ଦିଲୀପ ବିଶ୍ୱକପରେ ଭାରତୀୟ ଦଳର ନେତୃତ୍ୱ ନେଇ ରାଜ୍ୟକୁ ଗର୍ବିତ କରିଥିଲେ। ୨୦୧୦ରେ କୌଣସି ଓଡ଼ିଆ ଖେଳାଳି ଜାତୀୟ ଦଳରେ ସୁଯୋଗ ପାଇ ନ ଥିବାବେଳେ ୨୦୧୪ରେ ଏକମାତ୍ର ବୀରେନ୍ଦ୍ର ୧୮ ଜଣିଆ ଦଳରେ ସ୍ଥାନ ପାଇବାରେ ସକ୍ଷମ ହୋଇଥିଲେ।

ଇତିହାସ ଅବଲୋକନ କଲେ ଜଣାଯାଏ ହକି ବିଶ୍ୱକପ ୧୯୭୧ ମସିହାରୁ ଆରମ୍ଭ ହୋଇଥିଲେ ହେଁ ଓଡ଼ିଶା ଖେଳାଳିଙ୍କ ପ୍ରତିନିଧିତ୍ୱ ୧୯୯୮ରେ ଆରମ୍ଭ ହୋଇଥିଲା। ଅର୍ଥାତ୍ ୮ଟି ସଂସ୍କରଣ ପରେ ଭାରତ ପକ୍ଷରୁ କୌଣସି ଓଡ଼ିଶା ଖେଳାଳି ପ୍ରତିନିଧିତ୍ୱ କରିବାର ଗୌରବ ପାଇଥିଲେ। ନେଦରଲାଣ୍ଡର ଉଟ୍ରେଚ୍‌ଠାରେ ଅନୁଷ୍ଠିତ ଏହି ବିଶ୍ୱକପରେ ୨ ଜଣ ଓଡ଼ିଆ ଖେଳାଳି ଦିଲୀପ ତିର୍କୀ ଓ ଲାଜରୁସ ବାର୍ଲା ଭାରତ ପକ୍ଷରୁ ଖେଳିଥିଲେ। ୨୦୦୨ କୁଆଲାଲମ୍ପୁର ବିଶ୍ୱକପରେ ମଧ୍ୟ ଖେଳିବାର ସୁଯୋଗ ପାଇଥିଲେ ଦିଲୀପ ଓ ଲାଜରୁସ।

ହକି ମହାକୁମ୍ଭ ଏଥର ଭୁବନେଶ୍ୱର ଓ ରାଉରକେଲାରେ ଆୟୋଜନ ହେବାକୁ ଯାଉଛି। ୨୦୧୮ରେ ଅମିତ ବିଶ୍ୱକପ୍ ଖେଳିବାର ଅଭିଜ୍ଞତା ରଖିଥିବାରୁ ଏଥର ଦ୍ୱିତୀୟ ଥରପାଇଁ ଏହି ମେଗା ଟୁର୍ନାମେଣ୍ଟରେ ନିଜ ଯାଦୁ ଦେଖାଇବାର ସୁଯୋଗ ପାଇଛନ୍ତି। ଅନ୍ୟ ପକ୍ଷରେ ନିଜ ଦକ୍ଷତା ଦ୍ୱାରା ଚୟନକର୍ତ୍ତାଙ୍କୁ ପ୍ରଭାବିତ କରି ପାରିଥିବା ନିଲମ ଏଥର ପ୍ରଥମଥରପାଇଁ ବିଶ୍ୱକପରେ ଖେଳିବାର ଅନୁଭୂତି ଲାଭ କରିବେ। କଳିଙ୍ଗ ଓ ବିର୍ସାମୁଣ୍ଡା ଷ୍ଟାଡିୟମ ଘରୋଇ ପଡ଼ିଆ ହୋଇଥିବାରୁ ଉଭୟ ଅମିତ ନିଲମ ଦର୍ଶକ ସମର୍ଥନ ଲାଭ କରିବା ସହ ଶ୍ରେଷ୍ଠ ପ୍ରଦର୍ଶନ କରିବେ ବୋଲି ଓଡ଼ିଶା ହକି ପ୍ରେମୀଙ୍କ ଆଶା ରହିଛି।

## ଦିଲୀପ ତିର୍କୀ ନେଇଥିଲେ ଭାରତର ନେତୃତ୍ୱ



ଅନ୍ତର୍ଜାତୀୟ ସ୍ତରରେ କୌଣସି ଓଡ଼ିଆ ଖେଳାଳି ଜାତୀୟ ଦଳର ନେତୃତ୍ୱ ନେବାରେ ଦିଲୀପ ଏକମାତ୍ର ଦୃଷ୍ଟାନ୍ତ ନୁହନ୍ତି। ଦିଲୀପ ଏହି ଧାରା ଆରମ୍ଭ କରିଛନ୍ତି ସତ, ମାତ୍ର ପରେ ଏହି ତାଲିକାରେ ଆହୁରି ଅନେକ ଓଡ଼ିଆ ଯୋଡ଼ି ହୋଇଯାଇଛନ୍ତି। ସେମାନେ ହେଲେ ଇଗ୍ନେସ ତିର୍କୀ, ପ୍ରବୋଧ ତିର୍କୀ, ଜ୍ୟୋତି ସୁନୀତା କୁଲୁ, ସୁଭଦ୍ରା ପ୍ରଧାନ, ସୁନୀତା ଲାକ୍ରା ଅମିତ ରୋହିଦାସ, ବୀରେନ୍ଦ୍ର ଲାକ୍ରା ଏବଂ ଜୁନିୟରରେ ଦୀପସାନ ତିର୍କୀ। ଦିଲୀପ କେବଳ ବିଶ୍ୱକପରେ ନୁହନ୍ତି କ୍ରୀଡ଼ା ମହାକୁମ୍ଭ ଅଲିମ୍ପିକ୍ସରେ ମଧ୍ୟ ଜାତୀୟ ଦଳର ନେତୃତ୍ୱ ନେବାର ଅନୁଭୂତି ବହନ କରୁଛନ୍ତି। ୨୦୦୪ ଏଥେନ୍ସ ଅଲିମ୍ପିକ୍ସରେ ସେ ଭାରତୀୟ ଦଳର ଅଧିନାୟକ ଥିଲେ।

ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫଆଇଏଚ୍) ଆନୁକୂଲ୍ୟରେ ୧୯୭୧ରେ ଆରମ୍ଭ ହୋଇଥିଲା ହକି ବିଶ୍ୱକପ। ପ୍ରତିଯୋଗିତାର ସର୍ବ ପ୍ରଥମ ସଂସ୍କରଣରେ ପାକିସ୍ତାନ ପିନ୍ଧିଥିଲା ବିଜୟ ମୁକୁଟ। ସ୍ପେନର ବାର୍ସିଲୋନାରେ ଅନୁଷ୍ଠିତ ଏହି ମେଗା ପ୍ରତିଯୋଗିତାର ଫାଇନାଲରେ ସ୍ପେନକୁ ହରାଇ ପାକିସ୍ତାନ ଚାମ୍ପିୟନ ହୋଇଥିଲା। ପ୍ଲେ-ଅଫ୍‌ରେ କେନିୟାକୁ ହରାଇ ଭାରତ ବ୍ରୋଞ୍ଜ ପଦକ ହାସଲ କରିଥିଲା। ୧୯୭୩ ନେଦରଲାଣ୍ଡର ଆମଷ୍ଟେଲଭିନଠାରେ ଅନୁଷ୍ଠିତ ଦ୍ୱିତୀୟ ସଂସ୍କରଣରେ ଘରୋଇ ନେଦରଲାଣ୍ଡ ଟାଇଟଲ ହାସଲ କରିଥିଲା। ଏଥିରେ ଭାରତ ଚମତ୍କାର ପ୍ରଦର୍ଶନ କରିଥିଲେ ହେଁ ଫାଇନାଲରେ ନେଦରଲାଣ୍ଡଠାରୁ ପେନାଲ୍ଟି ଷ୍ଟ୍ରୋକ୍ ୨-୪ ଗୋଲରେ ହାରି ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲା। ପଶ୍ଚିମ ଜର୍ମାନୀ ତୃତୀୟ ଓ ପାକିସ୍ତାନ ୪ର୍ଥ ସ୍ଥାନ ପାଇଥିଲା। ୧୯୭୫ ମାଲେସିଆର କୁଆଲାଲମ୍ପୁରରେ ଅନୁଷ୍ଠିତ ୩ୟ ସଂସ୍କରଣରେ ଭାରତ ହୋଇଥିଲା ବିଶ୍ୱ ବିଜେତା। ଅଜିତ ପାଲ୍‌ସିଂଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଫାଇନାଲରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୨-୧ ଗୋଲରେ ହରାଇ ଚାମ୍ପିୟନ ହୋଇଥିଲା। ପଶ୍ଚିମ ଜର୍ମାନୀ ଓ ମାଲେସିଆ ପରିବର୍ତ୍ତୀ ୨ ସ୍ଥାନ ଅଧିକାର କରିଥିଲେ। ୧୯୭୮ରେ ପାକିସ୍ତାନ, ନେଦରଲାଣ୍ଡ, ଅଷ୍ଟ୍ରେଲିଆ, ପଶ୍ଚିମ ଜର୍ମାନୀ, ୧୯୮୨ରେ ପାକିସ୍ତାନ, ପଶ୍ଚିମ ଜର୍ମାନୀ, ଅଷ୍ଟ୍ରେଲିଆ, ନେଦରଲାଣ୍ଡ, ୧୯୮୬ରେ ଅଷ୍ଟ୍ରେଲିଆ, ଇଂଲଣ୍ଡ, ପଶ୍ଚିମ ଜର୍ମାନୀ, ସୋଭିଏଟ୍ ୟୁନିୟନ, ୧୯୯୦ରେ ନେଦରଲାଣ୍ଡ, ଅଷ୍ଟ୍ରେଲିଆ, ପାକିସ୍ତାନ,ପଶ୍ଚିମ ଜର୍ମାନୀ, ୧୯୯୪ରେ ପାକିସ୍ତାନ, ନେଦରଲାଣ୍ଡ, ଅଷ୍ଟ୍ରେଲିଆ, ଜର୍ମାନୀ, ୧୯୯୮ରେ ନେଦରଲାଣ୍ଡ, ସ୍ପେନ, ଜର୍ମାନୀ, ଅଷ୍ଟ୍ରେଲିଆ, ୨୦୦୨ରେ ଜର୍ମାନୀ, ଅଷ୍ଟ୍ରେଲିଆ, ନେଦରଲାଣ୍ଡ, ଦକ୍ଷିଣ କୋରିଆ, ୨୦୦୬ରେ ଜର୍ମାନୀ, ଅଷ୍ଟ୍ରେଲିଆ, ସ୍ପେନ, ଦକ୍ଷିଣ କୋରିଆ, ୨୦୧୦ରେ ଅଷ୍ଟ୍ରେଲିଆ, ଜର୍ମାନୀ, ନେଦରଲାଣ୍ଡ, ଇଂଲଣ୍ଡ ଏବଂ ୨୦୧୪ରେ ଅଷ୍ଟ୍ରେଲିଆ, ନେଦରଲାଣ୍ଡ, ଆର୍ଜେଣ୍ଟିନା ଓ ଇଂଲଣ୍ଡ ପ୍ରଥମ ୪ ସ୍ଥାନ ଅଧିକାର କରିଥିଲେ। ରେକର୍ଡ ଅନୁସାରେ ପାକିସ୍ତାନ ସର୍ବାଧିକ ୪ଥର, ନେଦରଲାଣ୍ଡ ଓ ଅଷ୍ଟ୍ରେଲିଆ ୩ ଥର ଲେଖାଏ, ଜର୍ମାନୀ ୨ ଥର ଓ ଭାରତ ଥରେ ଚାମ୍ପିୟନ ହୋଇଛନ୍ତି।


୧୯୭୫ରେ ଚାମ୍ପିୟନ ଭାରତୀୟ ହକି ଦଳ।

# ସିରିଜ୍ ଜିତିଲା ଭାରତ

## ରାହୁଲଙ୍କ ଲଢୁଆ ଅର୍ଦ୍ଧଶତକ

**କୋଲକାତା,୧୨ା୧**

ଭାରତ ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚ୍‌କୁ ଜିତି ୨-୦ରେ ଅଗ୍ରଣୀ ସହ ୩ ମ୍ୟାଚ୍ ବିଶିଷ୍ଟ ସିରିଜକୁ ଆଗୁଆ କବ୍‌ଜା କରିନେଇଛି। ଗୁରୁବାର ଐତିହାସିକ ଇଡେନ୍ ଗାର୍ଡେନ୍ସରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ବୋଲରଙ୍କ ସଫଳତା ଓ ଲୋକେଶ ରାହୁଲଙ୍କ ଲଢୁଆ ଅର୍ଦ୍ଧଶତକ ବଳରେ ଭାରତ ୪ ଉଇକେଟରେ ବିଜୟୀ ହୋଇଛି। ଟସ୍ ଜିତି ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ବେଳେ ଗୋଟିଏ ପରିବର୍ତ୍ତନ ସହିତ ପଡିଆକୁ ଓହ୍ଲାଇଥିଲା ଭାରତ। ୟୁଜବେନ୍ଦ୍ର ଚହଲଙ୍କ ସ୍ଥାନରେ କୁଲଦୀପ ଯାଦବ ଏହି ମ୍ୟାଚ ଖେଳିଥିଲେ। ଶ୍ରୀଲଙ୍କାର ଟପ୍ ୩ ବ୍ୟାଟରଙ୍କ ଠାରୁ ଭଲ ଅବଦାନ ମିଳିଥିଲା। ତେବେ ମିଡିଲ ଓଭରରେ କୁଲଦୀପ ଯାଦବ ଓ ଉମ୍ରାନ ମଲିକଙ୍କ ଘାତକ ବୋଲିଂ ବଳରେ ଶ୍ରୀଲଙ୍କା ମାତ୍ର ୨୧୫ ରନରେ ସୀମିତ ରହିଥିଲା। ଦିନିକିଆ ପଦାର୍ପଣ କରିଥିବା ନୁୱାନିଡୁ ଫର୍ନାଣ୍ଡୋ ଟପ୍ ସ୍କୋରର ରହିବା ସହିତ ୫୦ ରନ୍ ସ୍କୋର କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କୁଶଲ ମେଣ୍ଡିସ ୩୪ ଓ ଦୁନିଥ ୱେଲାଲାଗେ ୩୨ ରନ୍‌ର ଇନିଂସ ଖେଳିଥିଲେ। ଏକଦା ୧ ଉଇକେଟରେ ୧୦୨ ରନ୍ କରିଥିବା ବେଳେ ଶ୍ରୀଲଙ୍କା ପରବର୍ତ୍ତୀ ୫୧ ରନରେ ୭ ଉଇକେଟ ହରାଇଥିଲା। ୧୫୨ ରନରେ ୭ ଉଇକେଟର ପତନ ଘଟିଥିଲେ ମଧ୍ୟ ୱାନିନ୍ଦୁ ହସରଙ୍ଗା ୨୧, ଦୁନିଥ ୱେଲାଲାଗେ ୩୨, କସୁନ୍ ରଜିଥା ୧୭ ଓ ଚାମିକା କରୁଣାରତ୍ନେଙ୍କ ୧୭ ରନ୍ ବଳରେ ଭ୍ରମଣକାରୀ ଦଳ ୨୧୫ ରନରେ ପହଞ୍ଚିଥିଲା। ଭାରତ ପକ୍ଷରୁ ମହମ୍ମଦ ସିରାଜ ଓ କୁଲଦୀପ୍ ଯାଦବ ୩ଟି ଲେଖାଏ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉମ୍ରାନ୍ ମଲିକ ୨ ଓ ଅକ୍ଷର ପଟେଲ ଗୋଟିଏ ଉଇକେଟ ନେଇଥିଲେ। ୨୧୬ ରନର ଲକ୍ଷ୍ୟ ଭାରତ ପାଇଁ ସହଜ ରହିବା ନେଇ ଆଶା କରାଯାଉଥିଲା। ତେବେ ଶ୍ରୀଲଙ୍କା ବୋଲର ନିୟମିତ ବ୍ୟବଧାନରେ ଉଇକେଟ ଅକ୍ତିଆର କରିବା ସହିତ ଏହାକୁ କଷ୍ଟସାଧ୍ୟ ବନାଇ ଦେଇଥିଲେ। ଲୋକେଶ ରାହୁଲ ଅପରାଜିତ ଧୈର୍ଯ୍ୟପୂର୍ଣ୍ଣ ୬୪ ରନ୍ କରିବା ସହିତ ଭାରତକୁ ବିଜୟୀ କରିଥିଲେ। ଦୁଇ ଓପନର ରୋହିତ ଶର୍ମା(୧୭) ଓ ଶୁବମାନ ଗିଲ୍(୨୧) ଭାରତକୁ ଏକ ଦ୍ରୁତ ଆରମ୍ଭ ପ୍ରଦାନ କରିଥିଲେ। ୪୧ ରନ୍ ମଧ୍ୟରେ ଉଭୟ ଓପନର ପ୍ୟାଭିଲିୟନ୍ ଫେରିଥିବା ବେଳେ ଗତ ମ୍ୟାଚର ଶତକ ହାସଲକାରୀ ବିରାଟ କୋହଲି(୪) ମଧ୍ୟ ବିଫଳ ହୋଇଥିଲେ। ଶ୍ରେୟସ ଆୟାର (୨୮) ପୁଣି ଏକ ଭଲ ଆରମ୍ଭ ପାଇଥିଲେ ହେଁ ଏହାକୁ ବଡ ସ୍କୋର କରିବାରେ ବିଫଳ ହୋଇଥିଲେ। ୮୬ ରନରେ ୪ ଉଇକେଟ ହରାଇ ଭାରତ ସଙ୍କଟରେ ପଡିଥିବା ବେଳେ ଅସୀମ ଧୈର୍ଯ୍ୟର ପରିଚୟ ଦେଇଥିଲେ ଲୋକେଶ ରାହୁଲ। ଅପରାଜିତ ୬୪ ରନର ଇନିଂସ ଖେଳିବା ସହିତ ସେ ଭାରତକୁ ବିଜୟୀ କରିଥିଲେ। ୧୦୩ ବଲର ଏହି ଇନିଂସରେ ୬ ଚୌକା ସାମିଲ ଥିଲା। ହାର୍ଦ୍ଦିକ ପାଣ୍ଡ୍ୟା ୩୬ଙ୍କ ସହିତ ୭୫ ଓ ଅକ୍ଷର ପଟେଲ ୨୧ଙ୍କ ସହିତ ୩୦ ରନ୍ ଯୋଡିଥିଲେ ରାହୁଲ। ୧୯୧ ରନରେ ଷଷ୍ଠ ବ୍ୟାଟର ଭାବରେ ଅକ୍ଷର ଆଉଟ ହୋଇଥିଲେ। କୁଲଦୀପ ଯାଦବ(୧୦)ଙ୍କ ସହିତ ମିଶି ଭାରତକୁ ସିରିଜ ବିଜୟୀ କରିଥିଲେ ରାହୁଲ। ଶ୍ରୀଲଙ୍କା ପକ୍ଷରୁ ଚାମିକା କରୁଣାରତ୍ନେ ଓ ଲାହିରୁ କୁମାରା ୨ଟି ଲେଖାଏ ଉଇକେଟ ନେଇଥିଲେ। ଭାରତ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜକୁ ଆଗୁଆ ଜିତି ନେଇଥିବା ବେଳେ ଅନ୍ତିମ ମ୍ୟାଚଟି ବର୍ତ୍ତମାନ ଏହାର ଗୁରୁତ୍ୱ ହରାଇଛି। କୁଲଦୀପ ଯାଦବଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଥିଲା।



ଦାସୁନ ଶନକାଙ୍କୁ ଆଉଟ କରିବା ପରେ କୁଲଦୀପ ଯାଦବ।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ୩୯.୪ ଓଭରରେ ୨୧୫/୧୦ (ନୁୱାନିଡୁ ଫର୍ନାଣ୍ଡୋ-୫୦, କୁଶଲ ମେଣ୍ଡିସ-୩୪, ଦୁନିଥ ୱେଲାଲାଗେ-୩୨, କୁଲଦୀପ ଯାଦବ-୩/୫୧, ମହମ୍ମଦ ସିରାଜ-୩/୩୦, ଉମ୍ରାନ ମଲିକ-୨/୪୮)।

ଭାରତ ୪୩.୨ ଓଭରରେ ୨୧୯/୬ (ଲୋକେଶ ରାହୁଲ-୬୪*, ହାର୍ଦ୍ଦିକ୍ ପାଣ୍ଡ୍ୟା-୩୬, ଶ୍ରେୟସ ଆୟାର-୨୮, ଚାମିକା କରୁଣାରତ୍ନେ-୨/୫୧, ଲାହିରୁ କୁମାରା-୨/୬୪, ଧନଞ୍ଜୟ ଡି ସିଲ୍‌ଭା-୧/୯)।

# ଓଡ଼ିଶା ପୋଷ୍ଟାଲ ଟିମ୍‌କୁ ୭ ପଦକ



ପଦକ ବିଜୟୀ ଓଡ଼ିଶା ପୋଷ୍ଟାଲ ଦଳ।

**ଭୁବନେଶ୍ୱର, ୧୨ା୧ (ସ୍ପୋର୍ଟ୍ସ ବ୍ୟୁରୋ)**

## ସର୍ବଭାରତୀୟ ପୋଷ୍ଟାଲ ଆଥ୍‌ଲେଟିକ ମିଟ୍

କେରଳର ଥିରୁଭାନ୍ଥପୁରମଠାରେ ସର୍ବଭାରତୀୟ ପୋଷ୍ଟାଲ ଓ ସାଇକ୍ଲିଂ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶା ଗୋଟିଏ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ହାସଲ କରିଛି। ରେଣୁବାଳା ମହନ୍ତ (୪.୯୬ମିଟର) ମହିଳା ଲଙ୍ଗଜମ୍ପରେ ଏକ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ଆହୁରି ମଧ୍ୟ ୧୦୦ମିଟର ଦୌଡ଼ ୧୩.୯୪ ସେକେଣ୍ଡ ଟାଇମିଂରେ ଶେଷ କରି ରୌପ୍ୟ ପଦକ ଲାଭ କରିଛନ୍ତି। ରେଣୁବାଳା ମହନ୍ତ , ରୂପଶ୍ରୀ ପୋଥାଲ, ତୁଳସୀ ବେହେରା ଓ ପ୍ରିୟଙ୍କା ମିଶ୍ରଙ୍କୁ ନେଇ ଓଡ଼ିଶା ମହିଳା ରିଲେ ଦଳ ୪x୧୦୦ ମିଟର ରିଲେ ରେସ୍‌ରେ ଏକ ବ୍ରୋଞ୍ଜ ପଦକ ପାଇଛନ୍ତି। ଅନ୍ୟ ପଦକ ବିଜେତାଙ୍କ ମଧ୍ୟରେ ଧର୍ମେଧର ମହନ୍ତ ୧୬.୮୦ ଟାଇମିଂରେ ୧୧୦ ମିଟର ହର୍ଡଲ୍ସରେ ବ୍ରୋଞ୍ଜ ଜିତିଛନ୍ତି। ସେହିପରି ୨୦ କିମି ୱାକିଂରେ ଦିଲୀପ ରାଉତ ବ୍ରୋଞ୍ଜ ପଦକ ହାସଲ କରିଥିବା ବେଳେ ଗୋପୀନାଥ ମହାନ୍ତି (୧.୦୨ ସେକେଣ୍ଡ) ୪୦୦ମିଟର ହର୍ଡଲ୍ସ ଏବଂ ମଳୟ ରଞ୍ଜନ ପତି (୪୨.୫୪ ମିଟର) ଗୋଟିଏ ଲେଖାଏଁ ରୌପ୍ୟ ପାଇଛନ୍ତି।

# ନେହେରୁ ଗୋଲ୍ଡ କପ୍ ହକି: ସିଏଜି ଉପବିଜେତା

**ଭୁବନେଶ୍ୱର,୧୨ା୧ (ସ୍ପୋର୍ଟ୍ସ ବ୍ୟୁରୋ)**

ନେହେରୁ ସୋସାଇଟି ଆନୁକୂଲ୍ୟରେ ହକି ଇଣ୍ଡିଆ ସହଯୋଗରେ ୫୮ତମ ନେହେରୁ ଗୋଲ୍ଡ କପ୍(ପୁରୁଷ) ହାଇଦ୍ରାବାଦସ୍ଥିତ ଦକ୍ଷିଣ କେନ୍ଦ୍ରୀୟ ରେଲୱେ ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଅନୁଷ୍ଠିତ ଫାଇନାଲରେ ଇଣ୍ଡିଆନ୍ ନେଭି ୪-୩ରେ ସିଏଜିକୁ ପରାସ୍ତ କରିଛି। ବୁଧବାର ଅନୁଷ୍ଠିତ ସେମିଫାଇନାଲରେ ସିଏଜି ହକି ଦଳ ଶକ୍ତିଶାଳୀ ପଞ୍ଜାବକୁ ୪-୩ ଗୋଲରେ ପରାସ୍ତ କରି ଫାଇନାଲ ଯୋଗ୍ୟତା ଅର୍ଜନ କରିଥିଲା। ଫାଇନାଲର ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ରହିଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ ପରସ୍ପକୁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଖେଳ ବରାବର ରହିବାରୁ ପେନାଲଟି ଶୁଟଆଉଟର ଆଶ୍ରୟ ନିଆଯାଇଥିଲା। ଇଣ୍ଡିଆନ୍ ନେଭି ଦଳ ୪-୩ ଗୋଲରେ ବିଜୟଲାଭ କରିଥିଲା। ଦୀର୍ଘ ୫୫ ବର୍ଷ ପରେ ଇଣ୍ଡିଆନ୍ ନେଭି ଟାଇଟଲ ଜିତିଥିବା ବେଳେ ୧୨ ବର୍ଷ ପରେ ପ୍ରଥମ ଥର ପାଇଁ ଫାଇନାଲ ଖେଳିଥିଲା ସିଏଜି। ସିଏଜି ଦଳରେ ଓଡ଼ିଶା ଏଜି ହକି ଦଳର ମଧ୍ୟଭାଗ ଖେଳାଳି ଭାବେ ସତୀଶ ଯାଦବ ଓ ଓଡ଼ିଶା ହକିର ପ୍ରାକ୍ତନ ଖେଳାଳି ପ୍ରଣବ କିଶୋର ପଟ୍ଟନାୟକ ସିଏଜି ଟିମ୍‌ର କୋଚ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଏହା ପୂର୍ବରୁ ସେ ଓଡିଶା ଦଳର କୋଚ ଭାବେ ଜାତୀୟ କ୍ରୀଡାରେ ରୌପ୍ୟ ଓ ଜୁନିୟର ଜାତୀୟ କ୍ରୀଡାରେ ୩ ସ୍ୱର୍ଣ୍ଣ ପାଇଥିଲେ। ଏହି ଅବସରରେ ମହାଲେଖାକାର କାର୍ଯ୍ୟାଳୟ ସିଏଜି ଦଳକୁ ଶୁଭେଚ୍ଛା ଜଣାଇଛି।

# ଆନ୍ଧ୍ରକୁ ହରାଇ ଫାଇନାଲରେ ଓଡ଼ିଶା

**ଭୁବନେଶ୍ୱର, ୧୨ା୧ (ସ୍ପୋର୍ଟ୍ସ ବ୍ୟୁରୋ)**

ବେଙ୍ଗାଲୁରୁସ୍ଥିତ ଅଲ୍‌ଟୋର୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଚାଲିଥିବା ୩ୟ ଜାତୀୟ ଦୃଷ୍ଟିବାଧିତ ମହିଳା କ୍ରିକେଟ ଟୁର୍ନାମେଣ୍ଟ ୨୦୨୩ରେ ଓଡ଼ିଶା ଫାଇନାଲରେ ପ୍ରବେଶ କରିଛି। ଦଳ ସେମିଫାଇନାଲରେ ଆନ୍ଧ୍ର ପ୍ରଦେଶକୁ ୧୦ ଉଇକେଟରେ ପରାସ୍ତ କରିଛି।

## ଜାତୀୟ ଦୃଷ୍ଟିବାଧିତ ମହିଳା କ୍ରିକେଟ

ଗୁରୁବାର ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ଆନ୍ଧ୍ର ପ୍ରଦେଶ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ବିନିମୟରେ ୭୮ରନ କରିଥିଲା। ଓଡ଼ିଶାର ଫୁଲ ସୋରେନ ଓ ଯମୁନା ରାଣୀ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିବା ବେଳେ ୫ଜଣ ଖେଳାଳି ରନଆଉଟ ହୋଇଥିଲେ। ୭୯ ରନର ବିଜୟ ଲକ୍ଷ୍ୟକୁ ଓଡ଼ିଶା ୫.୪ ଓଭରରେ ବିନା କୌଣସି ଉଇକେଟରେ ହାସଲ କରିନେଇଥିଲା। ଦଳ ପକ୍ଷରୁ ଦୁଇ ଓପନର ବାସନ୍ତୀ ହାଁସଦା ୪୬ (୨୪ବଲ୍ ୬ ଚୌକା) ଏବଂ ଝିଲି ବିରୁଆ ୨୮ (୧୨ ବଲ୍, ୫ ଚୌକା) ରନ କରି ଅପରାଜିତ ରହିଥିଲେ। ବାସନ୍ତୀ ହାଁସଦା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପ୍ରଥମ ସେମିଫାଇନାଲରେ କର୍ଣ୍ଣାଟକ ଦିଲ୍ଲୀକୁ ପରାସ୍ତ କରିଥିଲା। ଶୁକ୍ରବାର ଫାଇନାଲ ମ୍ୟାଚ ଓଡ଼ିଶା ଓ କର୍ଣ୍ଣାଟକ ମଧ୍ୟରେ ଖେଳାଯିବ। ସୂଚନାଯୋଗ୍ୟ, ଟୁର୍ନାମେଣ୍ଟର ପ୍ରଥମ ସଂସ୍କରଣରେ କର୍ଣ୍ଣାଟକକୁ ପରାସ୍ତ କରି ଓଡ଼ିଶା ଚାମ୍ପିୟନ ହୋଇଥିଲା। ଦ୍ୱିତୀୟ ସଂସ୍କରଣ ଫାଇନାଲରେ କର୍ଣ୍ଣାଟକଠାରୁ ହାରି ଓଡ଼ିଶା ରନରଅପ୍ ହୋଇଥିଲା।




ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି ବାସନ୍ତୀ ହାଁସଦା।

# ଆଫଗାନିସ୍ତାନ ବିପକ୍ଷ ଦିନିକିଆ ସିରିଜରୁ ଓହରିଲା ଅଷ୍ଟ୍ରେଲିଆ

**ମେଲବୋର୍ନ, ୧୨ା୧(ପି.ଟି.)**

ଆଫଗାନିସ୍ତାନ ବିପକ୍ଷ ଆଗାମୀ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜରୁ ଅଷ୍ଟ୍ରେଲିଆ ଓହରିଯାଇଛି। କ୍ରିକେଟ ଅଷ୍ଟ୍ରେଲିଆ(ସିଏ) ତରଫରୁ ଏହା ଘୋଷଣା କରାଯାଇଛି। ଆଇସିସି ସୁପର ଲିଗ୍‌ର ଅଂଶବିଶେଷ ସ୍ୱରୂପ ଅଷ୍ଟ୍ରେଲିଆ ମାର୍ଚ୍ଚରେ ୟୁଏଇରେ ଆଫଗାନିସ୍ତାନ ବିପକ୍ଷରେ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଖେଳିଥାନ୍ତା। ଭାରତ ଟୁର୍ ଶେଷ କରିବା ପରେ ଅଷ୍ଟ୍ରେଲିଆ ଏହି ସିରିଜ ଖେଳିବାର କାର୍ଯ୍ୟକ୍ରମ ରହିଥିଲା। ତାଲିବାନ୍‌ମାନେ ନିକଟରେ ମହିଳା ଏବଂ ବାଳିକାଙ୍କ ଶିକ୍ଷା, ନିଯୁକ୍ତି ସୁଯୋଗ, ପାର୍କ ଓ ଜିମ୍ ଯିବା ଉପରେ ପୁନର୍ବାର କଟକଣା ଜାରି କରିଥିବାରୁ କ୍ରିକେଟ ଅଷ୍ଟ୍ରେଲିଆ ଏହି ନିଷ୍ପତ୍ତି ନେଇଛି। ଆଫଗାନିସ୍ତାନ ସମେତ ସାରା ବିଶ୍ୱରେ ମହିଳା ଓ ପୁରୁଷ ଖେଳର ବିକାଶ କ୍ଷେତ୍ରରେ ସହାୟତା ପାଇଁ ଅଷ୍ଟ୍ରେଲିଆ ପ୍ରତିଶ୍ରୁତିବଦ୍ଧ। ଦେଶରେ ମହିଳା ଓ ବାଳିକାଙ୍କ ଅବସ୍ଥାରେ ଉନ୍ନତି ଆଣିବା କ୍ଷେତ୍ରରେ ଆଫଗାନିସ୍ତାନ କ୍ରିକେଟ ବୋର୍ଡ ସହ ଏହାର ସମ୍ପର୍କ ଜାରି ରଖିବ ବୋଲି କ୍ରିକେଟ ଅଷ୍ଟ୍ରେଲିଆ କହିଛି।

# ଓଲି ରାଇଜ ବୁଲି ଦେଖିଲେ ମୁଖ୍ୟମନ୍ତ୍ରୀ



କଳିଙ୍ଗ ଷ୍ଟାଡିୟମ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଲି ରାଇଜ ବୁଲି ଦେଖୁଛନ୍ତି।

**ଭୁବନେଶ୍ୱର, ୧୨ା୧ (ବ୍ୟୁରୋ)**

ଶୁକ୍ରବାରଠାରୁ ଆରମ୍ଭ ହେଉଛି ବିଶ୍ୱକପ୍ ହକି। ପ୍ରଥମ ଦିନର ମ୍ୟାଚ୍ କଳିଙ୍ଗ ଷ୍ଟାଡିୟମ୍‌ରେ ଖେଳାଯିବାକୁ ଥିବାବେଳେ ପ୍ରସ୍ତୁତି ଶେଷ ହୋଇଛି। ମ୍ୟାଚ୍ ପୂର୍ବରୁ ଗୁରୁବାର ସନ୍ଧ୍ୟାରେ 'ଓଲି ରାଇଜ' ବୁଲି ଦେଖିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। କଳିଙ୍ଗ ଷ୍ଟାଡିୟମ୍‌ରେ ହୋଇଥିବା ଓଲି ରାଇଜ ସହ ବିଭିନ୍ନ ସାଜସଜ୍ଜାକୁ ବୁଲି ଦେଖିଥିଲେ। ପ୍ରସ୍ତୁତିକୁ ଦେଖି ମୁଖ୍ୟମନ୍ତ୍ରୀ ଏହାର ପ୍ରଶଂସା କରିବା ସହ ସାଧାରଣ ଲୋକଙ୍କ ସହିତ ସେଲ୍‌ଫି ଉଠାଇଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ପାଖରେ ପାଇ ଲୋକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଦେଇଥିଲା। ମୁଖ୍ୟମନ୍ତ୍ରୀଙ୍କ ସହିତ ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ମଧ୍ୟ ଓଲି ଲ୍ୟାଣ୍ଡ ବୁଲି ଦେଖିଥିଲେ। ହକି ପାଇଁ ଲୋକଙ୍କ ମଧ୍ୟରେ ଉତ୍ସାହ ଭରିବାକୁ ଏହି ବ୍ୟବସ୍ଥା କରାଯାଇଛି । ମ୍ୟାଚ ନ ଥିବା ଦିନ ଜନସାଧାରଣଙ୍କ ପାଇଁ ଅପରାହ୍ଣ ୩ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଏହି ସ୍ଥାନ ଖୋଲାରହିବ। ଷ୍ଟାଡିୟମ୍ ଭିତରେ ବୁଲି ଲୋକେ ହକିକୁ ନେଇ ନିଆରା ଅନୁଭବ ସାଉଣ୍ଟି ପାରିବେ। ଓଲି ଲ୍ୟାଣ୍ଡରେ ବିଭିନ୍ନ ଆକୃତିର ଆଲୋକ ସଜ୍ଜା ସାଙ୍ଗକୁ ଅନେକ ସ୍ଥାନରେ ସୁନ୍ଦର ସୁନ୍ଦର ସେଲଫି ପଏଣ୍ଟ ନିର୍ମାଣ କରାଯାଇଛି।

# ହିମାଚଳ ଆଗରେ ୩୦୮ ରନ୍‌ର ଲକ୍ଷ୍ୟ

**ଭୁବନେଶ୍ୱର,୧୨ା୧(ସ୍ପୋର୍ଟ୍ସ ବ୍ୟୁରୋ)**

ହିମାଚଳ ପ୍ରଦେଶର ଅଟଳ ବିହାରୀ ବାଜପେୟୀ କ୍ରିକେଟ ଷ୍ଟାଡିୟମରେ ହିମାଚଳ ପ୍ରଦେଶ ଆଗରେ ୩୦୮ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି ଓଡ଼ିଶା। ଅଭିଜ୍ଞ ଗୋବିନ୍ଦ ପୋଦ୍ଦାରଙ୍କ ଲଢୁଆ ଶତକ ବଳରେ ତୃତୀୟ ଦିନରେ ଓଡ଼ିଶା ୩୭୪ ରନରେ ଅଲଆଉଟ ହୋଇଛି। ଅନ୍ତିମ ଦିବସରେ ଓଡ଼ିଶାକୁ ବିଜୟ ପାଇଁ ୧୦ ଉଇକେଟ ଆବଶ୍ୟକ ରହିଥିବା ବେଳେ ହିମାଚଳକୁ ଆବଶ୍ୟକ ୩୦୮ ରନ୍।

## ଗୋବିନ୍ଦ ପୋଦ୍ଦାରଙ୍କ ଶତକ

ଦ୍ୱିତୀୟ ଦିନର ଅସମାପ୍ତ ସ୍କୋର ୨୯/୦ରୁ ଖେଳ ଆରମ୍ଭ କରି ଦଳୀୟ ସ୍କୋର ୫୯ରେ ପହଞ୍ଚାଇଥିଲେ। ଶାନ୍ତନୁ ମିଶ୍ର ୨୯ ଓ ଅନୁରାଗ ଷଡଙ୍ଗୀ ୨୫ ମାତ୍ର ୬ ରନ୍ ବ୍ୟବଧାନରେ ପ୍ୟାଭିଲିୟନ୍ ଫେରିଥିଲେ। ଏହାପରେ ଅଂଶୁମାନ ରଥ(୧୨) ଓ ଖାତା ଖୋଲିବା ପୂର୍ବରୁ କାର୍ତ୍ତିକ ବିଶ୍ୱାଳ ଆଉଟ ହେବାରୁ ଓଡ଼ିଶା ୭୬ ରନ୍‌ରେ ୪ ଉଇକେଟ ହରାଇଥିଲା। ଶୁଭ୍ରାଂଶୁ ସେନାପତି (୨୬) ଦଳୀୟ ସ୍କୋର ୧୨୦ ରନରେ ଆଉଟ ହେବା ପରେ ଓଡ଼ିଶା ମାତ୍ର ୫୩ ରନରେ ଆଗୁଆ ରହିଥିଲା। ତେବେ ଓଡ଼ିଶାର ଅଭିଜ୍ଞ ଖେଳାଳି ଗୋବିନ୍ଦ ପୋଦ୍ଦାର ଓ ପ୍ରୟାସ ସିଂ ମଙ୍ଗ ସମ୍ଭାଳିଥିଲେ। ପୋଦ୍ଦାର ନିଜ ରଣଜୀ କ୍ୟାରିୟରର ୭ମ ଶତକ ହାସଲ କରିଥିବା ବେଳେ ପ୍ରୟାସ ସିଂ(୭୩)ଙ୍କ ସହିତ ଯୋଡିଥିଲେ ୧୨୦ ରନ୍। ପୋଦ୍ଦାର ୧୭୬ ବଲ୍ ଖେଳି ୧୭ ଚୌକା ସହ ୧୩୫ ରନ୍‌ରେ ଆଉଟ ହୋଇଥିଲେ। ୧୦୧ ବଲ୍ ଖେଳିଥିବା ପ୍ରୟାସ ନିଜ ଇନିଂସରେ ୭ ଚୌକା ଓ ୩ ଛକା ମାରିଥିଲେ। ଏହାପରେ ଉଇକେଟ କିପର ସୁଜିତ ଲେଙ୍କା ୧୫ ରନ୍ କରି ପ୍ୟାଭିଲିୟନ୍ ଫେରିଥିଲେ। ଅଷ୍ଟମ ଉଇକେଟରେ ପୋଦ୍ଦାର ଓ ସୂର୍ଯ୍ୟକାନ୍ତ ପ୍ରଧାନ(୫୦*) ଯୋଡିଥିଲେ ୯୩ ରନ୍। ୩୭ ବଲ୍ ଖେଳିଥିବା ସୂର୍ଯ୍ୟକାନ୍ତ ୨ ଚୌକା ଓ ୪ ଛକା ମାରିଥିଲେ। ୯ ରନରେ ଓଡ଼ିଶା ଅନ୍ତିମ ୩ ଉଇକେଟ ହରାଇଥିଲା। ହିମାଚଳ ପ୍ରଦେଶ ପକ୍ଷରୁ ବୈଭବ ଅରୋରା, କେ.ଡି. ସିଂ, ମୟଙ୍କ ଡଗର ଓ ବିନୟ ଗଲେଟିଆ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ରିଷି ଧାୱନ ଅନ୍ୟ ଉଇକେଟଟି ଅକ୍ତିଆର କରିଥିଲେ।



ଗୋବିନ୍ଦ ପୋଦ୍ଦାର

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ- ୧୯୧/୧୦। ହିମାଚଳ ପ୍ରଦେଶ ପ୍ରଥମ ଇନିଂସ- ୭୬.୫ ଓଭରରେ ୨୫୮/୧୦ (ପ୍ରଶାନ୍ତ ଚୋପ୍ରା-୧୩୮, ଅମିତ କୁମାର-୪୬,ରାଘବ ଧାୱନ-୨୭, ସୁନୀଲ ରାଉଳ-୬/୬୦, ବସନ୍ତ ମହାନ୍ତି-୧/୫୦, ସୂର୍ଯ୍ୟକାନ୍ତ ପ୍ରଧାନ-୨/୭୩)। ଓଡ଼ିଶା ଦ୍ୱିତୀୟ ଇନିଂସ- ୯୫.୫ ଓଭରରେ ୩୭୪/୧୦ ( ଗୋବିନ୍ଦ ପୋଦ୍ଦାର-୧୩୫, ପ୍ରୟାସ ସିଂ-୭୩, ସୂର୍ଯ୍ୟକାନ୍ତ ପ୍ରଧାନ-୫୦*, ବୈଭବ ଅରୋରା-୨/୮୬, କେ.ଡି. ସିଂ-୨/୭୭, ମୟଙ୍କ ଡଗର-୨/୭୨)।

# ମାଲେସିଆ ଓପନ ବ୍ୟାଡ୍‌ମିଣ୍ଟନ: ପ୍ରଣୟ କ୍ୱାର୍ଟରଫାଇନାଲରେ

**କୁଆଲାଲମ୍ପୁର,୧୨ା୧(ପି.ଟି.)**

ଭାରତୀୟ ବ୍ୟାଡ୍‌ମିଣ୍ଟନ ଷ୍ଟାର ଏଚ୍.ଏସ୍. ପ୍ରଣୟ ତାଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖି ମାଲେସିଆ ଓପନ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ସେ ବିଶ୍ୱର ୧୯ନମ୍ବର ର୍‍ୟାଙ୍କିଙ୍ଗ ଇଣ୍ଡୋନେସିଆର ଚିକୋ ଅଉରା ଦ୍ୱି ୱାରଦୋୟୋଙ୍କୁ ୨୧-୯, ୧୫-୨୧, ୨୧-୧୬ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ ଜିତିବା ଲାଗି ପ୍ରଣୟ ୧ ଘଣ୍ଟା ୪ ମିନିଟ ସମୟ ନେଇଥିଲେ। ବିଶ୍ୱର ୮ନମ୍ବର ମାନ୍ୟତାପ୍ରାପ୍ତ ତଥା କେରଳର ଏହି ୩୦ବର୍ଷୀୟ ଖେଳାଳି ବର୍ତ୍ତମାନ ମାଲେସିଆର ଏଙ୍ଗ୍ ଜି ୟଙ୍ଗ୍ କିମ୍ବା ଜାପାନର କୋଡାଇ ନାରୋକାଙ୍କୁ ଭେଟିବେ। ବିଶ୍ୱର ୫ ନମ୍ବର ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ମଧ୍ୟ ପୁରୁଷ ଡବଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଏହି ଯୋଡ଼ି ୨୧-୧୯,୨୨-୨୦ ଇଣ୍ଡୋନେସିଆର ମହମ୍ମଦ ଶୋହିବୁଲ୍ ଫିକ୍ରି ଓ ବେଗାସ ମୌଲାନାଙ୍କୁ ହରାଇ ଦେଇଛନ୍ତି।

# ଜିଲାପାଳ, ଏସ୍‌ପି, ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ରିପୋର୍ଟ ତଲବ

■ କଣ୍ଟାବାଞ୍ଜି ଜେଲରେ ଗୋବିନ୍ଦ ସାହୁଙ୍କ ମୃତ୍ୟୁ ମାମଲା

■ ଓଏଚ୍‌ଆର୍‌ସିଙ୍କୁ ମଧ୍ୟ ରିପୋର୍ଟ ମାଗିଲେ ଏନ୍‌ଏଚ୍‌ଆର୍‌ସି

ଭୁବନେଶ୍ୱର,୧୨।୧(ବ୍ୟୁରୋ)

ବହୁଚର୍ଚ୍ଚିତ ମମିତା ମେହେର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କର କଣ୍ଟାବାଞ୍ଜି ଜେଲରେ ସନ୍ଦେହଜନକ ମୃତ୍ୟୁ ଘଟଣାରେ ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ରିପୋର୍ଟ ତଲବ କରିଛନ୍ତି। ଏହି ମାମଲାରେ କମିଶନ ବଲାଙ୍ଗୀର ଜିଲାପାଳ, ଏସ୍‌ପି ଏବଂ କଣ୍ଟାବାଞ୍ଜି ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ତଦନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ରାଜ୍ୟ ମାନବ ଅଧିକାର କମିଶନଙ୍କୁ ୬ ସପ୍ତାହ ଭିତରେ ୧୫ଟି ସମ୍ବେଦନଶୀଳ ତଥ୍ୟର ସମସ୍ତ ତଦନ୍ତ ରିପୋର୍ଟ ଦେବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାନୁସାରେ, ମହାଲିଙ୍ଗ ସନ୍‌ଶାଇନ୍ ପବ୍ଲିକ ସ୍କୁଲର ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ଗତ ଡିସେମ୍ବର ୨୦ରେ ଜେଏମ୍‌ଏଫ୍‌ସି କୋର୍ଟରେ ହାଜର ହୋଇଥାନ୍ତେ। କିନ୍ତୁ ତା' ପୂର୍ବରୁ କଣ୍ଟାବାଞ୍ଜି ଜେଲରେ ତାଙ୍କର ସନ୍ଦେହଜନକ ଅବସ୍ଥାରେ ମୃତଦେହ ମିଳିଥିଲା। ତେବେ ଏହା ହତ୍ୟା ନା ଆତ୍ମହତ୍ୟା ଏଯାବତ୍ ସ୍ପଷ୍ଟ ହୋଇ ନ ଥିବା ବେଳେ ତାଙ୍କ ପକେଟରୁ ଏକ ଲଫାପା ମିଳିଥିଲା। ସେ ଆତ୍ମହତ୍ୟା କରିଥିବା କୁହାଯାଉଥିବାବେଳେ ଗୋବିନ୍ଦଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଥିଲେ। ତେଣୁ ଏହି ଘଟଣା ନେଇ 'ନ୍ୟାୟ ପାଇଁ ଲଢେଇ ପରିବାର'ର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଏନ୍‌ଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି କମିଶନ ତଦନ୍ତ ପାଇଁ ଏକ କେସ୍ (ନମ୍ବର ୨୧୨୬୨/ଇନ୍/୨୦୨୨) ରୁଜୁ କରିଥିଲେ।ଅନ୍ୟପଟେ କ୍ରାଇମବ୍ରାଞ୍ଚ ଏହି ଘଟଣାର ତଦନ୍ତ ଜାରି ରଖିଥିଲେ ମଧ୍ୟ ଅଦ୍ୟାବଧି ରହସ୍ୟ ଉପରୁ ପରଦା ହଟିପାରିନାହିଁ।

# ଶ୍ରଦ୍ଧାଞ୍ଜଳିଙ୍କୁ ହାଜର ପାଇଁ କୋର୍ଟ ସମନ

**ଅର୍ଚ୍ଚନାଙ୍କ ବେଆଇନ ଅର୍ଥ କାରବାର ମାମଲା**

■ ନୟାଗଡ଼ର ଜଣେ ରାଜନେତାଙ୍କୁ ଅର୍ଚ୍ଚନା ବ୍ଲାକମେଲ୍ କରୁଥିଲେ

■ ୨୪ରେ ଭିଡିଓ କଲ୍‌ରେ ହାଜର ହେବେ ସମସ୍ତ ଅଭିଯୁକ୍ତ

ଭୁବନେଶ୍ୱର,୧୨।୧(ବ୍ୟୁରୋ)

ବହୁଚର୍ଚ୍ଚିତ ବ୍ଲାକ୍‌ମେଲର ଅର୍ଚ୍ଚନା ନାଗ, ସ୍ୱାମୀ ଜଗବନ୍ଧୁ ଚାନ୍ଦ ଏବଂ ବ୍ୟବସାୟିକ ସହଯୋଗୀ ଖଗେଶ୍ୱର ପାତ୍ର ଝାରପଡ଼ା ଜେଲରେ ଥିବାବେଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ତଦନ୍ତ କରାଯାଉଥିବା ଏହି ବେଆଇନ ଅର୍ଥ କାରବାର ମାମଲାରେ ୪ର୍ଥ ଅଭିଯୁକ୍ତ ଥିବା ଶ୍ରଦ୍ଧାଞ୍ଜଳି ବେହେରା ଏପର୍ଯ୍ୟନ୍ତ ଗିରଫ ହୋଇନାହାନ୍ତି। ତେବେ ଏଭଳି ସ୍ଥିତିରେ ତାଙ୍କୁ କୋର୍ଟରେ ହାଜର ହେବାକୁ ଖୋର୍ଦ୍ଧା ଜିଲା ଓ ଦୌରା ଜଜ୍ ସମନ କରିଛନ୍ତି। ଆସନ୍ତା ୨୪ ତାରିଖରେ ଶ୍ରଦ୍ଧାଞ୍ଜଳିଙ୍କୁ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ରହିଛି। ସେହି ଦିନ ଅର୍ଚ୍ଚନା, ଜଗବନ୍ଧୁ, ଖଗେଶ୍ୱର ମଧ୍ୟ ଭିଡିଓ କଲ୍ ଜରିଆରେ କୋର୍ଟରେ ହାଜର ହେବେ।

ଅନ୍ୟପକ୍ଷରେ ଏହି ମାମଲାରେ ଇଡି ପକ୍ଷରୁ ଅର୍ଚ୍ଚନା, ଜଗବନ୍ଧୁ, ଖଗେଶ୍ୱର ଓ ଶ୍ରଦ୍ଧାଞ୍ଜଳିଙ୍କ ସମେତ ୪ ଜଣଙ୍କ ବିରୋଧରେ କୋର୍ଟରେ ଦାଖଲ ହୋଇଥିବା ୨ ହଜାର ୨୪୧ ପୃଷ୍ଠା ସମ୍ବଳିତ ପ୍ରାଥମିକ ଚାର୍ଜଶିଟ୍‌ରେ କେତେକ ସାଂଘାତିକ ତଥ୍ୟ ରହିଛି। ଚାର୍ଜଶିଟ୍ ଅନୁଯାୟୀ, ଶ୍ରଦ୍ଧାଞ୍ଜଳିଙ୍କୁ ବ୍ୟବହାର କରି ସିନେ ପ୍ରଯୋଜକ ଅକ୍ଷୟ ପରିଜାଙ୍କୁ ଅର୍ଚ୍ଚନା ବ୍ଲାକମେଲ କରୁଥିଲେ। ଆଉ ଏକ ବଡ଼ କଥା ହେଉଛି, ଅକ୍ଷୟଙ୍କ ସହ ନୟାଗଡ଼ର ଜଣେ ରାଜନେତା ତଥା ବ୍ୟବସାୟୀଙ୍କୁ ମଧ୍ୟ ଅର୍ଚ୍ଚନା ବ୍ଲାକମେଲ କରୁଥିବା ଉକ୍ତ ଚାର୍ଜଶିଟ୍‌ରେ ଇଡି ଉଲ୍ଲେଖ କରିଛି। ତେବେ ଏହି ତଥ୍ୟ ସାମ୍ନାକୁ ଆସିବା ପରେ ଅର୍ଚ୍ଚନାଙ୍କ ବ୍ଲାକମେଲ୍‌ର ଶିକାର ହୋଇଥିବା ଉକ୍ତ ନେତାଙ୍କୁ ନେଇ ଚାରିଆଡ଼େ ଚର୍ଚ୍ଚା ଲାଗି ରହିଛି। ଇଡି ତାଙ୍କ ନାଁ ନ ଲେଖି ଜଣେ ରାଜନେତା ତଥା ବ୍ୟବସାୟୀ ବୋଲି ଚାର୍ଜଶିଟ୍‌ରେ ଉଲ୍ଲେଖ କରିଛି। ତେଣୁ ଉକ୍ତ ରାଜନେତା ଜଣଙ୍କ କିଏ ଓ କେଉଁ ଦଳର ବୋଲି ପ୍ରଶ୍ନ ଉଠିଛି। ତେବେ ଏହି ମାମଲାର ତଦନ୍ତକୁ ଖୋଲା ରଖାଯାଇଥିବାବେଳେ ଇଡି ପକ୍ଷରୁ ପରବର୍ତ୍ତୀ ସମୟରେ ମିଳିବାକୁ ଥିବା ଅଧିକ ପ୍ରମାଣ ସହ ଏକ ପୂର୍ଣ୍ଣାଙ୍ଗ ଚାର୍ଜଶିଟ୍ ଦାଖଲ କରାଯିବ।

ସୂଚନାଯୋଗ୍ୟ, ଏହି ସମୟରେ ଅର୍ଚ୍ଚନା ଓ ଜଗବନ୍ଧୁଙ୍କଠାରୁ ଜବତ ହୋଇଥିବା ଡିଜିଟାଲ ପ୍ରମାଣପତ୍ରକୁ ଇଡି ସେଣ୍ଟ୍ରାଲ ଫୋରେନ୍‌ସିକ୍ ସାଇନ୍ସ ଲ୍ୟାବ୍ (ସିଏଫ୍‌ଏସ୍‌ଏଲ୍)କୁ ପଠାଇ ଯାଞ୍ଚ କରିବାକୁ କୋର୍ଟଙ୍କ ନିକଟରେ ଆବେଦନ କରିଛି। ଅର୍ଚ୍ଚନାଙ୍କ ଏକ ଦାମୀ କାର୍ ଓ ସତ୍ୟବିହାରସ୍ଥିତ ୩.୬୪ କୋଟିର ଆଲିଶାନ ଘରକୁ ଇଡି ଆଟାଚ୍ କରିଥିବାବେଳେ ଅନ୍ୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ବାଜ୍ୟାପ୍ତ ପ୍ରକ୍ରିୟା ଜାରି ରଖିଛି।

# ଜୁନ୍ ସୁଦ୍ଧା କଟକ-ସମ୍ବଲପୁର ଜାତୀୟ ରାଜପଥର ୯୦% କାର୍ଯ୍ୟ ସରିବ

**ସମ୍ବଲପୁର ଜିଲାରେ ମୁଖ୍ୟ ଶାସନ ସଚିବଙ୍କ ସମୀକ୍ଷା**

■ ମାର୍ଚ୍ଚ ସୁଦ୍ଧା ୨ ଲେନ୍‌ର କାର୍ଯ୍ୟ ଶେଷ ହେବ

ଭୁବନେଶ୍ୱର,୧୨।୧(ବ୍ୟୁରୋ)

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଗୁରୁବାର ସମ୍ବଲପୁର ଜିଲା ଗସ୍ତକରି କଟକ-ସମ୍ବଲପୁର ଜାତୀୟ ରାଜପଥରେ ୪ ଲେନ୍ ବିଶିଷ୍ଟ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ମୁଖ୍ୟ ଶାସନ ସଚିବ କ୍ଷେତ୍ରୀୟ ପରିଦର୍ଶନରେ ଯାଇ ଜାତୀୟ ରାଜପଥ-୫୫ର କଟକ-ସମ୍ବଲପୁର ରାଜପଥର କାର୍ଯ୍ୟକୁ ତୁରନ୍ତ ଶେଷ କରିବାକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କଟକ-ସମ୍ବଲପୁର ରାଜପଥର ୩ଟି ପର୍ଯ୍ୟାୟ ତଥା କଟକ-ଅନୁଗୋଳ-୧, କଟକ-ଅନୁଗୋଳ-୨, ଅନୁଗୋଳ-ସମ୍ବଲପୁର-୩ର କାର୍ଯ୍ୟ ଦୀର୍ଘଦିନ ହେଲା ପଡ଼ି ରହିଥିବାରୁ ଯାତାୟାତରେ ବାଧା ସୃଷ୍ଟି ହେବା ସହ ଦୁର୍ଘଟଣା ହେଉଥିବାରୁ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଆସନ୍ତା ମାର୍ଚ୍ଚ ସୁଦ୍ଧା ଉକ୍ତ ପଥରେ ୨ ଲେନ୍ କାର୍ଯ୍ୟ ଶେଷ ଏବଂ ଆସନ୍ତା ଜୁନ୍ ସୁଦ୍ଧା ୯୦ ପ୍ରତିଶତ କାର୍ଯ୍ୟ ଶେଷ କରିବା ନେଇ ବୈଠକରେ ଆଲୋଚନା ହୋଇଛି। ଏହାସହ ଉକ୍ତ ରାଜପଥରେ ଥିବା ପ୍ରମୁଖ ଫ୍ଲାଏଓଭର, ରିଂ ରୋଡ୍, ହାତୀ ଯାତାୟାତ ପାଇଁ ଅଣ୍ଡରପାସ୍ ଏବଂ ଯାନବାହନ ନିମନ୍ତେ ମୁଖ୍ୟ ଅଣ୍ଡରପାସ୍ କାର୍ଯ୍ୟ ଆସନ୍ତା ଜୁନ୍ ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗୁରୁବାର ସକାଳେ ମୁଖ୍ୟ ଶାସନ ସଚିବ ସମ୍ବଲପୁର ଯିବା ବାଟରେ ଢେଙ୍କାନାଳ ଓ ଅନୁଗୋଳ ଜିଲାରେ କ୍ଷେତ୍ରୀୟ ପରିଦର୍ଶନ କରି ଜିଲାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଜିଲାପାଳ ଏବଂ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ଏହି ସମୀକ୍ଷା ବୈଠକରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସୁରେଶ ଚନ୍ଦ୍ର ଦଳାଇ, ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ, ଆରକ୍ଷୀ ଅଧୀକ୍ଷକ ବି.ଗଙ୍ଗାଧର, ଜାତୀୟ ରାଜପଥ ସମ୍ବଲପୁର ଶାଖା ପ୍ରକଳ୍ପ ନିର୍ଦ୍ଦେଶକ କେ.ନାଗେଶ୍ୱର ରାଓ, ସିଜିଏମ୍ ରାମପ୍ରସାଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ନକଲି ସୁନା ବନ୍ଧକ ଦେଇ ୭୦ ଲକ୍ଷ ଠକେଇ

**ଦୁଇ ଗିରଫ, ମୁଖ୍ୟ କାର୍ପଟଦାର ଫେରାର**

ଫୁଲବାଣୀ ଅଫିସ, ୧୨।୧

ନକଲି ସୁନା ବନ୍ଧକ ରଖି ଋଣ ବାବଦରେ ୭୦ ଲକ୍ଷ ୮୭ ହଜାର ୮୭୨ ଟଙ୍କା ଠକେଇ ହୋଇଛି। ଫୁଲବାଣୀ ମନ୍ନପୁରମ୍ ଗୋଲ୍ଡ ଲୋନ ଶାଖାରେ ଏହି ଘଟଣା ଘଟିଛି। ଶାଖାର ଦୁଇଜଣ କର୍ମଚାରୀ ଏବଂ ଋଣ ନେଇଥିବା ବ୍ୟକ୍ତିଙ୍କ ଜାଣତରେ ଏଭଳି କାର୍ଯ୍ୟ ହୋଇଛି। ଗୋଲ୍ଡ ଲୋନ ଶାଖାରୁ ୨ କେଜି ନକଲି ସୁନା ଠାବ କରାଯାଇଛି। ଏତେ ପରିମାଣର ନକଲି ସୁନା ବନ୍ଧକ ରଖାଗଲା ବେଳେ ଅନ୍ୟ ଅଧିକାରୀମାନେ କିପରି ଜାଣିପାରିଲେ ନାହିଁ ତାହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣାରେ ଟାଉନ ଥାନା ପୋଲିସ ଫୁଲବାଣୀ ଶାଖା ପରିଚାଳକ ପୂର୍ଣ୍ଣଚନ୍ଦ୍ର ବେହେରା ଓ ସହକାରୀ ପରିଚାଳକ ଅଶ୍ରୁମୋଚନ ବିଶ୍ୱାଳଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ନକଲି ସୁନା ବନ୍ଧକ ରଖି ଋଣ ନେଇଥିବା ପ୍ରଶାନ୍ତ କୁମାର ସେନାପତି ଫେରାର ଅଛନ୍ତି।

ବନ୍ଧକ ଥିବା ସୁନା ନକଲି ବୋଲି ମନ୍ନପୁରମ୍ ଫାଇନାନ୍ସ ଲିମିଟେଡ୍ ବ୍ରହ୍ମପୁର ଆଞ୍ଚଳିକ ପରିଚାଳକ ସୁବାଶିଷ ଦାସ କୌଣସି ସୂତ୍ରରୁ ଖବର ପାଇଥିଲେ। ଏ ନେଇ ସେ ଗତ ଡିସେମ୍ବର ୯ ତାରିଖରେ ଫୁଲବାଣୀ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଗତ ୩ ତାରିଖରେ ଫୁଲବାଣୀ ଶାଖାରେ ଅଡିଟ କରାଯାଇଥିଲା। ଅଡିଟ ବେଳେ ୨ କେଜି ନକଲି ସୁନା ବନ୍ଧକ ରଖାଯାଇଥିବା ଜଣାପଡ଼ିଥିଲା। ଘଟଣାରେ ସମ୍ପୃକ୍ତ ପ୍ରଶାନ୍ତଙ୍କୁ ଗିରଫ କରିବା ପାଇଁ ଉଦ୍ୟମ ଜାରି ରହିଥିବା ପୋଲିସ ସୂଚନା ଦେଇଛି। ଏ ସମ୍ପର୍କରେ ଥାନାଧିକାରୀ ଅଶୋକ କୁମାର ଗିରିଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇନାହାନ୍ତି।


## OFFICE OF THE DEAN & PRINCIPAL GOVERNMENT MEDICAL COLLEGE

KEONJHAR - 758001, Email: keonjharmc@gmail.com

Order No. 52/GMCH, Keonjhar Date: 10.01.2023

**SEALED TENDER FOR MEDICAL BOOKS & JOURNALS**

No. E-816: Sealed tenders are invited from the Registered firms separately for supply of Medical 'Books' and 'Journals' (Indian & Foreign) in two bid system i.e. Technical Bid and Financial Bid, so as to reach the office of the undersigned on or before 30.01.2023, 5 P.M. The details are available in the website: **www.gmchkeonjhar.odisha.gov.in** and **kendujhar.nic.in**. Interested bidders can go through the details in the website and submit tender documetns accordingly. Incomplete tender document in any respect shall not be entertained. The undersigned reserves the right to cancel the tender in full or parts anytime without assigning any reason thereof. Sealed tenders through Speed Post/Registered Post/Courier shall only be acceptable.

Last date of submission of Tender: 30.01.2023 before 5.00 P.M.

Opening of Tender Bid (Technical & Financial): 31.01.2023 at 11.30 A.M.

**Sd./- Dean & Principal**
**Govt. Medical College, Keonjhar**

OIPR-10201/11/0002/2223

ANNEXURE-I

## GOVERNMENT OF ODISHA ELECTRONICS & INFORMATION TECHNOLOGY DEPARTMENT

**Tender Call Notice**

No.U-58:- Sealed tenders are invited from the local, experienced and registered organisation/Firms for engaging the Services of Security Personnel at **Odisha State Electronics Development Corporation Ltd.**, Bhubaneswar for a period of one year vide Tender Call Notice No. 96/E&IT, Dated: 11.01.2023. The last date for receipt of Tender is 31.01.2023 upto 3.00 P.M.

The deail of the Tender Call notice is available in the website of the State Govt. i.e. http://www.odisha.gov.in/portal. All future addendums / corrigendum, if any, will be hosted in the above website only.

**Sd./- Authorised Officer**
**E & IT Department**

OIPR-47001/11/0002/2223

## OFFICE OF THE PANCHAYAT SAMITI, SUKRULI

At/P.O.: Sukruli, Dist.: Mayurbhanj, Odisha, PIN - 757039

E-Mail: ori-Sukruli@nic.in

Advt. No. 02/BDO-Sukruli/2022-23 Dt.10.01.2023

**CORRIGENDUM**

No. i-335: In continuation of this office Tender Call Notice No. 01/2022-23 Dt.23.12.2022 published vide Letter No. 2747 Dtd.23.12.2022 in the daily Odia Newspapers The Dharitri and Odisha Bhaskar the following changes will be made.

The date of opening of tender papers: 19.01.2023 at 11.00 A.M. at Block Conference Hall, Office of the BDO, Sukruli instead of 13.01.2023 at 11.00 A.M.

All terms and conditions for submission of bid remain unchanged.

**Sd./- Block Development Officer**
**Sukruli, Mayurbhanj**

OIPR-19281/11/0002/2223

## OFFICE OF THE COLLECTOR & DISTRICT MAGISTRATE, JAGATSINGHPUR

**(District Social Welfare Section)**

Ph.: 06724-220865, E-Mail: dswojspur@nic.in

**TENDER CALL NOTICE**

No. 80 Dt.07.01.2023

No. g-93: Sealed tenders are invited from the intending eligible and Registered Firms/Authorized licenced transport contractor/agents for undertaking ICDS Project wise transportation of Rice & Wheat under the carriage by Road Act 2007 and the Carriage by Road Rule 2011 from concerned Transportation Authority for Transportation of Rice & Wheat under SNP & SAG feeding programme in all 8 Nos. ICDS of Jagatsinghpur District **(Balikuda, Biridi, Erasama, Jagatsinghpur, Kujanga, Naugaon, Raghunathpur and Tirtol ICDS Project)** for the year 2023-2024.

Details of the Term & Condition is available in the Office of the Collector, Jagatsinghpur (Social Welfare Section) and District Website i.e. **www.Jagatsinghpur.nic.in**.

The details of tender process as follows:

1. Period of Sale of Tender document from : 10.01.2023 (10.00 A.M.) to 30.01.2023 (5.30 P.M.)
2. Last date for receipt of tender document : 03.02.2023 (5.00 P.M.)
3. Date of Opening of Tender : 04.02.2023 (4 P.M.)
4. Tender Paper Cost : Rs.5000.00 (Rupees Five thousand) only

**Sd./- Collector & District Magistrate**
**Jagatsinghpur**

OIPR-24275/11/0008/2223

No. i-334

## PANCHAYAT SAMITI BOIPARIGUDA, DISTRICT: KORAPUT

**TENDER CALL NOTICE**

| | |
|---|---|
| Name of the Institution | : Panchayat Samiti, Boipariguda, District: Koraput |
| Telephone | : 06854-245423 |
| E-mail | : **ori-boipariguda@nic.in** |
| Bid Reference Number | : Tender-03/2022-23 of Panchayat Samiti, Boipariguda, Dtd.10.01.2023 |
| Date of Publication of Tender | : Dt.11.01.2023 |
| Availability of Bid document in the website **(www.koraput.nic.in)** | : From Dt.11.01.2023 to Dt.04.02.2023 (Upto 5.30 P.M.) |
| Last date and time of receipt of Bid documents | : Dt.04.02.2023 upto 5.30 P.M. |
| Date and time of Opening of Tender | : Dt.06.02.2023 at 11.30 A.M. Chamber of the Block Development Officer, Boipariguda, District: Koraput |
| Address for Communication | : Office of the Block Development Officer, Boipariguda, At/P.O./P.S.: Boipariguda, District: Koraput, PIN - 764043 (Odisha) |

**Sd./- Block Development Officer**
**Boipariguda**

OIPR-19157/11/0003/2223

No.CAD-4452

## idco | ODISHA NEW OPPORTUNITIES

File No. HO/Civil/T&E-4575/01/2021/750 Dt.09.01.2023

## OFFICE OF THE CHIEF GENERAL MANAGER (CIVIL), IDCO, IDCO TOWER, BHUBANESWAR

Bid Identification No. Civil/EST-44/2022-23

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. Name of the Work: Construction of 600 Seated Ladies Hostel (G+3) and Science Block (G+2) at BPUT Campus, Rourkela.
2. Value of the Work: Rs.3401.67/- (Approx.)
3. Period of Completion: 12 (Twelve) Calendar Months
4. Availability of tender online for Bidding:
   I. Start Date: 18.00 hours of Dt.18.01.2023.
   II. End Date: 17.00 hours of Dt.13.02.2023.
   III. Opening Date: 11.30 hours of Dt.14.02.2023.

Tender details can be seen from the e-Procurement portal **www.tendersorissa.gov.in**. Corrigendum or Addendum if any will not be published in Newspapers and can be seen in e-procurement portal as well as in IDCO website.

**Sd./- Chief General Manager (Civil)**
**IDCO, Bhubaneswar**

OIPR-14003/11/0266/2223

See Career Appointment on every Wednesday & Saturday

No.CAD-4461:

## obcc ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ

(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)

## ODISHA BRIDGE & CONSTRUCTION CORPORATION LIMITED

**(A Government of Odisha Undertaking under Works Department)**

No.192 Date:11.01.2023

File SMT-1814, Vol-II

**NOTICE INVITING TENDER**

| | | |
|---|---|---|
| 1 | Name of Work | Development of Cricket Field of play (FOP) with ancillary facilities at Jharsuguda Cricket Stadium, Jharsuguda, Odisha on Turnkey basis. |
| 2 | Bid Identification No. of the tender document | 69/Tender/OBCC/2022-23 |
| 3 | Date of availability in e-procurement portal | From 13.01.2023 |
| 4 | Last date & time of receipt of online bid | 02.02.2023 till 5.00 P.M. |
| 5 | Bid Processing Fee (Non-Refundable) | Rs.11,800/- (including GST) |
| 6 | Class of Contractor | A Class |

9. Further details can be seen from the e-procurement portal https://www.tendersodisha.gov.in.
10. OBCC has the right to accept or reject the Tender/RFP/Proposal without assigning any reasons thereof.
11. Further details with any addendum, corrigendum, cancellation can be seen from the e-Procurement portal https://www.tendersodisha.gov.in.

**Sd./- EIC-cum-Managing Director**

OIPR-34161/11/0038/2223

## OFFICE OF THE SUPERINTENDING ENGINEER R.W.DIVISION, ANANDAPUR, SALAPADA, KEONJHAR

**e-Procurement Notice for Road works Identification No.Online-03/SERW/AND/2022-23**

**E-mail address: eerw_anandapur@yahoo.co.in**

**No.6, Dt. 07.01.2023**

**No.O-1604:**6.Name of the Work: DMF Road works for the year 2022-23. 7. Total No. of works: 02 (Two) (Percentage rate Tender). 8. Estimated Cost: Approx. Estimate Cost Rs.43.71 lakhs to Rs.45.16 lakhs. 9. Class of Contractor: Only 'B' Class. 10. Other details:

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender: Office of the Superintending Engineer, R.W. Division, Anandapur |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, R.W. Division, Anandapur | Online 06/ SERW/AND/ 2022-23 | 16.01.2023 at 10.00 A.M. | 25.01.2023 upto 5.00 P.M. | 24.01.2023 upto 5.00 P.M. | 27.01.2023 at 11.30 A.M. |

Further details can be seen from the website www.tendersorissa.gov.in. & www.tenders.ori.nic.in.

**Sd./- Superintending Engineer, R.W.Division, Anandapur**

OIPR-25055/11/0007/2223

## ODISHA STATE SEEDS CORPORATION LIMITED

**(A GOVERNMENT UNDERTAKING)**
**SANTARAPUR,BHUBANESWAR- 751002**
**Tel-MD 0674-2340573, Email:mdosscltd456@gmail.com**
**TENDER CALL NOTICE**
**No.OSSC/Engg-82/2023**

**No.CAD-4457:**The Managing Director, Odisha State Seeds Corporation Ltd invites the following tenders through ONLINE through e-procurement site of Govt. of Odisha www.tenderodisha.gov.in.Percentage Rate Tenders from eligible Civil Works contractors registered under competent authority of Govt. of Odisha.

**Values in Rs.**

| Sl | Name of the Work | Estimated Amt | EMD | Cost of tender document | Completion period | Eligibility Class of Contractors |
|---|---|---|---|---|---|---|
| 1 | Repair of Buildings in the Processing Plant Campus at Babanpur (Aska) | 12,21,017.00 | 12,210/- | 7,080/- | 90 | D or above |

The details of location of work, estimated amount regarding construction work alongwith cost of Tender Document, EMD and other criteria alongwith critical dates for the above Tenders can be seen in the Detailed Tender Call Notice posted in website of Govt. of Odisha www.tenderodisha.gov.in. The last date for uploading of tender to tender portal is dt.25.01.2023.

OIPR-01106/11/0013/2223

**Sd/- B.Nayak (OAS) (SAG), Managing Director**

## ZILLA SWASTHYA SAMITI, KEONJHAR CHIEF DISTRICT MEDICAL & PUBLIC HEALTH OFFICER, KEONJHAR

Advt. No. 215 Date: 10.01.2023

**TENDER CALL NOTICE**

No.E-815:- Sealed tenders are invited from Private individuals/ Tour operators/ Travel Agency/ Society/ Firm for providing vehicles to be engaged at different Block CHC level of Keonjhar district. The vehicles to be engaged at different Block CHC level as Mobile Health Team (MHT) under Rashtriya Bal Swasthya Karyakram (RBSK). Interested Firms/ Individuals/ Tour operators/ Travel Agency/ Society should submit their proposals in prescribed format (Technical as well as financial bids) along with detailed Tender Call Notice with all supporting documents in sealed envelopes separately through Speed Post/ Regd Post/ Courier to the Office of the Superintendent of CHC ____________ (Name of the respective Block CHC where the bidder is interested to engage his/ her vehicle), Dist.- Keonjhar. Odisha, PIN- ________ on or before 02.02.2023 upto 5.00 PM. The detail Tender Call Notice, terms & conditions are available in the district website: www.kendujhar.nic.in. Incomplete application in any form will be summarily rejected. The sealed tenders shall be opened on 03.02.2023 at 11.00 AM in the Office of the Superintendent of concern Block CHC. The authority will not be responsible for any postal delay. The undersigned has reserves the right to reject or cancel any or all the Tender without assigning any reason thereof.

**Sd./- Chief District Medical & Public Health Officer, Keonjhar**

OIPR-10033/11/0031/2223

## idco | ODISHA NEW OPPORTUNITIES — OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR

No. CAD-4454

Tender Call Notice No. H.O./P&C/EST-E-2034/01/2022-847 Dated: 10.01.2023

**NOTICE INVITING TENDER THROUGH e-Procurement - 2nd**

Name of the Work : Construction of One Gate Complex, 2 Nos. of Exit Gate and 3 Nos. of Gate for Common Facility Center Area of Aluminium Park at Angul.

Estimated Cost : Rs.91.57 lakhs (Approx.)

Period of Completion : 04 (Four) Calendar Months

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Tower, Bhubaneswar | Bid Id No. PC/ EST-E-136/2022-23 | 17.00 hours of 18.01.2023 | 17.00 hours of 02.02.2023 |

Further details can be seen from the e-Procurement Portal: **www.tendersorissa.gov.in** and Corrigendum if any will not be published in Newspapers and can only be seen in the e-Procurement portal **www.tenderorissa.gov.in** and IDCO Website: **www.idco.in**

**Sd./- Chief General Manager (P&C)**
**IDCO, Bhubaneswar**

OIPR-14003/11/0268/2223

## THE ODISHA STATE POLICE HOUSING & WELFARE CORPORATION LTD.

OPHWC

(A Government of Odisha Undertaking)
JANAPATH, BHOINAGAR, BHUBANESWAR-22.
Ph: 0674-2541545, 2542921, Fax: 0674-2541543
E-mail: ophwc.od@nic.in, Website: www.ophwc.nic.in
**e-procurement notice No.- 49/OPHWC/2022-23**

**INVITATION FOR BIDS (IFB)**

No.CAD-4463:- The **Chief Engineer (OSPH&WC)**, Odisha, Bhubaneswar invites Percentage rate bid in Single Cover system in ONLINE MODE only, for the works as detailed below:

| Sl No. | Name of the work | Appox. Estimated Cost | EMD (to be paid online) | Class of Contractor |
|---|---|---|---|---|
| 1 | Cluster of 1. Construction of Fencing of Boundary Wall at Spl. Sub Jail at Boudh, 2. Drainage System at Spl. Jail Boudh, 3. Fixing of Concertina Wire on the Perimeter Wall at Spl. Sub Jail Boudh and 4. Digging of 2 Nos. Tube well inside the Jail to overcome the water Problem during Power Failure at Spl. Sub Jail, Boudh | ₹ 45,70,284.00 | ₹ 45,700.00 | B Class |
| 2 | Constn. of 10 Capacity Hospital Ward at Sub-Jail Baliguda, Kandhamal | ₹ 44,79,657.00 | ₹ 44,800.00 | B Class |
| 3 | Constn. of 10 Capacity Hospital Ward at Sub-Jail Bissamcuttack, Rayagada | ₹ 41,80,928.00 | ₹ 41,800.00 | B Class |
| 4 | Cost of Bid document | ₹ 7,080.00 | (To be paid online) | |
| 5 | Availability of Bid Documents in the website | Dt.12.01.2023 to Dt.21.01.2023 upto 5.00 P.M. | | |
| 6 | Last date/time of Receipt of Bids in the Portal | Dt.21.01.2023 up to 5.00 P.M. | | |
| 7 | Date of Opening Bid | Dt.24.01.2023 at 11.00 A.M. | | |
| 8 | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website. | | | |

**Sd./- Chief Engineer (OSPH&WC)**

N.B.- The quoted rate should be all inclusive but excluding G.S.T. as applicable Under works contract.

OIPR-12025/11/0056/2223

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ: ...............................
ଜନ୍ମ ତାରିଖ: ...............................


ସାରିକା
ପରିବାରବର୍ଗ


ଶ୍ରୀମାନ୍ ଆୟୁଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଖଟ୍ଟାର ସରକାର ସବୁଥିରେ ଫେଲ: ହୁଡା

**ଚଣ୍ଡିଗଡ଼, ୧୨।୧:** ହରିୟାଣା ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟାରଙ୍କୁ ଟାର୍ଗେଟ କରିଛନ୍ତି ବରିଷ୍ଠ କଂଗ୍ରେସ ନେତା ଭୂପିନ୍ଦରସିଂ ହୁଡା। ଭାଜପା-ଜେଜେପି ମେଣ୍ଟ ସରକାର ଅମଳରେ ବିକାଶ ଶୂନ କିନ୍ତୁ ରାଜ୍ୟ ଋଣ ଯନ୍ତାରେ ପଡ଼ିଛି। ରାଜ୍ୟରେ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଥିବାବେଳେ ବେକାରୀ ଦିନକୁ ଦିନ ବଢିଚାଲିଛି। ପରିବାର ପରିଚୟ ପତ୍ର ଯୋଜନା ଦିଗହରା। ଏହି ଭଳି ଭାବେ ରାଜ୍ୟ ସରକାର ସବୁଥିରେ ଫେଲ ମାରଛନ୍ତି ବୋଲି ବିରୋଧୀ ଦଳ ନେତା ହୁଡା କହିଛନ୍ତି।

# କମ୍ ଦରରେ ଧାନ ବିକୁଛନ୍ତି ଚାଷୀ: କଂଗ୍ରେସ

**ଭୁବନେଶ୍ୱର, ୧୨।୧ (ବ୍ୟୁରୋ)**

ସମଗ୍ର ରାଜ୍ୟରେ ଖରିଫ୍ ଧାନ ସଂଗ୍ରହରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଅନେକ ଜିଲାରେ ୧୫ ଦିନରୁ ମାସେ ବିଳମ୍ବରେ ମଣ୍ଡି ଖୋଲାଯିବା ଯୋଗୁ ଉତ୍ପାଦିତ ଧାନର ପ୍ରାୟ ୩୦ ପ୍ରତିଶତ ଧାନକୁ ଚାଷୀ ଅଣ୍ଡର ରେଟ୍‌ରେ ବିକ୍ରି କରିବାକୁ ବାଧ୍ୟ ହୋଇଛନ୍ତି। ଏପରିକି ପଦ୍ମପୁର ଉପଖଣ୍ଡ ଲଉଡ଼ିଧରା ସେବା ସମବାୟ ସମିତି ଅନ୍ତର୍ଗତ କୁମିର ଧାନମଣ୍ଡିରେ ଧାନ ପକାଇଥିବା ୨୫ ଜଣ ଚାଷୀଙ୍କ ଟୋକନ୍ ଲାପ୍ସ ହୋଇଛି। ଗଞ୍ଜାମ ଜିଲାର ଖଲ୍ଲିକୋଟ, କବିସୂର୍ଯ୍ୟନଗର, ବେଗୁନିଆପଡ଼ାର ଚାଷୀଙ୍କ ହଜାର ହଜାର ବସ୍ତା ଧାନ ପଡ଼ି ରହିଛି। ଏହିଭଳି ଅନେକ ମଣ୍ଡିରେ ହଜାର ହଜାର ଟୋକନ୍ ଲାପ୍ସ ହେବାକୁ ଗଲାଣି। ସରକାରଙ୍କ ଧାନକ୍ରୟ ନୀତିରେ ଆଦୌ ସ୍ୱଚ୍ଛତା ନାହିଁ ବୋଲି ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ ପଟ୍ଟନାୟକ କହିଛନ୍ତି। କଂଗ୍ରେସ ଭବନଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅମିୟ କହିଛନ୍ତି, ଚଳିତ ବର୍ଷ ଧାନ ଅମଳ ମୁତାବକ ଆବଶ୍ୟକ ସଂଖ୍ୟକ ମଣ୍ଡି ଖୋଲାଯାଉ ନାହିଁ। ଚାଷୀ ତା'ର କଷ୍ଟର ଅର୍ଥ ଭରଣା କରିବା କାଠିକର ପାଠ ହୋଇଛି। ମିଲରମାନଙ୍କ ଅନୈତିକ କାରବାର, କଟ୍‌ନି ଛଟ୍‌ନି, ଚାଷୀ ଶୋଷଣ ପ୍ରକ୍ରିୟା ପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଆଖି ବୁଜିଦେଇଛନ୍ତି।






# ଟିକେଟ ନେଇ ପ୍ରାର୍ଥୀ ହେଲେନି

**ନାଶିକ, ୧୨।୧**

- ନାଶିକ ଏମ୍ଏଲ୍‌ସି ନିର୍ବାଚନରେ କଂଗ୍ରେସକୁ ଝଟ୍‌କା
- ପୁଅ ହେଲେ ନିର୍ଦ୍ଦଳୀୟ ପ୍ରାର୍ଥୀ

ମହାରାଷ୍ଟ୍ରର ନାଶିକ ଏମ୍ଏଲ୍‌ସି ନିର୍ବାଚନରେ ପ୍ରାର୍ଥିପତ୍ର ଦାଖଲର ଶେଷ ଦିନ ଏକ ରୋଚକ ଘଟଣା ଦେଖିବାକୁ ମିଳିଛି। ନାଶିକ ଗ୍ରାଜୁଏଟ ବିଧାନ ପରିଷଦ କ୍ଷେତ୍ର ଲାଗି ଡା. ସୁଧୀର ତାମ୍ବେଙ୍କୁ କଂଗ୍ରେସ ଟିକେଟ ଦେଇଥିଲା। ହେଲେ ଗୁରୁବାର ପ୍ରାର୍ଥିପତ୍ର ଦାଖଲର ଶେଷ ଦିନ ଥିବା ବେଳେ ସେ ନାମାଙ୍କନ ଦାଖଲ କରି ନ ଥିଲେ। ସେହି ସ୍ଥାନରେ ତାଙ୍କ ପୁତ୍ର ସତ୍ୟଜିତ ତାମ୍ବେ ନିର୍ଦ୍ଦଳୀୟ ଭାବେ ନାମାଙ୍କନ ଭରିଛନ୍ତି। ଏଥି ସହିତ ତାଙ୍କୁ ମହାବିକାଶ ଆଘାଡ଼ିର ସମର୍ଥନ ଥିବା ବେଳେ ଭାଜପା ସମେତ ଅନ୍ୟ ଦଳର ସମର୍ଥନ ପାଇଁ ସତ୍ୟଜିତ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ, ଡା. ତାମ୍ବେ ଉକ୍ତ ଆସନରୁ ୩ଥର ନିର୍ବାଚିତ ହୋଇଛନ୍ତି। ତେବେ ଏହି ଘଟଣାରେ କଂଗ୍ରେସକୁ ଝଟ୍‌କା ଲାଗିଥିବା ନେଇ ଆଲୋଚନା ହେଉଛି।


ଅଭିନନ୍ଦନ ୨୦୨୩

ନୂତନ ବର୍ଷ ୨୦୨୩ ଉପଲକ୍ଷେ ବାଣପୁର ଓ ବାଲୁଗାଁର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।



ରାମଚନ୍ଦ୍ର ନାୟକ
ସଭାପତି, ମା' ଟିକିରାଇ ଟ୍ରାକ୍ଟର ମାଲିକ ସଂଘ, ବାଣପୁର, ବାଲୁଗାଁ

ଦଶମ ଜନ୍ମଦିନ ଶୁଭେଚ୍ଛା



ଶ୍ରୀମାନ୍ ଆୟୁଷ ରଞ୍ଜନ ସାହୁ
କତରାପାଲି, ନାକଟିଦେଉଳ, ଜିଲ୍ଲା- ସମ୍ବଲପୁର
ସ୍ୱାମୀ ନିଖିଳେଶ୍ୱର ନନ୍ଦ ମହାରାଜାଙ୍କ ଆଶୀର୍ବାଦରୁ ତୋର ଚଲାପଥ କୁସୁମିତ ହେଉ। ଏହା ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଠାରେ ଆମର ବିନୀତ ପ୍ରାର୍ଥନା। **ଶୁଭେଚ୍ଛା ସହ:** ତୋର ବାପା, ମାଆ, ଅଜା, ଆଈ, କକା, କାକୀ, ସାନଭାଇ ଓ ଭଉଣୀ ତଥା ବନ୍ଧୁ ଓ ପରିବାରବର୍ଗ ।
ଧ-୨୪୬୬


# ଓଡ଼ିଶାକୁ ୯.୫୯ ଲକ୍ଷ ଘର ଆସିଛି, ମାସେ ସୁଦ୍ଧା ୱାର୍କ ଅର୍ଡର ଦିଅ: ଅପରାଜିତା

**ଭୁବନେଶ୍ୱର, ୧୨।୧ (ବ୍ୟୁରୋ):** କେନ୍ଦ୍ର ସରକାର ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ମୋଟ ୯.୫୯ଲକ୍ଷ ଘର ଆବଣ୍ଟନ କରିଛନ୍ତି ଓ ଏହି ଘରଗୁ କାର୍ଯ୍ୟାଦେଶ ଯୋଗ୍ୟ ହିତାଧିକାରୀଙ୍କୁ ଆସନ୍ତାମାସ ସୁଦ୍ଧା ବଣ୍ଟନ କରିବାକୁ ଭାଜପା ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଦାବି କରିଛନ୍ତି। ଏମ୍‌ପି ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି ଯେ, ସମସ୍ତଙ୍କୁ ବାସଗୃହ ଯୋଗାଇବା ଲକ୍ଷ୍ୟରେ କେନ୍ଦ୍ର ସରକାର ଗ୍ରାମାଞ୍ଚଳର ଯୋଗ୍ୟ ହିତାଧିକାରୀଙ୍କ ନିମନ୍ତେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୮.୧୭ଲକ୍ଷ ଗୃହ ଆବଣ୍ଟନ କରିଛନ୍ତି। ଏହାସହିତ ଫନୀ ବାତ୍ୟା କ୍ଷତିଗ୍ରସ୍ତଙ୍କ ନିମନ୍ତେ ସ୍ୱତନ୍ତ୍ର ଭାବେ ୧.୪୨ଲକ୍ଷ ଗୃହ ଆବଣ୍ଟନ କରିଛନ୍ତି। ଏଭଳି ମୋଟ ୯.୫୯ଲକ୍ଷ ଘର କେନ୍ଦ୍ର ସରକାର ଯୋଗାଇ ଦେଇଛନ୍ତି। ଏସବୁ ଗୃହ ନିର୍ମାଣ ବାବଦରେ ନରେନ୍ଦ୍ର ମୋଦି ସରକାର ୭୨୫୦କୋଟି ଟଙ୍କା ଦେଇଛନ୍ତି। ତେଣୁ ରାଜ୍ୟ ସରକାର ସମସ୍ତ ଯୋଗ୍ୟ ହିତାଧିକାରୀମାନଙ୍କୁ ତୁରନ୍ତ ଏହି ଗୃହର କାର୍ଯ୍ୟାଦେଶ ଆବଣ୍ଟନ କରିବାକୁ ସେ ଦାବି କରିଛନ୍ତି। ପାରଦର୍ଶିତା ଓ ସ୍ୱଚ୍ଛତା ଆଧାରରେ ଯୋଗ୍ୟ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦେବାକୁ ସେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି।




# ଆମ୍ ଆଦମୀ ପାର୍ଟି ସଦସ୍ୟଙ୍କ ଇସ୍ତଫା

**ବାରିପଦା ଅଫିସ, ୧୨।୧:** ମୟୂରଭଞ୍ଜ ଜିଲା ଆମ ଆଦମୀ ପାର୍ଟିର ବରିଷ୍ଠ ଓ ପ୍ରତିଷ୍ଠାତା ସଦସ୍ୟମାନେ ଦଳର ପ୍ରାଥମିକ ସଦସ୍ୟପଦରୁ ଇସ୍ତଫା ଦେଇଛନ୍ତି। ବାରିପଦା ଦାରଗାଡାହିଠାରେ ଥିବା ପାର୍ଟିର ପୂର୍ବ କାର୍ଯ୍ୟାଳୟରେ ସମ୍ମିଳିତ ହୋଇ ଲିଖିତ ଘୋଷଣାନାମା ମାଧ୍ୟମରେ ଇସ୍ତଫା ଦେଇଛନ୍ତି। ଏହି ଇସ୍ତଫା ପତ୍ର ସେମାନେ ରାଜ୍ୟ କାର୍ଯ୍ୟାଳୟକୁ ପଠାଇ ଦେଇଥିବା ନେଇ ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି। ଓଡ଼ିଶା ଆପ୍ ତା'ର ମୂଳ ନୀତି ଓ ଆଦର୍ଶରୁ ବିଚ୍ୟୁତ ହୋଇଛି। ପାର୍ଟି ସଂଗଠନରେ ଏକଛତ୍ରବାଦୀ ଓ ସ୍ୱେଚ୍ଛାଚାରୀ ଭାବନା ଦେଖାଦେଇଛି। ସମସ୍ତ ସିଦ୍ଧାନ୍ତ ରାଜ୍ୟ କାର୍ଯ୍ୟାଳୟରେ ଏକତରଫା ଭାବେ ନିଆଯାଉଛି। ମୟୂରଭଞ୍ଜ ସଂଗଠନରେ ପୁରୁଣା ଓ ପୁରୁଖାମାନଙ୍କୁ ଅଣଦେଖା କରାଯାଉଛି। ଯେଉଁମାନେ ଅଳ୍ପଦିନ ତଳେ ଭିନ୍ନ ଦଳରୁ ଆସିଛନ୍ତି ସେମାନଙ୍କୁ ନେତୃତ୍ୱ ଦିଆଯାଇଛି। ଜିଲାର ଶତକଡା ୯୦ ଭାଗରୁ ଊର୍ଦ୍ଧ୍ୱ ଦଳିତ, ଆଦିବାସୀ ଓ ପଛୁଆବର୍ଗଙ୍କୁ ଅଣଦେଖା କରାଯାଉଥିବା ନେଇ ଇସ୍ତଫା ଦେଇଥିବା ସଦସ୍ୟମାନେ ଅଭିଯୋଗ କରିଛନ୍ତି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385
8637280816, 7894447167, 9338226625

ନବବର୍ଷ ଧମାକା
ଭାରତର ନଂ.1 କମ୍ପାନୀ Govt. Regd କୁବେର ଫାଇନାନ୍ସ
ସମସ୍ତ ସରକାରୀ ଯୋଜନା ଅଧୀନରେ ଆଧାରକାର୍ଡ ସବୁ ଋଣ
2% ସୁଧ 40% ଛାଡ଼
(ମହିଳାଙ୍କ ପାଇଁ ବିଶେଷ ଛାଡ଼)
ଏଜେଣ୍ଟ ଆମନ୍ତ୍ରିତ -
9485529274

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
ମୁଦ୍ରା ଫାଇନାନ୍ସ
Mob. 8985384630

SSI 10th +2 (Sci. | Arts. | Comm.)
ITI | Diploma in ENGG | B.Tech All Stream | BBA
MBA | BCA | MCA | BA
B.Sc. | B.Com. | MA | M.Sc.
M.Com. | MAJMC | MSW
All Courses are Recognised by UGC-AICTE-AIU-DEC & Undertaking by HRD, Govt. of India
105 (2nd Floor), Saheed Nagar, BBSR-751007
PH: 9040050515

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# Classified Everyday 0674-2580101, 2549949


REAL ESTATE
**SALE**

ଭୁବନେଶ୍ୱର ଜଟଣୀଗେଟ୍ NH-5 ପାଖରେ ଘରବାରି ପ୍ଲଟ୍ 30' ରାସ୍ତାଥାଇ sqft.-400/-, 630/-. 9437607388, 8637269760. D-74166

2BHK Apartment flat near Garage Chhak, Bhubaneswar-2. Contact: 7873492433. D-70298

ଭୁବନେଶ୍ୱର ଖଣ୍ଡଗିରି AMRI Hospital ପାଖରେ ପ୍ଲଟ୍ କିଣି ଘର କରନ୍ତୁ ଓ Madanpur, Gita/Gandhi College ପାଖରେ Sqft. 650/-ରେ ମିଳୁଛି - 9348767829. D-74173

NH side plot (gharabari, boundarywall), Nakhara to Niali road, Cuttack. 8249851363. D-74628

ଭୁବନେଶ୍ୱର ହଂସପାଳଛକରୁ 5 K.M. ମଧ୍ୟରେ ବେଣୁପୁରରେ 30' ରାସ୍ତାକୁ ଲାଗି ଘରବାରି, ପାଚେରି, ଇଲେକ୍ଟ୍ରିସିଟି, ନାମ ଫଳକ ସହ ପ୍ଲଟ୍ ବିକ୍ରିହେବ। 6371364640, 9776366322. D-74184

ଭୁବନେଶ୍ୱର ନଖରା ଘରବାରି SC plot Sqft - 150/-, General - 350/-. 9439660381. D-74178

4 Bhk luxurious flat for sale at unit-3 Kharavelanagar, behind Ram Mandir Construction work going on contact- 9438362399. 2421

1750sqft. gharabari boundary plot sale 6 lakhs only near Railway Station. 7008833643. D-74183

କଟକ-ଭୁବନେଶ୍ୱର ରୋଡ୍‌ରୁ 2.5.K.M., ନଖରା ଓ ପାହାଳରୁ 2.5.K.M. ଘରବାରି 25' ରୋଡ୍, ବାଉଣ୍ଡରୀ, ଇଲେକ୍ଟ୍ରିସିଟି ସୁବିଧା ଥାଇ ପ୍ଲଟ୍ ମିଳୁଛି। 9348152874, 9337317665. D-74179

ଝିଅ ବିଭାଘର ପାଇଁ ଦୁଇପଟେ 30' ଫୁଟ ରୋଡ୍ ଥାଇ ରେଡଂଗରେ ୧୦ ଗୁଣ୍ଠ ଜମି ବିକ୍ରିହେବ- (ଗୁଣ୍ଠ- 5,25,000/-). 9938016295. D-74180

Well developed yellow zone plots availabe with electricity near AMRI Hospital, Khandagiri. 8249057398, 8456920764. D-71667




Asribadaa Panchakarma herbal SPA Kesarimall, Bhubaneswar. Contact: 8926173473. D-74627

Full body massage in homely Atmospher all therapy. Mob: 8114881641. D-73418

Full body massage by experience therapist @ 999 only. 9078484455 (Bhubaneswar). D-2453

Relax, Refresh your body, Mind at Saikrupa Spa with best therapies. 8984068077. D-2374

## LOST

ମୁଁ ଶ୍ରୀ ବିଷ୍ଣୁ ପ୍ରସାଦ ସାହୁ, ପିତା- ସତ୍ୟବାଦୀ ସାହୁ, ପ୍ଲଟ୍ ନଂ.-୩୭୧/୭୪୩୧, ଜାଗମରା, ଖଣ୍ଡଗିରି ମୋର ଫାର୍ମ ଓମ୍ ଆସୋସିଏଟେଡ୍ ଆଣ୍ଡ ଡେଭଲପର୍ ପ୍ରା.ଲି. ନାମରେ ଥିବା ଜମି ମୌଜା- ପାଇକେରାପୁର, ଖାତା ନଂ.-୪୫୬/୧୧୪୭, ପ୍ଲଟ୍ ନଂ.-୪୬୯/୩୩୦୩, ଏରିଆ ଏ୦.୨୪୯ ଡିସିମିଲ୍ ଜମିର ଅସଲି କବଲା ଓ ପଟ୍ଟା ହଜି ଯାଇଅଛି, ଯାହାକି ଆମ୍ଭେ ଖଣ୍ଡଗିରି ଥାନାରେ ଅଭିଯୋଗ କରିଛୁ। ଆମ୍ଭେ ଏତଦ୍ୱାରା ଜଣାଉଅଛୁକି ଯଦି କେଉଁ ଖଳ ପ୍ରକୃତିର ଲୋକ (ମୋ ବ୍ୟତୀତ) ଏହାର ଦୁରୁପଯୋଗ କରନ୍ତି ଆମ୍ଭେ ଦାୟୀ ରହିବୁ ନାହିଁ।
ସ୍ୱା./- ବିଷ୍ଣୁ ପ୍ରସାଦ ସାହୁ।
ଧ-୭୪୫୦୮

## PURCHASE

ଭୁବନେଶ୍ୱର ବା ପୁରୀରେ ପ୍ଲଟିଂ ବା କନ୍‌ଷ୍ଟ୍ରକ୍ସନ୍ ପାଇଁ Outright ବା ଶେୟାରିଙ୍ଗ୍ ହିସାବରେ ସ୍ଥିତିବାନ ଜମି ଆବଶ୍ୟକ। ପ୍ରକୃତ ଜମିମାଲିକ ବା ସଚ୍ଚୋଟ ମଧ୍ୟସ୍ଥି ଯୋଗାଯୋଗ କରନ୍ତୁ। 9438220432, 8144658008. D-2472

## AFFIDAVIT

By virtue of an affidavit sworn before executive Magistrate, Bhubaneswar on 11/01/2023, I, Madiha Ali, D/o Mr. Syed Shariq Ali, residing in Royal Lagoon Tower 3, flat 510, Raghunathpur, Nandankanan Road, Bhubaneswar, District Khordha, Odisha. The Indian Certificate of Secondary Education certificate vide no. TT80075227/Unique id: 7436250. I have corrected the name of my mother from Noor to Noor Bi for all official and government purposes. D-2475

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ଽଭାଗୀରଥି ପରିଡ଼ା
ଅବସରପ୍ରାପ୍ତ ଭାରତୀୟ ରିଜର୍ଭ ବ୍ୟାଙ୍କ କର୍ମଚାରୀ
ଲକ୍ଷ୍ମୀସାଗର, ଭୁବନେଶ୍ୱର
ଆବିର୍ଭାବ: ୧୯।୦୧।୧୯୪୦
ତିରୋଧାନ: ୦୩।୦୧।୨୦୨୩
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ପୁତ୍ର-ପୁତ୍ରବଧୂ, କନ୍ୟା-ଜାମାତା, ନାତି-ନାତୁଣୀ, ପରିବାରବର୍ଗ, ବନ୍ଧୁ, ଆତ୍ମୀୟସ୍ୱଜନ ଏବଂ ଗ୍ରାମବାସୀ ବୃନ୍ଦ
ଧ-୭୩୭୩୭

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ଽଦମୟନ୍ତୀ ମିଶ୍ର
(ଽଇନ୍ଦ୍ରମଣୀ ପଣ୍ଡାଙ୍କ ସୁପୁତ୍ରୀ ଓ କାଳୀପ୍ରସନ୍ନ ମିଶ୍ରଙ୍କ ଧର୍ମପତ୍ନୀ)
ଆବିର୍ଭାବ: ତା୧୦।୧୦।୧୯୫୭
ତିରୋଧାନ: ତା୦୨।୦୧।୨୦୨୩
ତୁମର ବିୟୋଗ ଆମ ଜୀବନରେ ଯେଉଁ ଶୂନ୍ୟତା ଭରି ଦେଇଛି, ତାହା ଅପୂରଣୀୟ। ଦ୍ୱାଦଶାହ ଅବସରରେ ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ବଡ଼ ଠାକୁର ମହାପ୍ରଭୁ ଶ୍ରୀବଳଦେବଜୀଉଙ୍କ ନିକଟରେ ପ୍ରାର୍ଥନା ।
ଶୋକସନ୍ତପ୍ତ: ପତି: କାଳୀ ପ୍ରସନ୍ନ ମିଶ୍ର, ପୁତ୍ର: ସ୍ୱରାଜବନ୍ଧୁ ମିଶ୍ର, ପୁତ୍ରବଧୂ: ପ୍ରିୟଙ୍କା ମିଶ୍ର, କନ୍ୟା: ଶର୍ମିଳା ମିଶ୍ର, ଜାମାତା: ପ୍ରତାପ କୁମାର ମିଶ୍ର ତଥା ବନ୍ଧୁ, ପରିବାରବର୍ଗ ।
ଧ-୨୪୭୪

**ସ୍ମୃତି ତର୍ପଣ**



ଽଦୈତ୍ୟାରୀ ବେହେରା
ପ୍ଲଟ୍ ନଂ.୨୧୨୦, ସବରସାହି ଲେନ୍, କଳ୍ପନା ଏରିଆ, ଭୁବନେଶ୍ୱର
ଆଜି ଆପଣଙ୍କ ପବିତ୍ର ୨୮ତମ ଶ୍ରାଦ୍ଧ ବାର୍ଷିକୀରେ ଆମ୍ଭମାନଙ୍କର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।
ବନ୍ଧୁ ଓ ପରିବାରବର୍ଗ
ଧ-୨୪୭୩

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

## ସଂକ୍ଷେପରେ

### ରେଳଧାରଣାରୁ ମୃତଦେହ ଜବତ

ଛେଣ୍ଡିପଦା,୧୨।୧ (ସ୍ୱ.ପ୍ର)- ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ସାନକେରଜାଙ୍ଗ ନିକଟସ୍ଥ ରେଳଧାରଣାରୁ ଗୁରୁବାର ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ଜରଡ଼ା ପଞ୍ଚାୟତର ବିଜୟ ସେଠି(୫୦)।

ପୋଲିସ କହିଛି, ସାନକେରଜାଙ୍ଗ ନିକଟ ରେଳ ଧାରଣାରେ ଗୁରୁବାର ଏକ ପାସେଞ୍ଜର ଟ୍ରେନ ଧକ୍କାରେ ଜଣେ ଯୁବକଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ପରେ ମୃତବ୍ୟକ୍ତି ଜଣକ ଜରଡା ପଞ୍ଚାୟତ ବିଜୟ ସେଠୀ ବୋଲି ଜଣାପଡିଥିଲା। ଏ ନେଇ ସ୍ଥାନୀୟ ଲୋକେ ନିଶା ଶିଳ୍ପାଞ୍ଚଳ ପୋଲିସକୁ ଖବର ଦେଇଥିଲେ। ପୋଲିସ ତାଳଚେର ଜିଆରପି ପୋଲିସ ଘଟଣା ସମ୍ପର୍କରେ ସୂଚନା ଦେଇଥିଲା। ଜିଆରପି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଛି।

### ଦେଢ଼ଲକ୍ଷ ଟଙ୍କା ନେଇଗଲେ ସାଇବର ଠକ

ଅନୁଗୋଳ ଅଫିସ, ୧୨।୧- ଅନୁଗୋଳର ଏକ କୁକୁଡ଼ା କମ୍ପାନୀର ମ୍ୟାନେଜର ସାଇବର ଠକେଇର ଶିକାର ହୋଇଛନ୍ତି। ସାଇବର ଠକ ତାଙ୍କ ଆକାଉଣ୍ଟରୁ ଦେଢ଼ ଲକ୍ଷ ଟଙ୍କା ଚଲୁ କରିଥିବା କଟକ ଗତିରାଉତପାଟଣା ଅଞ୍ଚଳର ଗୁରୁ ଚରଣ ରାଉତ ଅନୁଗୋଳ ସାଇବର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୧/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ଗୁରୁ ଗତ ୯ ତାରିଖରେ ତାଙ୍କ କ୍ରେଡିଟ୍ କାର୍ଡର ଲିମିଟ୍ ବଢ଼ାଇବାକୁ ଗୁଗୁଲରୁ କଷ୍ଟମର କେୟାର ନମ୍ବର ପାଇ ଫୋନ୍ କରିଥିଲେ। ଫୋନ ରିସିଭ କରିଥିବା ବ୍ୟକ୍ତିଙ୍କ କଥା ମାନି ସେ ମୋବାଇଲ ଅପରେଟ୍ କରିଥିଲେ। ଏହାପରେ ତାଙ୍କ ଆକାଉଣ୍ଟରୁ ୩ଟି ପର୍ଯ୍ୟାୟରେ ୧ ଲକ୍ଷ ୫୬ ହଜାର ଟଙ୍କା କଟିଯାଇଥିଲା। ଏ ନେଇ ସେ ଲିଖିତ ଅଭିଯୋଗ କରିବା ପରେ ମାମଲା କରାଯାଇ ଘଟଣାର ତଦନ୍ତ କରାଯାଉଥିବା ଥାନା ଅଧିକାରୀ ନିରୁପମା ଜେନା ସୂଚନା ଦେଇଛନ୍ତି।

### ଯୁବକଙ୍କ ମୃତଦେହ ଜବତ

ବଅଁରପାଳ, ୧୨।୧ (ଡି.ଏନ.ଏ.)- ବଅଁରପାଳ ଥାନା ନାଲ୍କୋ ଆଲୁମିନିୟମ୍ ପାର୍କ ରାସ୍ତାରୁ ଗୁରୁବାର ପୋଲିସ ଜଣେ ଯୁବକଙ୍କ ରକ୍ତାକ୍ତ ମୃତଦେହ ଜବତ କରିଛି। ମୃତ ଯୁବକ ହେଲେ ବଅଁରପାଳ ଥାନା ବଉଲିଗଡ ଗ୍ରାମର ପ୍ରମୋଦ ସାହୁଙ୍କ ପୁଅ ରାକେଶ କୁମାର ସାହୁ(୨୨)। ତେବେ ଏହା ଦୁର୍ଘଟଣା ନା ତାଙ୍କୁ କେହି ମାରି ପକାଇଦେଇଛି, ସେ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, ବୁଧବାର ରାତି ୯ଟାରେ ରକେଶ ବଉଲିଗଡରୁ ବାହାରି ତାଳଚେର ଅଭିମୁଖେ ଯାଉଥିଲେ। ହେଲେ ସକାଳ ୬ଟା ସମୟରେ ନାଲ୍କୋ ଆଲୁମିନିୟମ୍ ପାର୍କ ରାସ୍ତାରେ ତାଙ୍କ ମୃତଦେହ ପଡିଥିବା ସ୍ଥାନୀୟ ଲୋକ ଦେଖି ପରିବାରବର୍ଗଙ୍କୁ ଖବର ଦେଇଥିଲେ। ଖବରପାଇ ଘର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ବଅଁରପାଳ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଦେଇଛି। ଏ ନେଇ ଅଧିକ ତଦନ୍ତ ଜାରି ରହିଥିବା ପୋଲିସ ପ୍ରକାଶ କରିଛି। ଏ ସମ୍ପର୍କରେ ବଅଁରପାଳ ଥାନା ଅଧିକାରୀ ନରେଶ ସାହୁ କହିଛନ୍ତି, ଏହା ଏକ ଦୁର୍ଘଟଣା ଜନିତ ମାମଲା।

# ଗଣଶିକ୍ଷା ମନ୍ତ୍ରୀଙ୍କ ବାସଭବନ ଆଗରେ ଅନଶନ

■ବିଭିନ୍ନ ଦାବି ନେଇ ଅଭିଭାବକ ମହାସଂଘର ଆନ୍ଦୋଳନ

■ସୋମବାର ହେବ ଆଲୋଚନା

ଭୁବନେଶ୍ୱର,୧୨।୧(ବ୍ୟୁରୋ)



ବିଭିନ୍ନ ଦାବି ନେଇ ଅଭିଭାବକ ମହାସଂଘ ପୁଣି ଆନ୍ଦୋଳନକୁ ଓହ୍ଲାଇଛି। ମହାସଂଘ ପକ୍ଷରୁ ଗୁରୁବାର ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ୟୁନିଟ-୧ ସ୍ଥିତ ସରକାରୀ ବାସଭବନ ଆଗରେ ଆମରଣ ଅନଶନ କରାଯାଇଥିଲା। ୧୯୯୬ ରିଜୋଲ୍ୟୁଶନ ଅନୁଯାୟୀ ସ୍କୁଲ ଦେଉଥିବା ସୁବିଧାକୁ ଦେଖି ଫି' ନିର୍ଦ୍ଧାରଣ, ଉଚ୍ଚତମ ଓ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ କୋଭିଡ୍‌ଜନିତ ସ୍କୁଲ ଫି' ହ୍ରାସ କାର୍ଯ୍ୟକାରୀ ନେଇ ରିପୋର୍ଟ ପ୍ରଦାନ, ବେଆଇନ ଘରୋଇ ସ୍କୁଲକୁ ବନ୍ଦ ସହ କାର୍ଯ୍ୟାନୁଷ୍ଠାନ, ସ୍କୁଲ ବ୍ୟାଗ ଓଜନ ନିୟମ କଡାକଡି ଲାଗୁ ସହ ଏନ୍‌ସିଇଆରଟି ବହିରେ ପାଠ ପଢ଼ାଇବା, ଘରୋଇ ସ୍କୁଲର ସମସ୍ତ ଆୟବ୍ୟୟ ହିସାବ ସରକାରଙ୍କ ଦ୍ୱାରା ଅଡିଟ କରିବା ଆଦି ଦାବି ଉପସ୍ଥାପନ କରାଯାଇଥିଲା। ମାତ୍ର ବିଶ୍ୱକପ୍ ହକିକୁ ଆଳ କରି କମିଶନରେଟ୍ ପୋଲିସ ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ, ସହ ଅଧ୍ୟକ୍ଷ ପ୍ରସନ୍ନ ବିଷୋୟୀ, କାର୍ତ୍ତିକ ସାହୁ, ରମେଶ ଭାରତୀ ପ୍ରମୁଖ କର୍ମକର୍ତ୍ତାଙ୍କୁ ଉଠାଇ ନେଇଥିଲା। ଏଥିରେ ଅଧ୍ୟକ୍ଷ ଭଟ୍ଟ ଆହତ ହୋଇଥିଲେ ମଧ୍ୟ କର୍ମକର୍ତ୍ତାମାନେ କ୍ୟାପିଟାଲ ଥାନାରେ ଅନଶନରେ ବସିଥିଲେ। ପରେ ସଂଘ କର୍ମକର୍ତ୍ତାଙ୍କ ସହ ଗଣଶିକ୍ଷା ବିଭାଗ ଅତିରିକ୍ତ ଶାସନ ସଚିବ ଦୁର୍ଗାପ୍ରସାଦ ରାଉତରାୟ ଆଲୋଚନା କରିଥିଲେ। ୧୬ ତାରିଖରେ ସଚିବଙ୍କ ଉପସ୍ଥିତିରେ ବିସ୍ତୃତ ଆଲୋଚନା ପରେ ପଦକ୍ଷେପ ନିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା। ସେ ପର୍ଯ୍ୟନ୍ତ ଅନଶନ ସ୍ଥଗିତ ରହିବ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି।

ଅପରପକ୍ଷେ ମହାସଂଘ ପକ୍ଷରୁ ସେପ୍ଟେମ୍ବର ୧୨ରେ ୭ଦଫା ଦାବିରେ ଆମରଣ ଅନଶନ ଓ ଧାରଣା ଦିଆଯାଇଥିଲା। ମନ୍ତ୍ରୀଙ୍କ ସହ ଆଲୋଚନା ପରେ ଦାବି ପୂରଣ ପାଇଁ ପଦକ୍ଷେପ ନିଆଯିବାକୁ ନିଷ୍ପତ୍ତି ହୋଇଥିଲା। ମାତ୍ର ଗଣଶିକ୍ଷା ବିଭାଗ ପଦକ୍ଷେପ ନ ନେବାରୁ ପୁନର୍ବାର ଆନ୍ଦୋଳନ କରାଯାଇଥିଲା ବୋଲି ମହାସଂଘ କର୍ମକର୍ତ୍ତା କହିଛନ୍ତି।

# ଅସମ୍ପୂର୍ଣ୍ଣ ରହିଲା ଦେବାଶିଷଙ୍କ ସାକ୍ଷ୍ୟଗ୍ରହଣ

ବାରବାଟୀ-କଟକ ନିର୍ବାଚନୀ ମାମଲା

କଟକ ଅଫିସ,୧୨।୧

ବାରବାଟୀ-କଟକ ନିର୍ବାଚନୀ ମାମଲାର ଶୁଣାଣି ହାଇକୋର୍ଟରେ ଗୁରୁବାର ହୋଇଛି। ବିଚାରପତି ସଙ୍ଗମ କୁମାର ସାହୁଙ୍କ ଖଣ୍ଡପୀଠରେ ମାମଲାର ଶୁଣାଣି ହୋଇ ଆବେଦନକାରୀ ଦେବାଶିଷ ସାମନ୍ତରାୟଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଛି। ବିଧାୟକ ମହମ୍ମଦ ମୋକିମଙ୍କ ଆଇନଜୀବୀ ଦେବାଶିଷଙ୍କୁ ଜେରା କରିଥିଲେ। ହେଲେ ସାକ୍ଷ୍ୟ ଗ୍ରହଣ ଅସମ୍ପୂର୍ଣ୍ଣ ରହିଛି। ଆସନ୍ତା ୧୬ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଦେବାଶିଷଙ୍କ ପକ୍ଷରୁ ଆଇନଜୀବୀ ଗୋପାଳ ଅଗ୍ରୱାଲ ଓ ମିଲନ୍ କାନୁନ୍‌ଗୋ ଏବଂ ବିଧାୟକ ମୋକିମଙ୍କ ପକ୍ଷରୁ ଆଇନଜୀବୀ ବିଦ୍ୟାଧର ମିଶ୍ର ଓ ତରଣୀକାନ୍ତ ବିଶ୍ୱାଳ ମାମଲା ପରିଚାଳନା କରୁଛନ୍ତି। ସୂଚନାଯୋଗ୍ୟ, ଗତ ବିଧାନସଭା ନିର୍ବାଚନରେ ପରାଜିତ ପ୍ରାର୍ଥୀ ଦେବାଶିଷ ବିଜୟୀ ପ୍ରାର୍ଥୀ ମୋକିମଙ୍କ ବିରୋଧରେ ନିର୍ବାଚନରେ ଅନିୟମିତତା ହୋଇଥିବା ନେଇ ହାଇକୋର୍ଟରେ ମାମଲା ଦାଏର କରିଥିଲେ। ଗତ ୬ ତାରିଖରେ ଆବେଦନକାରୀ ଦେବାଶିଷଙ୍କ ସାକ୍ଷ୍ୟ ଗ୍ରହଣ ଆରମ୍ଭ ହୋଇଥିଲା।

# ରାଜ୍ୟ ସରକାରଙ୍କୁ ବିସ୍ତୃତ ରିପୋର୍ଟ ଦାଖଲ ନିର୍ଦ୍ଦେଶ

ଗୋହତ୍ୟା, ବେଆଇନ ଗୋଚାଲାଣ ମାମଲା

କଟକ ଅଫିସ,୧୨।୧

ରାଜ୍ୟରେ ଚାଲିଥିବା ବେଆଇନ ଗୋହତ୍ୟା ଓ ଗୋ-ଚାଲାଣ ରୋକିବାକୁ ସରକାର କ'ଣସବୁ ପଦକ୍ଷେପ ନେଇଛନ୍ତି, ସେ ସମ୍ପର୍କରେ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ହାଇକୋର୍ଟ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ମୁରାହରି ଶ୍ରୀରମଣଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଛନ୍ତି। ଅଗଷ୍ଟ ୨ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ସାମାଜିକ କର୍ମୀ ଜୟନ୍ତୀ ଦାସଙ୍କ ପକ୍ଷରୁ ଏ ନେଇ ଜନସ୍ୱାର୍ଥ ମାମଲା ଦାଏର କରାଯାଇଥିଲା। ମାମଲାର ପୂର୍ବଶୁଣାଣିବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଜବାବ ଦାଖଲ କରାଯାଇଥିବାବେଳେ ଆବେଦନକାରୀଙ୍କ ପକ୍ଷରୁ ପ୍ରତିଜବାବ ଦାଖଲ କରାଯାଇଥିଲା। ଗୁରୁବାର ଶୁଣାଣିବେଳେ ଖଣ୍ଡପୀଠ ବେଆଇନ ଗୋହତ୍ୟା ଓ ଗୋଚାଲାଣ ରୋକିବା ଦିଗରେ କ'ଣସବୁ ପଦକ୍ଷେପ ନିଆଯାଇଛି ବୋଲି ରାଜ୍ୟ ସରକାରଙ୍କଠାରୁ ଜାଣିବାକୁ ଚାହିଁଥିଲେ। ପୂର୍ବ ଶୁଣାଣିରେ ସରକାର ଅନ୍ୟ ରାଜ୍ୟରେ ଏନେଇ ରହିଥିବା ଆଇନକୁ ପରଖି ପଦକ୍ଷେପ ନେବାକୁ କହିଥିବା ପରିପ୍ରେକ୍ଷୀରେ ବର୍ତ୍ତମାନର ସ୍ଥିତି ବିଷୟରେ ଅଦାଲତ ପଚାରିଥିଲେ। ତେବେ ଏଥିପାଇଁ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ ନେଇ କ'ଣ ପଦକ୍ଷେପ ନିଆଯାଇଛି, ଏଯାବତ୍ କେତେ ବେଆଇନ ଗୋହତ୍ୟା ହୋଇଛି, କେତେ ଗୋଚାଲାଣ ହୋଇଛି ସେନେଇ ରାଜ୍ୟ ସରକାର ବିସ୍ତୃତ ଭାବେ ରିପୋର୍ଟ ପ୍ରସ୍ତୁତ କରି ଆଗାମୀ ଜୁଲାଇ ୧ ତାରିଖ ସୁଦ୍ଧା ହାଇକୋର୍ଟରେ ଦାଖଲ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ବିଜୟ କୁମାର ରଗଡ଼ ମାମଲା ପରିଚାଳନା କରୁଛନ୍ତି।

## ଦୁର୍ଘଟଣାରେ ସ୍କୁଟି ଚାଳକ ମୃତ

ମାଧପୁର,୧୨।୧: କିଆକଟା ଥାନା କିଆକଟା ବୌଦ୍ଧ ମହାନଦୀ ସେତୁ ନିକଟରେ ଗୁରୁବାର ସନ୍ଧ୍ୟାରେ ଏକ ଅଜଣା ଗାଡି ଧକ୍କାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ହୋଇଛି। ସ୍କୁଟି ପଛରେ ବସିଥିବା ଅନ୍ୟ ଜଣେ ଆହତ ହୋଇଛନ୍ତି। ଆହତଙ୍କୁ ଚିକିତ୍ସା ନିମନ୍ତେ ବୌଦ୍ଧ ଜିଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ମୃତକ ଏବଂ ଆହତଙ୍କ ପରିଚୟ ମିଳିପାରିନଥିବାବେଳେ ଘଟଣାସ୍ଥଳରେ କିଆକଟା ପୋଲିସ ପହଞ୍ଚି ତଦନ୍ତ ଚଳାଇଛନ୍ତି।


**ଓଡ଼ିଶା ଲୋକସେବା ଆୟୋଗ**

**ବିଜ୍ଞପ୍ତି**

ସଂଖ୍ୟା: 373/PSC ତା: 10.01.2023

No. D-284: ଏତଦ୍ଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେଉଁ ପ୍ରାର୍ଥୀମାନେ ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ପ୍ରକାଶିତ ବିଜ୍ଞାପନ ସଂଖ୍ୟା ୧୭/୨୦୨୨-୨୩ ଓଡ଼ିଶା ସିଭିଲ ସେବା - ୨୦୨୨ ପରୀକ୍ଷା ଦେବା ପାଇଁ ଆବେଦନ କରିବାକୁ ଚାହୁଁଛନ୍ତି ସେମାନଙ୍କ ଅବଗତି ନିମନ୍ତେ ନିମ୍ନଲିଖିତ ସୂଚନା ପ୍ରଦାନ କରାଯାଉଅଛି।

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅଧିସୂଚନା ସଂଖ୍ୟା ୨୯୨୪୬/ତା୧୮।୧୦।୨୦୨୨ ଅନୁଯାୟୀ ଓଡ଼ିଶା ସିଭିଲ ସେବା - ୨୦୨୨ ପରୀକ୍ଷାରେ ପରୀକ୍ଷାର୍ଥୀମାନେ ଭାଷା ବିଷୟକୁ ଛାଡ଼ି ପ୍ରାରମ୍ଭିକ, ମୁଖ୍ୟ ଲିଖିତ ପରୀକ୍ଷା ଓ ବ୍ୟକ୍ତିଗତ ସାକ୍ଷାତକାର ପରୀକ୍ଷା ପାଇଁ ଓଡ଼ିଆ କିମ୍ବା ଇଂରାଜୀ ଭାଷାକୁ ବିକଳ୍ପ ମାଧ୍ୟମ ଭାବରେ ଚୟନ କରିପାରିବେ। ଏହି ବ୍ୟବସ୍ଥା ପ୍ରବନ୍ଧ ପତ୍ର ଲେଖିବା ପାଇଁ ମଧ୍ୟ ପ୍ରଯୁଜ୍ୟ ଅଟେ।

ଉପରୋକ୍ତ ପରୀକ୍ଷା ପାଇଁ ଅନ୍‌ଲାଇନ୍ ଦରଖାସ୍ତ ଆବେଦନ କରିବା ବେଳେ ପରୀକ୍ଷାର୍ଥୀମାନେ ଓଡ଼ିଆ କିମ୍ବା ଇଂରାଜୀ ଭାଷାକୁ ବିକଳ୍ପ ମାଧ୍ୟମ ଭାବେ ଚୟନ କରିପାରିବେ। କିନ୍ତୁ ଥରେ ଆବେଦନ ପତ୍ରରେ ଓଡ଼ିଆ କିମ୍ବା ଇଂରାଜୀ ଭାଷାକୁ ବିକଳ୍ପ ମାଧ୍ୟମଭାବରେ ଉଲ୍ଲେଖ କରିସାରିବା ପରେ, ଏହାକୁ ପରିବର୍ତ୍ତନ କରାଯାଇପାରିବ ନାହିଁ।

ସ୍ୱା./- ସଚିବ

OIPR-12002/11/0250/2223



**MILK UNION, SAMBALPUR**

**VEHICLE REQUIRED ON HIRE**

1. Max Pick Up or similar type of vehicle required on Hire for Birjupali to Prakashpur Milk Route running both morning and evening covering 110 K.M.

Interested Parties may purchase and submit Tenders by Dt. 25.01.2023, Tender Paper cost- Rs.200/- +GST, EMD-Rs.2,000/-



GOVERNMENT OF ODISHA, "e"-PROCUREMENT NOTICE

**OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA**

**WORKS DEPARTMENT**

**Tender Call Notice**

E-mail: rbcirclekhurda@gmail.com

**Bid Identification No. CCE-Khordha (R&B) Circle-22/2022-23 Memo No - 23 Dt.05.01.2023**

No. B-1112:- The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Building works as detailed in the table below:

1. Nature of Work : Building Works
2. No. of Work : 2 Nos.
3. Tender Cost : Rs.10000.00 (On-Line)
4. Class of Contractor : A Class & Spl. Class
5. Available of Bid document in the Website : From Dt.16.01.2023 10.00 AM to Dt.25.01.2023 05.00 PM
6. Date of opening of Bid : Dt. 27.01.2023 at 11.30 AM
7. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in. Any Addendum / Corrigendum / Cancellation of tender can also be seen in the said website.

Sd./- Chief Construction Engineer, Khordha (R&B) Circle, Khordha

OIPR-34127/11/0032/2223



GOVERNMENT OF ODISHA, "e"-PROCUREMENT NOTICE

**OFFICE OF THE SUPERINTENDING ENGINEER PURI (R&B) DIVISION, PURI**

E-mail: eerbpuri@yahoo.co.in

**WORKS DEPARTMENT**

**Tender Call Notice**

**Bid Identification No. S.E. (R&B) Puri-42/2022-23**

No. B-1113:- The Superintending Engineer, Puri (R&B) Division, Puri on behalf of Governor of Odisha inviting percentage rate bid in Single/Double Cover system in ONLINE MODE from the eligible class of contractors registered with the State Governments and Contractors of equivalent Grade/Class registered with Central Government /MES/ Railways.

| | | | |
|---|---|---|---|
| 1. | Nature of work | : | Building Work |
| 2. | No. of work | : | 2 Nos. |
| 3. | Tender Cost | : | Rs.6000.00 (On-line) |
| 4. | Class of bidders | : | "B" & "C" |
| 5. | Available of Bid document in the Website | : | From 10.00 AM of Dt.16.01.2023 to 05.00 PM of Dt.25.01.2023 |
| 6. | Last Date of receipt of tender | : | Dt.25.01.2023 up to 5.00 PM |
| 7. | Date of opening of Bid | : | Dt.27.01.2023 at 11.30 AM |
| 8. | The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in. Any Addendum/ Corrigendum/ Cancellation of tender can also be seen in the said website. | | |

Sd./- Superintending Engineer, Puri (R&B) Division, Puri

OIPR-34064/11/0009/2223



**GOVERNMENT OF ODISHA** No.C-2263

**OFFICE OF THE ENGINEER-IN-CHIEF, PUBLIC HEALTH ODISHA, BHUBANESWAR**

**NATIONAL COMPETITIVE BIDDING THROUGH e-PROCUREMENT**

**Corrigendum to Invitation for Bids (IFB) Dtd.02.01.2023**

| S N | Name of Work | Bid Identification No. | Estimated Cost (Rs. in Lakh) | Period of Completion | Availability of Bid Document for Online Bidding | |
|---|---|---|---|---|---|---|
| | | | | | From | To |
| 1. | Construction of 60 MLD Water Treatment Plant for Improvement of Water Supply to Balasore Municipality with Migration to Surface Water Source. | EICPH-05/ 2022-23 | 2964.59 | 12 (Twelve) Months | 11.00 Hrs. of 13.01.2023 | 17.00 Hrs. of 10.02.2023 |

All other terms & conditions of the invitation for Bids & Tender are remains unaltered.

OIPR-13068/11/0007/2223 Sd./- ENGINEER-IN-CHIEF (PH)



obcc ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ No. CAD-4469

(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)

**ODISHA BRIDGE & CONSTRUCTION CORPORATION LIMITED**

(A Government of Odisha Undertaking under Works Department)

No.201
File: SMT-1818

**NOTICE INVITING TENDER**

Date: 11.01.2023

| | | |
|---|---|---|
| 1. | Name of work | Construction of Guest House for Bhubanananda Odisha School of Engineering (BOSE), Cuttack |
| 2. | Bid Identification No. of the Tender document | 68/Tender/OBCC/2022-23 |
| 3. | Date of availability in e-procurement portal | From dt.17.01.2023 |
| 4. | Last Date & time of receipt of online bid | on or before 5.00 P.M. of 4.02.2023 |
| 5. | Last date of receipt of pre-bid queries | upto 5.00 P.M. of 21.01.2023 |
| 6. | Date of issue of pre-bid clarifications | on 24.01.2023 |
| 7. | Period of Completion | 12 (Twelve) Calendar Months |

10. Further details can be seen from the e-Procurement portal https://www.tendersodisha.gov.in.
11. OBCC has the right to accept or reject the Notice/RFP/Proposal without assigning any reason thereof.

OIPR-34161/11/0040/2223 Sd./- EIC-cum-Managing Director



**The Odisha Small Industries Corporation Ltd.**

(A Government of Odisha Undertaking)

(An ISO:9001:2008 certified Govt. Company)

Industrial Estate, Madhupatna, CUTTACK – 753 010. Odisha.

Tel No. : 0671-2341204 ,2342816 Fax : 0671-2341875/2342561

e-mail: osicltd@gmail.com, osicmd@gmail.com, website: osicltd.in

OSIC GST No. 21AAACO2101M1Z1 No.CAD-4478

**TENDER CALL NOTICE**

Tender Notice No.182/RE/OSIC Dt.11.01.2023

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of 3 nos. of works i.e. **(i)" Supply and fixing of LED street lights under MLALAD fund 2022-23 of Kotpad A/C (General & Education Component) in the District of Koraput" (ii)"Supply and fixing of LED street lights under MLALAD fund 2020-21 of Kotpad A/C (General & Education Component) in the District of Koraput" (iii) "Supply and fixing of LED street lights under MLALAD fund 2019-20 of Kotpad A/C in the District of Koraput".** Tender details can be downloaded from the OSIC website **www.osicltd.in** . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website **www.osicltd.in** only.

Sd/- GENERAL MANAGER(O)

OIPR-14073/11/0139/2223



Government of Odisha "e" procurement Notice

**OFFICE OF THE DIVISIONAL FOREST OFFICER DHENKANAL DIVISION, DHENKANAL**

**Bid Identification No.- 15/16-DFO/DKL of 2022-23**

No. MM-411

1. Name of the work: 03 Nos. Projects Construction of Earthen Check Dam & Concrete Check Dam (SMC Structure) in Koi RF under Hindol Range of Dhenkanal Forest Division.
2. Estimate cost: Rs.34,38,762 to 70,37,369/- (Approximate)
3. Period of completion: 2 months
4. Date & time of availability of the 10.00 AM of 12.01.2023 to
5. Bid documents in the portal 5.00 PM of 24.01.2023
6. Last date/Time of receipt of the bid in Portal. 24.01.2023 up to 5.00 P.M.
7. Date of opening 25.01.2023 at 11.00 A.M.
8. Name and Address of the Office Office of the Divisional Forest Officer, Dhenkanal Division, Dhenkanal

**Further details can be seen from the e-procurement Portal "https://tendersorissa.gov.in"**

**Sd./- Conservator of Forests, I/c Dhenkanal Division**

OIPR-08037/11/0046/2223



**STATE INSTITUTE FOR RURAL DEVELOPMENT & PANCHAYATI RAJ**

PR & DW Department, Govt. of Odisha, Bhubaneswar

Gopabandhu Nagar, Unit - VIII, Bhubaneswar - 12

**EXPRESSION OF INTEREST**

**No. 112** **Date: 12.01.2023**

No. i-336: Expression of Interest is invited for the following items:

1. Empanelment of the Hotel for the National Workshop to be organized during 17 - 19 February, 2023.
2. Empanelment of organization for hiring of the vehicles for the National Workshop to be organized during 17 - 19 February, 2023.
3. Preparation of "Coffee Table Book" on different activities of SIRD & PR.
4. Preparation of "Vision Document" for localization of SDGs on Child Friendly & Women Friendly Gram Panchayat.

The organizations are required to submit their EoI only through Speed Post/Courier. The detail ToR for each item is available on the official website of SIRD & PR **(www.sirdodisha.nic.in)**.

The undersigned reserved the right to extend the date and accept or reject any or all proposals without assigning any reason thereof.

The last date for the submission of the EoIs is 19.01.2023

**Sd./- Director**

OIPR-19012/11/0001/2223



No. MM-414

ବନଖଣ୍ଡ ଅଧିକାରୀ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟ, ରାଉରକେଲା

**OFFICE OF THE DIVISIONAL FOREST OFFICER CUM WILDLIFE WARDEN**

**ROURKELA FOREST DIVISION, ROURKELA, SUNDARGARH, ODISHA**

Phone No. 0661-2664637, Fax No.0661-2664638, e mail- dforourkela.od@gov.in

Order No. 34/Dtd. 12.01.2023

**INVITATION FOR BIDS (IFB)**

**E-Procurement Bid Identification No. RKL- F.E. & C.C.2022-23 Dtd. 12.01.2023**

| | | | |
|---|---|---|---|
| 1. | Name of Work | | Construction of **Cattle Proof Trench at Luguda, Dalimdihi & Karda RF of Banki Range**, Rourkela Forest Division. |
| 2. | No. of works | :- | 01 No. |
| 3. | No. of covers | :- | Single Cover |
| 4. | Estimated Cost | :- | **Rs.25,14,268.00** |
| 5. | Period of Completion | :- | 02 Calendar Months |
| 6. | Date & Time of availability of bid documents in portal | :- | From **12.00 P.M.** of dated **16.01.2023** to **11.00 A.M.** of dated **24.01.2023** |
| 7. | Last date/time for receipt of bids in the portal | | Up to **11.00 A.M.** of dated **24.01.2023** |
| 8. | Date of opening of bid documents | | At **12.00 P.M.** of dated **24.01.2023** |
| 9. | Class of Contractor | | **"B" & "C" Class Contractor** |
| 10. | Name and address of officer inviting bid | :- | Divisional Forest Officer, Rourkela Forest Division |

Further, details can be seen from the e-Procurement portal **www.tenderodisha.gov.in**. The Addendum/Corrigendum if any will be hosted in the website only.

**Sd./- Divisional Forest Officer, Rourkela Forest Division**

OIPR-08044/11/0019/2223



Annexure-IV

**GOVERNMENT OF ODISHA**

**PLANNING & CONVERGENCE DEPARTMENT**

**TENDER CALL NOTICE FOR HIRING OF VEHICLE**

No. X-23:- Sealed tenders are invited in the prescribed format (given in Annexure-II) from registered Travel Agencies/Tour Operators having valid GST Registration for providing three (03) numbers BS-IV or above type of petrol (preferred) vehicle [Innova/ Hexa/ XUV 500 (5 seater)] alongwith Driver on monthly hiring basis for official use in Planning & Convergence Department, which shall conform to the Terms and conditions specified at Annexure-I & A for a period of one year vide Tender Call Notice No. 640/P, dated 12.01.2023. The last date for receipt of tender/quotation is 03.02.2023 up to12.00 Noon.

The detail of the Tender Call Notice is available in the official website of the Planning & Convergence Department i.e. https://pc.odisha.gov.in/. All future addendum/corrigendum, if any, shall be hosted on the above website only.

**Sd./- Under Secretary to Government P&C Department**

OIPR-50001/11/0011/2223



See Career Appointment on every Wednesday & Saturday

# ୨ ଓଡ଼ିଆ ଅମିତ, ନିଲମ


ନିଲମ ସଞ୍ଜୀବ ଖେସ
ଅମିତ ରୋହି ଦାସ

ହକି ବିଶ୍ୱକପରେ ଭାରତ ପକ୍ଷରୁ ୨ ଜଣ ଓଡ଼ିଆ ଖେଳାଳି ପ୍ରତିନିଧିତ୍ୱ କରୁଛନ୍ତି। ସେମାନେ ହେଲେ ସୁନ୍ଦରଗଡ ଜିଲା ବାଲିଶଙ୍କରା ବ୍ଲକ ସଉନାମରା ଗ୍ରାମର ଅମିତ ରୋହି ଦାସ ଓ କାଦୋବାହାଲର ନିଲମ ସଞ୍ଜୀବ ଖେସ। ଭାରତୀୟ ଦଳର ନିର୍ଭରଯୋଗ୍ୟ ଡିଫେଣ୍ଡର ଅମିତଙ୍କ ପାଇଁ ଏହା ଦ୍ୱିତୀୟ ବିଶ୍ୱକପ୍ ହୋଇଥିବାବେଳେ ନିଲମ ଖେଳିବେ ଜୀବନର ପ୍ରଥମ ବଡ଼ ପ୍ରତିଯୋଗିତା। ଅମିତଙ୍କ ଉପରେ ଦଳର ଉପ-ଅଧିନାୟକ ଦାୟିତ୍ୱ ମଧ୍ୟ ନ୍ୟସ୍ତ କରାଯାଇଛି। ଜନ୍ମ ମାଟିରେ ଦ୍ୱିତୀୟ ଥରପାଇଁ ବିଶ୍ୱକପ୍ ଖେଳିବାକୁ ଯାଉଥିବାରୁ ସ୍ୱାଭାବିକଭାବେ ଉତ୍ସାହିତ ଅଛନ୍ତି ଅମିତ। ‘‘ଭାଗ୍ୟରେ ଥିଲେ ନିଜ ମାଟିରେ ଖେଳିବାର ସୁଯୋଗ ମିଳେ। ଏହା ସମ୍ଭବ ହୋଇ ପାରିଥିବାରୁ ମୁଁ ଗର୍ବ ଅନୁଭବ କରୁଛି। ବିର୍ସାମୁଣ୍ଡା ଷ୍ଟାଡିୟମର ନୂଆଟର୍ଫରେ ନିଜ ପରିବେଶରେ ଖେଳିବାର ଅନୁଭୂତି ମୋତେ ନିଶ୍ଚିତ ପ୍ରେରଣାଦେବ। ଭୁବନେଶ୍ୱର ସମେତ ରାଉରକେଲାରେ ଏଥର ବିଶ୍ୱକପ ହେଉଥିବାରୁ ବ୍ୟକ୍ତିଗତ ଭାବେ ମୁଁ ବହୁତ ଖୁସି ଅଛି। ଏହା ନିଶ୍ଚିତ ସ୍ମରଣୀୟ ହେବ। ହକିପ୍ରତି ଓଡ଼ିଶା ସରକାରଙ୍କ ଆନ୍ତରିକତା ଯୋଗୁ ରାଜ୍ୟରେ ଦ୍ୱିତୀୟ ଥରପାଇଁ ବିଶ୍ୱକପ ହେବାକୁ ଯାଉଛି। ଆଗାମୀ ବିଶ୍ୱକପରେ ମ୍ୟାଚପରେ ମ୍ୟାଚକୁ ଦୃଷ୍ଟିରେ ରଖି ଆମେ ଖେଳିବୁ। କ୍ୱାର୍ଟର ଫାଇନାଲରେ ପହଞ୍ଚିବା ଆମର ପ୍ରଥମ ଲକ୍ଷ୍ୟ ରହିବ। ନିକଟ ଅତୀତରେ ଭାରତୀୟ ଦଳ ଭଲ ପ୍ରଦର୍ଶନ କରି ଆସିଛି। ତେଣୁ ଆଗାମୀ ବଡ଼ ପ୍ରତିଯୋଗିତାରେ ମଧ୍ୟ ଉନ୍ନତ ପ୍ରଦର୍ଶନର ଆଶା ରହିଛି। ଦର୍ଶକମାନେ ବହୁ ସଂଖ୍ୟାରେ ଷ୍ଟାଡିୟମକୁ ଆସି ଖେଳାଳିଙ୍କୁ ଉତ୍ସାହିତ କରିବାକୁ ମୋର ଅନୁରୋଧ’’ ବୋଲି ଅମିତ ପ୍ରକାଶ କରିଛନ୍ତି।

# ତାରକା ଖେଳାଳି ଦେଇଛି ହକିର ଅନ୍ତୁଡ଼ିଶାଳ

ଦିନେଶ ମିଶ୍ର

**ରାଉରକେଲା ଅଫିସ,୧୨।୧**

ହକିର ଅନ୍ତୁଡିଶାଳ ସୁନ୍ଦରଗଡ ଜିଲାରୁ ଆଜିଯାଏ ଜାତୀୟ ଓ ଅନ୍ତର୍ଜାତୀୟ ଦଳରେ ୬୦ ଜଣ ଖେଳାଳି ହକି ଖେଳିବାର ସୁଯୋଗ ପାଇଛନ୍ତି। ଜିଲାର ରାଜଗାଙ୍ଗପୁର ଓ ବାଲିଶଙ୍କରା ବ୍ଲକରୁ ଅଧିକ ଖେଳାଳି ଜାତୀୟ ସ୍ତରରେ ଖେଳିବାର ସୁଯୋଗ ପାଇଛନ୍ତି। ବର୍ତ୍ତମାନ ଭାରତ ଦଳରେ ବାଲିଶଙ୍କରା ବ୍ଲକର ସୋନାମରା ଗ୍ରାମରୁ ଦଳର ଉପଅଧିନାୟକ ଅମିତ ରୋହିଦାସ ଓ ବୀରମିତ୍ରପୁର କାଦୋବାହାଲ ଗ୍ରାମର ନିଲମ ସଞ୍ଜୀପ ଖେସ ଡିଫେଣ୍ଡର ଭାବେ ଚଳିତ ବିଶ୍ୱକପରେ ମ୍ୟାଚ୍ ଖେଳିବେ। ରାଜଗାଙ୍ଗପୁର ବ୍ଲକରୁ ଜାତୀୟ ଦଳରେ ନମିତା ଟପ୍ପୋ, ଲିଲିମା ମିଞ୍ଜ, ଫିଲେସିଆ ଏକ୍କା, ଭିକ୍ଟର ମିଞ୍ଜ, ଜୀବନ କିଶୋର ଟପ୍ପୋଙ୍କ ସମେତ ଅନ୍ୟ ବହୁ ଖେଳାଳି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସ୍ଥାନ ପାଇଛନ୍ତି। ସେହିପରି ବାଲିଶଙ୍କରା ବ୍ଲକରୁ ହକି ତାରକା ଦିଲୀପ ତିର୍କୀ, ଅମିତ ରୋହିଦାସ, ଦୀପସାନ ତିର୍କୀ, ଅମନଦୀପ ଲାକ୍ରା, ଶୁଭଦ୍ରା ପ୍ରଧାନ, ଇଗ୍ନେସ ତିର୍କୀ, ପ୍ରବୋଧ ତିର୍କୀ, ବିକାଶ ଟପ୍ପୋ, ଗ୍ଲୋରିଆ ଡୁଙ୍ଗଡୁଙ୍ଗଙ୍କ ଭଳି ବହୁ ଖେଳାଳି ଦେଶ ପାଇଁ ହକି ଖେଳି ଗୌରବ ଅର୍ଜନ କରିଛନ୍ତି। ସେହିପରି ହକିରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଉତ୍ତମ ଖେଳ ପ୍ରଦର୍ଶନ କରି ଦିଲୀପ ତିର୍କୀ ଓ ଇଗ୍ନେଶ ତିର୍କୀ ପଦ୍ମଶ୍ରୀ ପୁରସ୍କାର ପାଇଛନ୍ତି। ଜିଲାରୁ ଜ୍ୟୋତି ସୁନିତା କୁଲୁ, ଇଗ୍ନେଶ ତିର୍କୀ, ଦିଲୀପ ତିର୍କୀ ଅର୍ଜୁନ ପୁରସ୍କାର ପାଇଛନ୍ତି।

ସୁନ୍ଦରଗଡ ଜିଲାରୁ ପ୍ରଥମ ହକି ଖେଳାଳି ଭାବେ ପିଟର ତିର୍କୀ ଭାରତ ଜୁନିୟର ଦଳରେ ସ୍ଥାନ ପାଇ ୧୯୮୨ ମସିହାରେ ମାଲେସିଆର କୁଆଲାଲମପୁରରେ ଅଲିମ୍ପିକ ଖେଳିବାକୁ ସୁଯୋଗ ପାଇଥିଲେ। ସୁନ୍ଦରଗଡ ଜିଲାରୁ ୮ ଜଣ ଖେଳାଳୀ ଲାଜରୁସ ବାର୍ଲା, ସୁନିତା ଲାକ୍ରା, ନମିତା ଟପ୍ପୋ, ଲିଲିମା ମିଞ୍ଜ, ୟୁଲିୟମ ଖାଲକୋ, ଦିଲୀପ ତିର୍କୀ, ବୀରେନ୍ଦ୍ର ଲାକ୍ରା ଓ ଅନିତା କେରକେଟା ଅଲିମ୍ପିକରେ ଖେଳିବାକୁ ସୁଯୋଗ ପାଇଥିଲେ। ଏଥିସହ ଜାତୀୟ ସ୍ତରରେ ଏହି ଜିଲାରୁ ମିଲଟନ ବିଲୁଙ୍ଗ, ବିଜୟ ଲାକ୍ରା, ତେଜ କୁମାର ଖେସ, କାହ୍ନୁ ଚରଣ ଚୌଧୁରୀ, ଅମୂଲ୍ୟ ବିହାରୀ, ଫ୍ଲୋରେନ୍‌ସିଆ ଏକ୍କା, ଅମୂଲ୍ୟ ବେହେରା, ଲୁଇସ ଏକ୍କା, ପ୍ରଫୁଲ ତିର୍କୀ, ରାଜନ ଏକ୍କା କୋଚ ଦାୟିତ୍ୱ ତୁଲାଇଛନ୍ତି।


କୋଚ୍ ମିଲ୍‌ଟନ ବିଲୁଙ୍ଗ।

ଏ ସମ୍ପର୍କରେ ଜାତୀୟ ହକି କୋଚ୍ ମିଲଟନ ବିଲୁଙ୍ଗଙ୍କୁ ପଚାରିବାରୁ ସେ କହିଥିଲେ, ସୁନ୍ଦରଗଡ ହେଉଛି ଏକ ଆଦିବାସୀ ଅଧ୍ୟୁଷିତ ଜିଲା। ପ୍ରଥମେ ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ଥିବା ମିଶନାରି ସ୍କୁଲଗୁଡିକର ଫାଦରମାନେ ଗାଁ ଗାଁ ମଧ୍ୟରେ ଉତ୍ତମ ସମ୍ପର୍କ ସ୍ଥାପନ ପାଇଁ ହକି ମ୍ୟାଚ୍ ଖେଳାଉଥିଲେ। ଏହି ମ୍ୟାଚ୍‌ର ବିଜୟତା ମାନଙ୍କୁ ପୁରସ୍କାର ଭାବେ କୁକୁଡା ନଚେତ ଖାସି ପ୍ରଦାନ କରାଯାଉଥିଲା। ଗ୍ରାମାଞ୍ଚଳରେ ମ୍ୟାଚ୍ ସାଙ୍ଗକୁ ଆମିଷ ଖାଦ୍ୟପେୟ ଗ୍ରାମବାସୀଙ୍କ ମଧ୍ୟରେ ଏକ ଉତ୍ସାହ ଆଣିଥିଲା। ପୂର୍ବରୁ ମନୋରଞ୍ଜନ ପାଇଁ ସେଭଳି କୌଣସି ବିଶେଷ ମାଧ୍ୟମ ନ ଥିବାରୁ ହକି ଖେଳର ପ୍ରସାର ହେଲା। ଧୀରେ ଧୀରେ ଏହି ଖେଳର ପ୍ରସାର ହେବାରୁ ପ୍ରଥମେ ରାଉରକେଲା ପାନପୋଷ ସ୍ପୋର୍ଟସ ହଷ୍ଟେଲରେ ହକି ଟର୍ଫ ପଡିଆ ତିଆରି କରାଯାଇଥିଲା। ସେଠାରେ ଖେଳାଳିମାନଙ୍କ ରହିବା ସହିତ ଅନ୍ୟାନ୍ୟ ସୁବିଧା ଯୋଗୁ ଗ୍ରାମାଞ୍ଚଳର ବହୁ ଖେଳାଳି ସେଠାରେ ରହି ଖେଳିବାର ସୁଯୋଗ ପାଇବାରୁ ଆଜି ସମଗ୍ର ଦେଶରେ ଜିଲାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇପାରିଛି। ବର୍ତ୍ତମାନ ଜିଲାର ୧୭ଟି ବ୍ଲକରେ ଆଷ୍ଟ୍ରୋଟର୍ଫ ପିଚ୍ ଥିବାରୁ ଆଗାମୀ ଦିନରେ ଅନେକ ହକି ପ୍ରତିଭା ସୁଯୋଗ ପାଇବେ ବୋଲି କୋଚ ବିଲୁଙ୍ଗ ମତପ୍ରକାଶ କରିଥିଲେ।




# ୧୮ ଅମ୍ପାୟରଙ୍କ ମଧ୍ୟରୁ ୨ ଭାରତୀୟ

ଭୁବନେଶ୍ୱର ଓ ରାଉରକେଲାରେ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଥିବା ହକି ବିଶ୍ୱକପ୍ ପାଇଁ ମୋଟ୍ ୧୮ ଜଣ ଅମ୍ପାୟର ନିଯୁକ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୨ ଜଣ ଭାରତୀୟ ସାମିଲ ଅଛନ୍ତି। ସେମାନେ ହେଲେ ରଘୁ ପ୍ରସାଦ ଓ ଜାଭେଦ ଶେଖ୍। ଅନ୍ୟମାନଙ୍କ ମଧ୍ୟରେ ମାଲେସିଆର ରାଓ୍ୱି ଅନ୍‌ବନାନ୍ଥନ, ଏରିକ୍ କୋ, ଇଂଲଣ୍ଡର ଡାନ୍ ବାର୍ଷ୍ଟୋ, ଜର୍ମାନୀର କ୍ରିଷ୍ଟିଆନ ବ୍ଲାସ୍ଟ, ବେନ୍ ଗଣ୍ଟଜେନ୍, ଉରୁଗୁଏର ଫେଡେରିକୋ ଗାର୍ସିଆ, ନ୍ୟୁଜିଲାଣ୍ଡର ଗେରାଥ ଗ୍ରୀନ୍‌ଫିଲ୍ଡ, ଡେଭିଡ୍ ଟୋମଲିନସନ, ପୋଲାଣ୍ଡର ମାର୍ସିନ ଗ୍ରୋକାଲ, ସିଙ୍ଗାପୁରର ଲିମ୍ ହଙ୍ଗ୍ ଝେନ୍, ସ୍କଟ୍‌ଲାଣ୍ଡର ମାର୍ଟିନ ମାଡେନ, ଚେକ୍ ରିପବ୍ଲିକ୍‌ର ଜାକୁବ ମେଜଲିକ୍, ଆର୍ଜେଣ୍ଟିନାର ଜର୍ମନ ମୋଣ୍ଟେସ ଡି ଓକା, ଦକ୍ଷିଣ ଆଫ୍ରିକାର ସିଅନ ରାପାପୋର୍ଟ, ଅଷ୍ଟ୍ରେଲିଆର ଷ୍ଟିଭ୍ ରୋଡଗ୍ରେସ ଓ ନେଦରଲାଣ୍ଡ୍‌ସର କୋଏନ ଭାନ୍ ବୁଙ୍ଗେ। ପ୍ରକାଶଯୋଗ୍ୟ, ଦୁଇ ଭାରତୀୟ ଅମ୍ପାୟର ରଘୁ ପ୍ରସାଦ ଓ ଜାଭେଦ ଶେଖ୍ ୨୦୧୮ରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହକି ବିଶ୍ୱକପ୍‌ରେ ମଧ୍ୟ ମ୍ୟାଚ୍ ପରିଚାଳନା କରିଥିଲେ।










# ବିଶ୍ୱକପ୍‌ରେ ଭାରତ

ହକି ବିଶ୍ୱକପରେ ଭାରତ ଥରେ ଚାମ୍ପିୟନ ହୋଇଛି। ମାଲେସିଆର କୁଆଲାଲମ୍ପୁରଠାରେ ଅନୁଷ୍ଠିତ ବିଶ୍ୱକପର ତୃତୀୟ ସଂସ୍କରଣରେ ଭାରତ ପିନ୍ଧିଥିଲା ବିଜୟ ମୁକୁଟ। ଏହା ବ୍ୟତୀତ ୧୯୭୩ ବିଶ୍ୱକପରେ ଭାରତ ରନରଅପ୍ ହୋଇଥିବାବେଳେ ୧୯୭୧ ପ୍ରଥମ ସଂସ୍କରଣରେ ତୃତୀୟ ସ୍ଥାନ ଅଧିକାର କରିଥିଲା। ମାତ୍ର ପରେ ଭାରତ ଆଉ ସେହି ସଫଳତା ଦୋହରାଇ ପାରିନାହିଁ। ୧୯୭୮ରୁ ୨୦୧୪ ପର୍ଯ୍ୟନ୍ତ ଦଳର ଅଭିଯାନ ଗ୍ରୁପ୍ ପର୍ଯ୍ୟାୟରୁ ହିଁ ଶେଷ ହୋଇଥିଲା। ରେକର୍ଡ ଅନୁସାରେ ଦଳ ୧୯୭୮ରେ ଷଷ୍ଠ, ୧୯୮୨ରେ ପଞ୍ଚମ, ୧୯୮୬ରେ ଦ୍ୱାଦଶ, ୧୯୯୦ରେ ଦଶମ, ୧୯୯୪ରେ ପଞ୍ଚମ, ୧୯୯୮ରେ ନବମ, ୨୦୦୨ରେ ଦଶମ, ୨୦୦୬ରେ ଏକାଦଶ, ୨୦୧୦ରେ ଅଷ୍ଟମ ଓ ୨୦୧୪ରେ ୯ମ ସ୍ଥାନରେ ରହିଥିଲା। ୨୦୧୮ରେ ଘରୋଇ ପରିବେଶରେ ଭୁବନେଶ୍ୱରରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଭାରତ ଗ୍ରୁପ୍ ପର୍ଯ୍ୟାୟ ଅତିକ୍ରମ କରି କ୍ୱାର୍ଟର ଫାଇନାଲ ଖେଳିଥିଲା। ମାତ୍ର ସେଠାରେ ନେଦରଲାଣ୍ଡ୍‌ସଠାରୁ ହାରି ଷଷ୍ଠ ସ୍ଥାନରେ ସନ୍ତୁଷ୍ଟ ରହିଥିଲା। ଆଗାମୀ ବିଶ୍ୱକପରେ ଦଳ ପୂର୍ବ ସଂସ୍କରଣ ଅପେକ୍ଷା ଭଲ ପ୍ରଦର୍ଶନ କରିବ ବୋଲି ଓଡ଼ିଶାବାସୀ ଆଶା ରଖିଛନ୍ତି।









# ସୁବର୍ଣ୍ଣପୁରରେ କୁଣ୍ଡାରେ ଅନନ୍ୟ କଳାକୃତି

**ସୋନପୁର,୧୨।୧(ନି.ପ୍ର.)**

ଓଡିଶାରେ ବିଶ୍ୱସ୍ତରୀୟ ପୁରୁଷ ହକି ବିଶ୍ୱକପ୍ ଆୟୋଜନ ହେଉଛି। ବୁଧବାର କଟକ ବାରବାଟୀ ଷ୍ଟାଡିୟମରେ ଭବ୍ୟ ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଜାନୁୟାରୀ ୧୩ରୁ ହକି ବିଶ୍ୱକପ୍ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ଓ ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ସୁବର୍ଣ୍ଣପୁର ଜିଲା ପ୍ରଶାସନ ଜାତୀୟ ଖେଳ ହକିର ବ୍ୟାପକ ପ୍ରଚାର ପ୍ରସାର ପାଇଁ ଉଦ୍ୟମ କରିଛି। ବୁଧବାର ସନ୍ଧ୍ୟାରେ ସୋନପୁର ରାମେଶ୍ୱର ସଙ୍ଗମଠାରେ ଉଦ୍‌ଘାଟନୀ ଉତ୍ସବକୁ ନିଆରା ଭାବେ ସ୍ୱାଗତ କରା ଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ସହ

## ହକି ବିଶ୍ୱକପ୍‌କୁ ସ୍ମରଣୀୟ ପାଇଁ ଉଦ୍ୟମ

ବିଭିନ୍ନ ସ୍ଥାନରେ ହକି ଉଦ୍‌ଘାଟନୀର ସିଧା ପ୍ରସାରଣ ବ୍ୟବସ୍ଥା ହୋଇଥିଲା। ଗୁରୁବାର ହକି ବିଶ୍ୱକପ୍‌କୁ ସ୍ମରଣୀୟ କରିବା ପାଇଁ ଜିଲା ପ୍ରଶାସନ ସ୍ୱତନ୍ତ୍ର ଆୟୋଜନ କରିଥିଲା। ପ୍ରଶାସନ ସହଯୋଗରେ ରାମେଶ୍ୱର ଇନ୍‌ଡୋର ଷ୍ଟାଡିୟମରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଓ ତାଙ୍କ ଟିମ୍ ଅନନ୍ୟ କଳାକୃତି ପ୍ରଦର୍ଶନ କରିଛନ୍ତି। ଧାନ କୁଣ୍ଡାରେ ହକି ଟ୍ରଫିର ଆକର୍ଷଣୀୟ ପ୍ରତିକୃତି ନିର୍ମାଣ ହୋଇଥିଲା। ଟ୍ରଫି ତଳେ ହକି ୱାର୍ଲ୍ଡ କପ୍ ଓ ଚକ୍ ଦେ ଇଣ୍ଡିଆ ଲେଖାଯାଇଛି। ଜିଲାର ଶତାଧିକ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ସୁଦର୍ଶନ ଓ ସୁଦର୍ଶନ ସ୍ୟାଣ୍ଡ ସ୍କୁଲର ୧୦ ଜଣ ଛାତ୍ର ୪୬୮୨ ବର୍ଗମିଟର ଅଞ୍ଚଳରେ ଏହି ପ୍ରତିକୃତି ନିର୍ମାଣ କରିଥିଲେ। ଏହି ଟ୍ରଫି ପ୍ରସ୍ତୁତି ପାଇଁ ଦୀର୍ଘ ୬ଘଣ୍ଟା ସମୟ ଲାଗିଥିଲା। ଏଥିରେ ୧୦୦ବସ୍ତା ଧାନ କୁଣ୍ଡା ଓ ଶତାଧିକ ମିଟର ସମ୍ବଲପୁରୀ କପଡା ବ୍ୟବହୃତ ହୋଇଛି। ସୁବର୍ଣ୍ଣପୁର ଜିଲା ଧାନ ଚାଷ ପାଇଁ ପ୍ରସିଦ୍ଧି ଲାଭ କରିଥିବାରୁ ଜିଲାପାଳ ଅବୋଲି ସୁନିଲ ନରୱଣେଙ୍କ ଆଗ୍ରହ କ୍ରମେ ଧାନ କୁଣ୍ଡାରୁ ଏହି ଟ୍ରଫି ନିର୍ମିତ ହୋଇଥିଲା। ଏ ସମ୍ପର୍କରେ ବାଲୁକା ଶିଳ୍ପୀ ସୁଦର୍ଶନ କୁହନ୍ତି ଓଡିଶା ବିଶ୍ୱକପ୍ ଆୟୋଜନ କରୁଛି। ରାଉରକେଲାରେ ପ୍ରଥମ ଥର ପାଇଁ ଭାରତ ଓ ସ୍ପେନ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ତେଣୁ ହକି ବିଶ୍ୱକପ୍‌କୁ ସ୍ମରଣୀୟ କରିବା ପାଇଁ କଳା ମାଧ୍ୟମରେ ଏକ ଭଲ ବାର୍ତ୍ତା ଦେବାକୁ ଉଦ୍ୟମ କରିଛୁ। ଏତେ ବଡ ଟ୍ରଫି ଧାନ ଚୋପାରେ ପ୍ରସ୍ତୁତ ହେବା ଏକ ରେକର୍ଡ। ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ଟ୍ରଫି ପ୍ରତିକୃତି ପ୍ରସ୍ତୁତ କରିଥିଲୁ। ଛାତ୍ରୀଛାତ୍ରମାନେ ଏହି କଳାର ପ୍ରତ୍ୟକ୍ଷ ଶିକ୍ଷା ଲାଭ କରିଥିବା ସୁଦର୍ଶନ କହିଥିଲେ। କାର୍ଯ୍ୟକ୍ରମରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, ସୁବର୍ଣ୍ଣପୁର ଏସ୍‌ପି ଅମରେଶ କୁମାର ପଣ୍ଡା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ ନିହାର ରଞ୍ଜନ କହଁର, ଜିଲା କ୍ରୀଡା ଅଧିକାରୀ ଅଭିଳାଷ ପୁରୋହିତ ଓ ଜିଲାର ପ୍ରଶାସନିକ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ।




ଗୁରୁବାର ସୋନପୁର ସହରର ରାମେଶ୍ୱର ଇନ୍‌ଡୋର ଷ୍ଟାଡିୟମରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଓ ତାଙ୍କ ଟିମ୍‌ଙ୍କ ଦ୍ୱାରା ଧାନ କୁଣ୍ଡାରେ ନିର୍ମିତ ହକି ବିଶ୍ୱକପ୍ ଟ୍ରଫି।




ପୁରୀ ବଳିଆପଣ୍ଡା ନିକଟ ବେଳାଭୂମିରେ ଗୁରୁବାର ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ମାନସ ସାହୁ ବାଲୁକା କଳା ମାଧ୍ୟମରେ ହକି ବିଶ୍ୱକପ ସହ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ବାଲୁକା କଳାରେ ହକି ଖେଳାଳିଙ୍କୁ ମାନସଙ୍କ ଶୁଭେଚ୍ଛା

**ପୁରୀ ଅଫିସ,୧୨।୧**

ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ମାନସ କୁମାର ସାହୁ ହକି ବିଶ୍ୱକପ ସହ ଖେଳାଳିଙ୍କୁ ଶୁଭେଚ୍ଛାର ବାର୍ତ୍ତା ପ୍ରଦାନ କରିଛନ୍ତି। ସେ ବଳିଆପଣ୍ଡା ନିକଟ ବେଳାଭୂମିରେ ଥିବା ତାଙ୍କ ସ୍ୟାଣ୍ଡ ଆର୍ଟ ପାର୍କରେ ବାଲୁକା କଳା ନିର୍ମାଣ କରି ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବାକୁ ଆସିଥିବା ସମସ୍ତ ଦଳର ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ ତାଙ୍କ ବାଲୁକା କଳାରେ ହକି ବିଶ୍ୱକପ୍‌ର ମାସ୍କଟରେ ଓଲିର ଚିତ୍ର କରିଛନ୍ତି। ଓଲି ସହ ହକି ବିଶ୍ୱକପ୍‌ର ଏକ ପ୍ରତିକୃତି ସେ ବାଲୁକା କଳାରେ ନିର୍ମାଣ କରିଛନ୍ତି। ଏହି ବାଲୁକା କଳା ନିର୍ମାଣ କରିବା ପାଇଁ ମାନସଙ୍କୁ ୭ ଘଣ୍ଟା ସମୟ ଲାଗିଥିଲା। ସେହିପରି ଏଥିରେ ୧୦ଟନ ବାଲି ବ୍ୟବହାର କରୁଛନ୍ତି। ସେ ଏହି ବାଲୁକା କଳାରେ ବେଷ୍ଟ ୱିସେସ୍ ଫର୍ ଅଲ୍ ଦି ଟିମ୍‌ର ବାର୍ତ୍ତା ପ୍ରଦାନ କରିଛନ୍ତି।







# ୨୦୧୮ ବିଶ୍ୱକପର ସ୍ମୃତି




ଚାମ୍ପିୟନ ବେଲଜିୟମ୍ ଦଳ।

ଓଡ଼ିଶାରେ ପ୍ରଥମଥର ହକି ବିଶ୍ୱକପ ୨୦୧୮ରେ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ସମାରୋହଠାରୁ ଆରମ୍ଭ କରି ଉଦ୍‌ଯାପନୀ ପର୍ଯ୍ୟନ୍ତ ଓଡ଼ିଶା ସରକାର ଏହି ପ୍ରତିଯୋଗିତାକୁ ସ୍ମରଣୀୟ କରି ଦେଇଥିଲେ। ଆତିଥେୟତାରେ ଉଲ୍ଲସିତ ହୋଇଥିଲେ ଦେଶ ବିଦେଶର ଖେଳାଳି ଓ ଅଫିସିଆଲ୍ସ। କଳିଙ୍ଗ ଷ୍ଟାଡିୟମରେ ଏହା ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ଚାଲିଥିଲା। ୫ କନ୍‌ଫେଡେରେଶନର ୧୬ ଦଳ ଆର୍ଜେଣ୍ଟିନା, ଫ୍ରାନ୍ସ, ନ୍ୟୁଜିଲାଣ୍ଡ୍, ସ୍ପେନ୍, ଅଷ୍ଟ୍ରେଲିଆ, ଇଂଲଣ୍ଡ, ଚାଇନା, ଆୟର୍ଲାଣ୍ଡ, ଭାରତ, ବେଲ୍‌ଜିୟମ, କାନାଡ଼ା, ଦକ୍ଷିଣ ଆଫ୍ରିକା, ଜର୍ମାନୀ, ନେଦରଲାଣ୍ଡ୍ସ, ପାକିସ୍ତାନ ଓ ମାଲେସିଆ ଏଥିରେ ଅଂଶଗ୍ରହଣ କରିଥିଲେ। ପୁଲ୍ 'ସି'ରେ ଭାରତ ଶୀର୍ଷରେ ରହି ନକ୍‌ଆଉଟରେ ପ୍ରବେଶ କରିଥିଲେ ହେଁ କ୍ୱାର୍ଟର ଫାଇନାଲରେ ନେଦରଲାଣ୍ଡ୍ସଠାରୁ ହାରି ବିଦାୟ ନେଇଥିଲା। ସଂଘର୍ଷପୂର୍ଣ୍ଣ ଫାଇନାଲରେ ପେନାଲ୍ଟି ଶୁଟ୍‌ଆଉଟରେ ନେଦରଲାଣ୍ଡ୍ସକୁ ହରାଇ ବେଲ୍‌ଜିୟମ ଚାମ୍ପିୟନ ହୋଇଥିଲା।

ଉଦ୍‌ଘାଟନୀ ସମାରୋହର ଗୀତ 'ଦି ଆର୍ଥ ସଙ୍ଗ' ମନ ମୋହିଥିଲା। ଏହାର ବିଷୟବସ୍ତୁ ଥିଲା 'ମାନବଜାତିର ଏକତା'। ଏହି କାର୍ଯ୍ୟକ୍ରମ ଭୌଗୋଳିକ ସୀମାକୁ ଦୂରେଇ ଏକଜୁଟ ହେବା ପାଇଁ ଲୋକମାନଙ୍କୁ ଅନୁପ୍ରାଣିତ କରିଥିଲା। ମୁଖ୍ୟ ଚରିତ୍ରରେ ରହିଥିଲେ ବଲିଉଡ୍ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ। ମାଧୁରୀ ପୃଥିବୀ ମାତାର ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ ଓ ତାଙ୍କ ସହିତ ଯୋଗ ଦେଇଥିଲେ ୧୧୦୦ କଳାକାର। ସମସ୍ତେ ମିଶି ଅଭିନୟ ମାଧ୍ୟମରେ ଏକ ମାନବଜାତି ଓ ଏକ ବିଶ୍ୱର କାହାଣୀ କହିଥିଲେ। ପ୍ରାଚ୍ୟ ଓ ପାଶ୍ଚାତ୍ୟ ସଂସ୍କୃତିର ମହାମିଳନ ଥିଲା ଏହି ଆର୍ଥ ସଙ୍ଗ୍। ଏଥିରେ ଆଧୁନିକ, ଶାସ୍ତ୍ରୀୟ, ଜାଜ୍, ବାଲେଟ୍, ଆଫ୍ରୋ, ଓଡ଼ିଶୀ, ମୋହିନିଆଟ୍ଟମ, କଥକ ଓ ଏମିତି ଅନେକ ନୃତ୍ୟ ଦେଖିବାକୁ ମିଳିଥିଲା। ବିବିଧତା ମଧ୍ୟରେ ଏକତା ଏଥିରେ ପ୍ରତିଫଳିତ ହୋଇଥିଲା। ପ୍ରାଚ୍ୟ ସଂସ୍କୃତି ଅନୁଯାୟୀ ସପ୍ତମାତୃକା ବା ସପ୍ତ ଦେବୀ ଓ ପାଶ୍ଚାତ୍ୟ ସଂସ୍କୃତିର ଆଦ୍ୟ ପୁରୁଷ ଇଭ୍‌ଙ୍କ ସାତ କନ୍ୟାଙ୍କୁ ଏଥିରେ ଦର୍ଶାଯାଇଥିଲା। ଭାରତୀୟ ସଂସ୍କୃତିର ମୂଳ ଆଧାର 'ବସୁଧୈବ କୁଟୁମ୍ବକମ୍' ଅର୍ଥାତ ସାରା ବିଶ୍ୱ ଏକ ପରିବାର ଓ ବିଶ୍ୱ ଏକତାର ବାର୍ତ୍ତା ବହନ କରିଥିଲା। ୨୦୧୮ ହକି ବିଶ୍ୱକପ୍ ଅଫିସିଆଲ୍ ଗୀତର ମାନ୍ୟତା ପାଇଥିବା ଗୀତିକାର ଗୁଲଜାରଙ୍କ 'ଜୟ ହିନ୍ଦ ହିନ୍ଦ, ଜୟ ଇଣ୍ଡିଆ'କୁ ପ୍ରଖ୍ୟାତ ସଙ୍ଗୀତ ନିର୍ଦ୍ଦେଶକ ଏ. ଆର. ରହମନ୍ ଜୀବନ୍ତ କରିଥିଲେ। ଏହା ପରେ ସେ ନିଜେ ନିଜର କିଛି ସ୍ମରଣୀୟ ଗୀତ 'ଜୟ ହୋ' ଆଦି ପରିବେଷଣ କରିଥିଲେ। ଭାରତର ହୃଦସ୍ପନ୍ଦନକୁ ନେଇ ପ୍ରସ୍ତୁତ 'ହାର୍ଟବିଟ୍ ଫର ହକି' କାର୍ଯ୍ୟକ୍ରମ ସହ ଶେଷ ହୋଇଥିଲା ଏହି ସମାରୋହ।










Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ




PRASA-2022



Stylish and spacious interiors | 2nd Row - one touch tip tumble captain & split seats | Bose premium sound system (8 speakers) | Voice enabled smart panoramic sunroof | Surround view monitor with 360° camera

**Powertrain options :** 1.5 l diesel CRDi & 2.0 l petrol MPi with 6MT & 6AT
Bluelink connected car technology comes with Over The Air (OTA) map updates.

HYUNDAI

To know more, WhatsApp us on 8447228019 | 5 Shield of Trust Running Repair Package* | 5 Shield of Trust Super Maintenance Package* | 3 • Unlimited km Warranty* • Road Side Assistance (RSA) | 7 Extended Warranty^ | Lowest cost of maintenance** | Hyundai Mobility Membership | Hyundai Cl!ck to Buy

**FOR INFORMATION CONTACT:** TOLL FREE: 1800114645; **ANGUL: BINOD HYUNDAI**, PH: 8093147272, **BALANGIR: BINOD HYUNDAI**, PH: 8117067272; **BHUBANESWAR: UTKAL HYUNDAI**, PAHAL, PH: 6371750223; RASULGARH, PH: 8093066006; PATIA, PH: 9861455661; **ADITYA HYUNDAI**, TAMANDO, PH: 7873999645, NAYAGARH, PH: 7873999331; SACHIVALAYA MARG, UNIT IV, PH: 7873999988, LEWIS ROAD, PH: 7873999523; **BERHAMPUR: UTKAL HYUNDAI**, PH: 9437964843; **BALASORE: PREMIER HYUNDAI**, PH: 9938449803; BHADRAK, PH: 9938449812; **BARIPADA: PREMIER HYUNDAI**, PH: 9938449811; **CUTTACK: OSL HYUNDAI**, PH: 9338104597; PARADEEP, PH: 7077736600; JAGATSINGHPUR, PH: 7077736590; **UTKAL HYUNDAI**, PH: 9437063221; KEONJHAR, PH: 9937117471, JAJPUR, PH: 7077719045; **ROURKELA: KOSHALA HYUNDAI**, PH: 7440022333; RAJGANGPUR, PH: 8093598037; **SAMBALPUR: AAKASHDEEP HYUNDAI**, PH: 9437070126; **BARGARH: SAKAMBARI HYUNDAI**, PH: 6370101797; **JHARSUGUDA: INFINITY HYUNDAI**, PH: 7077011114; SUNDERGARH, PH: 7606003303; **JEYPORE: HSPL HYUNDAI**, PH: 8480330001; SIMILIGUDA, PH: 8480330001; RAYAGADA, PH: 8480330001; BHAWANIPATNA, PH: 8480330040; **UTTARA: ADITYA HYUNDAI**, PH: 7873999545, PURI, PH: 7873999980;

*Terms & Conditions apply. Features & specifications shown may not be part of standard fitment & are subject to change without prior notice. Functionality of Bluelink depends on adequate power supply and uninterrupted network connectivity to infotainment system. The Bluelink system is designed in such a way that it makes vehicle theft difficult if its circuit and battery connection is uninterrupted • Hyundai Motor India recommends you to avoid using backcovers for mobiles while charging your phone on the wireless charger ^Upto 7 years extended warranty is applicable only for petrol variants. **Hyundai ALCAZAR (Diesel) has lowest average yearly periodic maintenance service cost in its segment of ₹ 3 963 for 5 years in Delhi. **Source:** CarDekho.com. Visit your nearest Hyundai dealership for more details. Hyundai urges you to follow traffic rules – these are meant to keep you safe on roads.

FIH ODISHA HOCKEY MEN'S WORLD CUP 2023
BHUBANESWAR - ROURKELA
13 - 29 JANUARY 2023

# ଆୟୋଜନ ସ୍ଥଳୀ ଏବଂ ଅନ୍ୟାନ୍ୟ ସୁବିଧାର ବିବରଣୀ




| ଷ୍ଟାଡ଼ିୟମ୍‌କୁ ପ୍ରବେଶ | ବର୍ଗ |
|---|---|
| ଗେଟ୍ ୨ | ଦର୍ଶକ - ପଥଚାରୀ |
| ଗେଟ୍ ୬ | ଦର୍ଶକ - ପଥଚାରୀ |

ମ୍ୟାଚ୍ ଦିନ ଟିକଟଧାରକଙ୍କ ପାଇଁ ମାଗଣା ମୋ ବସ ସେବା

FIH ODISHA HOCKEY MEN'S WORLD CUP 2023
BHUBANESWAR - ROURKELA
13 - 29 JANUARY 2023

# ପାର୍କିଂ ବ୍ୟବସ୍ଥା ସମ୍ପର୍କିତ ସୂଚନା

DSPL-421




| ଷ୍ଟାଡ଼ିୟମ୍‌କୁ ପ୍ରବେଶ | ପାର୍କିଂ ସ୍ଥଳ | ଯାନର ପ୍ରକାର |
|---|---|---|
| ଗେଟ୍ ୨ | ପାର୍କିଂ କ୍ଷେତ୍ର -ପି୧,ପି୨, ପି୩ ଏବଂ ପି୪ | ୨,୪ ଚକିଆ ଯାନ |
| ଗେଟ୍ ୬ | ପାର୍କିଂ କ୍ଷେତ୍ର - ପି୫ ଓ ପି୬ | ୨,୪ ଚକିଆ ଯାନ |

ମ୍ୟାଚ୍ ଦିନ ଟିକଟଧାରକଙ୍କ ପାଇଁ ମାଗଣା ମୋ ବସ ସେବା

OIPR-29001/13/0067/2223